# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୯/୨୦୨୨ (୧୬ ପୃଷ୍ଠା) Bhubaneswar, Wednesday, November 9/2022 Page 16 ₹ 7.00 ★★★★★★

୪୮ଶ ଭାଗ ୩୪୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 343 ମୂଲ୍ୟ ₹୭/-







# ହେତୁବାଦୀ, ପରମ୍ପରାବାଦୀ ପିଟାପିଟି

**ଚନ୍ଦ୍ରଗ୍ରହଣରେ ଭୋଜନ ବିବାଦ**

- ଭୁବନେଶ୍ୱର, ବ୍ରହ୍ମପୁରରେ ବ୍ୟାପକ ଅଶାନ୍ତି
- ପୋଲିସର ଲାଠିଚାଳନା, ଥାନାରେ ଏତଲା

**ଚନ୍ଦ୍ରଗ୍ରହଣ ସମୟରେ ସାମୂହିକ ଭୋଜନ ଆୟୋଜନକୁ କେନ୍ଦ୍ରକରି ମଙ୍ଗଳବାର ଭୁବନେଶ୍ୱର ଏବଂ ବ୍ରହ୍ମପୁରରେ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଛି। ହେତୁବାଦୀ ଏବଂ ପରମ୍ପରାବାଦୀଙ୍କ ମଧ୍ୟରେ ପିଟାପିଟି, ପଥର ଓ ଗୋବରମାଡ଼ ହେବା ସହ ଭଙ୍ଗାରୁଜା ହୋଇଛି। ପୋଲିସକୁ ଲାଠିଚାଳନା କରିବାକୁ ପଡ଼ିଥିବାବେଳେ ଗଣ୍ଡଗୋଳରେ ଉଭୟ ଗୋଷ୍ଠୀର ଲୋକେ ଆହତ ହୋଇଛନ୍ତି। ତେବେ ଏଭଳି ଘଟିବା ନେଇ ଗତ ୨୫ ତାରିଖ ସୂର୍ଯ୍ୟୋପରାଗ ପରଠାରୁ ଆଭାସ ମିଳିଥିଲା। କିନ୍ତୁ ପୋଲିସ ଏହାକୁ ଗୁରୁତ୍ୱ ଦେଇନାହିଁ। ଏ ଦିଗରେ ଗୋଇନ୍ଦା ବିଭାଗ ଫେଲ୍ ମାରିଥିବା ସ୍ପଷ୍ଟ ହେଉଛି।**


ବ୍ରହ୍ମପୁରରେ ହେତୁବାଦୀ ଓ ବଜରଙ୍ଗ ଦଳ ସଦସ୍ୟ ମୁହାଁମୁହିଁ।

**ବ୍ରହ୍ମପୁର ଅଫିସ,୮।୧୧**

ବ୍ରହ୍ମପୁର ସହର ହନୁମାନ ବଜାର ଛକରେ ହେତୁବାଦୀ ସଂଗଠନ ପକ୍ଷରୁ ମଙ୍ଗଳବାର ଚନ୍ଦ୍ର ଗ୍ରହଣ ଯୋଗୁ ଏକ ସଭା ଓ ସାମୂହିକ ଭୋଜନ ବ୍ୟବସ୍ଥା କରାଯାଇଥିଲା। ଏହି ଖବର ପାଇ ପରମ୍ପରାବାଦୀ ତଥା ବଜରଙ୍ଗ ଦଳ ଓ ଭାଜପା ଏବଂ ବିଭିନ୍ନ ଧାର୍ମୀୟ ଅନୁଷ୍ଠାନ ସଦସ୍ୟ ଓ ସମର୍ଥକମାନେ ପହଞ୍ଚି ବିରୋଧ କରିଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ଉତ୍ତେଜନା ଦେଖାଯିବା ସହ ଗଣ୍ଡଗୋଳ ଘଟିଥିଲା। ବ୍ରହ୍ମପୁର ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ବଡ଼ବଜାର ଥାନାଧିକାରୀ ପ୍ରଶାନ୍ତ ଭୂପତି ଓ ପୋଲିସ ଟିମ୍ ସେଠାରେ ପହଞ୍ଚି ଉଭୟପକ୍ଷଙ୍କୁ ବୁଝାଶୁଝା କରିଥିଲେ। ହେତୁବାଦୀମାନେ କାର୍ଯ୍ୟକ୍ରମ ବନ୍ଦ ନ କଲେ ପରିସ୍ଥିତି ଭୟଙ୍କର ହେବ ବୋଲି ବଜରଙ୍ଗଦଳ କାର୍ଯ୍ୟକର୍ତ୍ତାମାନେ କହିବା ସହ ସେଠାରେ ଧାରଣାରେ ବସିଥିଲେ। ପୋଲିସ ଯେତେ ବୁଝାଶୁଝା କରିଥିଲେ ମଧ୍ୟ ଉଭୟପକ୍ଷ କିଛି ନ ଶୁଣି ନିଜ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ଅତିରିକ୍ତ ଏସ୍‌ପି ଅସୀମ ପଣ୍ଡା ଘଟଣାସ୍ଥଳକୁ ଯାଇ ଉଭୟପକ୍ଷଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ତାଙ୍କ କଥା କେହି ନ ଶୁଣିବାରୁ ସେଠାରେ ମୃଦୁ ଲାଠିଚାଳନା କରାଯାଇଥିଲା। ଉଭୟପକ୍ଷ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେବା ସହ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ଅଖିଳ ଭାରତୀୟ କିଷାନ ମଜଦୁର ସଭା ଜାତୀୟ ସମ୍ପାଦକ ତଥା ହେତୁବାଦୀ ସଂଘଠନର ସଭ୍ୟ ଭାଲ ଚନ୍ଦ୍ର ଷଡଙ୍ଗୀଙ୍କୁ ପଚାରିବାରୁ ହନୁମାନ ବଜାର ଛକରେ ଆମେ ମଙ୍ଗଳବାର ଚନ୍ଦ୍ର ଗ୍ରହଣ ସମୟରେ ବିଜ୍ଞାନ ସମ୍ମତ ଏକ ସଭା କାର୍ଯ୍ୟକ୍ରମ ଓ ଭୋଜନ ବ୍ୟବସ୍ଥା ☞ପୃଷ୍ଠା-୪

## ଗୋଇନ୍ଦା ଫେଲ୍

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

ଗତ ଅକ୍ଟୋବର ୨୫ରେ ସୂର୍ଯ୍ୟୋପରାଗ ବେଳେ ଚିକେନ ଭୋଜି ଖାଇ ଚର୍ଚ୍ଚାକୁ ଆସିଥିଲା ହେତୁବାଦୀ ସଂଗଠନ। ସୂର୍ଯ୍ୟୋପରାଗ ସମୟରେ ପାକତ୍ୟାଗକୁ ସେମାନେ ଅନ୍ଧବିଶ୍ୱାସ ବୋଲି କହିବା ସହ ଏହାକୁ ସମର୍ଥନ କରୁଥିବା ଲୋକଙ୍କୁ ନିନ୍ଦା କରିଥିଲେ। ଏଥିରେ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚୁଥିବା ଦର୍ଶାଇ ପରମ୍ପରାବାଦୀମାନେ ହେତୁବାଦୀମାନଙ୍କୁ ନାନା ସମାଲୋଚନା କରିଥିଲେ। ସେହିଦିନଠାରୁ ଦୁଇ ଗୋଷ୍ଠୀର ପରସ୍ପର ବିରୋଧୀ ଟିପ୍ପଣୀ କେତେକ ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମରେ ଜୋର ଧରି ଆସିଛି। ☞ପୃଷ୍ଠା-୪

## ଲୋହିଆ ଏକାଡେମୀରେ ଭଙ୍ଗାରୁଜା

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

ଖାଦ୍ୟଗ୍ରହଣକୁ ନେଇ ସୂର୍ଯ୍ୟୋପରାଗ ଦିନଠୁ ଆରମ୍ଭ ହୋଇଥିବା ବଚସା ମଙ୍ଗଳବାର ଭୟଙ୍କର ରୂପ ନେଇଛି। ଚନ୍ଦ୍ରଗ୍ରହଣ ଦିନ ଖାଦ୍ୟଗ୍ରହଣକୁ ନେଇ ହେତୁବାଦୀ ଓ ପରମ୍ପରାବାଦୀ ମୁହାଁମୁହିଁ ହୋଇଛନ୍ତି। ଭୁବନେଶ୍ୱର ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ-୯ସ୍ଥିତ ଲୋହିଆ ଏକାଡେମୀରେ ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ଲୋହିଆ ଏକାଡେମୀରେ ହେତୁବାଦୀମାନେ ଏକତ୍ର ହୋଇ ଚନ୍ଦ୍ରଗ୍ରହଣକୁ ନେଇ ରହିଥିବା ଅନ୍ଧବିଶ୍ୱାସ ସମ୍ପର୍କରେ ସଚେତନତା ବୈଠକ ଆୟୋଜନ କରି ଆଲୋଚନା କରୁଥିଲେ। ଗେଟ୍ ସମ୍ମୁଖରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ। ଏହି ସମୟରେ ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତା, ମନ୍ଦିର ସେବାୟତ ସଂଘ ଓ ଅନ୍ୟ କେତେକ ସଂଗଠନର ସଦସ୍ୟମାନେ ଆସି ହେତୁବାଦୀଙ୍କୁ ବିରୋଧ କରିଥିଲେ। ସେମାନେ ଜୟ ଶ୍ରୀରାମ, ହେତୁବାଦୀ ମୁର୍ଦ୍ଦାବାଦ ଭଳି ନାରାବାଜି ଦେଇ ହୋହଲ୍ଲା କରିଥିଲେ। ପରମ୍ପରାବାଦୀ ଗୋଷ୍ଠୀର କେତେଜଣ ସଦସ୍ୟ ହେତୁବାଦୀମାନଙ୍କୁ ଢେଲାପଥର ଓ ଗୋବର ମାଡ଼ କରିଥିଲେ। ଢେଲାମାଡ଼ରେ ଲୋହିଆ ଏକାଡେମୀର ଝରକା ଭାଙ୍ଗିଯାଇଛି। କିଛି ସଦସ୍ୟ ଗେଟ୍ ଡେଇଁ ପରିସର ଭିତରକୁ ପଶିବାରୁ ସ୍ଥିତି ଭୟାନକ ହୋଇଥିଲା। ପୋଲିସ ଉପସ୍ଥିତିରେ ହେତୁବାଦୀ ଓ ପରମ୍ପରାବାଦୀଙ୍କ ମଧ୍ୟରେ ଧସ୍ତାଧସ୍ତି ଓ ଗଣ୍ଡଗୋଳ ହୋଇଥିଲା। ଫଳରେ ଉଭୟ ଗୋଷ୍ଠୀର କେତେଜଣ ଆହତ ହୋଇଛନ୍ତି। ଏପରିକି ଜଣେ ହେତୁବାଦୀଙ୍କ ମୁଣ୍ଡ ମଧ୍ୟ ଫାଟିଯିବା ☞ପୃଷ୍ଠା-୪


ଆହତ ହେତୁବାଦୀ ଗୋଷ୍ଠୀର ସଦସ୍ୟ।

- **ପଥର-ଗୋବର ମାଡ଼, ହେତୁବାଦୀଙ୍କ ମୁଣ୍ଡ ଫାଟିଲା**
- **ପରମ୍ପରାବାଦୀ ଗୋଷ୍ଠୀର ୮ ଅଟକ**



ଭୁବନେଶ୍ୱର ଲୋହିଆ ଏକାଡେମୀ କୋଠା ଉପରକୁ ପରମ୍ପରାବାଦୀ ଗୋଷ୍ଠୀର ପଥର ମାଡ଼।









**ଆଜିର ସମ୍ପାଦକୀୟ**

**ଏଲନଙ୍କ ଟୁଇଟର**

## ଶିକ୍ଷା ଲାଭଦାୟକ ବ୍ୟବସାୟ ନୁହେଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୮।୧୧(ପି.ଟି.)**

ଲାଭ ଉପାର୍ଜନ ଲାଗି ଶିକ୍ଷା ଏକ ବ୍ୟବସାୟ ନୁହେଁ, ଟ୍ୟୁଶନ ଫି ସର୍ବଦା ଲୋକଙ୍କ ସାମର୍ଥ୍ୟ ଯୋଗ୍ୟ ହେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିବା ସହ ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ରାୟକୁ କାଏମ ରଖିଛନ୍ତି। ମେଡିକାଲ କଲେଜଗୁଡ଼ିକରେ ବାର୍ଷିକ ଟ୍ୟୁଶନ ଫି ୨୪ ଲକ୍ଷ ଟଙ୍କାକୁ ବଢ଼ାଇବା ଲାଗି ଆନ୍ଧ୍ର ସରକାରଙ୍କ ନିଷ୍ପତ୍ତିକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ଏଥିସହିତ ଖର୍ଚ୍ଚ ଭରଣା ଲାଗି ଆବେଦନକାରୀ, ନାରାୟଣ ମେଡିକାଲ କଲେଜ ଏବଂ ଆନ୍ଧ୍ର ସରକାରଙ୍କ ୫ ଲକ୍ଷ ଟଙ୍କା ୬ ସପ୍ତାହ ମଧ୍ୟରେ କୋର୍ଟ ରେଜିଷ୍ଟ୍ରାରଙ୍କ ନିକଟରେ ଜମା କରିବାକୁ ଜଷ୍ଟିସ୍ ☞ପୃଷ୍ଠା-୪

## ଲିଙ୍ଗ ବଦଳାଇ ଛାତ୍ରୀଙ୍କୁ ବାହାହେଲେ ଶିକ୍ଷୟିତ୍ରୀ

**ଜୟପୁର, ୮।୧୧**



ନିଜ ପ୍ରେମିକାଙ୍କୁ ଜୀବନସାଥୀ କରିବା ପାଇଁ ରାଜସ୍ଥାନର ଜଣେ ଶିକ୍ଷୟିତ୍ରୀ ନେଇଛନ୍ତି ଏକ ଭିନ୍ନ ଢଙ୍ଗର ନିଷ୍ପତ୍ତି। ପିଇଟି (ଫିଜିକାଲ ଏଜୁକେଶନ୍ ଟିଚର୍) ମୀରା ନିଜ ଲିଙ୍ଗ ପରିବର୍ତ୍ତନ କରି ପ୍ରେମିକା କଳ୍ପନାଙ୍କୁ ଜୀବନସାଥୀ ଭାବେ ଆପଣାଇଛନ୍ତି। ଏବେ ଆରଭ କୁନ୍ତଲ ନାମରେ ପରିଚିତି। ମୀରାଙ୍କ ମତରେ ପ୍ରେମରେ ପଡ଼ିଥିବା ମଣିଷ ପକ୍ଷେ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ। ରାଜସ୍ଥାନ ଭରତପୁର ସ୍କୁଲରେ ପିଇଟି ଭାବେ କାର୍ଯ୍ୟ କରୁଥିବା ମୀରା ଓ ସେହି ସ୍କୁଲର ଛାତ୍ରୀ କଳ୍ପନାଙ୍କ ପ୍ରେମ କାହାଣୀ ଆରମ୍ଭ ହୋଇଥିଲା ବିଦ୍ୟାଳୟ ଖେଳପଡ଼ିଆରୁ। କଳ୍ପନା କବାଡ଼ି ଖେଳରେ ନିପୁଣ ହୋଇଥିବାବେଳେ ଶାରୀରିକ ଶିକ୍ଷା ତାଙ୍କୁ ନିହାତି ଭାବେ ଆବଶ୍ୟକ ପଡୁଥିଲା। ସେଥିପାଇଁ ସେ ମୀରାଙ୍କ ସହ ଅଧିକ ସମୟ ବିତାଉଥିଲେ। ଦିନ ବିତିବା ସାଙ୍ଗକୁ ଦୁହିଁଙ୍କ ଭିତରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ପରବର୍ତ୍ତୀ ସମୟରେ ସେମାନେ ବାହା ହେବାପାଇଁ ନିଷ୍ପତ୍ତି ନେଲେ। କଳ୍ପନା କବାଡ଼ିରେ ନିଜ କ୍ୟାରିୟରକୁ ଆଗକୁ ନେବା ପାଇଁ ଯୋଜନା କରୁଥିବାବେଳେ ଆସନ୍ତା ଜାନୁୟାରୀରେ ଦୁବାଇରେ ହେବାକୁ ଥିବା ଇଣ୍ଟରନ୍ୟାଶନାଲ କବାଡ଼ି ଟୁର୍ନାମେଣ୍ଟରେ ସେ ଅଂଶଗ୍ରହଣ କରିବେ। ଝିଅ ହୋଇ ଜନ୍ମ ହୋଇଥିବା ମୀରାଙ୍କର ବ୍ୟବହାର ଓ ହାବଭାବ ସବୁ ପୁଅ ପିଲାଙ୍କ ପରି। ସେ କେବେହେଲେ ଜଣେ ଝିଅ ହୋଇ ରହିବାକୁ ଚାହୁଁ ନ ଥିଲେ। ଲିଙ୍ଗ ପରିବର୍ତ୍ତନ ଚିନ୍ତା ବହୁବାର ତାଙ୍କ ମନରେ ଆସିଥିଲେ ମଧ୍ୟ ଏ ନେଇ ସେ ସାହସ ବାନ୍ଧି ପାରୁ ନ ଥିଲେ। କିନ୍ତୁ ଯେତେବେଳେ କଳ୍ପନା ତାଙ୍କ ଜୀବନକୁ ଆସିଲେ ସେତେବେଳେ ସେ ଏହି ଜଟିଳ ସର୍ଜରି କରିବା ପାଇଁ ନିଷ୍ପତ୍ତି ନେଲେ। ମୀରା ନିଜର ପ୍ରଥମ ସର୍ଜରି ୨୦୧୯ ଡିସେମ୍ବରରେ କରିଥିଲେ। ସର୍ଜରି ପାଇଁ ସେ କଳ୍ପନାଙ୍କ ପରାମର୍ଶ ଲୋଡ଼ିଥିବା ପ୍ରକାଶ କରିଛନ୍ତି। ମୀର ସମ୍ପୂର୍ଣ୍ଣ ଭାବେ ଆରଭ ପାଲଟିବା ପରେ ଗତ ରବିବାର ଦୁହେଁ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ବିବାହକୁ ନେଇ କଳ୍ପନା କୁହନ୍ତି, ମୀରା ଲିଙ୍ଗ ପରିବର୍ତ୍ତନ କରି ଆରଭ ହୋଇ ନ ଥିଲେ ମଧ୍ୟ ସେ ତାଙ୍କୁ ବିବାହ କରିଥାନ୍ତେ। ଉଭୟଙ୍କ ବିବାହରେ ସେମାନଙ୍କ ପରିବାର ବେଶ୍ ଖୁସି ଅଛନ୍ତି।

## କପ୍୨୭: ଫସିଲ୍ ଟିକସ ଲଗାଇବାକୁ ବିଶ୍ୱନେତାଙ୍କ ଦାବି

**ଶର୍ମ ଏଲ୍-ଶେଖ୍,୮।୧୧**

ଇଜିପ୍ଟର ଶର୍ମ ଏଲ୍-ଶେଖ୍‌ରେ ଚାଲିଥିବା ଜଳବାୟୁ ସମିଟ୍ (କପ୍୨୭)ରେ ବିଶ୍ୱ ନେତାମାନେ ବିଶ୍ୱତାପନ ପାଇଁ ଦାୟୀ ରାଷ୍ଟ୍ରଗୁଡ଼ିକ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି। ଜଳବାୟୁକୁ କ୍ଷତି ପହଞ୍ଚାଉଥିବା ଜୀବାଶ୍ମ ଇନ୍ଧନ କମ୍ପାନୀଗୁଡ଼ିକ ଉପରେ ଫସିଲ ଟିକସ ଲଗାଇ କ୍ଷତି ଭରଣା କରିବା ନିମନ୍ତେ ମଙ୍ଗଳବାର ଆହ୍ୱାନ ଦିଆଯାଇଛି। ସୋମବାର କପ୍୨୭ ଆଲୋଚନାରେ ଭାଗନେଇ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଥିଲେ, ମାନବଜାତି ଜଳବାୟୁ ନର୍କକୁ ଯାଇଥିବା ରାଜପଥରେ ପହଞ୍ଚିବାକୁ ଶିଡ଼ିରେ ପାଦ ରଖିଛି। ଦେଶଗୁଡ଼ିକ ପରସ୍ପରକୁ ସହଯୋଗ ନ କଲେ ଧ୍ୱଂସ ହୋଇଯିବା ବୋଲି ଗୁଟେରସ୍ ସତର୍କ କରାଇଥିଲେ। ଜଳବାୟୁ ପରିବର୍ତ୍ତନ ଯୋଗୁ କ୍ଷତିଗ୍ରସ୍ତ ଦେଶଗୁଡ଼ିକୁ ଆର୍ଥିକ ☞ପୃଷ୍ଠା-୪

## ଶ୍ରୀମନ୍ଦିର ପ୍ରଶାସନକୁ ୧୨କୋଟି ଜରିମାନା

### ଶ୍ରୀଜଗନ୍ନାଥ ଜମିରୁ ବେଆଇନ ପଥର ଖଣି ଉତ୍ତୋଳନ ମାମଲା

***ଖୋର୍ଦ୍ଧା ନିଜିଗଡ଼ ଟାପଙ୍ଗରେ ବେଆଇନ ଭାବେ ଖଣିରୁ ପଥର ଉତ୍ତୋଳନ କରାଯିବା ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ(ଏସ୍‌ଜେଟିଏ) ପାଇଁ ମହଙ୍ଗା ପଡ଼ିଛି। ବେଆଇନ ଭାବେ ଖଣିରୁ ପଥର ଉତ୍ତୋଳନ ଯୋଗୁ ବ୍ୟାପକ କ୍ଷତି ଘଟିଥିବା ଅନୁଧ୍ୟାନ କରିବା ପରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଏସ୍‌ଜେଟିଏକୁ ପରିବେଶ କ୍ଷତି ଭରଣା ବାବଦ ୧୨କୋଟି ଟଙ୍କା ଖୋର୍ଦ୍ଧା ଜିଲା ପ୍ରଶାସନ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।***



- **ଖୋର୍ଦ୍ଧା ଜିଲା ପ୍ରଶାସନ କରିବ ଆକ୍ସନ ପ୍ଲାନ**
- **୪ ସପ୍ତାହରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ**

**ଖୋର୍ଦ୍ଧା ଅଫିସ,୮।୧୧**

ଖୋର୍ଦ୍ଧାରେ ବେଆଇନ ଭାବେ ପଥର ଖଣିରୁ ଲଘୁ ଖଣିଜ ଉତ୍ତୋଳନ ଚାଲିଛି। ଶ୍ରୀଜଗନ୍ନାଥଙ୍କ ଜମିରେ ଥିବା ଏକାଧିକ ପଥର ଖଣିରୁ ବେଆଇନଭାବେ ବ୍ୟାପକ ପଥର ଉତ୍ତୋଳନ କରାଯାଉଛି, ଯାହାକି ପରିବେଶ ଉପରେ ଗଭୀର ପ୍ରଭାବ ପକାଇବା ସହ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଇଛନ୍ତି। ଏହାକୁ ବିରୋଧ କରି ୨୦୧୮ରେ ଏନ୍‌ଜିଟିରେ ଏକ ମାମଲା ରୁଜୁ ହୋଇଥିଲା। ଏଥିରେ ଖୋର୍ଦ୍ଧା ଜିଲାପାଳ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମେମ୍ବର ସେକ୍ରେଟାରୀ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ମୁଖ୍ୟ ପ୍ରଶାସକ, ଖୋର୍ଦ୍ଧା ତହସିଲଦାର, ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ଶାସନ ସଚିବ, ଖୋର୍ଦ୍ଧା ଏସ୍‌ପି, ଓଡ଼ିଶା ମାଇନ୍ସ ନିର୍ଦ୍ଦେଶକ, ଭୁବନେଶ୍ୱର ଏବଂ ରାଜ୍ୟ ବିପର୍ଯ୍ୟୟ ଓ ପରିଚାଳନା ବିଭାଗ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ୪ବର୍ଷ ପରେ ଏହାର ରାୟ ପ୍ରକାଶ ପାଇଛି। ବେଆଇନ ପଥର ଉତ୍ତୋଳନ ଯୋଗୁ ବ୍ୟାପକ ଭାବେ ପରିବେଶ ପ୍ରଭାବିତ ହୋଇଛି। ତେଣୁ ଖଣି ପୁନରୁଦ୍ଧାର, ନବୀକରଣ ଲାଗି ଶ୍ରୀମନ୍ଦିର ପ୍ରଶାସନକୁ ୧୨କୋଟି ଭରଣା କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ଏହି ଟଙ୍କା ଖୋର୍ଦ୍ଧା ଜିଲା ପ୍ରଶାସନ ନିକଟରେ ପଇଠ କରାଯିବ। ଜିଲା ପ୍ରଶାସନ ଖଣିର ପୁନରୁଦ୍ଧାର କାର୍ଯ୍ୟ କରିବେ। ଖଣି ନବୀକରଣ, ପୁନରୁଦ୍ଧାର ଲାଗି ପ୍ରଶାସନ ଚାରି ସପ୍ତାହ ମଧ୍ୟରେ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବେ। ଏ ସଂକ୍ରାନ୍ତୀୟ ସବିଶେଷ ରିପୋର୍ଟ ଆସନ୍ତା ୨୦୨୩ ମାର୍ଚ୍ଚ ୩୧ ପୂର୍ବରୁ ଟ୍ରିବ୍ୟୁନାଲ ନିକଟରେ ସତ୍ୟପାଠ ☞ପୃଷ୍ଠା-୪

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୯ ନଭେମ୍ବର, ୨୦୨୨



## ସଂକ୍ଷେପରେ

### ୧୪ରେ ଜ୍ଞାନବାପି ରାୟ

ବାରାଣସୀ,୮।୧୧: ଜ୍ଞାନବାପି ମସ୍‌ଜିଦ ପରିସରରେ ମିଳିଥିବା ଶିବଲିଙ୍ଗକୁ ପୂଜା କରିବା ଲାଗି ଅନୁମତି ଦେବା ନିମନ୍ତେ ଦାଏର ପିଟିଶନ ଉପରେ ରାୟ ଘୋଷଣାକୁ ବାରାଣସୀର ଫାଷ୍ଟଟ୍ରାକ୍ କୋର୍ଟ ନଭେମ୍ବର ୧୪ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ଗତ ଅକ୍ଟୋବର ୨୭ରେ ଅଦାଲତ ଉଭୟ ପକ୍ଷଙ୍କ ଶୁଣାଣି ଶେଷ କରିବା ପରେ ନଭେମ୍ବର ୮ରେ ରାୟ ଘୋଷଣା କରିବେ ବୋଲି କହିଥିଲେ। ତେବେ ସିଭିଲ୍ ଜଜ୍ (ସିନିୟର ଡିଭିଜନ) ଛୁଟିରେ ଥିବାରୁ ରାୟ ଘୋଷଣାକୁ ସ୍ଥଗିତ ରଖାଯାଇଛି।

### ଭାରତର ପ୍ରଥମ ଘରୋଇ ରକେଟ୍ ଲଞ୍ଚ୍ ଖୁବ୍‌ଶୀଘ୍ର

#### ଇସ୍ରୋକୁ ମିଳିଲା କମ୍ପାନୀ

ନୂଆଦିଲ୍ଲୀ,୮।୧୧: ହାଇଦ୍ରାବାଦର ଘରୋଇ କମ୍ପାନୀ ସ୍କାଏରୁଟ୍ ଏରୋସ୍ପେସ୍ ପ୍ରସ୍ତୁତ ପ୍ରଥମ ରକେଟ ବିକ୍ରମ-ଏସ୍ ଆସନ୍ତା ୧୨ରୁ ୧୬ ତାରିଖ ମଧ୍ୟରେ ମହାକାଶକୁ ଛଡ଼ାଯିବ। ଏହି ମିଶନ୍‌ର ନାଁ 'ପ୍ରାରମ୍ଭ' ରଖାଯାଇଛି। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ଶ୍ରୀହରିକୋଟାସ୍ଥିତ ଲଞ୍ଚପ୍ୟାଡ୍‌ରୁ ୩ଟି ଉପଭୋକ୍ତା ପ୍ଲେଲୋଡ୍ ନେଇ ଏହା ମହାକାଶକୁ ଯାତ୍ରା କରିବ ବୋଲି କମ୍ପାନୀ ସହପ୍ରତିଷ୍ଠାତା ତଥା ସିଇଓ ପବନ କୁମାର ଚନ୍ଦନ କହିଛନ୍ତି। ମହାକାଶକୁ ରକେଟ ଛାଡ଼ିବାରେ ସ୍କାଏରୁଟ୍ ଏରୋସ୍ପେସ୍ ଭାରତର ପ୍ରଥମ ଘରୋଇ ସ୍ପେସ୍ କମ୍ପାନୀ।

### ଭାରତ ମହାସାଗରରେ ମିଳିତ ନଜର ରଖିବେ ଭାରତ, ଫ୍ରାନ୍ସ

ନୂଆଦିଲ୍ଲୀ,୮।୧୧: ଭାରତ ଓ ଫ୍ରାନ୍ସ ବାୟୁସେନାର ମିଳିତ ଯୁଦ୍ଧାଭ୍ୟାସ ରାଜସ୍ଥାନ ସେକ୍ଟରରେ ସଫଳତାର ସହ ସମ୍ପନ୍ନ ହେବା ପରେ ନୂଆଦିଲ୍ଲୀ ଏବଂ ପ୍ୟାରିସ ସେମାନଙ୍କ ରଣନୀତିକ ସହଯୋଗ ଅଧିକ ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଭାରତୀୟ ନୌସେନାର ବୋଇଂ ପି୮ଆଇ ଏବଂ ଫ୍ରାନ୍ସ ନୌସେନାର ଫାଲ୍‌କନ-୫୦ ଦକ୍ଷିଣ-ପଶ୍ଚିମ ଭାରତ ମହାସାଗର ଉପରେ କଡ଼ା ନଜର ରଖିବ। ଏହା ବ୍ୟତୀତ ନଭେମ୍ବର ୯ରୁ ୧୧ ସେମାନେ ମୋଜାମ୍ବିକ୍ ଚ୍ୟାନେଲ, ମରିସସ୍‌ର ସାମୁଦ୍ରିକ ମ୍ୟାପିଂ କରିବେ।

### ଟୁଇଟରର ୮ ଡଲାର ଦେୟ ଯାଞ୍ଚ ଆକାଉଣ୍ଟକୁ ପ୍ରଭାବିତ କରିବ ନାହିଁ

ୱାଶିଂଟନ,୮।୧୧: ଟୁଇଟର ଆକାଉଣ୍ଟ ଯାଞ୍ଚ ଲାଗି ମାସିକ ୮ ଡଲାର ଦେୟ ବର୍ତ୍ତମାନର ଯାଞ୍ଚ ହୋଇଥିବା ଆକାଉଣ୍ଟକୁ ପ୍ରଭାବିତ କରିବ ନାହିଁ ବୋଲି ବିଜ୍ଞାପନଦାତାଙ୍କ ପାଇଁ ଥିବା ଏହାର ଏଫ୍‌ଏକ୍ୟୁରୁ ଜଣାପଡ଼ିଛି। ବ୍ଲୁ ବ୍ୟାଜ୍ ଚାହୁଁଥିବା ଏବଂ ଯାଞ୍ଚ ଚାହୁଁଥିବା ନୂଆ ୟୁଜରଙ୍କ କ୍ଷେତ୍ରରେ ଏହି ଦେୟ ଲାଗୁ ହେବ।

### ୯୫ତମ ଜନ୍ମଦିନରେ ଆଡଭାନୀଙ୍କୁ ଭେଟିଲେ ମୋଦି

ନୂଆଦିଲ୍ଲୀ,୮।୧୧: ଭାଜପାର ବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡ଼ଭାନୀଙ୍କ ୯୫ତମ ଜନ୍ମଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ବାସଭବନରେ ଭେଟି ଅଭିନନ୍ଦନ ଜଣାଇଛନ୍ତି। ଭାରତର ଅଭିବୃଦ୍ଧିରେ ଆଡ଼ଭାନୀଙ୍କ ଅବଦାନ ଏକ ସ୍ମାରକୀ। ତାଙ୍କର ଦୂରଦୃଷ୍ଟି ଏବଂ ବୁଦ୍ଧିମତ୍ତା ପାଇଁ ସାରା ଦେଶ ତାଙ୍କୁ ସମ୍ମାନ ଦେଇଥାଏ। ଭାଜପାକୁ ଗଢ଼ିବା ଓ ସୁଦୃଢ଼ କରିବାରେ ଆଡ଼ଭାନୀଙ୍କ ଅବଦାନ ଅତୁଳନୀୟ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି।



ଆମେରିକାରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ବେଳେ କ୍ୟାପିଟୋଲ ହିଲ୍ ଆକାଶରେ ଚନ୍ଦ୍ରଗ୍ରହଣର ଦୃଶ୍ୟ।

## ନିର୍ବାଚନୀ ପ୍ରସଙ୍ଗ




ଜୋ ବାଇଡେନ୍‌ଙ୍କ ପ୍ରେସିଡେନ୍ସିର ଦ୍ୱିତୀୟାର୍ଦ୍ଧକୁ ନିର୍ଦ୍ଧାରଣ କରିବାକୁ ଥିବା ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ଆମେରିକୀୟ ଭୋଟରଙ୍କ ପାଇଁ ଦେଶର ଅର୍ଥନୀତି ହେଉଛି ସବୁଠୁ ବଡ଼ ପ୍ରସଙ୍ଗ। ମୁଦ୍ରାସ୍ଫୀତି ୪୦ ବର୍ଷର ରେକର୍ଡ ଭାଙ୍ଗିଥିବାରୁ ସବୁ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ଆକାଶଛୁଆଁ ହୋଇଛି। ଏହାବାଦ୍ କୋଭିଡ୍-୧୯ ମୁକାବିଲା, ୟୁକ୍ରେନ୍‌କୁ ନେଇ ଆଭିମୁଖ୍ୟ, ମହିଳାଙ୍କ ଗର୍ଭପାତ ଅଧିକାର, ପ୍ରବାସୀଙ୍କ ପାଇଁ ମାଇଗ୍ରେଶନ୍ ପଲିସି, କ୍ରମବର୍ଦ୍ଧିଷ୍ଣୁ ଅପରାଧ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଚଳିତ ନିର୍ବାଚନରେ ଭୋଟର ମତଦାନ କରୁଛନ୍ତି। ବାଲଟରେ ବାଇଡେନ୍‌ଙ୍କ ନାମ ନ ଥିଲେ ମଧ୍ୟ ତାଙ୍କ ଶାସନକୁ ମତଦାତା ପ୍ରତ୍ୟାଖ୍ୟାନ କରିପାରନ୍ତି ବୋଲି କୁହାଯାଉଛି। ଏହାର ଫଳାଫଳ ୨୦୨୪ ନଭେମ୍ବର ୫ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନର କ୍ୟାମ୍ପେନ୍‌କୁ ମଧ୍ୟ ପ୍ରଭାବିତ କରିବ। ଟ୍ରମ୍ପଙ୍କ ବିରୋଧରେ ଥିବା ଆପତ୍ତି ଅଭିଯୋଗର ଭାରକୁ ଏହି ନିଷ୍କର୍ଷ ଲାଘବ କରିପାରେ।

## ୟୁଏସ୍ ମିଡ୍‌ଟର୍ମ୍ସ

# କାହାର ହେବ କଂଗ୍ରେସ

ଦ୍ୱିବାର୍ଷିକ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ (ମିଡ୍‌ଟର୍ମ୍ସ) ପାଇଁ ଆମେରିକା ରାଜନୀତି ଏବେ ଚଳଚଞ୍ଚଳ। କାରଣ ଶାସକ ଡେମୋକ୍ରାଟିକ୍ ପାର୍ଟି ପଞ୍ଝାରୁ କଂଗ୍ରେସକୁ ଛଡ଼ାଇନେବା ପାଇଁ ବିରୋଧୀ ରିପବ୍ଲିକାନ୍ ପାର୍ଟି ସବୁ ପ୍ରକାର ଉଦ୍ୟମ ଚଳାଇଛି। ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଦର୍ଶନକୁ ଦେଶବାସୀ କିପରି ଦେଖୁଛନ୍ତି ଏବଂ ତାଙ୍କ କାର୍ଯ୍ୟକାଳର ଅବଶିଷ୍ଟ ୨ ବର୍ଷ କେମିତି ରହିବ, ଏହି ନିର୍ବାଚନର ପରିଣାମ ତାହାର ପ୍ରମାଣ ଦେବ। ଏଥିସହ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହେବେ କି ନାହିଁ ତାହା ମଧ୍ୟ ଏହି ଫଳାଫଳ ନିଶ୍ଚିତ କରିବ ବୋଲି କୁହାଯାଉଛି। ଏହି ଦୃଷ୍ଟିରୁ କେବଳ ଆମେରିକା ନୁହେଁ, ସାରା ବିଶ୍ୱର ନଜର ମିଡ୍‌ଟର୍ମ୍ସ ରେଜଲ୍ଟ ଉପରେ କେନ୍ଦ୍ରୀଭୂତ ହୋଇଛି।

ୱାଶିଂଟନ,୮।୧୧




ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ କାର୍ଯ୍ୟକାଳକୁ ଇତିମଧ୍ୟରେ ୨ ବର୍ଷ ପୂରିଛି। ଏହି ଅବସରରେ କଂଗ୍ରେସର ନିମ୍ନ ସଦନ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ (ପ୍ରତିନିଧି ସଭା) ଏବଂ ଉଚ୍ଚ ସଦନ ସିନେଟ୍ ପାଇଁ ମଙ୍ଗଳବାର ଭୋଟ ଗ୍ରହଣ ଚାଲିଛି। ୪୩୫ ଆସନ ବିଶିଷ୍ଟ ହାଉସ୍‌ରେ ଶାସକ ଡେମୋକ୍ରାଟିକ୍ ପାର୍ଟିର ସଂଖ୍ୟାଗରିଷ୍ଠ ୨୨୦ ଓ ବିରୋଧୀ ରିପବ୍ଲିକାନ୍ ପାର୍ଟିର ୨୧୨ ସଦସ୍ୟ ଅଛନ୍ତି। ନିମ୍ନ ସଦନର ସମସ୍ତ ୪୩୫ ଆସନରେ ବହୁପ୍ରତୀକ୍ଷିତ ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହେଉଛି। ସେହିପରି ୧୦୦ ଆସନ ବିଶିଷ୍ଟ ସିନେଟ୍‌ରେ ୪୮ ଡେମୋକ୍ରାଟ୍ସଙ୍କ ସମେତ ୨ ସ୍ୱାଧୀନ ସଦସ୍ୟ ଥିବାବେଳେ ରିପବ୍ଲିକାନ୍‌ଙ୍କ ସଂଖ୍ୟା ହେଉଛି ୫୦। ଉଚ୍ଚ ସଦନରେ ପ୍ରତି ରାଜ୍ୟରୁ ୨ ଜଣ ଲେଖାଏ ସିନେଟର ପ୍ରତିନିଧିତ୍ୱ କରିଥାଆନ୍ତି। ଏହାର ପ୍ରାୟ ଏକ-ତୃତୀୟାଂଶ ଅର୍ଥାତ୍ ୩୫ ଆସନରେ ମତଦାନ ଚାଲିଛି। ଏଥିସହ ୩୬ ଗଭର୍ନରଶିପ୍ସ, ରାଜ୍ୟ ବିଧାନସଭା, ସ୍ଥାନୀୟ କାଉନ୍‌ସିଲ୍ସ ଓ ସ୍କୁଲ ବୋର୍ଡଗୁଡ଼ିକ ପାଇଁ ମଧ୍ୟ ଭୋଟିଂ ଜାରି ରହିଛି। ରିପବ୍ଲିକାନ୍‌ମାନଙ୍କୁ ଆଉ ୫ଟି ରାଜ୍ୟରେ ସଫଳତା ମିଳିଲେ ପ୍ରତିନିଧି ସଭାରେ ସେମାନେ ସଂଖ୍ୟାଗରିଷ୍ଠତା ଲାଭ କରିବେ। ସେହିପରି ସିନେଟ୍‌କୁ ନିୟନ୍ତ୍ରଣ କରିବା ପାଇଁ ବିରୋଧୀ ଦଳକୁ ଆଉ ମାତ୍ର ଗୋଟିଏ ଆସନ ଅକ୍ତିଆର କରିବାକୁ ପଡ଼ିବ। ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦଳ ହାଉସ୍ ମେଜୋରିଟି ଦିଗରେ ଅଗ୍ରସର ହେଉଥିବାବେଳେ ସିନେଟ୍ ପାଇଁ ଦୁଇ ପାର୍ଟି ମଧ୍ୟରେ କଡ଼ା ମୁକାବିଲା ହେଉଥିବା ନିର୍ବାଚନ ପଣ୍ଡିତମାନେ ଭବିଷ୍ୟବାଣୀ କରିଛନ୍ତି। କାରଣ ଆମେରିକାର ଇତିହାସ କୁହେ, ଦ୍ୱିବାର୍ଷିକ ନିର୍ବାଚନ ପ୍ରାୟତଃ କ୍ଷମତାସୀନ ଦଳ ବିରୋଧରେ ଯାଇଥାଏ। ଏଥର ଉଭୟ ଗୃହ ପାଇଁ ମୋଟ ୧,୨୦୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସିନେଟରେ ଦୁଇ ଦଳ ୫୦ ଲେଖାଏ ଆସନ ଦଖଲ କଲେ ଉଚ୍ଚ ସଦନକୁ କିଏ ନିୟନ୍ତ୍ରଣ କରିବ ସେହି ନିଷ୍ପତ୍ତି ଉଚ୍ଚ ସଦନର ପ୍ରେସିଡେଣ୍ଟ ତଥା ଉପରାଷ୍ଟ୍ରପତି କମଲା ହାରିସ୍ ନେବେ। ଅର୍ଥାତ୍ ଡେମୋକ୍ରାଟ୍ସଙ୍କ ନିୟନ୍ତ୍ରଣରେ ସିନେଟ୍ ରହିବ। ୨୦୨୦ ରାଷ୍ଟ୍ରପତି ନିର୍ବାଚନରେ ବାଇଡେନ୍ ନିଜ ସପକ୍ଷକୁ ଟାଣିବାରେ ସଫଳ ହୋଇଥିବା ଆରିଜୋନା, ଜର୍ଜିଆ, ମିଶିଗାନ୍, ପେନ୍‌ସିଲଭାନିଆ, ୱିସ୍କୋନ୍‌ସିନ ଓ ନେଭାଡା ଭଳି ରାଜ୍ୟଗୁଡ଼ିକର ପରିଣାମ ଉପରେ ଏଥର ସର୍ବାଧିକ ନଜର ରହିଛି। ପ୍ରକାଶଯୋଗ୍ୟ, ୧୯୩୪ ମସିହା ପରଠୁ କେବଳ ଫ୍ରାଙ୍କଲିନ୍ ଡି. ରୁଜ୍‌ଭେଲ୍ଟ, ବିଲ୍ କ୍ଲିଣ୍ଟନ୍(୧୯୯୮) ଏବଂ ଜର୍ଜ ଡବ୍ଲ୍ୟୁ. ବୁଶ୍(୨୦୦୨)ଙ୍କ ସମୟରେ ଶାସକ ଦଳ ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ବିଜୟୀ ହୋଇଛି।

## ମତଦାନ ସମୟ ଓ ଫଳାଫଳ

ଫ୍ଲୋରିଡା ୟୁନିଭର୍ସିଟିର ୟୁଏସ୍ ଇଲେକ୍ସନ ପ୍ରୋଜେକ୍ଟରୁ ମିଳିଥିବା ତଥ୍ୟାନୁସାରେ ୪୧ ନିୟୁତରୁ ଊର୍ଦ୍ଧ୍ୱ ଆମେରିକୀୟ ମେଲ୍-ଇନ୍ ବାଲଟ୍ସ ବା ଆର୍ଲି ଇନ୍-ପର୍ସନ ପୋଲ୍ସ ଜରିଆରେ ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିସାରିଛନ୍ତି। ଇଷ୍ଟର୍ନ ଟାଇମ୍ (ଇଟି) ପୂର୍ବାହ୍ନ ୫ଟାରେ ଭେର୍ମୋଣ୍ଟ ରାଜ୍ୟରେ ମତଦାନ ହୋଇଛି। ଆମେରିକାର ସମସ୍ତ ୫୦ ରାଜ୍ୟରେ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯାଉଛି। ପୂର୍ବ ଉପକୂଳ ରାଜ୍ୟଗୁଡ଼ିକ ମଧ୍ୟରୁ ଜର୍ଜିଆ, ପେନ୍‌ସିଲ୍‌ଭାନିଆ, ନ୍ୟୁ ହାମ୍ପଶାୟାର ଓ ଫ୍ଲୋରିଡା ହେଉଛି ଇନ୍-ପର୍ସନ ଭୋଟିଂରେ ପ୍ରଥମ, ଯାହା ଉପରେ ସମସ୍ତଙ୍କ ନଜର ରହିବ। କାରଣ ଆଗକୁ ସିନେଟ୍‌କୁ କିଏ ନିୟନ୍ତ୍ରଣ କରିବ ତାହା ଏହି ରାଜ୍ୟଗୁଡ଼ିକ ଉପରେ ନିର୍ଭର କରେ। ପେନ୍‌ସିଲ୍‌ଭାନିଆ ଓ ଜର୍ଜିଆ ଭଳି କେତେକ ରାଜ୍ୟରେ ଭୋଟ ଗଣତି ବିଳମ୍ବିତ ହୋଇପାରେ। ତେଣୁ ବିଜୟୀ ଦଳର ନାମ ଜାଣିବା ପୂର୍ବରୁ ଆମେରିକୀୟମାନେ ଶୋଇବାକୁ ଯିବେ। ମିଡ୍‌ଟର୍ମ୍ସର ସମ୍ପୂର୍ଣ୍ଣ ଫଳାଫଳ ଆସିବାକୁ ବିଳମ୍ବ ହୋଇପାରେ ବୋଲି ଇନ୍‌ସାଇଡ୍ ଇଲେକ୍ସନ୍ସ ପ୍ରକାଶକ ନାଥନ୍ ଗୋନ୍‌ଜାଲେସ୍ କହିଛନ୍ତି।




ଓହିଓସ୍ଥିତ କଲମ୍ବସର ଏକ ପୋଲିଂ ବୁଥ୍‌ରେ ମତଦାନ ପାଇଁ ଅପେକ୍ଷା କରିଛନ୍ତି ସ୍ଥାନୀୟ ଭୋଟର।

## ସମ୍ଭାବ୍ୟ ପରିଣାମ

୨୦୨୦ ନଭେମ୍ବର ୨୦ରେ ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଡେମୋକ୍ରାଟ୍ ଜୋ ବାଇଡେନ୍ ଏକ ଏଜେଣ୍ଡା (କାର୍ଯ୍ୟସୂଚୀ) ଧରି ଦେଶବାସୀଙ୍କ ସାମ୍ନାକୁ ଆସିଥିଲେ। ସେହି ଲୋକାଭିମୁଖୀ ଏଜେଣ୍ଡା ହିଁ ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଭାରି ପଡ଼ିଥିଲା। ଗତ ୨ ବର୍ଷ ଧରି କଂଗ୍ରେସ ଡେମୋକ୍ରାଟ୍ସଙ୍କ ଦଖଲରେ ଥିବାରୁ ବାଇଡେନ୍ ନିଜ ମନ ମୁତାବକ ଆଇନଗୁଡ଼ିକୁ ଗୃହୀତ କରାଇପାରିଛନ୍ତି। ଚଳିତ ନିର୍ବାଚନରେ ରିପବ୍ଲିକାନ୍‌ମାନେ ବିଜୟୀ ହୋଇ କଂଗ୍ରେସକୁ ଦଖଲ କଲେ ବାଇଡେନ୍‌ଙ୍କୁ ନିଜ ଏଜେଣ୍ଡା କାର୍ଯ୍ୟକାରୀ କରିବାକୁ କଷ୍ଟକର ହେବ। ଦେଶର ଅର୍ଥନୀତି, ବାଣିଜ୍ୟ ଏବଂ ବିଦେଶ ନୀତି ଭଳି ବହୁ ପ୍ରସଙ୍ଗରେ ବାଇଡେନ୍‌ଙ୍କୁ ସାଲିସ କରିବାକୁ ପଡ଼ିବ। ଚଳିତ ନିର୍ବାଚନରେ ରାଷ୍ଟ୍ରପତି ବାଇଡେନ୍‌ଙ୍କ ର୍ୟାଟିଂ ୫୦%ରୁ କମ୍ ରହିଥିବାବେଳେ ରିପବ୍ଲିକାନ୍‌ଙ୍କ ସପକ୍ଷରେ ହାୱା ବହୁଛି। ଜନମତ ସର୍ଭେ ଓ ଜନ ସାଧାରଣଙ୍କ ଭାବାବେଗ କହୁଛି, ଉଭୟ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ଏବଂ ସିନେଟ୍‌କୁ ଟ୍ରମ୍ପ ସମର୍ଥକ ଦଖଲ କରିବା ନେଇ ୭୦% ସମ୍ଭାବନା ରହିଛି।

## ୨୦୨୪ରେ ଲଢ଼ିବେ କି ଟ୍ରମ୍ପ

### ୧୫ରେ କରିବେ ଘୋଷଣା

୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ପୂର୍ବତନ ରାଷ୍ଟ୍ରପତି ପୁନର୍ବାର ପ୍ରତିଦ୍ୱନ୍ଦ୍ୱିତା କରିବେ କି ନାହିଁ ତାହା ହେଉଛି ବର୍ତ୍ତମାନ ସବୁଠୁ ବଡ଼ ପ୍ରଶ୍ନ। ଏହି ପ୍ରଶ୍ନର ଉତ୍ତର ଚଳିତ ନିର୍ବାଚନ ଜରିଆରେ ଆମେରିକାବାସୀ ଦେବେ। ରିପବ୍ଲିକାନ୍ ଟ୍ରମ୍ପ ପୁନର୍ବାର ଲଢ଼ିବା ନେଇ ନିକଟରେ ସଙ୍କେତ ଦେଇଛନ୍ତି। କିନ୍ତୁ ୨୦୨୧ ଜାନୁୟାରୀ ୬ରେ କ୍ୟାପିଟୋଲ ହିଲ୍ ଦଙ୍ଗା ହ୍ୱାଇଟ୍ ହାଉସ୍‌କୁ ଟ୍ରମ୍ପଙ୍କ ପ୍ରତ୍ୟାବର୍ତ୍ତନରେ ବାଧକ ସାଜିପାରେ ବୋଲି କୁହାଯାଉଛି। ଏହା ସତ୍ତ୍ୱେ ଆସନ୍ତା ୧୫ ତାରିଖରେ ଟ୍ରମ୍ପ ବଡ଼ ଘୋଷଣା କରିବେ ବୋଲି ସୋମବାର ଓହିଓର ଏକ ନିର୍ବାଚନୀ ସଭାରେ କହିବା ପରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ଫ୍ଲୋରିଡାର ପାମ୍ ବିଚ୍‌ସ୍ଥିତ ମାର୍-ଏ-ଲାଗୋ ବାସଭବନରେ ସେ କ'ଣ ଘୋଷଣା କରିବେ ତାକୁ ଅନେକେ ଅପେକ୍ଷା କରିଛନ୍ତି।

## ଜି୨୦ ପ୍ରେସିଡେନ୍ସି ଲୋଗୋ ଉନ୍ମୋଚିତ




ନୂଆଦିଲ୍ଲୀ,୮।୧୧

ଆସନ୍ତା ଡିସେମ୍ବର ୧ରୁ ଭାରତ ଜି୨୦ରେ ଅଧ୍ୟକ୍ଷତା କରିବ। ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦିଲ୍ଲୀରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଭାରତର ଜି୨୦ ପ୍ରେସିଡେନ୍ସି ଲୋଗୋ, ଥେମ୍ ଏବଂ ୱେବ୍‌ସାଇଟ୍ ଉନ୍ମୋଚନ କରିଛନ୍ତି। ଭାରତ ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ। ଏହି ଅବସରରେ ଦେଶବାସୀଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। 'ବସୁଧୈବ କୁଟୁମ୍ବକମ୍' ନୀତି ଭାରତର ଦୟାଭାବର ସ୍ୱାକ୍ଷର। ଏଥିସହିତ ଲୋଗୋରେ ରହିଥିବା ପଦ୍ମ ବିଶ୍ୱକୁ ଏକାଠି କରିବାରେ ଭାରତର ସାଂସ୍କୃତିକ ଐତିହ୍ୟ ଏବଂ ବିଶ୍ୱାସକୁ ଚିତ୍ରଣ କରୁଛି। ଲୋଗୋ ପାଇଁ ମୂଲ୍ୟବାନ୍ ପ୍ରସ୍ତାବ ଦେବା ନିମନ୍ତେ ଦେଶବାସୀଙ୍କୁ ଅନୁରୋଧ କରାଯାଇଥିଲା। ଆଜି ଏହି ପ୍ରସ୍ତାବଗୁଡ଼ିକ ବିଶ୍ୱ କାର୍ଯ୍ୟକ୍ରମର ପ୍ରତୀକ ହୋଇଥିବା ମୋଦି କହିଛନ୍ତି। ବର୍ତ୍ତମାନ ଜି୨୦ର ଅଧ୍ୟକ୍ଷତା ଇଣ୍ଡୋନେସିଆ ନିକଟରେ ଥିବାବେଳେ ଭାରତ ଏହାକୁ ଗ୍ରହଣ କରିବାକୁ ଯାଉଛି। ଅଧ୍ୟକ୍ଷତା କାଳରେ ଭାରତ ଆସନ୍ତାବର୍ଷ ଜି୨୦ ସମିଟ୍ ସମେତ ଦେଶର ବିଭିନ୍ନ ସ୍ଥାନରେ ୩୨ଟି ବିଭିନ୍ନ କ୍ଷେତ୍ର ଉପରେ ୨୦୦ ବୈଠକ ଆୟୋଜନ କରିବ।

## ଆଲୋଚନା ଲାଗି ରୁଷିଆ ଉପରେ ଚାପ

### ୟୁକ୍ରେନ୍ ପ୍ରସଙ୍ଗ

ନୂଆଦିଲ୍ଲୀ,୮।୧୧

ମସ୍କୋ ଗସ୍ତରେ ଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ମଙ୍ଗଳବାର ତାଙ୍କ ରୁଷିଆ ପ୍ରତିପକ୍ଷ ସର୍ଗେଇ ଲାଭରୋଭ୍‌ଙ୍କୁ ଭେଟିଛନ୍ତି। ଏହି ଅବସରରେ ଦୁଇ ନେତା ୟୁକ୍ରେନ୍ ଯୁଦ୍ଧ ସମେତ ନିର୍ଦ୍ଦିଷ୍ଟ ଆଞ୍ଚଳିକ ସମସ୍ୟା ଓ ବିଶ୍ୱ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ୟୁକ୍ରେନ୍-ରୁଷିଆ ଯୁଦ୍ଧର ସମାଧାନ ନିମନ୍ତେ ମସ୍କୋ ଆଲୋଚନାକୁ ଫେରିବା ଲାଗି ଜୟଶଙ୍କର ଚାପ ପକାଇଛନ୍ତି। କୋଭିଡ୍ ମହାମାରୀ, ଆର୍ଥିକ ଚାପ ଏବଂ ବାଣିଜ୍ୟିକ ସମସ୍ୟାକୁ ନେଇ ଗତ କିଛିବର୍ଷ ହେଲା ଅନ୍ତର୍ଜାତୀୟ ସ୍ଥିତି ଉଦ୍‌ବେଗଜନକ ରହିଛି। ଏଥିପାଇଁ ବିଶ୍ୱ ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଛି। ୟୁକ୍ରେନ୍ ଯୁଦ୍ଧ ଏହାର ଏକ ବଡ଼ ପରିଣାମ ଭାବେ ଦେଖାଦେଇଥିବା ଜୟଶଙ୍କର କହିଛନ୍ତି। ଏହା ବ୍ୟତୀତ ଆତଙ୍କବାଦ ଏବଂ ଜଳବାୟୁ ପରିବର୍ତ୍ତନ ଦୁଇଟି ମୁଖ୍ୟ ଏବଂ ସ୍ଥାୟୀ ସମସ୍ୟା ହୋଇ ରହିଆସିଛି ଯାହା ବିକାଶ ଓ ସମୃଦ୍ଧି ଉପରେ ଧ୍ୱଂସାତ୍ମକ ପ୍ରଭାବ ପକାଉଛି। ଆଲୋଚନା ମାଧ୍ୟମରେ ଆଞ୍ଚଳିକ ସମସ୍ୟା ସମେତ ବିଶ୍ୱ ସ୍ଥିତିର ସମାଧାନ କରାଯାଇପାରିବ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି। ଭାରତ ଓ ରୁଷିଆର ବନ୍ଧୁତା ବିଶାଳ ଓ ସମୟ ସହ ପରୀକ୍ଷିତ। ଏହାକୁ ଆହୁରି ବଢ଼ାଇବା ଓ ଦୀର୍ଘସ୍ଥାୟୀ କରିବା ନିମନ୍ତେ ଉଦ୍ୟମ ଜାରି ରହିଛି ବୋଲି ଏହି ଅବସରରେ ଜୟଶଙ୍କର କହିଛନ୍ତି।



ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ରୁଷିଆ ପ୍ରତିପକ୍ଷ ସର୍ଗେଇ ଲାଭରୋଭ୍।

## ଆଡ୍‌ମିଟ୍ କାର୍ଡରେ ସନି ଲିଓନ

ବେଙ୍ଗାଲୁରୁ, ୮।୧୧

କର୍ନାଟକ ଶିକ୍ଷକ ନିଯୁକ୍ତି ପରୀକ୍ଷା ଦେଉଥିବା ଜଣେ ପରୀକ୍ଷାର୍ଥୀଙ୍କ ଆଡମିଟ୍ କାର୍ଡରେ ତାଙ୍କ ଫଟୋ ବଦଳରେ ବଲିଉଡ୍ ଅଭିନେତ୍ରୀ ସନି ଲିଓନ୍‌ଙ୍କ ଫଟୋ ଦେଖିବାକୁ ମିଳିଛି। ଆଡ୍‌ମିଟ୍ କାର୍ଡର ସ୍କ୍ରିନ୍‌ସର୍ଟ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ରାଜ୍ୟ ଶିକ୍ଷା ବିଭାଗ ଏ ନେଇ ଯାଞ୍ଚ କରୁ ବୋଲି କର୍ନାଟକ କଂଗ୍ରେସ ପକ୍ଷରୁ ଦାବି କରାଯିବା ସହ ସରକାରଙ୍କଠାରୁ ଏ ପ୍ରକାର ତ୍ରୁଟି ହିଁ କେବଳ ଆଶା କରାଯାଇ ପାରିବ ବୋଲି କଂଗ୍ରେସ କହିଛି। ଅନ୍ୟପକ୍ଷେ ରାଜ୍ୟ ସରକାର ବିଧାନସଭା ଭିତରେ ଅଶ୍ଳୀଳ ଫିଲ୍ମ ବସି ଦେଖୁଥିବା ଟୁଇଟର ପୋଷ୍ଟ ଜରିଆରେ କର୍ନାଟକ କଂଗ୍ରେସ ସୋସିଆଲ ମିଡିଆ ଚିଫ୍ ବି.ଆର୍ ନାଇଡୁ କହିଛନ୍ତି। ଘଟଣାର ଯାଞ୍ଚ ପରେ ଥାନାରେ ଅଭିଯୋଗ କରାଯିବ ବୋଲି ରାଜ୍ୟ ଶିକ୍ଷାମନ୍ତ୍ରୀ ବି.ସି ନଗେଶଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୮୨,୩୬,୨୪୭ | ୬୬,୦୭,୩୯୨ | ୬୧,୮୦,୨୩,୦୯୨ |
| ଭାରତ | ୪,୪୬,୬୨,୧୪୧ | ୫,୩୦,୫୦୯ | ୪,୪୧,୧୭,୬୧୧ |
| ଓଡ଼ିଶା | ୧୩,୩୬,୨୬୬ | ୯୨୦୪(+୫୩) | ୧୩,୨୬,୮୬୨ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ମିନାବଜାର ଦୋଳିରୁ ପଡ଼ି ଯୁବକ ମୃତ

**କଣ୍ଟାବାଞ୍ଜି, ୮।୧୧(ଡି.ଏନ.ଏ.)**

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବଲାଙ୍ଗୀର ଜିଲା ତୁରେକେଲା ସଦର ଗାଁରେ ପଡିଥିବା ମିନାବଜାର ଦୋଳିରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତୁରେକେଲା ଗ୍ରାମର ଦେବରାଜ ସାହୁ (୩୫)। ସୋମବାର ରାତିରେ ଏହି ଘଟଣା ଘଟିଛି। ଝୁଲିସାରି ଦୋଳିରୁ ଓହ୍ଲାଇବା ବେଳେ ସେ ଖସିପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ତୁରେକେଲା ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ସକାଳେ ତୁରେକେଲା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(୨୧୬/୨୨)ରୁଜୁ ହୋଇଛି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ କିଡ୍‌ନୀ ରୋଗୀଙ୍କ ଧାରଣା

**ଦାବି ପୂରଣ ନ ହେଲେ ଆତ୍ମହତ୍ୟା ଚେତାବନୀ**

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କ ସରକାରୀ ବାସଭବନ ଆଗରେ କିଡ୍‌ନୀ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ମଙ୍ଗଳବାରଠାରୁ ଧାରଣା ଦେଇଛନ୍ତି। ରୋଗୀ ଚିକିତ୍ସାରେ ଅସନ୍ତୋଷ ବ୍ୟକ୍ତକରି ଏମାନେ ଧାରଣା ଦେଇଥିବା ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ସେମାନଙ୍କ ଦାବି ନ ଶୁଣିଲେ ଆତ୍ମହତ୍ୟା କରିବେ ବୋଲି ଧମକ ମଧ୍ୟ ଦେଇଛନ୍ତି। ଠିକ୍ ଔଷଧ ଏବଂ କିଡ୍‌ନୀ ଡାକ୍ତରଙ୍କୁ ନିଯୁକ୍ତ କରିବା ଦାବିରେ କିଡ୍‌ନୀ ରୋଗୀମାନେ ପ୍ରଥମେ ସୋମବାର ମନ୍ତ୍ରୀ ଦାସଙ୍କ ଘର ସମ୍ମୁଖରେ ଧାରଣା ଦେଇଥିଲେ। ସେହିଭଳି ମଙ୍ଗଳବାର ଉକ୍ତ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନେ ମନ୍ତ୍ରୀଙ୍କ ବାସଭବନ ସମ୍ମୁଖ ରାସ୍ତାରେ ଶୋଇକି ପ୍ରତିବାଦ କରିବା ସହ ରାଜଭବନରୁ ଏଜିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଧାରଣା ଦେଇ ବସିଥିଲେ। ଫଳରେ ପୋଲିସ ସେଠାରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିବା ଦେଖିବାକୁ ମିଳିଛି। ଅଳ୍ପ କିଛି ସମୟ ଲାଗି ସେହି ରାସ୍ତାରେ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା।

ସ୍ୱାସ୍ଥ୍ୟ ବିଭାଗ, ଡିସିପି ଏବଂ ମେଡିକାଲ କର୍ତ୍ତୃପକ୍ଷଙ୍କ ତରଫରୁ ଭଲ ମେଡିସିନ ଯୋଗାଇବା ଲାଗି ପ୍ରତିଶ୍ରୁତି ମିଳିବା ପରେ କିଡ୍‌ନୀ ରୋଗୀମାନେ ଧାରଣାରୁ ଉଠିଯାଇଥିଲେ। ମାତ୍ର ଥରେ ଭଲ ମେଡିସିନ ଦେଇ ପୁଣିଥରେ ନକଲି ମେଡିସିନ ଦେବାରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଘର ସମ୍ମୁଖରେ ସେମାନେ ଧାରଣା ଦେଇଥିବା କଥା କହିଛନ୍ତି। ଯଦି ସରକାର ସେମାନଙ୍କ ଦାବି ନ ଶୁଣନ୍ତି ତେବେ ସମସ୍ତେ ବିଷ ପିଇ ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଛନ୍ତି। ଅନ୍ୟପଟେ କିଡ୍‌ନୀ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ୨ଦିନ ହେଲା ଧାରଣାରେ ବସିଛନ୍ତି। ସୋମବାର ସେମାନେ ଧାରଣା ଦେବା ସମୟରେ ମନ୍ତ୍ରୀଙ୍କ ବାସବଭନରୁ କେହି ହେଲେ ବାହାରକୁ ଆସିପାରି ନ ଥିଲେ। ମନ୍ତ୍ରୀଙ୍କ ବାସଭବନକୁ ମଧ୍ୟ କେହି ଯାଇପାରୁ ନ ଥିଲେ। ଫଳରେ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା।

ଏ ସମ୍ପର୍କରେ ବାଲେଶ୍ୱରର ଜଣେ କିଡ୍‌ନୀ ରୋଗୀଙ୍କ ସ୍ତ୍ରୀ ଜୟଶ୍ରୀ ବେହେରା କହିଛନ୍ତି, ଗତ ଜୁଲାଇ ୧୪ରୁ ଅକ୍ଟୋବର ୧୨ ପର୍ଯ୍ୟନ୍ତ ଆମେ ଧାରଣାରେ ବସିଥିଲୁ ସେତେବେଳେ ଆମ ଦାବି ଶୁଣି ଆମକୁ ଠିକ୍ ମେଡିଶିନ ଦିଆଯାଇଥିଲା। ହେଲେ ଗତ ସୋମବାର ପୁଣିଥରେ ମେଡିସିନ ପାଇଁ ଯିବା ପରେ ମିଳି ନ ଥିଲା। ସେଥିଲାଗି ଧାରଣାରେ ବସିଛୁ ଯେପର୍ଯ୍ୟନ୍ତ ନ ଶୁଣିବେ ପ୍ରତିବାଦ ଜାରି ରହିବ ବୋଲି ସେ କହିଛନ୍ତି।



ରାସ୍ତାରୋକୋ କରିଥିବା କିଡ୍‌ନୀ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ।




ଭୁବନେଶ୍ୱର ଆକାଶରେ ମଙ୍ଗଳବାର ସନ୍ଧ୍ୟାରେ ଚନ୍ଦ୍ରଗ୍ରହଣର ଦୃଶ୍ୟ

# ୨୦୨୫ରେ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

ଚଳିତବର୍ଷର ଶେଷ ଚନ୍ଦ୍ରଗ୍ରହଣ ମଙ୍ଗଳବାର ସଂଘଟିତ ହୋଇଛି। ଭୁବନେଶ୍ୱରରେ ଏହି ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ସନ୍ଧ୍ୟା ୫ଟା ୫ରୁ ୫ଟା ୧୧ ପର୍ଯ୍ୟନ୍ତ ଦେଖାଯିବାର ଥିଲା। ପୂର୍ବ ଦିଗବଳୟ ମେଘ ଥିବାରୁ ଏଥିରେ ବ୍ୟତିକ୍ରମ ଦେଖାଦେଇଥିଲା। ସ୍ଥାନୀୟ ପ୍ଲାନେଟୋରିୟମରେ ସନ୍ଧ୍ୟା ୫ଟା ୨୭ରୁ ୬ଟା ୧୯ ଯାଏଁ ଆଂଶିକ ଚନ୍ଦ୍ରଗ୍ରହଣ ଭାବେ ଦେଖାଦେଇଥିଲା। ଏନେଇ ପଠାଣି ସାମନ୍ତ ପ୍ଲାନେଟୋରିୟମ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ପରବର୍ତ୍ତୀ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ୨୦୨୫ ସେପ୍ଟେମ୍ବର ୭ରେ ଦେଖାଯିବ ବୋଲି ପ୍ଲାନେଟୋରିୟମ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ଲାନେଟୋରିୟମରେ ୩ଟି ଦୂରବୀକ୍ଷଣ ଯନ୍ତ୍ର ଓ ୨ଟି ବାଇନାକୁଲାର୍ ଗୋଟିଏ ଏଲସିଡି ଦ୍ୱାରା ଗ୍ରହଣ ଦେଖାଇବାର ବ୍ୟବସ୍ଥା କରାଯାଇଥିଲା। ପ୍ଲାନେଟୋରିୟମରେ ନିଃଶୁଳ୍କ ଟୋକନ୍ ଦ୍ୱାରା ଲୋକଙ୍କୁ ଗ୍ରହଣ ଦେଖାଇବାର ବନ୍ଦୋବସ୍ତ କରାଯାଇଥିଲା। ଏହି କ୍ରମରେ ୭୦୦ରୁ ଊର୍ଦ୍ଧ୍ୱ ଲୋକ ଚନ୍ଦ୍ରଗ୍ରହଣ ଦେଖିଥିଲେ। ସେହିପରି ପରବର୍ତ୍ତୀ ସୂର୍ଯ୍ୟୋପରାଗ (ଆଂଶିକ) ୨୦୨୭ ଅଗଷ୍ଟ ୨ରେ ସଂଘଟିତ ହେବ।

# ଭିମ୍‌ସାରରେ ନକଲି ନିଯୁକ୍ତିପତ୍ର

**ସମ୍ବଲପୁର, ୮।୧୧(ବ୍ୟୁରୋ)**

ସମ୍ବଲପୁରର ବୁର୍ଲାସ୍ଥିତ ଭିମ୍‌ସାରରେ ୪ଜଣ ଯୁବତୀଯୁବକଙ୍କୁ ଆଟେଣ୍ଡାଣ୍ଟ ପଦରେ ନିଯୁକ୍ତି ଦିଆଯାଇଛି। ଏଥିରେ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କ ସ୍ୱାକ୍ଷର ସହ ଓଡ଼ିଶା ସରକାରଙ୍କ ଲୋଗୋ ରହିଛି। ନିଯୁକ୍ତି ପାଇଥିବା ଜଣେ ଯୁବକ ଭିମ୍‌ସାର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବା ପରେ ଏହା ନକଲି ବୋଲି ଜାଣିବାକୁ ପାଇଥିଲେ। ଏହି ପତ୍ର ଏବେ ସାମାଜିକ ଗଣ ମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଚାକିରି ଦେବାକୁ କହି ଟଙ୍କା ଅସୁଲି କରୁଥିବା ଏକ ଠକ ଗୋଷ୍ଠୀ ଏଥିରେ ସମ୍ପୃକ୍ତ ଥିବା କୁହାଯାଉଛି। ଏହାଦ୍ୱାରା ଭିମ୍‌ସାରର ଛବି ଖରାପ ହେଉଛି। ଅନେକ ବେକାର ଯୁବତୀଯୁବକ ଚାକିରି ପାଇବା ଆଶାରେ ଠକେଇର ଶିକାର ହେଉଛନ୍ତି। ତେଣୁ ପ୍ରଶାସନ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

ଭାଇରାଲ ହୋଇଥିବା ଚିଠିରେ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାର ପକ୍ଷରୁ ଚିଠି କରାଯାଇଛି। ନିଯୁକ୍ତିପତ୍ରରେ ବୀରକିଶୋର ପରିଡା, ବର୍ଷାରାଣୀ ବିଭାର, ସ୍ନେହା ଡାଙ୍ଗୁଆ, ସୁଶୀଲ ଗୌଣ୍ଡଙ୍କ ନାମ ଉଲ୍ଲେଖ ରହିଛି। ଠିକଣା ନ ଥିବାରୁ ଉକ୍ତ ଯୁବତୀଯୁବକଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ। ହେଲେ ବୁର୍ଲାରେ ଏକ ର୍ୟାକେଟ କାମ କରୁଛି। ସେମାନେ ସ୍ଥାନୀୟ ତଥା ଜିଲାର ବିଭିନ୍ନ ସ୍ଥାନରୁ ଯୁବତୀଯୁବକଙ୍କୁ ଚାକିରି କରାଇଦେବା ନାମରେ ଟଙ୍କା ଲୁଟୁଛନ୍ତି। ଏହି ଘଟଣାରେ ସେମାନେ ଜଣ ପିଛା ୪୦ ହଜାର ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ବିଶ୍ୱାସ ଜିଣିବା ପାଇଁ ଉକ୍ତ ଚିଠିରେ ଭିମ୍‌ସାର ନିର୍ଦ୍ଦେଶକ, ଅଧ୍ୟକ୍ଷ, ଅଧୀକ୍ଷକ, ଡିନ୍‌ଙ୍କ ପାଖକୁ ପତ୍ର ଦିଆଯାଇଥିବା ଉଲ୍ଲେଖ ରହିଛି। ଏ ସମ୍ପର୍କରେ ଭିମ୍‌ସାର ଅଧୀକ୍ଷକ ପ୍ରଫେସର ଲାଲମୋହନ ନାଏକ କହିଛନ୍ତି, କିଛିଦିନ ପୂର୍ବରୁ ମୋ ପାଖକୁ ଏଭଳି ଖବର ଆସିଥିଲା। ହେଲେ କେହି ଅଭିଯୋଗ କରି ନାହାନ୍ତି। ଏବେ କୌଣସି ଚାକିରି ଦିଆଯାଉ ନାହିଁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ ପାଖକୁ କୌଣସି ଚିଠି ଆସି ନାହିଁ। ଏହା ଏକ ଠକ ଗ୍ରୁପ୍‌ର କାମ। ଚାକିରି ଦେବା ନାମରେ ଠକେଇ କରୁଛନ୍ତି। ଭିମ୍‌ସାରରେ ଆଉଟସୋର୍ସିଂ ମାଧ୍ୟମରେ କେତେକ ନିଯୁକ୍ତି ଦିଆଯାଇଥିଲା। ତାହା ମଧ୍ୟ ଏବେ ବନ୍ଦ ଅଛି। ନିଯୁକ୍ତି ଦେବା ପାଇଁ ଭିମ୍‌ସାରର ସ୍ୱତନ୍ତ୍ର କ୍ଷମତା ରହିଛି। ହେଲେ କୌଣସି ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇ ନାହିଁ, ନିଯୁକ୍ତି କେମିତି ହେବ। ତେଣୁ ଯୁବତୀଯୁବକ ଓ ଅଭିଭାବକଙ୍କୁ ଅନୁରୋଧ, ଏଭଳି ପ୍ରଲୋଭନରେ କେହି ପଡନ୍ତୁ ନାହିଁ। ସ୍ୱତନ୍ତ୍ର ନୀତିନିୟମ ଓ ପ୍ରକ୍ରିୟାରେ ନିଯୁକ୍ତି ହୋଇଥାଏ। ସରକାର କିମ୍ବା ଭିମ୍‌ସାର ପକ୍ଷରୁ ପ୍ରକାଶ ପାଉଥିବା ବିଜ୍ଞାପନ ଉପରେ କେବଳ ଭରସା କରନ୍ତୁ ବୋଲି ଅଧୀକ୍ଷକ ନାଏକ କହିଥିଲେ।



Family & Health Department Govt. of Odisha

This is to inform that those person's are eligible for posting under you for attendant.

So you appoint those person as well as possible.

1- Birakishor parida
2- Barsa rani bibhar
3- Sneha dangua
4- Sushil gond

This is forwarded to director vimsar, superintendent vimsar, deen & principal vimsar.

Health Secretary
Govt. of Odisha
Bhubaneswar

ଭିମ୍‌ସାରରେ ନିଯୁକ୍ତି ଦିଆଯାଇଥିବା ସ୍ୱାସ୍ଥ୍ୟ ବିଭାଗର ନକଲି ପତ୍ର।

# ରାଜଧାନୀରେ ଡ୍ରାଇଭରଙ୍କ ଦଣ୍ଡବତ ଯାତ୍ରା

**ଲୋୟର ପିଏମ୍‌ଜିରେ ଧାରଣା ଦେଲା ମହାସଂଘ**

- ନବୀନ ନିବାସ ଯିବା ବେଳେ ଅଟକାଇଲା ପୋଲିସ
- ୯ ଦଫା ଦାବିରେ ନାରାବାଜି, ଆଜି ମନ୍ତ୍ରୀଙ୍କ ସହ ପୁଣି ଆଲୋଚନା

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

୯ ଦଫା ଦାବି ନେଇ ଏକାଧିକ ଥର ଆନ୍ଦୋଳନ ପରେ ପ୍ରତିଶ୍ରୁତି ପୂରଣ କରା ନ ଯିବାରୁ ଶେଷରେ ରାଜ୍ୟ ଡ୍ରାଇଭର ମହାସଂଘ ଆନ୍ଦୋଳନକୁ ଓହ୍ଲାଇଛି। ମହାସଂଘ ପକ୍ଷରୁ ମଙ୍ଗଳବାର ଦଣ୍ଡବତ ଯାତ୍ରା କରାଯିବା ସହ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି।

ଡ୍ରାଇଭର ମହାସଂଘର କର୍ମକର୍ତ୍ତାମାନେ ଗତ ଅକ୍ଟୋବର ୧୮ରେ ସମ୍ବଲପୁରର ଆରାଧ୍ୟା ଠାକୁରାଣୀ ମା’ ସମଲେଶ୍ୱରୀଙ୍କୁ ଦଣ୍ଡବତ କରି ଯାତ୍ରା ଆରମ୍ଭ କରିଥିଲେ। ସେମାନେ ଦଣ୍ଡବତ ଯାତ୍ରା କରି ନବୀନ ନିବାସ ଅଭିମୁଖେ ଆସୁଥିବାବେଳେ ଏଥିରେ ବିଭିନ୍ନ ଜିଲାର ଡ୍ରାଇଭର ସଂଘର ସଦସ୍ୟମାନେ ସାମିଲ ହୋଇଥିଲେ। ମଙ୍ଗଳବାର ପୂର୍ବାହ୍ନରେ ଭୁବନେଶ୍ୱର ପଳାଶୁଣୀଠାରେ ବିଭିନ୍ନ ସ୍ଥାନରୁ ୫୦୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ଏକାଠି ହୋଇ ନବୀନ ନିବାସ ଅଭିମୁଖେ ଦଣ୍ଡବତ ଯାତ୍ରା ଆରମ୍ଭ କରିଥିଲେ। ସେମାନଙ୍କର ଦାବିଗୁଡ଼ିକ ହେଲା ଦୁର୍ଘଟଣାରେ ଜୀବନ ଗଲେ ୨୦ ଲକ୍ଷ ଟଙ୍କାର ବୀମା ରାଶି ଦେବା, ଅକର୍ମଣ୍ୟଙ୍କୁ ୧୦ ଲକ୍ଷ ଓ ଚିକିତ୍ସା ପାଇଁ ୫ ଲକ୍ଷ ଟଙ୍କା ଦେବା, ୫୫ ବର୍ଷ ପରେ ପେନ୍‌ସନ, ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା। ସେହିପରି ୧୦୦ କି.ମି ବ୍ୟବଧାନରେ ପାର୍କିଂ ଓ ବିଶ୍ରାମସ୍ଥଳ ସହ ଶୌଚାଳୟ ନିର୍ମାଣ, ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ୫ ଲକ୍ଷ, ପିଲାଙ୍କ ଲାଗି ଉଚ୍ଚଶିକ୍ଷା ବ୍ୟବସ୍ଥା, ଡ୍ରାଇଭରଙ୍କୁ ଦ୍ୱିତୀୟ ସୈନିକ ମାନ୍ୟତା। ରାସ୍ତାରେ ପ୍ରଶାସନ ପକ୍ଷରୁ ଡ୍ରାଇଭରଙ୍କୁ ହଇରାଣ ନ କରାଯିବା ପ୍ରଭୃତି ଦାବି ରହିଛି। ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ କିଛି ସ୍ଥାନରେ ଟ୍ରାଫିକ ଜାମ୍ ହୋଇଥିଲା। ସେମାନେ ଅପରାହ୍ନ ୨ଟା ବେଳେ ମାଷ୍ଟରକ୍ୟାଣ୍ଟିନ୍‌ଠାରୁ ନବୀନ ନିବାସ ଅଭିମୁଖେ ଯିବାବେଳେ ପୋଲିସ ଅଟକାଇଥିଲା। ତେଣୁ ମହାସଂଘର କର୍ମକର୍ତ୍ତାମାନେ ଲୋୟର ପିଏମ୍‌ଜିରେ ଧାରଣାରେ ବସି ନାରାବାଜି ଦେଇଥିଲେ। ମହାସଂଘର ସଭାପତି ପ୍ରଶାନ୍ତ ମେଣ୍ଡୋଲି କହିଛନ୍ତି, ୮ଜଣ କର୍ମକର୍ତ୍ତା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ଭେଟିଥିଲେ ମଧ୍ୟ ଆଲୋଚନା ଅସମ୍ପୂର୍ଣ୍ଣ ରହିଛି। ବୁଧବାର ସମ୍ପୂର୍ଣ୍ଣ ଆଲୋଚନା ହେବ। ସୂଚନାଯୋଗ୍ୟ, ଏପ୍ରିଲ ୧୮ରେ ମହାସଂଘର ୫୦ ହଜାର ସଦସ୍ୟ ରାଜଧାନୀରେ ଆନ୍ଦୋଳନ କରିଥିଲେ। ଫଳରେ ଟ୍ରାଫିକ ଜାମ୍ ହେବା ସହ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ଆନ୍ଦୋଳନ ନେଇ ଗୋଇନ୍ଦା ଫେଲ୍ ହୋଇଥିବାରୁ କମିଶନରେଟ ପୋଲିସକୁ ଦୃଢ଼ ସମାଲୋଚନା କରାଯାଇଥିଲା।



ଡ୍ରାଇଭରମାନେ ଦଣ୍ଡବତ ଯାତ୍ରା କରି ଲୋୟର ପିଏମ୍‌ଜି ଅଭିମୁଖେ ଯାଉଛନ୍ତି।







# ମହାପ୍ରଭୁଙ୍କ ରାଜରାଜେଶ୍ୱର ବେଶ

**ପୁରୀ ଅଫିସ,୮।୧୧**

କାର୍ତ୍ତିକ ପୂର୍ଣ୍ଣିମା ବା ପଞ୍ଚକ ଶେଷ ଦିବସରେ ଶ୍ରୀମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁସାରେ ରତ୍ନସିଂହାସନ ଉପରେ ବିରାଜିତ ଶ୍ରୀବିଗ୍ରହଙ୍କର ରାଜରାଜେଶ୍ୱର ବେଶ ବା ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣିମାରେ ଚନ୍ଦ୍ର ଗ୍ରହଣ ପଡୁଥିବାରୁ ମହାପ୍ରଭୁଙ୍କ ବେଶ ଓ ନୀତି ଚଞ୍ଚଳ ହୋଇଥିଲା। ରାତି ୧୨ଟା ୧୫ ମିନିଟରେ ଦ୍ୱାର ଖୋଲାଯାଇ ମହାପ୍ରଭୁଙ୍କ ନୀତି ଆରମ୍ଭ କରାଯାଇଥିଲା। ବିଭିନ୍ନ ନୀତି ହୋଇ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଅବକାଶ ନୀତି ରାତି ୧ଟା ୫୦ରେ ସମ୍ପନ୍ନ ହେବା ପରେ ପୁଷ୍ପାଳକ ସେବକମାନେ ବିଭିନ୍ନ ରତ୍ନ ଅଳଙ୍କାର ଓ ପାଟବସ୍ତ୍ରରେ ଶ୍ରୀଜୀଉମାନଙ୍କୁ ରାଜବେଶରେ ସୁସଜ୍ଜିତ କରିଥିଲେ। ଏହି ବେଶରେ ଠାକୁରମାନେ ଶ୍ରୀଭୁଜ, କିରୀଟ, ଶ୍ରୀପୟର, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ, କୁଣ୍ଡଳ, ଚିତା, ଚନ୍ଦ୍ରିକା, ଶଙ୍ଖ, ଚକ୍ର, ହଳ, ମୂଷଳ, ତ୍ରିଶାଖା, ଅଳକା, ତଡ଼ଗି, ଶ୍ରୀମୁଖ ପଦ୍ମ, ଘାଗଡ଼ା ମାଳି, କଦମ୍ବ ମାଳି, ହରିଡ଼ା କଦମ୍ବ ମାଳି, ବାହାଡ଼ା ମାଳି, ତାବିଜ ମାଳି, ଆଡକାନି, ବାଘନଖି ମାଳି ଓ ସେବତୀ ମାଳି ଆଦି ବିଭିନ୍ନ ରତ୍ନ ଅଳଙ୍କାର ଧାରଣ କରିଥିଲେ। ରାତି ପ୍ରାୟ ୨ଟା ୫୦ ମିନିଟ୍‌ରେ ଶ୍ରୀବିଗ୍ରହଙ୍କ ରାଜାଧିରାଜ ବେଶ ସମ୍ପନ୍ନ ହୋଇଥିଲା। ଏହି ବେଶରେ ଗୋପାଳ ବଲ୍ଲଭ, ସକାଳଧୂପ ଓ ବାଳଧୂପ, ଭୋଗମଣ୍ଡପ ଆଦି ନୀତି ସମ୍ପନ୍ନ ହୋଇଥିଲା।

ଅତୀତରେ ଓଡ଼ିଶାର ବହୁ ରାଜା, ଜମିଦାର ଓ ସାମନ୍ତ ବର୍ଗ ଶ୍ରୀମନ୍ଦିରକୁ ଆଗମନ ପୂର୍ବକ ଦାରୁବ୍ରହ୍ମ ରୂପୀ ଶ୍ରୀବିଗ୍ରହମାନଙ୍କର ଏହି ରାଜ ବେଶ ଦର୍ଶନରେ ସନ୍ତୋଷ ଲାଭ କରିବା ସହ ଠାକୁରଙ୍କ ଉଦ୍ଦେଶ୍ୟରେ ନାନା ରତ୍ନ ଅଳଙ୍କାର ଦାନ କରୁଥିଲେ। ଅନ୍ୟପଟେ ଗତ ଦୁଇବର୍ଷ କରୋନା କଟକଣା ପାଇଁ ମହାପ୍ରଭୁଙ୍କ ସୁନାବେଶ ଦର୍ଶନରୁ ଭକ୍ତ ବଞ୍ଚିତ ହୋଇଥିବା ବେଳେ ଚଳିତବର୍ଷ ମଧ୍ୟ ଚନ୍ଦ୍ରଗ୍ରହଣ କାରଣରୁ ଭକ୍ତମାନେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନରୁ ବଞ୍ଚିତ ହେବା ନେଇ ଆଶଙ୍କା ଦେଖାଦେଇଥିଲା। ମାତ୍ର ମହାପ୍ରଭୁଙ୍କ କରୁଣାରୁ ନୀତିକାନ୍ତି ଶୀଘ୍ର ହୋଇଯାଇଥିବାରୁ ମଙ୍ଗଳବାର ସକାଳ ୬ଟାରୁ ଆରମ୍ଭ କରି ଚନ୍ଦ୍ରଗ୍ରହଣ ଲାଗିବା ପୂର୍ବ ସମୟ ପର୍ଯ୍ୟନ୍ତ(ଅପରାହ୍ନ ୨ଟା ଯାଏ) ଭକ୍ତମାନେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରି ଖୁସି ହୋଇଥିଲେ। ମହାପ୍ରଭୁଙ୍କୁ ଭୋଗମଣ୍ଡପ ପରେ ସୁନାବେଶ ଓଲାଗି ହେବା କଥା, ମାତ୍ର ଚନ୍ଦ୍ର ଗ୍ରହଣ ପାଇଁ ମହାପ୍ରଭୁଙ୍କ ଭୋଗମଣ୍ଡପ ପରେ ନୀତି ସ୍ଥଗିତ ରଖାଯାଇଥିଲା। ତେଣୁ ମହାପ୍ରଭୁଙ୍କ ସୁନାବେଶକୁ ଓଲାଗି କରାଯାଇ ନ ଥିଲା। ଫଳରେ ଭକ୍ତମାନେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିଥିଲେ।

**ଦୁଇବର୍ଷ ପରେ ଦର୍ଶନ କଲେ ଭକ୍ତ**



## ପତିତପାବନଙ୍କୁ କରାଗଲା ପ୍ରତୀକାତ୍ମକ ସୁନାବେଶ



କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିର ରତ୍ନସିଂହାସନ ରଢ ଦାରୁବିଗ୍ରହଙ୍କ ସୁନାବେଶ ବା ରାଜାଧିରାଜ ବେଶ କେଉଁ ଆବହମାନ କାଳରୁ ଚାଲିଆସିଥିବା ବେଳେ ଚଳିତବର୍ଷ ଦ୍ୱିତୀୟଥର ପାଇଁ ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରେ ଥିବା ପତିତପାବନଙ୍କୁ ସୁନାବେଶ କରାଯାଇଛି। ପୂଜାପଣ୍ଡା ନିଯୋଗର ନିଜସ୍ୱ ଉଦ୍ୟମରେ ପତିତପାବନଙ୍କ ସୁନାବେଶ କରାଯାଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିର ପୂଜାପଣ୍ଡା ନିଯୋଗର ଠାକୁର ହେଉଛନ୍ତି ପତିତପାବନ। ପତିତପାବନଙ୍କୁ ସୁନେଲି ରଙ୍ଗର ସୋଲ, ଜରି, ଜମ୍ଭୁରା ଆଦି ସାମଗ୍ରୀରେ ଏହି ବେଶ ପ୍ରସ୍ତୁତ ହୋଇଥିବା ବେଳେ ଚିତା ସୁନାରେ ପ୍ରସ୍ତୁତ କରାଯାଇ ଠାକୁରଙ୍କୁ ଲଗାଯାଇଥିଲା। ସୂଚନାଯୋଗ୍ୟ, ରଥଯାତ୍ରା ହରିଶୟନ ଏକାଦଶୀ ତିଥିରେ ପୂଜାପଣ୍ଡା ନିଯୋଗ ପକ୍ଷରୁ ପତିତପାବନଙ୍କୁ ପ୍ରଥମଥର ପାଇଁ ସୁନାବେଶ କରାଯାଇଥିଲା। ଚଳିତବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ଦ୍ୱିତୀୟଥର ପାଇଁ ପତିତପାବନଙ୍କୁ ସୁନାବେଶ କରାଯାଇଛି। ପୂଜାପଣ୍ଡା ନିଯୋଗ ପକ୍ଷରୁ ଭକ୍ତଙ୍କ ଦର୍ଶନ ପାଇଁ ପତିତପାବନଙ୍କୁ ସୁନାବେଶ କରାଯାଇଥିଲା।




| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍ |
| ଆନେମିଆ | ହେମୋପ୍ଲସ୍, ନବାୟସ ଲୌହ |
| ବୟସ ପ୍ରତିରୋଧୀ | କେସରୀ କଳ୍ପ (ରୟାଲ୍ ଚ୍ୟବନପ୍ରାସ) |
| ଆର୍ଥରାଇଟିସ୍, ଗାଉଟ୍, ରୁମେଟିକ୍ ଯନ୍ତ୍ରଣା | ଆର୍ଥ ପ୍ଲସ୍, ଆର୍ଥ ଅଏଲ୍, ରୁମାର୍ଥୋ ଗୋଲ୍ଡ |
| ପେଟ ଯନ୍ତ୍ରଣା ଓ ପାଚନ ସମସ୍ୟା | ଚିତ୍ରକାଦି ଟ୍ୟାବ୍, ଇସାବେଲ୍-ଏଚ୍ |
| ବୃଦ୍ଧିପ୍ରାପ୍ତ ପୌରୁଷ ଗ୍ରନ୍ଥି | ପ୍ରୋସଗାର୍ଡ଼, ପ୍ରୋଷ୍ଟେଡ୍ |
| ଗ୍ୟାସ, ପେଟ ଫାମ୍ପିବା | ଗ୍ୟାସାନ୍ତକ ବଟି |
| ହୃତପିଣ୍ଡର ସମସ୍ୟା | ଗୁଡ୍ ହାର୍ଟ, କୋଲେଷ୍ଟ ଗାର୍ଡ଼ |
| ବଦହଜମି | ଏକ୍ସାଜେଷ୍ଟେ |
| କିଡ୍‌ନୀ ଏବଂ ଗଲ୍ ଷ୍ଟୋନ୍ | ପଥରୀନା |
| ଲ୍ୟୁକେରିଆ | ଲ୍ୟୁକୋନିଲ୍ |
| ଯକୃତ ସମସ୍ୟା | ଲିଭ୍ ଗୁଡ୍, ଲିବରୋଲ୍ ଷ୍ଟ୍ରଙ୍ଗ |
| ଅନିୟମିତ ଋତୁସ୍ରାବ | ସୁନ୍ଦରୀ ସଖୀ, ବୈଦ୍ୟନାଥ ଅଶୋକାରିଷ୍ଟ |
| ମୂତ୍ରରୋଗ | ଚନ୍ଦ୍ରପ୍ରଭା ଟ୍ୟାବ୍, ଗୋକ୍ଷୁରାଦି ଗୁଗ୍‌ଗୁଲୁ ଟ୍ୟାବ୍ |
| ଯୌନ ଦୁର୍ବଳତା | ଭିଟା ଏକ୍ସ ଗୋଲ୍ଡ, ମୁସଲି ଏକ୍ସ, ମୁସଲି ପାକ |

ଡାକ୍ତରଙ୍କ ପରାମର୍ଶ ପାଇଁ କଲ୍ କରନ୍ତୁ
JAIPUR: 9439088809 BERHAMPUR: 9861540324 CUTTACK: 9439486929 BHUBANESWAR: 8249945802 PURI: 9861068109 DHENKANAL: 8249703170 ANGUL: 9937734509 BALASORE: 9438725025 BARIPADA: 9437350156 KENDUJHAR: 6370698870 BHADRAK: 7978313169 ROURKELA: 7008870227 SAMBALPUR: 8763343900 / 9437681346 BOLANGIR: 7008384344 KUCHINDA: 7978655905

**ଆଜିର ମନ୍ତବ୍ୟ**
"କରୋନା ମହାମାରୀ ଯୋଗୁ ବିଶ୍ୱ ଅର୍ଥନୀତି ଶୋଚନୀୟ ହୋଇପଡ଼ିଥିଲା। ୟୁକ୍ରେନ୍ ଯୁଦ୍ଧ କିନ୍ତୁ ମହାମାରୀ ସ୍ଥିତିଠାରୁ ବଳିପଡ଼ିଛି, ଯାହାର ସମାଧାନ କେବଳ ଦ୍ୱିପାକ୍ଷିକ ଆଲୋଚନା ଦ୍ୱାରା ହିଁ ସମ୍ଭବ।
– ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ............................


ପିହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟିକର ଭୂଇଁ ଚାଷ**
**ଟୋକାଙ୍କ ସଙ୍ଗେ ପରିହାସ**
**ସଖୀ ମନ୍ଦ ଏ ।**

ବୟସ ବଢ଼ିବା ସହ ଯୁବତୀଙ୍କ ଠାରେ ସଣ୍ଣା ରଖିବା ଶୋଭନୀୟ ହୋଇଥାଏ । ଲଜ୍ଜ୍ୟାଶୀଳା ଗୁଣ ନାରୀର ଶ୍ରେଷ୍ଠ ଅଳଙ୍କାର ହୋଇଥିବାବେଳେ ତରୁଣୀ ବା ଯୁବତୀ କୌଣସି ପରପୁରୁଷ ସଙ୍ଗେ ହାସ୍ୟ ପରିହାସରେ ମାତିବା ଉଚିତ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟେଳି ଟେଳି ମୁଣ୍ଡି ମୁଣ୍ଡି ପାଟିକି ପକା**
**ଆକଟ ବେଳକୁ ମୋର ନାନୀକି ଡକା।**

ବ୍ୟକ୍ତି ଯେତେବେଳେ ସୁଖ ସ୍ୱାଚ୍ଛନ୍ଦ୍ୟରେ ଚଳୁଥାଏ ସେତେବେଳେ ସେ ଚିନ୍ତାଶୂନ୍ୟ ହୋଇପଡ଼ିଥାଏ । ମନ ଆକାଶରେ ଉଡ଼ିବୁଲିବା ସହ କାହାରିକୁ ପାଖ ମଡାଇ ଦେଇ ନ ଥାଏ । କିନ୍ତୁ ଯେତେବେଳେ ବିପଦର ସମ୍ମୁଖୀନ ହୁଏ,ସେତେବେଳେ ତା'ମନ ଘର ଧରିବା ସହ ବ୍ୟଥିତ ହୋଇ ପଡିଥାଏ । ଏପରିସ୍ଥଳେ ସେ ନିଜ ଆତ୍ମୀୟଙ୍କ ସହାୟତା ଲୋଡ଼ିବା ଛଡ଼ା ଆଉ କିଛି ଚାରା ପାଇ ନ ଥାଏ । ସୁଖ ବେଳେ ସୁଖ ଭୋଗି ବିପଦ ବେଳକୁ ନିଜ ଆତ୍ମୀୟଙ୍କ କଥା ମନେପଡ଼ିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ବିଦାୟୀ ସିଜେଆଇଙ୍କ ପ୍ରଶଂସା

ନୂଆଦିଲ୍ଲୀ,୮।୧୧

ଭାରତର ୪୯ତମ ପ୍ରଧାନ ବିଚାରପତି (ସିଜେଆଇ) ୟୁ.ୟୁ. ଲଳିତ ମଙ୍ଗଳବାର ଅବସର ଗ୍ରହଣ କରିଛନ୍ତି। ଏହିଅବସରରେ ଗଣମାଧ୍ୟମ ସହ ଏକ ଅଣଆନୁଷ୍ଠାନିକ ଆଲୋଚନା ବେଳେ ସେ କୋଭିଡ୍ ମହାମାରୀ ସମୟରେ ଗ୍ରହଣ କରାଯାଇଥିବା ଡିଜିଟାଲ ସିଷ୍ଟମ୍‌ର ଅଭିଜ୍ଞତା ସମ୍ପର୍କରେ କହିଥିଲେ। ଓଡ଼ିଶାରେ ଇ-କୋର୍ଟ ଉପକ୍ରମ ଲାଗି ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କୁ ସିଜେଆଇ ପ୍ରଶଂସା କରିଛନ୍ତି। ଭର୍ଚୁଆଲ କୋର୍ଟ ବ୍ୟବସ୍ଥାରେ ବିଚାରପତିମାନେ ସମ୍ମୁଖୀନ ହୋଇଥିବା ଚ୍ୟାଲେଞ୍ଜ ସମ୍ପର୍କରେ ପ୍ରଶ୍ନ ହେବାରୁ ଜଷ୍ଟିସ ଲଳିତ କହିଥିଲେ, ସବୁ ବିଚାରପତି କାଗଜକଲମ ଯୁଗର ହୋଇଥିବାରୁ ସେମାନଙ୍କ ପାଇଁ ଏହା କଷ୍ଟକର ଥିଲା। ଭର୍ଚୁଆଲ ଶୁଣାଣି ପାଇଁ ସେମାନେ ପ୍ରଯୁକ୍ତି ଶିକ୍ଷା ଗ୍ରହଣ କରିଥିଲେ। ଗତ ସେପ୍ଟେମ୍ବରରେ ଜଷ୍ଟିସ୍ ଲଳିତ ଓଡ଼ିଶାର ୩୦ ଜିଲାରେ ୩୪ଟି କାଗଜବିହୀନ କୋର୍ଟ ଉଦ୍‌ଘାଟନ କରିଥିଲେ। ଅବସର ସମୟରେ ସେ ଚିତ୍ରାଙ୍କନ, ମୂର୍ତ୍ତିନିର୍ମାଣ କରିବା ସହ ଭ୍ରମଣ କରିବାକୁ ଯୋଜନା ରଖିଥିବା କହିଛନ୍ତି।

## ହେତୁବାଦୀ, ପରମ୍ପରାବାଦୀ...

ପ୍ରଥମ ପୃଷ୍ଠାରୁ...

କରିଥିଲୁ। ଭାଜପାର କେତେକ କୁଚକ୍ରୀ ଅସାମାଜିକ ଗୋଷ୍ଠୀ ସଭାସ୍ଥଳକୁ ଆସି ପରମ୍ପରା ନାମରେ ଗୁଣ୍ଡାଗିରି ଦେଖାଇଛନ୍ତି। ସଭାପାଇଁ ପଡ଼ିଥିବା ଟେଣ୍ଟ ଭଙ୍ଗାରୁଜା କରିବା ସହ ଆମ ଉପରକୁ ପଥର ଓ ଗୋବର ମାଡ଼ କରିଛନ୍ତି, ଯାହାକି ଗଣତନ୍ତ୍ର ରାଷ୍ଟ୍ରରେ ଏକ ନିନ୍ଦନୀୟ ଘଟଣା। ସେମାନଙ୍କର ଏଭଳି ବ୍ୟବହାରକୁ ଆମେ ଦୃଢ଼ ନିନ୍ଦା କରୁଛୁ। ସେହିପରି ହେତୁବାଦୀ ସଂଗଠନର ସଭ୍ୟ ମଧୁସୂଦନ ସେଠୀ ଏନେଇ ବଡ଼ବଜାର ଥାନାରେ ଏତଲା ଦେଇଥିବା ସେ କହିଛନ୍ତି। ରାଜ୍ୟ ଲୋକଶକ୍ତି ଅଭିଯାନ ସଭାପତି ପ୍ରଫୁଲ୍ଲ ସାମନ୍ତରା କହିଛନ୍ତି, ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟୋପରାଗକୁ ନେଇ ପରମ୍ପରାବାଦୀ ଜନସାଧାରଣଙ୍କୁ ଅନ୍ଧବିଶ୍ୱାସରେ ରଖିଛନ୍ତି। ଜନସାଧାରଣଙ୍କ ମନରୁ ଏହାକୁ ଦୂରେଇବା ପାଇଁ ହେତୁବାଦୀ ସଂଗଠନ ସଚେତନ କରୁଛି। ଏହି ଅବସରରେ ଆମେ ଖାଦ୍ୟ ଗ୍ରହଣ କରୁଛୁ ଏବଂ ଏହାକୁ ପ୍ରମାଣିତ କରିବା ପାଇଁ ଜନସାଧାରଣ ମଧ ଖାଦ୍ୟ ଗ୍ରହଣ କରନ୍ତୁ ବୋଲି କହୁଛୁ। ସମାଜରୁ ଅନ୍ଧବିଶ୍ୱାସ ଓ ଧର୍ମାନ୍ଧତାରୁ ଜନସାଧାରଣଙ୍କୁ ମୁକ୍ତ କରିବା ପାଇଁ ହେତୁବାଦୀ ଏକ ଜନଜାଗରଣ ଅଭିଯାନ ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି। ଏହା ବିଜ୍ଞାନ ସମ୍ମତ। ଗଣତନ୍ତ୍ର ରାଷ୍ଟ୍ରରେ ପ୍ରତ୍ୟେକ ଲୋକଙ୍କ ମୌଳିକ ଅଧିକାର ରହିଛି। ଯେଉଁ ସଂଗଠନଗୁଡ଼ିକ ଆଜି ଯେଉଁଭଳି ଭାବେ ଆଇନକୁ ହାତକୁ ନେଇ ହେତୁବାଦୀ ସଦସ୍ୟଙ୍କୁ ଆକ୍ରମଣ କରିବା ସହ ହିଂସାତ୍ମକ ପଦକ୍ଷେପ ନେଇଛନ୍ତି ତାହାର ଦୃଢ଼ ନିନ୍ଦା କରୁଥିବା ସେ କହିଛନ୍ତି।

ଗଞ୍ଜାମ ଜିଲା ସାଧୁସନ୍ଥ ସମାଜ ସଦସ୍ୟ ଚିନ୍ମୟାନନ୍ଦ ମହାରାଜ କହିଛନ୍ତି, ହେତୁବାଦୀ ସଂଗଠନ ଚନ୍ଦ୍ର ଗ୍ରହଣ ଦିନ ଯେଉଁ ସାମୂହିକ ଭୋଜନ ବ୍ୟବସ୍ଥା କରିଥିଲେ ତାହା ହିନ୍ଦୁ ବିରୋଧୀ। ଏଣୁ ଆମେ ତାକୁ ବିରୋଧ କରୁଛୁ। ହିନ୍ଦୁମାନେ ସନାତନ ଧର୍ମୀ ଅଟନ୍ତି। ଜଗନ୍ନାଥ ସଂସ୍କୃତି ଆଧାରରେ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟୋପରାଗ ପାଳନ ପାଇଁ ଯେଉଁସବୁ ନିୟମ ରହିଛି, ତାହାକୁ ଆମେ ସମସ୍ତେ ପାଳନ କରୁଛୁ। ଏହାକୁ ହେତୁବାଦୀ ସଂଗଠନ ଚକ୍ରାନ୍ତ କରି ହିନ୍ଦୁ ସଂସ୍କୃତିକୁ ବିକୃତି କରିବା ସହ ପରମ୍ପରାକୁ ଯେଉଁଭଳି ଧ୍ୱଂସ ପାଇଁ ପ୍ରୟାସ କରୁଛନ୍ତି ତାହାକୁ ଆମେ ବିରୋଧ କରୁଛୁ ବୋଲି ସେ କହିଛନ୍ତି। ହେତୁବାଦୀମାନେ ହିନ୍ଦୁ ନୁହନ୍ତି, ସେମାନେ ଏଭଳି ଧର୍ମ ବିରୋଧରେ ଚକ୍ରାନ୍ତ କରୁଛନ୍ତି, ଯାହାକୁ ହିନ୍ଦୁ ସମାଜ ବିରୋଧ କରୁଛି। ଯଦି ଆଗାମୀ ଦିନରେ ସେମାନେ ଏଭଳି କାର୍ଯ୍ୟକ୍ରମ ସାଧାରଣରେ କରିବେ ତେବେ ମାଡ଼ ଖାଇବେ ବୋଲି ସେ ଚେତାବନୀ ଦେଇଛନ୍ତି। ସେଠାରେ ହେତୁବାଦୀମାନେ ଏଭଳି କାର୍ଯ୍ୟକ୍ରମ କରିଥିବାରୁ ତାଙ୍କ ଉପରକୁ ଗୋବର ପକାଇ ତାଙ୍କୁ ପବିତ୍ର କରାଯାଇଛି ବୋଲି ସେ କହିଛନ୍ତି।

ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ଅସୀମ ପଣ୍ଡା କହିଛନ୍ତି, ବଡ଼ବଜାର ଥାନା ଅନ୍ତର୍ଗତ ହନୁମାନ ବଜାର ଛକରେ ଗୋଟିଏ ଗୋଷ୍ଠୀ ଚନ୍ଦ୍ରଗ୍ରହଣ ସମୟରେ ସାମୂହିକ ଭୋଜନ ବ୍ୟବସ୍ଥା କରିଥିଲେ। ସେହି ସମୟରେ ଅନ୍ୟ ଏକ ଗୋଷ୍ଠୀର ଲୋକମାନେ ଏହାର ପ୍ରତିବାଦ କରିଥିଲେ। ରାସ୍ତା ଉପରେ ଉଭୟ ଗୋଷ୍ଠୀ ଗଣ୍ଡଗୋଳ କରିବା ସହ ସେଠାରେ ଉତ୍ତେଜନା ସୃଷ୍ଟି କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୋଲିସ ସେମାନଙ୍କୁ ଘଉଡ଼ାଇଥିଲା ବୋଲି ପଣ୍ଡା କହିଛନ୍ତି। ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ପୃଥକ୍ ପୃଥକ୍ ଭାବେ ଅଭିଯୋଗ ହୋଇଥିବା ବଡ଼ବଜାର ଥାନାଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି।

## ଗୋଇନ୍ଦା ଫେଲ୍...

ହେତୁବାଦୀମାନଙ୍କୁ ଆକ୍ରମଣ ଧମକ ମଧ୍ୟ ମିଳିଛି। ଏଥିରୁ ମଙ୍ଗଳବାର ଚନ୍ଦ୍ରଗ୍ରହଣ ସମୟରେ ଯଦି ହେତୁବାଦୀମାନେ ପୁଣି ସାମୂହିକ ଭୋଜନ ବ୍ୟବସ୍ଥା କରନ୍ତି, ତାହାହେଲେ ଗଣ୍ଡଗୋଳ ଉପୁଜିବା ଆଶଙ୍କା କରାଯାଉଥିଲା, ଯାହା ସତ ହୋଇଛି। କିନ୍ତୁ ପୋଲିସ ଏହି ଆଶଙ୍କାକୁ ଗୁରୁତ୍ୱ ଦେଇ ନ ଥିବାବେଳେ ଗୋଇନ୍ଦା ବିଭାଗ ଫେଲ୍ ମାରିଥିବା ସ୍ପଷ୍ଟ ହେଉଛି। ବରିଷ୍ଠ ପୋଲିସ ଅଧିକାରୀମାନେ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ବ୍ୟସ୍ତ ରହୁଥିବାରୁ ରାଜଧାନୀ ଭୁବନେଶ୍ୱରରେ ପୋଲିସ ଏହି ବିବାଦକୁ ଅତ୍ୟନ୍ତ ଖାମଖିଆଲି ଭାବେ ନେଇଥିଲା। ଫଳରେ ପୋଲିସ ଉପସ୍ଥିତିରେ ଏଭଳି ଗଣ୍ଡଗୋଳ ଘଟିଥିଲା ବୋଲି ବୁଦ୍ଧିଜୀବୀମାନେ କହୁଛନ୍ତି।

## ଲୋହିଆ ଏକାଡେମୀରେ...

ସହ ଅନ୍ୟମାନେ ଆହତ ହୋଇଛନ୍ତି। ହେଲେ ଏସବୁ ଘଟୁଥିବା ବେଳେ ପୋଲିସ ଦେଖଣାହାରି ହୋଇ ରହିଥିଲା। ପରେ ପୋଲିସ ଲାଠିଚାର୍ଜ କରି ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ଚେଷ୍ଟା କରିଥିଲା। ତେବେ ଘଟଣାସ୍ଥଳରୁ ବିଶୃଙ୍ଖଳା ସୃଷ୍ଟି କରିଥିବା ପରମ୍ପରାବାଦୀ ଗୋଷ୍ଠୀର ୮ ଜଣଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ଅପରପକ୍ଷରେ ଏହି ଗଣ୍ଡଗୋଳ ପରେ ମଧ ହେତୁବାଦୀଙ୍କ ପକ୍ଷରୁ ସାମୂହିକ ଖାଦ୍ୟ ଗ୍ରହଣ କରାଯାଇଥିଲା। ଏନେଇ ଥାନାଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି, ଭଙ୍ଗାରୁଜା ପାଇଁ ଲୋହିଆ ଏକାଡେମୀ ପକ୍ଷରୁ ଥାନାରେ ଏକ ରିପୋର୍ଟ ଦିଆଯିବା ପରେ ତଦନ୍ତ ହେଉଛି। ସୂଚନାଯୋଗ୍ୟ, ଗତ ଅକ୍ଟୋବର ୨୫ରେ ସୂର୍ଯ୍ୟୋପରାଗ ସମୟରେ ପାକତ୍ୟାଗକୁ ନ ମାନି ହେତୁବାଦୀଙ୍କ ପକ୍ଷରୁ ବ୍ରହ୍ମପୁର ଓ ଭୁବନେଶ୍ୱରରେ ମଧ ସାମୂହିକ ଭୋଜନ ଆୟୋଜିତ ହୋଇଥିଲା। ଏହାକୁ ଜ୍ୟୋତିର୍ବିଦ ଏବଂ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଥିଲା।

## ଶିକ୍ଷା ଲାଭଦାୟକ...

ଏମ୍.ଆର୍. ଶାହା ଏବଂ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଉପରେ ବାର୍ଷିକ ୨୪ ଲକ୍ଷ ଟଙ୍କା ଦେୟ ଧାର୍ଯ୍ୟ କରାଯିବା ପୂର୍ବରୁ ଧାର୍ଯ୍ୟ ହୋଇଥିବା ଦେୟଠାରୁ ୭ ଗୁଣ ଅଧିକ। ଏହା ଯଥାର୍ଥ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି। ଆନ୍ଧ୍ରପ୍ରଦେଶ ନାମଲେଖା ଓ ଦେୟ ନିୟାମକ କମିଟି ନିୟମାବଳୀ, ୨୦୦୬ର ବ୍ୟବସ୍ଥା ଅନୁଯାୟୀ କମିଟିର ବିନା ସୁପାରିସ କିମ୍ବା ରିପୋର୍ଟରେ ଦେୟ ବଢ଼ାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ଟ୍ୟୁଶନ ଦେୟ ଧାର୍ଯ୍ୟ ସମ୍ପର୍କରେ ବିଚାର କଲାବେଳେ ନାମଲେଖା ଓ ଦେୟ ନିୟାମକ କମିଟି ଶିକ୍ଷାନୁଷ୍ଠାନର ଅବସ୍ଥିତି, ପେସାଦାରି ପାଠ୍ୟକ୍ରମର ସ୍ୱଭାବ, ଉପଲବ୍ଧ ଭିତ୍ତିଭୂମିର ମୂଲ୍ୟ ଆଦି କାରକ ସମ୍ପର୍କରେ ବିଚାର କରିବା ଆବଶ୍ୟକ। ସରକାରଙ୍କ ବେଆଇନ ନିର୍ଦ୍ଦେଶନାମା ଅନୁଯାୟୀ ଖର୍ଚ୍ଚ ହେଉଥିବା ଅର୍ଥ ଆଦାୟ କରିବାକୁ କଲେଜ ପରିଚାଳନା ସଂସ୍ଥାକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

## ଶ୍ରୀମନ୍ଦିର ପ୍ରଶାସନକୁ...

ଦାଖଲ କରିବାକୁ ଜଷ୍ଟିସ ବି.ଅମିତ ସ୍ଥାଲେକର ଏବଂ ବିଶେଷଜ୍ଞ ସଦସ୍ୟ ଶୈବାଳ ଦାଶ ଗୁପ୍ତାଙ୍କୁ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କୁ ପଚରାଯିବାରେ ଖୋର୍ଦ୍ଧା ଜିଲା ପ୍ରଶାସନ ଅଧୀନରେ ଶ୍ରୀମନ୍ଦିରର ଥିବା ପଥର ଖଣିଗୁଡ଼ିକ ମଧ୍ୟରୁ କିଛି ନିଲାମ କରାଯାଇଥିବାବେଳେ କିଛି ଖଣିରୁ ବେଆଇନଭାବେ ପଥର ଚୋରା ଚାଲାଣ ହେଉଛି। ଏନେଇ ଶ୍ରୀମନ୍ଦିର ପକ୍ଷରୁ ପୂର୍ବରୁ ଏନ୍‌ଜିଟି ନିକଟରେ ତଥ୍ୟ ଉପସ୍ଥାପନ କରାଯାଇଛି। ଖୋର୍ଦ୍ଧା ପ୍ରଶାସନ ପଥର ଖଣି ବାବଦକୁ ଯେଉଁ ଅର୍ଥ ଆଦାୟ କରୁଛି, ତାହା ସରକାରଙ୍କୁ ପ୍ରଦାନ କରୁଛି, ମନ୍ଦିରକୁ ନୁହେଁ। ତେଣୁ ପଥର ଖୋଳା ଯୋଗୁ ଯେଉଁ ଗର୍ତ୍ତ ସୃଷ୍ଟି ହୋଇଛି ଏବଂ ପରିବେଶ କ୍ଷତି ହୋଇଛି, ତା'ର ଭରଣା ସରକାର କରିବା କଥା। ଏବେ ଏନ୍‌ଜିଟିଙ୍କ ରାୟ ଉପରେ ଆମେ ଓକିଲଙ୍କ ସହ ଆଲୋଚନା କରୁଛୁ। ରାୟ ବିରୋଧରେ ଆମେ କୋର୍ଟକୁ ଯିବୁ ବୋଲି ଜେନା କହିଛନ୍ତି।

ସୂଚନାଯୋଗ୍ୟ ଖୋର୍ଦ୍ଧା ଜିଲା ନିଜିଗଡ଼ ଟାପଙ୍ଗ ପଞ୍ଚାୟତ ଅନ୍ତର୍ଗତ ଟାପଙ୍ଗ, ଅଣ୍ଡା ଓ ଖିଙ୍କିଆରୀ ପ୍ରଭୃତି ଗାଁରେ ୪୦ଟି ସ୍ଥାନରେ ୫ଶହ ଏକର ଜଗନ୍ନାଥ ଜମିରୁ ବେଆଇନ ପଥର ଲୁଟ ଚାଲିଛି। ଦୈନିକ ଶହ ଶହ ଟ୍ରକରେ ମାଙ୍କଡ଼ା ପଥର ଚାଲାଣ ହେଉଛି। ଜିଲା ପ୍ରଶାସନର ଆନ୍ତରିକତା ଅଭାବ ଏବଂ ଦାୟିତ୍ୱହୀନତାରୁ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ଦର୍ଶାଇ ଖୋର୍ଦ୍ଧା ସଦର ବ୍ଲକ ନିଜିଗଡ଼ ଟାପଙ୍ଗର ବିଭୁପ୍ରସାଦ ହରିଚନ୍ଦନ ଏବଂ ଭୁବନେଶ୍ୱର ରସୁଲଗଡ ଜିଜିପି କଲୋନୀର ଦିଲୀପ କୁମାର ସାମନ୍ତରାୟ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ମାମଲାକୁ ଗ୍ରହଣ କରି ଏନ୍‌ଜିଟି ପୂର୍ବରୁ କ୍ଷୋଭ ପ୍ରକାଶ କରିଥିଲେ। ଜିଲାରେ କେତେ ପଥର ଚୋରି ହେଉଛି, ପରିବେଶ କ୍ଷତିଭରଣା ପାଇଁ କେତେ ଟଙ୍କା ଜରିମାନା କରାଯାଉଛି ଏବଂ ବେଆଇନ ଖଣି ଖନନକାରୀଙ୍କ ଠାରୁ କେତେ ଅର୍ଥ ଆଦାୟ କରାଯାଉଛି, ସେ ନେଇ ସତ୍ୟପାଠ ଦାଖଲ କରିବାକୁ ଏନ୍‌ଜିଟି ଖୋର୍ଦ୍ଧା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ସତ୍ୟପାଠରେ ବେଆଇନ ଖଣି ଖନନକାରୀଙ୍କ ନାମ, ସେମାନଙ୍କୁ ପ୍ରୋତ୍ସାହିତ କରୁଥିବା ବ୍ୟକ୍ତି, ପଥର ବୋହୁଥିବା ଟ୍ରକ୍ ମାଲିକ, ବେଆଇନ ପଥର ଚୋରାଚାଲାଣକାରୀଙ୍କ ଦ୍ୱାରା ରାଜ୍ୟ ରାଜକୋଷକୁ ହୋଇଥିବା କ୍ଷତି, ପରିବେଶ କ୍ଷତିଭରଣା ପାଇଁ ଆଦାୟ ହୋଇଥିବା ଅର୍ଥ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଜଣାଇବାକୁ ଏନ୍‌ଜିଟି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ବେଆଇନ ପଥର ଖନନ ରୋକିବା ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରିବା ସହ ବେଆଇନ ପଥର ଚାଲାଣ ଯୋଗୁ ହୋଇଥିବା ପରିବେଶ ଜନିତ କ୍ଷତି ଯାଞ୍ଚ ଲାଗି ଏନ୍‌ଜିଟି ଏକ ୪ଜଣିଆ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି କମିଟିରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ନିର୍ଦ୍ଦେଶକ, ଖୋର୍ଦ୍ଧା ଜିଲା ମାଜିଷ୍ଟ୍ରେଟ, ଏସଇଆଇଏଏ ମେମ୍ବର ସେକ୍ରେଟାରି ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ଅଧିକାରୀ ସଦସ୍ୟ ରହିଛନ୍ତି। ତେବେ ଗତ ଅକ୍ଟୋବର ୨୦୨୦ରେ ପ୍ରଶାସନ ପକ୍ଷରୁ ଦାଖଲ କରାଯାଇଥିବା ରିପୋର୍ଟକୁ ଏନଜିଟି କମିଟି ଅଗ୍ରାହ୍ୟ କରିବା ସହ ପୁଣି ଥରେ ସତ୍ୟପାଠ ଦାଖଲ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜରିମାନା କେବଳ ଖଣିଚାଲାଣକାରୀ ଡ୍ରାଇଭର ନୁହେଁ ବରଂ ବେଆଇନ ଖନନ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏନ୍‌ଜିଟିରେ ଏହି ମାମଲା ଚାଲିଥିବା ବେଳେ ୫୯ ଖଣିରୁ ଚୋରା ଚାଲାଣ ଚାଲିଥିବା ଏନ୍‌ଜିଟିରେ ଦୃଷ୍ଟିଗୋଚର ହୋଇଥିଲା। ୨୦୨୧ ଅକ୍ଟୋବର ୮ତାରିଖରେ ଟ୍ରିବ୍ୟୁନାଲରେ ଖୋର୍ଦ୍ଧା ତହସିଲ୍‌ଦାର ଦାଖଲ କରିଥିବା ସତ୍ୟପାଠରେ ବେଆଇନ ଖଣି କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ କୌଣସି ସୂଚନା ଦେଇପାରି ନ ଥିଲେ। ଫଳରେ ଏନ୍‌ଜିଟି ତୀବ୍ର ଭର୍ତ୍ସନା କରିଥିଲେ। ପରେ ପୁନରୁଦ୍ଧାର ଯୋଜନାରେ ୧୧ କୋଟି ୭୫ଲକ୍ଷ ଟଙ୍କା ଆକଳନ କରାଯାଇଥିବା ୨୦୨୧ ଡିସେମ୍ବର ୩ତାରିଖ ଜିଲାପାଳ ଦାଖଲ କରିଥିବା ସତ୍ୟପାଠରେ ଦର୍ଶାଇଥିଲେ। ସେହି ମାସ ଡିସେମ୍ବର ୨୩ରେ ଆବେଦନକାରୀ ପୁଣି ଏକ ସତ୍ୟପାଠ ଦାଖଲ କରି ବିନା ପରିବେଶ ମଞ୍ଜୁରୀ ଏବଂ ଅନୁମତିରେ ବେଧଡ଼କ ଭାବେ ପଥର ଖଣି ଚାଲିଛି। ତଥାପି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ତେଣୁ ଖଣିର ପୁନରୁଦ୍ଧାର ପାଇଁ ୧୨ କୋଟି ଆକଳନ କରାଯାଇଥିବା ବେଳେ ବେଆଇନ ଖଣି ଖନନ କୋଟି କୋଟି ଟଙ୍କା ହୋଇପାରେ ବୋଲି ଅଭିଯୋଗକାରୀ ଦର୍ଶାଇଥିଲେ। ଏହାକୁ ଟ୍ରିବ୍ୟୁନାଲ ଗୁରୁତର ସହିତ ନେଇ ମାଇନ୍ସ ଆଣ୍ଡ ମିନେରାଲ୍ସ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେଶନ) ଅଧିନିୟମ ୧୯୫୭ ଅନୁଯାୟୀ ଖଣିଜ ପଦାର୍ଥକୁ ବେଆଇନ ଭାବେ ଚାଲାଣ କରୁଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ କରିବାକୁ କହିଥିଲେ। ଏପରି କି ପରିବେଶ କ୍ଷତି ପାଇଁ ପରିବେଶ କ୍ଷତିପୂରଣ ବ୍ୟତୀତ ନିୟମ ଉଲ୍ଲଙ୍ଘନକାରୀ ଆର୍ଥିକ କ୍ଷମତାକୁ ଦୃଷ୍ଟିରେ ରଖି ଜରିମାନା ଆଦାୟ, ଚୋରା ଚାଲାଣରେ ବ୍ୟବହୃତ ଯାନବାହନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଜରିମାନା ଆଦାୟ କରିଥିଲେ। ୨୦୨୧ ଡିସେମ୍ବର ମାସରେ ପ୍ରାୟ ୪କୋଟି ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ତାହା ଶିଥିଳ ପଡ଼ିଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଧନାଧିପତିଙ୍କ ଚତୁଃଗ୍ରହ ଯୋଗ କାରଣରୁ ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ହେତୁ ମାନସିକ ସ୍ତରରେ ଅସୁଖୀ ରହିବେ।

**ବୃଷ** ରବିଙ୍କ ଦୁର୍ବଳତା କାରଣରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ମୌଳିକ ଚିନ୍ତାଧାରାକୁ ଆଧାର କରି ଖୁବ୍ ଆଶାବାଦୀ ହେବେ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମିଥୁନ** ବ୍ୟୟାଧିପ କୋଣଭାବସ୍ଥ ଯୋଗୁ ଆଜି ବହୁତ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବାକୁ ପଡିବ। କିନ୍ତୁ ଗୃହ ସମସ୍ୟାର ସମାଧାନ, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ଅସ୍ଥିର ରହିପାରନ୍ତି । ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିବେ।

**କର୍କଟ** ରାଶିରେ ଚନ୍ଦ୍ରଙ୍କ ହେତୁ ମାନସିକ ଅସ୍ଥିରତା ଅବ୍ୟାହତ ରହିବାରୁ କୌଣସି କାମ ସହଜରେ ହେବନାହିଁ। ବିଦେଶରେ ରହୁଥିବା ବ୍ୟକ୍ତିମାନେ ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କରିବ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ସାଙ୍ଗକୁ ଆଶା ପୂରଣ ହୋଇଯିବ।

**ସିଂହ** ପରିବାର ସ୍ଥାନରେ ଏକାଧିକ ଗ୍ରହ ଯୋଗୁ ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ଋଣଭାରରେ ଅତିଷ୍ଠ ଓ ଅନ୍ୟକୁ ସରଳ ବିଶ୍ୱାସ କରି ଠକି ଯାଇ ପାରନ୍ତି। ନୂଆ ଯୋଜନା ଉପରେ ଗୁରୁତ୍ୱ ଦେଲେ ସଫଳତା ମିଳିବ । ଆକସ୍ମିକ ଆବଶ୍ୟକତା ପରିପ୍ରେକ୍ଷୀରେ ହଠାତ୍ ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**କନ୍ୟା** ସପ୍ତମସ୍ଥ ବୃହସ୍ପତିଜନିତ ଆଜିର ପ୍ରତ୍ୟୁଷ ଯାତ୍ରା ନିଶ୍ଚିତ ଫଳପ୍ରଦ ହେବ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିପାରିଲେ ସଫଳତା ପାଇବେ। ପୂର୍ବଶତ୍ରୁତାରୁ ମାନସିକ ବ୍ୟଥା ଅନୁଭବ କରିବେ। ଆଶା କରୁଥିବା ଦିଗରୁ ହାତକୁ ଦି ପଇସା ଆସିବ। ହସ୍ତା ନକ୍ଷତ୍ରର ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**ତୁଳା** ଚିନ୍ତା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ । ବ୍ୟବସାୟିକ କ୍ଷେତ୍ରରୁ ଲାଭ କମ୍ ମିଳିଲେ ମଧ ଆଗାମୀ କ୍ଷେତ୍ର ପ୍ରସ୍ତୁତ ହୋଇ ରହିବ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ। ପରିବାରର ଅର୍ଥନୈତିକ କ୍ଷେତ୍ରରେ କିଛିଟା ସମସ୍ୟା ଭିତରେ ଚଳିବାକୁ ବାଧ ହେବେ।

**ବିଛା** ବିବାଦରେ ପଶିଲେ ଅଯଥା ମାନସିକ ଅଶାନ୍ତିକୁ ବଢ଼ାଇବା ବ୍ୟତୀତ କିଛି ଲାଭ ହେବନି। ବିଶ୍ୱସ୍ତ ସୂତ୍ରରୁ ଆଶା କରୁଥିବା ଖବର ପାଇ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଶନି ଓ ବୁଧଙ୍କ କାରଣରୁ ସ୍ନାୟବିକ ଦୁର୍ବଳତା ଦେଖାଦେବା ଯୋଗୁ ଆଳସ୍ୟ ଅନୁଭବ କରିବେ। ସଭାସମିତିରେ ଆଲୋଚନା ଅସମାପ୍ତ ରହିପାରେ।

**ଧନୁ** ଆଜି ଆପଣ ଜଣେ ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିବେ। ମଙ୍ଗଳ ନୀଚାରୋହୀ ହେତୁ ଜମିଜମା ସମସ୍ୟା କ୍ରମଶଃ ଜଟିଳ ହୋଇପାରେ। ତଥାପି ଆପଣ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ନିଜସ୍ୱ ଚିନ୍ତାଧାରାକୁ ଆଧାର କରି ଖୁବ୍ ଆଶାବାଦୀ ହେବେ।

**ମକର** ଆଜି ଚେଷ୍ଟା କରୁଥିବା କାର୍ଯ୍ୟରେ ଅବଶ୍ୟ ସଫଳତା ପାଇବେ। ପାଖ ପଡ଼ୋଶୀଙ୍କ ଛଳନା ଓ ପ୍ରତାରଣାପୂର୍ଣ୍ଣ କଥାକୁ ଭାବିଚିନ୍ତି କରିବା ଭଲ ହେବ। ପରିବାର ସଦସ୍ୟଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। ଅପେକ୍ଷା କରିଥିବା ଖବରଟି ମଧ୍ୟାହ୍ନ ପରେ ପାଇବେ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ମାନସିକ ଅସ୍ଥିରତାକୁ ବୃଦ୍ଧି କରିପାରେ। କର୍ମକ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ। ଘରକୁ ଆସିଥିବା ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ନିର୍ମାଣ, ଶେୟାରବଜାର, ଜମିଜମା କାରବାର ତଥା ଏଜେନ୍ସି ଏବଂ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**ମୀନ** ମାନସିକ ଅସୁସ୍ଥତା ଯୋଗୁ କୌଣସି କାମରେ ମନ ଲାଗିବନାହିଁ। ଅଫିସର କାମ ଚାପ ବୃଦ୍ଧି ପାଇଲେ ହେଁ ସହଯୋଗଭିତ୍ତିରେ ଆଗେଇ ନେବେ। ପିଲାଦିନର ସାଙ୍ଗକୁ ପାଖରେ ପାଇ ଆତ୍ମହରା ହେବେ। ପାରିବାରିକ ସମସ୍ୟାର ସମାଧାନ ହୋଇଯିବ। ଯେଉଁ କଥାକୁ ବଡ଼ ସମସ୍ୟା ବୋଲି ମଣୁଛନ୍ତି ବାସ୍ତବରେ ସେପରି କିଛି ହେବନାହିଁ।

ଆଜି ନଭେମ୍ବର ୯ ତାରିଖ, ମାର୍ଗଶିର କୃଷ୍ଣ ପ୍ରତିପଦା ବୁଧବାର, ଜାତୀୟ ଆଇନସେବା ଦିବସ, ରାଶିନକ୍ଷତ୍ର-କୃତ୍ତିକା/ବୃଷ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ପ୍ରାତଃ ଘ.୦୫।୫୫ ଗତେ ଘ. ୦୮।୦୯ ମଧ୍ୟେ, ଘ.୧୦।୨୩ ଗତେ ଘ.୧୧।୩୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୩୦ ଗତେ ଘ.୧୨।୫୪ ମଧ୍ୟେ ରାହୁକାଳ।

## କପ୍୨୭: ଫସିଲ୍ ଟିକସ...

ସହାୟତା ଯୋଗାଇବା ଜରୁରୀ। ସେଥିପାଇଁ ଜୀବାଶ୍ମ ଇନ୍ଧନ କମ୍ପାନୀଗୁଡ଼ିକ ପାଣ୍ଠି ଯୋଗାଇବାର ସମୟ ଆସିଛି ବୋଲି ଗୁଟେରସ୍‌ଙ୍କ ସମେତ ବାର୍ବାଡୋସ୍ ପ୍ରଧାନମନ୍ତ୍ରୀ ମିଆ ମୋଟ୍ଲି ପ୍ରମୁଖ କହିଛନ୍ତି। ତୈଳ ଓ ଗ୍ୟାସ୍ ଉତ୍ପାଦନକାରୀମାନେ ଦର ବଢ଼ାଇ ପ୍ରଚୁର ଲାଭ ଉଠାଉଛନ୍ତି। ତେଣୁ ସେମାନଙ୍କ ଉପରେ ୱିଣ୍ଡଫଲ୍ ଟ୍ୟାକ୍ସ ଲଗାଇବାକୁ ଦାବି ଜୋର୍ ଧରିଛି। ଜଳବାୟୁ ପରିବର୍ତ୍ତନ ଜନିତ କ୍ଷତି ଭରଣା ଲାଗି ଧନୀ ଏବଂ ସର୍ବାଧିକ ପ୍ରଦୂଷଣ କରୁଥିବା ରାଷ୍ଟ୍ର କ୍ଷତିପୂରଣ ଦେବା ନିମନ୍ତେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଦାବି ଉଠାଇଛନ୍ତି।


# classifieds

**Everyday**
0674-2580101, 2549302



## BRIDE WANTED

୩୦ ବର୍ଷୀୟ ବ୍ରାହ୍ମଣ ପାତ୍ର ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ISHRO)ରେ ବାଙ୍ଗାଲୋରଠାରେ ବୈଜ୍ଞାନିକ ଭାବରେ କାର୍ଯ୍ୟରତ। ଉକ୍ତ ପାତ୍ର ପାଇଁ ବାଙ୍ଗାଲୋର ଠାରେ କାର୍ଯ୍ୟରତ ଥିବା ବ୍ରାହ୍ମଣ ପାତ୍ରୀ ଆବଶ୍ୟକ। Mob: 9937241769, 8847815278. D-1932

## GROOM WANTED

Beautiful Khandayat Girl 25+/ B.tech/ Govt Engineer 'Suhag'. 9938199964, 9090486408. D-1936

ବୟସ- 38, Government Job କରୁଥିବା ସୁନ୍ଦର divorce ନିଃସନ୍ତାନ ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। 7894489867. D-1937

40 ବୟସ୍କା ଖଣ୍ଡାୟତ ବିଧବା ହଷ୍ଟେଲ୍‌ଓ୍ୱାର୍ଡେନ ଭାବେ କାର୍ଯ୍ୟରତ ସୁନ୍ଦର ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 9437703488. D-1958

Govt. ଚାକିରିଆ 33 ବୟସ୍କା କରଣ divorce ଝିଅଙ୍କୁ anycaste ଘରଜ୍ୱାଇଁ ଆବଶ୍ୟକ। 9124023134. D-1935



## SALE

Gharabari plot sale. Jhintisasan, Balakati, 8700 sqft., road side. 6372755567. D-1912

ଭୁବନେଶ୍ୱର ଜଟଣୀଗେଟ୍‌ଠାରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ (sqft.-370/699)ରେ ମିଳୁଛି। 9658891108, 8114994259. D-1916

Duplex sale at Bhubaneswar @45 lakhs only- 9777433701, 9439206202. D-74144

ଭୁବନେଶ୍ୱର ନଖରା ଘରବାରି SC plot sqft.-130/, General- 350/-. 9439660381. D-74146

6BHK Triplex 56,00,000/- finishing Hanspal, 3BHK Duplex core house Balianta. 8093465134. D-1925

4BHK Duplex near Nandankanan Square. Land-1300, construction-1800, Price-85lakhs. 8984071303. D-1950

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200 mtr. ଦୂରତାରେ BDA yellow zone ପ୍ଲଟ୍ Boundary ସହ ମିଳୁଛି । 7848882166. D-74142

200 Guntha fertile lands besides Palla Anda Road, Mahatpalla Mouza Tehsil-Khorda for Sale. Contact- 9437100491. D-1945

Plot sale: 5000sqft. (50ft.x100ft.) Premium Semi commercial gharabari, yellowzone, Sthitiban single patta owner plot for sale, just 3RD plot from Dhauli-Uttara NH at Bhargavi Bihar. Price-2400/- per sqft.. Contact direct Owner- 9853926464. (BABU BABU). D-1808



Construct your Dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-1823



Relax, Refresh your body, Mind at Saikrupa Spa with best therapies. 8984068077. D-1863

Newly open health benefits SPA Diwali Offer @999/- Jaidevbihar, 9439676695. D-73656

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73994



## SALE

CAR SALE: 2015 Excellent condition Audi Q3 top model for sale Rs.- 12,80,000/- contact Owner- 9040026465 (BABU BHAI). D-1809



Get professional Hair, Nail, Beauty Training Classes at affordable fees. Contact- 9692671608. D-1957

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିମୁଦ୍ରୀକରଣ ଆର୍ଥିକ ଗଣହତ୍ୟା: ବିରୋଧୀ

**ନୂଆଦିଲ୍ଲୀ,୮।୧୧(ପି.ଟି.)**

ନରେନ୍ଦ୍ର ମୋଦି ସରକାରଙ୍କ ବିମୁଦ୍ରୀକରଣ ନିଷ୍ପତ୍ତିକୁ ବିରୋଧୀ ଦଳଗୁଡ଼ିକ ଆର୍ଥିକ ଗଣହତ୍ୟା, ଆପରାଧିକ କାର୍ଯ୍ୟ ଏବଂ ସଂଗଠିତ ଲୁଟ୍ ବୋଲି କହିଛନ୍ତି। ୨୦୧୬ ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀ ମୋଦି ପ୍ରଚଳିତ ୫୦୦ ଏବଂ ୧,୦୦୦ ଟଙ୍କିଆ ନୋଟଗୁଡ଼ିକୁ ଅଚଳ ଘୋଷଣା କରିବାରୁ ଦେଶବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। କଳାଧନ ଏବଂ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ରୋକିବା ସହ ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ବିମୁଦ୍ରୀକରଣର ମୁଖ୍ୟ ଲକ୍ଷ୍ୟ ବୋଲି ସେତେବେଳେ ସରକାର କହିଥିଲେ। ତେବେ ଏଥିରୁ କୌଣସି ଲକ୍ଷ୍ୟ ପୂରଣ ହୋଇ ନ ଥିବାବେଳେ ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଥିବାରୁ ବିରୋଧୀ ଦଳଗୁଡ଼ିକ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ବିମୁଦ୍ରୀକରଣ ସ୍ୱାଧୀନ ଭାରତରେ ସର୍ବବୃହତ୍ ସଂଗଠିତ ଲୁଟ୍ ଥିଲା ବୋଲି କଂଗ୍ରେସ ଅଭିଯୋଗ କରିବା ସହ ମୋଦି ସରକାରଙ୍କଠାରୁ ଏହା ଉପରେ ଶ୍ୱେତପତ୍ର ଦାବି କରିଛି। '୬ ବର୍ଷର ସଂଗଠିତ ଓ ବୈଧିକ ଲୁଟ୍' ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଟୁଇଟ୍ କରିଛନ୍ତି। ବିମୁଦ୍ରୀକରଣ ବିପର୍ଯ୍ୟୟରେ ପ୍ରାଣ ହରାଇଥିବା ୧୫୦ ଜଣଙ୍କୁ ସେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କର ଦୁଇ ତିନି ଜଣ କୋଟିପତି ବନ୍ଧୁଙ୍କୁ ଭାରତୀୟ ଅର୍ଥନୀତିରେ ମନମାନି କରିବାକୁ ଜାଣିଶୁଣି ସୁଯୋଗ ଦେଇଥିଲେ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ବିମୁଦ୍ରୀକରଣ ଏକ ପ୍ରତାରଣା ଥିଲା ବୋଲି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମୁଖପାତ୍ର ଡେରେକ୍ ଓ'ବ୍ରିଏନ୍ କହିଛନ୍ତି। ନିଷ୍ପତ୍ତି ପ୍ରତ୍ୟାହାର କରିନେବାକୁ ସେତେବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆହ୍ୱାନ ଦେଇଥିଲେ। ନୋଟବନ୍ଦୀ ସରକାରଙ୍କର ଏକ ଆପରାଧିକ କାର୍ଯ୍ୟ ଥିଲା ବୋଲି ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଅଭିଯୋଗ କରିଛନ୍ତି। ମୋଦି ସରକାର ଭାରତୀୟ ଅର୍ଥନୀତି ହତ୍ୟାର ୬ ବର୍ଷ ପୂର୍ତ୍ତି ପାଳନ କରୁଛନ୍ତି, ଯେତେବେଳେ ଦେଶରେ ନଗଦ ଅର୍ଥ କାରବାର ୩୦.୮୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ମୁଦ୍ରାସ୍ଫୀତି ବେଳେ ଜନସାଧାରଣ ସହିଥିବା ଯନ୍ତ୍ରଣା ସବୁଠୁ ବଡ଼ ଜୁମ୍‌ଲା ଥିଲା ବୋଲି ୟେଚୁରୀ ଟୁଇଟ୍ କରିଛନ୍ତି। ପ୍ରଧାନମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତିର ଅନୁଧ୍ୟାନ କରି ବିମୁଦ୍ରୀକରଣ ଉପରେ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ସିପିଆଇ ନେତା ବିନୟ ବିଶ୍ୱମ୍ କହିଛନ୍ତି।



ଭାରତ ଯୋଡ଼ୋ ଯାତ୍ରା ଅବସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମହାରାଷ୍ଟ୍ରର ନାନ୍ଦେଡ୍ ଜିଲାରେ ଗୁରୁ ନାନକ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି।

# କଂଗ୍ରେସ ଛାଡ଼ିଲେ ଗୁଜରାଟର ବରିଷ୍ଠ ନେତା

**ଅହମ୍ମଦାବାଦ,୮।୧୧**

ଗୁଜରାଟ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ଦଳକୁ ଏକ ଝଟକା ଲାଗିଛି। ବରିଷ୍ଠ ଆଦିବାସୀ ନେତା ତଥା ୧୧ଥର ବିଧାୟକ ଥିବା ମୋହନସିଂ ରାଠୱା ମଙ୍ଗଳବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ଏଥିସହ ସେ ଭାଜପାରେ ଯୋଗ ଦେଇଛନ୍ତି। ସୂଚନାଯୋଗ୍ୟ ଗତ କିଛି ଦିନ ହେବ ସେ ରାଜ୍ୟ କଂଗ୍ରେସ ନେତୃତ୍ୱ ଉପରେ ଅସନ୍ତୁଷ୍ଟ ରହିଆସିଛନ୍ତି। ଚଳିତ ରାଜ୍ୟ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ରାଠୱା ପୂର୍ବରୁ ସୂଚନା ଦେଇଥିଲେ। ଗତ ୫୫ ବର୍ଷ ଧରି ସେ କ୍ରମାଗତ ବିଧାନସଭାକୁ ପ୍ରତିନିଧିତ୍ୱ କରିଆସୁଛନ୍ତି। ଏବେ ଗୁଜୁରାଟରେ ନୂଆ ଚେହେରା ବିଶେଷକରି ଯୁବକମାନଙ୍କୁ ବାଟ ଛାଡ଼ି ଦେବାକୁ ଚାହୁଁଥିବା ଛୋଟ ଉଦୟପୁରର ବିଧାୟକ ରାଠୱା କହିଛନ୍ତି। ତେବେ ପୁତ୍ର ରାଜେନ୍ଦ୍ରସିଂଙ୍କୁ ତାଙ୍କ ସ୍ଥାନରେ ଟିକେଟ ମିଳୁ ବୋଲି ସେ କରୁଥିବା ଦାବି ପୂରଣ ନ ହେବାରୁ ଦଳ ଛାଡ଼ିଥିବା କୁହାଯାଉଛି।



ମୋହନସିଂ ରାଠୱା

# ପଦ୍ମପୁର ଉପନିର୍ବାଚନ: ଦାୟିତ୍ୱ ବାଣ୍ଟିଲା ବିଜେଡି

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

## ପ୍ରଚାର, ପରିଚାଳନା ଦାୟିତ୍ୱରେ ରହିବେ ସୁଶାନ୍ତ, ପ୍ରସନ୍ନ

ଧାମନଗର ଉପନିର୍ବାଚନ ପରେ ଏବେ ପଦ୍ମପୁର ଆସନ ଉପରେ ସମସ୍ତଙ୍କ ନଜର ରହିଛି। ରାଜନୈତିକ ମହଲରେ ପଦ୍ମପୁର ଉପନିର୍ବାଚନ କାହା ସପକ୍ଷରେ ଯିବ ତାକୁ ନେଇ ଅଙ୍କକଷା ଆରମ୍ଭ ହୋଇଯାଇଛି। ଧାମନଗର ଉପନିର୍ବାଚନରେ ଭାଜପା ବିଜୟୀ ହେବାପରେ ରାଜନୈତିକ ପାଣିପାଗ ବଦଳିଯାଇଛି। ବିଜେଡି ସବୁଠାରେ ଉପନିର୍ବାଚନ ଜିତିବ ବୋଲି ଯେଉଁ ଧାରଣା ରହିଥିଲା ସେଥିରେ ପରିବର୍ତ୍ତନ ଆସିଛି। ଶାସକ ଦଳ ଧାମନଗର ଉପନିର୍ବାଚନର ବିଫଳତା ଘୋଡ଼ାଇବା ସକାଶେ ଜୋର୍‌ଦାର କସରତ ଆରମ୍ଭ କରିଦେଇଛି। ବିଜେଡି ପଦ୍ମପୁର ଉପନିର୍ବାଚନ ଜିତିବା ଲାଗି ତା'ର ରଣନୀତି ପ୍ରସ୍ତୁତି କରିବା ସହ ପଶ୍ଚିମ ଓଡ଼ିଶା ନେତାମାନଙ୍କ ମଧ୍ୟରେ ଦାୟିତ୍ୱ ଭାଗବାଣ୍ଟିଛି। ହେଲେ ଭାଜପା ସେଠାରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କୁ ପ୍ରାର୍ଥୀ କରିବାକୁ ଥିବାବେଳେ ନିର୍ବାଚନ ପରିଚାଳନା ଦାୟିତ୍ୱରେ କେଉଁମାନେ ରହିବେ ସେନେଇ କିଛି ଚୂଡ଼ାନ୍ତ କରି ନ ଥିବା ଜଣାପଡ଼ିଛି।

ନିର୍ବାଚନମଣ୍ଡଳୀରେ ପ୍ରଚାର ଓ ପରିଚାଳନା ଦାୟିତ୍ୱ ବିଜେଡି ପକ୍ଷରୁ ପ୍ରସନ୍ନ ଆଚାର୍ଯ୍ୟ ଓ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ହାତରେ ନ୍ୟସ୍ତ କରାଯାଇଛି। ସେହିପରି ପ୍ରାଥମିକ ପର୍ଯ୍ୟାୟରେ ୩ଟି ବ୍ଲକ ଦାୟିତ୍ୱରେ ୩ ଜଣ ମନ୍ତ୍ରୀ ରହିବେ। ପଦ୍ମପୁର ବ୍ଲକ ଦାୟିତ୍ୱରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପାଇକମାଳ ଦାୟିତ୍ୱରେ ମନ୍ତ୍ରୀ ନବକିଶୋର ଦାସ ଏବଂ ଝାରବନ୍ଧ ଦାୟିତ୍ୱରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ରହିବେ। ପଦ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଜୋନ୍ ଦାୟିତ୍ୱରେ ପଶ୍ଚିମ ଓଡ଼ିଶାର ଅନେକ ନେତା ରହିବେ। ମନ୍ତ୍ରୀ ଟୁକୁନି ସାହୁ, ଦେବେଶ ଆଚାର୍ଯ୍ୟ, ସ୍ନେହାଙ୍ଗିନୀ ଛୁରିଆ, ରୀତା ସାହୁ, ସରୋଜ ମେହେର, ପୁଷ୍ପେନ୍ଦ୍ର ସିଂ ଦେଓ, ନିରଞ୍ଜନ ବିଶି ଓ ରୋହିତ ପୂଜାରୀଙ୍କ ଭଳି ନେତାଙ୍କୁ ଜୋନ୍‌ୱାରି ଦାୟିତ୍ୱ ବଣ୍ଟାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଏହି ସମସ୍ତ ନେତାଙ୍କୁ ଦାୟିତ୍ୱ ମିଳିଥିବା ବେଳେ ପରବର୍ତ୍ତୀ ସମୟରେ ଅନ୍ୟ ନେତାଙ୍କୁ ବି ଦଳ ଦାୟିତ୍ୱ ଦେବ ବୋଲି ଜଣାପଡ଼ିଛି। ତେବେ ମିଳିଥିବା ସୂଚନା ମୁତାବକ, ଉପକୂଳର ଅନେକ ନେତାଙ୍କୁ ଗୋଟିଏ ଲେଖା ପଞ୍ଚାୟତ ଦାୟିତ୍ୱରେ ଦଳ ରଖିଛି। ଅନ୍ୟପକ୍ଷରେ ବିଜେଡି ଏଠାରୁ କାହାକୁ ପ୍ରାର୍ଥୀ କରିବ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପଦ୍ମପୁରର ଦିବଂଗତ ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ସ୍ତ୍ରୀ ଟିକେଟ ଆଶାୟୀ ଥିବା ଜଣାପଡ଼ିଛି। କିନ୍ତୁ ଦଳ ଭିତରେ ଏହାକୁ ନେଇ ଭିନ୍ନ ମତ ପ୍ରକାଶ ପାଇଥିବା କୁହାଯାଉଛି। ସୂଚନାଯୋଗ୍ୟ, ପଦ୍ମପୁର ବିଧାନସଭା ଉପନିର୍ବାଚନ ପାଇଁ ଡିସେମ୍ବର ୫ ରେ ଭୋଟ ଗ୍ରହଣ କରାଯିବ। ଡିସେମ୍ବର ୮ ରେ ଫଳାଫଳ ଘୋଷଣା କରାଯିବ। ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଭାଜପା ତା'ର ସମୀକ୍ଷା ଚଳାଇଛି। ଖୁବ୍‌ଶୀଘ୍ର କେଉଁମାନେ ଦାୟିତ୍ୱରେ ରହିବେ ସେନେଇ ସ୍ଥିର ହୋଇଯିବ।

# ୩ ଦକ୍ଷିଣୀ ରାଜ୍ୟରେ ସରକାର-ରାଜ୍ୟପାଳ ବିବାଦ

**ନୂଆଦିଲ୍ଲୀ,୮।୧୧**



ଅରିଫ୍ ମହମ୍ମଦ ଖାନ୍, ତାମିଲିସାଇ ସୌନ୍ଦରାରାଜନ, ଆର୍. ଏନ୍. ରବି।

୩ ଦକ୍ଷିଣ ଭାରତୀୟ ରାଜ୍ୟ କେରଳ, ତାମିଲନାଡୁ ଏବଂ ତେଲଙ୍ଗାନାରେ ରାଜ୍ୟପାଳ ଏବଂ ଶାସକ ଦଳ ମଧ୍ୟରେ ବିବାଦ ତୀବ୍ର ହୋଇଛି। ଏହି ୩ ରାଜ୍ୟର ରାଜ୍ୟପାଳମାନେ କେନ୍ଦ୍ରର ସଖୀ କଣ୍ଢେଇ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଉପରୋକ୍ତ ରାଜ୍ୟର ରାଜ୍ୟପାଳଙ୍କ ବିରୋଧରେ ଏକାଧିକ ବିକ୍ଷୋଭ ଶୋଭାଯାତ୍ରା କରିବା ଲାଗି ଶାସକ ଦଳଗୁଡ଼ିକ ଯୋଜନା ପ୍ରସ୍ତୁତ କରିଛନ୍ତି। ତେଲଙ୍ଗାନା ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ ପଡ଼ୋଶୀ ରାଜ୍ୟ ରାଜନୀତିରେ ମୁଣ୍ଡ ପୂରାଉଥିବା ତାମିଲନାଡୁର ଶାସକ ଦଳ ଡିଏମ୍‌କେ ଅଭିଯୋଗ କରିଛି। ରାଜ୍ୟପାଳ ଦାୟିତ୍ୱ ନେବା ପୂର୍ବରୁ ସୌନ୍ଦରାରାଜନ ତାମିଲନାଡୁରେ ଭାଜପାର ବରିଷ୍ଠ ନେତା ଥିଲେ। ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନିଯୁକ୍ତିକୁ ନେଇ ତେଲଙ୍ଗାନାର ଶାସକ ଦଳ ଟିଆର୍‌ଏସ୍ ରାଜ୍ୟପାଳଙ୍କ କାର୍ଯ୍ୟକୁ ବିରୋଧ କରୁଛି। ରାଜନୀତି କରିବାକୁ ହେଲେ ସୌନ୍ଦରାରାଜନ ରାଜ୍ୟପାଳ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ଡିଏମକେ ମୁଖପତ୍ର ମୁରାସୋଲିରେ କୁହାଯାଇଛି। ସେହିପରି ତାମିଲନାଡୁ ରାଜ୍ୟପାଳ ଆର୍. ଏନ୍. ରବି ସମ୍ବିଧାନ ବିରୋଧରେ କାର୍ଯ୍ୟ କରୁଥିବା ନେଇ ଡିଏମ୍‌କେ ସମଭାବାପନ୍ନ ଏମ୍‌ପିମାନଙ୍କଠାରୁ ଦସ୍ତଖତ ସଂଗ୍ରହ କରି ତାଙ୍କ ବହିଷ୍କାର ଦାବି କରିଥିଲା। ସେଠାରେ ୨୦ଟି ବିଲ୍ ରାଜ୍ୟପାଳଙ୍କ ମଞ୍ଜୁରୀ ଅପେକ୍ଷାରେ ପଡ଼ିରହିଛି।

ସେହିପରି କେରଳ ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ ଏବଂ ସିପିଆଇ(ଏମ୍) ନେତୃତ୍ୱାଧୀନ ସରକାରଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଲାଗିରହିଛି। ଏର୍ନାକୁଲମ ଗେଷ୍ଟହାଉସ୍‌ରେ ଖବରଦାତା ସମ୍ମିଳନୀରୁ ୨ଟି ଟିଭି ଚ୍ୟାନେଲକୁ ତଡ଼ିଦେବା ଘଟଣାରେ ରାଜ୍ୟପାଳ ସାମ୍ବାଦିକମାନଙ୍କ ଆକ୍ରୋଶର ସମ୍ମୁଖୀନ ହୋଇଛନ୍ତି। ତାଙ୍କର ଅଗଣତାନ୍ତ୍ରିକ ବ୍ୟବହାରକୁ ରାଜ୍ୟ ସାମ୍ବାଦିକ ସଂଘ ନିନ୍ଦା କରିଛି। କେରଳର କାର୍ଯ୍ୟକାରୀ ସାମ୍ବାଦିକ ସଂଘ ପକ୍ଷରୁ ରାଜଭବନ ଅଭିମୁଖେ ଏକ ବିକ୍ଷୋଭ ଶୋଭାଯାତ୍ରା ବାହାରିଥିଲା। ମୁଖ୍ୟ ବିଲ୍‌ଗୁଡ଼ିକୁ ରାଜ୍ୟପାଳ ବିଳମ୍ବିତ କରୁଥିବା ରାଜ୍ୟ ସରକାର ଅଭିଯୋଗ ଆଣିଛନ୍ତି। ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତିମାନଙ୍କୁ ଇସ୍ତଫା ଦେବା ଲାଗି ନିର୍ଦ୍ଦେଶ ଦେବା ପ୍ରତିବାଦରେ ଗତମାସ ୨୬ରେ ବାମଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏପରିକି ରାଜ୍ୟପାଳ ପଦବୀ ହଟାଇଦେବାକୁ ସିପିଆଇ(ଏମ୍) ଦାବି କରିଥିଲା।

# ମନମୋହନ ସିଂଙ୍କ ନିକଟରେ ଦେଶ ଋଣୀ

## ଉଦାର ଅର୍ଥନୀତି ପାଇଁ ପ୍ରଶଂସା କଲେ ଗଡ଼କରୀ



ନୀତୀନ ଗଡ଼କରୀ

**ନୂଆଦିଲ୍ଲୀ,୮।୧୧:** କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀ ବେଳେବେଳେ ଏଭଳି ମନ୍ତବ୍ୟ ଦେଇଥାନ୍ତି, ଯାହା ଏନ୍‌ଡିଏ ସରକାରକୁ ଅପଦସ୍ଥ କରିବା ପାଇଁ ଉଦ୍ଦିଷ୍ଟ ବୋଲି ମନେହୁଏ। ଏହି କ୍ରମରେ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା କଂଗ୍ରେସର ରାଜ୍ୟସଭା ସଦସ୍ୟ ମନମୋହନ ସିଂଙ୍କୁ ଆର୍ଥିକ ସଂସ୍କାର ପାଇଁ ପ୍ରଶଂସା କରିଛନ୍ତି।

ଏକ ଅନ୍‌ଲାଇନ୍ ପୋର୍ଟାଲ ପକ୍ଷରୁ ମଙ୍ଗଳବାର ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତୀନ ଗଡ଼କରୀ କହିଛନ୍ତି, ଭାରତକୁ ଏକ ଉଦାର ଅର୍ଥନୀତି ଆବଶ୍ୟକ, ଯାହାକି ଗରିବମାନଙ୍କୁ ସୁବିଧା ଦେଇପାରୁଥିବ। ୧୯୯୧ ମସିହାରେ ଡା. ମନମୋହନ ସିଂ ଅର୍ଥମନ୍ତ୍ରୀ ଥିବାବେଳେ ଆଣିଥିବା ଆର୍ଥିକ ସଂସ୍କାର ଭାରତକୁ ଏକ ନୂଆ ଦିଗ ଦେଖାଇଥିଲା। ମନମୋହନଙ୍କ ଉଦାର ଅର୍ଥନୀତି ପାଇଁ ଦେଶ ତାଙ୍କ ନିକଟରେ ଋଣୀ ହୋଇ ରହିବ। ଅର୍ଥିକ ଉଦାର ନୀତି ଚାଷୀ ଓ ଗରିବମାନଙ୍କ ଉନ୍ନତିରେ ସହାୟକ ହୋଇଥାଏ। ଏଭଳି ଦୃଷ୍ଟାନ୍ତ ଚାଇନା କ୍ଷେତ୍ରରେ ଦେଖିବାକୁ ମିଳିଛି ବୋଲି ଗଡ଼କରୀ କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

NBS : NATURES BEAUTY SOLUTION (A UNISEX SALON)
1. MALE HAIR DRESSER : Salary 10,000/- to15,000/- + Incentives.
2. HOUSE KEEPING : (Female) Salary 8000/-
Address : Plot No-1, Adarsh Vihar, Patia, Bhubaneswar.
8260586265 / 9658044366

REQUIRED
Require one Optometrist for Mobile Eye Care Project, LEPRA Society, N1-89, IRC Village, Bhubaneswar, CTC.
Rs.22,000, Apply to
hrd@leprahealthinaction.in
Ph.No.8178936007
(Apply within 3 days)

URGENTLY REQUIRED
Faculties required for BHM, MHM, BBA, BCA, PMIR, Pol.Sc., Zoology (10Post). Marketing Manager (4Nos), Telecaller (15Nos), Front office ( Exp. in Educational institutions) (2Nos), Peon (4Nos), Sweeper (2Nos) & Hostel warden for boys & girls. Interested Candidate can Apply / Contact with all Copies of Certificate & Aadhaar card details for Interview.
S.T.A.R COLLEGE & MANAGEMENT
167, Forest Park, Bhubaneswar, Mail ID : starcmbbsr@gmail.com
Contact No: 9040090543, 9777897695, 9861444447, 9937337659

BRINDAVAN HOSPITAL & RESEARCH CENTRE P. LTD.
Ranchi Road, Dist-Ramgarh, Jharkhand
NEED LADY DOCTORS MD OBS. GYNECOLOGY WITH KNOWLEDGE IN IVF & USG.
Please mail us on:
brindavan_hospital@rediffmail.com
Mobile No.:
9199342254
7209671916

ମାଳୀ ଆବଶ୍ୟକ
ଫାର୍ମ ପାଇଁ ମାଳୀ ଆବଶ୍ୟକ।
ଯୋଗାଯୋଗ :
ଟଙ୍କପାଣି ରୋଡ୍, ଭୁବନେଶ୍ୱର
Ph.: 8260765256
8480925433

# 'ଭ୍ରଷ୍ଟାଚାର ବିରୋଧରେ ଲୋକଙ୍କୁ ସଚେତନ କରାଇବା ଲକ୍ଷ୍ୟ'

**ଭଦ୍ରକ ଅଫିସ,୮।୧୧**

## କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା

ଭଦ୍ରକରେ ମଙ୍ଗଳବାର କଂଗ୍ରେସ ପକ୍ଷରୁ ଭାରତ ଯୋଡ଼ୋ ଯାତ୍ରା କରାଯାଇଛି। ଜିଲା ସଭାପତି ସୁବ୍ରତ ଦାସ ଏହାର ନେତୃତ୍ୱ ନେଇଥିଲେ। ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ରାଜ୍ୟ ମହିଳା ସଭାନେତ୍ରୀ ବନ୍ଦିତା ପରିଡା, ଭାରତ ଯୋଡ଼ୋ ଯାତ୍ରାର ରାଜ୍ୟ ସଂଯୋଜକ ମାନସ ଚୌଧୁରୀ, ହରିଜନ ମୋର୍ଚ୍ଚା ସଭାପତି ବାଙ୍କନିଧି ବେହେରା, ବାଲେଶ୍ୱର ସଂସଦୀୟ କ୍ଷେତ୍ର ନେତା ନବଜ୍ୟୋତି ପଟ୍ଟନାୟକ, ପଦ୍ମାକର ଗୁରୁ, ଅଭିଷେକ ନନ୍ଦ, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଭଦ୍ରକ ବିଧାନସଭା କ୍ଷେତ୍ର ନେତା ନଳିନୀକାନ୍ତ ମହାନ୍ତି, ପ୍ରଦ୍ୟୁମ୍ନ ଦାସ ପ୍ରମୁଖ ଏଥିରେ ସାମିଲ ଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା, ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ଲୋକଙ୍କୁ ସଚେତନ କରାଇବା ସହ ସାଧାରଣ ଗରିବ ଲୋକଙ୍କୁ ନ୍ୟାୟ ଦେବା ଏହି ଯାତ୍ରାର ଲକ୍ଷ୍ୟ ବୋଲି ଦଳୀୟ ନେତୃବୃନ୍ଦ କହିଥିଲେ। ଧାମନଗର ଛକଠାରୁ ପଦଯାତ୍ରା ବାହାରି ଭଦ୍ରକ ଗେଲପୁର ଛକଠାରେ ପହଞ୍ଚିବା ପରେ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସେଠାରୁ ପଦଯାତ୍ରାରେ ଜିଲାପାଳ ଅଫିସ, ଅର୍ପିତବିନ୍ଧା ଛକ, ମେଡିକାଲ ଛକ ଦେଇ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଅପରାହ୍ଣରେ ସେଠାରୁ ବାହାରି ଚରମ୍ପା ଦେଇ ରାଣୀତାଲ ନିକଟରେ ବିଦାୟ ଦିଆଯାଇଥିଲା। ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ ଦଳୀୟ କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ।



ଭାରତ ଯୋଡ଼ୋ ଯାତ୍ରାରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହ ଦଳୀୟ ନେତୃବୃନ୍ଦ।

SUNDARAM HOME

ପଞ୍ଜୀକୃତ କାର୍ଯ୍ୟାଳୟ: ନଂ.୨୧, ପାଟୁଲସ୍ ରୋଡ୍, ଚେନ୍ନାଇ-୬୦୦୦୦୨। କର୍ପୋରେଟ୍ କାର୍ଯ୍ୟାଳୟ: ସୁନ୍ଦରମ୍ ଟାୱାର୍ସ, ନଂ. ୪୬, ହ୍ୱାଇଟ୍‌ସ ରୋଡ୍, ଚେନ୍ନାଇ-୬୦୦୦୧୪। ଫୋନ୍-୦୪୪-୨୮୫୧୫୨୬୭

ଶାଖା କାର୍ଯ୍ୟାଳୟ: ଏ/୧୦୮, ୨ୟ ମହଲା, ମାର୍ଫତ୍ ସୁନ୍ଦରମ ଫାଇନାନ୍ସ, ବନଦେବ ଭବନ, ଶହୀଦ ନଗର, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର - ୭୫୧୦୦୭ ।

## ବିକ୍ରୟ ନୋଟିସ

ଯେହେତୁ ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍, ପୂର୍ବରୁ **ସୁନ୍ଦରମ୍ ବିଏନ୍‌ପି ପରିବାସ ହୋମ୍ ଫାଇନାନ୍ସ ଲିମିଟେଡ୍** ଭାବେ ପରିଚିତର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ଏବଂ ଧାରା ୧୩(୧୨) ସହିତ ପଠନପୂର୍ବକ ଧାରା ୧୩(୨) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ଋଣଗ୍ରହୀତାଙ୍କୁ ନୋଟିସ ତାରିଖରୁ ୬୦ ଦିନ ମଧ୍ୟରେ ନୋଟିସରେ ଦର୍ଶିତ ଅର୍ଥରାଶିକୁ ପରିଶୋଧ କରିବା ପାଇଁ ଏକ ଡିମାଣ୍ଡ ନୋଟିସ ଜାରି କରିଥିଲେ ।

ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ବୈଧାନିକ ଅବଧି ମଧ୍ୟରେ ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ପ୍ରାଧିକୃତ ଅଧିକାରୀ କଥିତ ଅଧିନିୟମର ଧାରା ୧୩(୪) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଅନୁଯାୟୀ ନିମ୍ନବର୍ଣ୍ଣିତ ସମ୍ପତ୍ତିକୁ ବାସ୍ତବିକ ଭାବେ ନିଜ ଦଖଲକୁ ନେଇଛନ୍ତି ।

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ନିମ୍ନପ୍ରଦତ୍ତ ସାରଣୀରେ ସମ୍ପୂର୍ଣ୍ଣ ଭାବେ ବର୍ଣ୍ଣିତ ସମ୍ପତ୍ତିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଓ ୯ ଅଧୀନରେ ସର୍ବସାଧାରଣଙ୍କଠାରୁ **ତା୨୬।୧୨।୨୦୨୨ରିଖ** ୧୬.୦୦ ଘଟିକା ପର୍ଯ୍ୟନ୍ତ ଜଉମୁଦଦିଆ ଟେଣ୍ଡର ଆମନ୍ତ୍ରଣ କରାଯାଇ **"ଯେପରି ଅଛି ଯେଉଁଠି ଅଛି"** ଏବଂ **"ଯେପରି ଅଛି ଯାହା ଅଛି"** ଓ **"ସେଠାରେ ଯାହା ବି ଅଛି" ସ୍ଥିତି**ରେ ବିକ୍ରୟ କରାଯିବ । ଯେଉଁମାନେ ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଚାହୁଁଛନ୍ତି, ସେମାନେ **ତା୨୬।୧୨।୨୦୨୨ରିଖ** ୧୬.୦୦ ଘଟିକା କିମ୍ବା ଏହା ପୂର୍ବ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଜଉମୁଦଦିଆ ଲଫାପାରେ କେବଳ ଆର୍‌ପିଏଡି ଦ୍ୱାରା ସେମାନଙ୍କର ବିଡ୍ ପଠାଇପାରିବେ । **ତା୨୬।୧୨।୨୦୨୨ରିଖ** ୧୬.୦୦ ଘଟିକା ପରେ ପ୍ରାପ୍ତ ଟେଣ୍ଡରଗୁଡ଼ିକୁ ନାକଚ କରିଦିଆଯିବ । ଆର୍‌ପିଏଡି ଦ୍ୱାରା **ତା୨୬।୧୨।୨୦୨୨ରିଖ** ୧୬.୦୦ ଘଟିକା ସୁଦ୍ଧା ପ୍ରାପ୍ତ ଜଉମୁଦଦିଆ ଟେଣ୍ଡରଗୁଡ଼ିକୁ **ତା୨୬।୧୨।୨୦୨୨ରିଖ** ୧୬.୩୦ ଘଟିକାରେ ନିମ୍ନଦର୍ଶିତ ସ୍ଥାନରେ ଖୋଲାଯିବ । ସଫଳ ବିଡରଙ୍କୁ ଅବଶିଷ୍ଟ ଅର୍ଥରାଶି ଇଣ୍ଟିମେଶନ୍ ପ୍ରାପ୍ତି ତାରିଖରୁ ୧୫ ଦିନ ମଧ୍ୟରେ ପୈଠ କରିବାକୁ ହେବ । ଉପରେ ଦର୍ଶାଯାଇଥିବା ଅନୁଯାୟୀ ଅବଶିଷ୍ଟ ଅର୍ଥରାଶି ଜମା କରାଯିବା ପରେ ହିଁ ବିକ୍ରୟ ସମ୍ପୂର୍ଣ୍ଣ ହେବ ।

| ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା | ପ୍ରତିଭୂତିଯୁକ୍ତ ଋଣ (ଟ.) | ସମ୍ପତ୍ତି ପାଇଁ ସ୍ଥିର ହୋଇଥିବା ସଂରକ୍ଷିତ ମୂଲ୍ୟ | ମାଲିକାନା ଯାଞ୍ଚ ସ୍ଥାନ |
|---|---|---|---|
| **ଶ୍ରୀ ଅସିତ କୁମାର ମହାନ୍ତି (ଋଣଗ୍ରହୀତା),** ମାର୍ଫତ୍- ଏନ୍. କେ. ପଟ୍ଟନାୟକ, ପ୍ଲଟ୍ ନଂ.-୫୮୨/୮୩୪, କାଳୁନନ୍ଦ ନଗର, ପୋଖରିପୁଟ, ଭୁବନେଶ୍ୱର - ୭୫୧୦୨୦ । **ଶ୍ରୀ ଅସିତ କୁମାର ମହାନ୍ତି,** ମେସର୍ସ କ୍ରିଏଟିଭ୍ ସଲ୍ୟୁସନ୍ସ, ପ୍ଲଟ୍ ନଂ.-୨୯୩୮ ବି, ଗୌରୀ ନଗର, ଗ୍ୟାରେଜ୍ ଛକ, ଭୁବନେଶ୍ୱର-୭୫୧୦୦୨ । **କ୍ରିଏଟିଭ୍ ସଲ୍ୟୁସନ୍ (ସହ-ଋଣଗ୍ରହୀତା),** ପ୍ଲଟ୍ ନଂ. ୨୯୩୩, ଗୌରୀ ନଗର, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨ । **ଶ୍ରୀମତୀ ଶାନ୍ତିଲତା ମହାନ୍ତି (ସହ-ଋଣଗ୍ରହୀତା),** ମାର୍ଫତ୍- ଏନ୍. କେ. ପଟ୍ଟନାୟକ, ପ୍ଲଟ୍ ନଂ.-୫୮୨/୮୩୪, କାଳୁନନ୍ଦ ନଗର, ପୋଖରିପୁଟ, ଭୁବନେଶ୍ୱର - ୭୫୧୦୨୦ । **ଶ୍ରୀମତୀ ଶାନ୍ତିଲତା ମହାନ୍ତି ସ୍ଥାନ ଭାଣପୁର,** ଭାୟା-ପିପିଲି, ଥାନା- ନିମାପଡ଼ା, ପିପିଲି, ପୁରୀ-୭୫୨୧୦୪ **ଶ୍ରୀମତୀ ଶାନ୍ତିଲତା ମହାନ୍ତି,** ପ୍ଲଟ୍ ନଂ.-୫୯୮/୧୨୨୨, ଖାତା ନଂ.୦୩, ଭାଣପୁର, ଥାନା- ବଳଙ୍ଗା, ବଳଙ୍ଗା, ପୁରୀ-୭୫୨୧୧୪ | ଟ. ୩୬,୪୮,୭୦୩/- (ଛତିଶ ଲକ୍ଷ ଅଠଚାଳିଶ ହଜାର ସାତଶହ ତିନି ଟଙ୍କା ମାତ୍ର) ୦୯।୧୧।୨୦୨୨ ସୁଦ୍ଧା + ଭବିଷ୍ୟତ ସୁଧ + ବୈଧାନିକ ବ୍ୟୟ + ଆଇନଗତ ବ୍ୟୟ + ଆନୁଷଙ୍ଗିକ ଶୁଳ୍କ । | ଟ. ୩୭,୧୪,୦୦୦/- (ସଇଁତିରିଶ ଲକ୍ଷ ଚଉଦ ହଜାର ଟଙ୍କା ମାତ୍ର) | ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍, ଏ/୧୦୮, ୧ମ ମହଲା, ବନଦେବ ଭବନ, ଶହୀଦ ନଗର, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର- ୭୫୧୦୦୭ |
| | | **ଅମାନତ ଜମା ରାଶି** | **ଟେଣ୍ଡର ଖୋଲାଯିବା ସ୍ଥାନ** |
| | | ଟେଣ୍ଡର ମୂଲ୍ୟର ୨୫% | **ମେସର୍ସ ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍,** ୨୩, କ୍ୟାଥେଡ୍ରାଲ ଗାର୍ଡେନ ରୋଡ୍, ୨ୟ ମହଲା, ନୁଙ୍ଗାମବକ୍କମ୍, ଚେନ୍ନାଇ-୬୦୦୦୩୪ |
| | | | **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ** |
| | | | ୨୬।୧୨।୨୦୨୨ @ ୧୬.୩୦ |

**ସମ୍ପତ୍ତିର ବର୍ଣ୍ଣନା:** ଖାତା ନଂ.୦୩, ପ୍ଲଟ୍ ନଂ.୫୯୮/୧୨୨୨ ଅଧୀନରେ ଏ.୦.୧୦୦ ଡେସିମିଲ ପରିମାପର ସ୍ଥାବର ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ, କିସମ: ଘରବାରି (ହୋମ୍‌ଷ୍ଟିଡ୍), ଅବସ୍ଥିତି ସ୍ଥାନ: ମୌଜା/ରାଜସ୍ୱ ଗ୍ରାମ, ଭାଣପୁର, ତହସିଲ: ନିମାପଡ଼ା ଅଧୀନରେ, ନଂ.୫୦, ଜିଲ୍ଲା: ପୁରୀ, ଓଡ଼ିଶା ରାଜ୍ୟ ଏବଂ **ନିମ୍ନ ଅନୁଯାୟୀ ଚଉହଦିରେ ଆବଦ୍ଧ:** ଉତ୍ତର ଆଡ଼କୁ ରଘୁ ସାହୁଙ୍କ ଦ୍ୱାରା, ଦକ୍ଷିଣ ଆଡ଼କୁ ସଡ଼କ ଦ୍ୱାରା, ପୂର୍ବ ଆଡ଼କୁ ପ୍ରତାପ ରାଉତରାୟଙ୍କ ଦ୍ୱାରା, ପଶ୍ଚିମ ଆଡ଼କୁ ନେପାଳ ମହାପାତ୍ରଙ୍କ ଦ୍ୱାରା ।

**ଦ୍ରଷ୍ଟବ୍ୟ: ଆଗ୍ରହୀ କ୍ରେତାମାନଙ୍କୁ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ସମ୍ପତ୍ତିର ମାଲିକାନା ସମ୍ପର୍କରେ ଦଲିଲଗୁଡ଼ିକୁ ଯାଞ୍ଚ କରିବା ଓ ସେ ସମ୍ବନ୍ଧରେ ସନ୍ତୁଷ୍ଟ ହେବା ପାଇଁ ଅନୁରୋଧ କରାଯାଉଛି । କ୍ରୟ ନିଶ୍ଚିତ ହେବା ପରେ, ଯଦି ସମ୍ପତ୍ତିର ମାଲିକାନା କିମ୍ବା ପ୍ରକୃତିକୁ ନେଇ କୌଣସି ବିବାଦ ଉପୁଜେ, ତେବେ ଅର୍ଥରାଶି ଫେରସ୍ତ କରାଯିବ ନାହିଁ ।**

**ଶ୍ରୀ ଅସିତ କୁମାର ମହାନ୍ତି, ଋଣ ଖାତା ନଂ.୬୬୨୦୦୧୫୦ର ସମ୍ପତ୍ତି ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି www.sundaramhome.in/uploads/files/sale_notice/66200150.pdf ଦେଖନ୍ତୁ ।**

ତାରିଖ: ୦୯।୧୧।୨୦୨୨

ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ ପାଇଁ
ପ୍ରାଧିକୃତ ଅଧିକାରୀ

ଭଗବତ୍ ପ୍ରେମର ଅବ୍ୟବହିତ ନିମ୍ନ ଦେଶରେ ରହିଛି ମଣିଷ ଭିତରେ ଭଗବାନଙ୍କୁ ଭଲ ପାଇବା। ଏଠାରେ ହିଁ ଲାଭ ହୁଏ ବହୁତ୍ୱର ଆନନ୍ଦ। ... ଭଗବତ ପ୍ରେମ ଓ ସର୍ବଭୂତରେ ଦୟାଭାବ ହେଲା ପୂର୍ଣ୍ଣଜ୍ଞାନର ପ୍ରଥମ ସୋପାନ। **–ଶ୍ରୀଅରବିନ୍ଦ**



# ଏଲନ୍‌ଙ୍କ ଟୁଇଟର

ସାମାଜିକ ଗଣମାଧ୍ୟମରେ ରାଜୁତି କରୁଥିବା ଅନ୍ୟତମ ମାଇକ୍ରୋବ୍ଲଗିଂ ସାଇଟ୍ ଟୁଇଟରର ମାଲିକାନା ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ୍ ମସ୍କଙ୍କ ହାତକୁ ଚାଲିଯିବା ପରେ ଦିନକୁଦିନ ନୂଆ ଖବର ପଦାକୁ ଆସୁଛି। 'ବ୍ଲୁ ଟିକ୍' ପାଇଁ ଅର୍ଥ ଚାର୍ଜ କରିବା ଯୋଜନାଠାରୁ ଆରମ୍ଭକରି ସଂସ୍ଥାରୁ କର୍ମଚାରୀଙ୍କୁ ବିଦା କରାଯିବା କଥା ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ପାଲଟିଛି। ଆମେରିକାର ସାନ୍‌ଫ୍ରାନ୍ସିସ୍କୋରେ ଥିବା ମୁଖ୍ୟାଳୟରୁ ୫୦ ପ୍ରତିଶତ କର୍ମଚାରୀଙ୍କୁ ଏହାର ମାଲିକ ମସ୍କ ବିଦା କରିଦେଇଥିବା ବେଳେ ୭ ନଭେମ୍ବର ୨୦୨୨ରେ ଟୁଇଟର ଇଣ୍ଡିଆରୁ ୯୦ ପ୍ରତିଶତ କର୍ମଚାରୀଙ୍କୁ ଛଟେଇ କରାଯାଇଛି। ମସ୍କଙ୍କ ଏହି ନିଷ୍ପତ୍ତି ପ୍ରମାଣ କରିଦେଉଛି ଯେ, ଅତ୍ୟଧିକ ଧନୀ ବ୍ୟକ୍ତିବିଶେଷ ନିଯୁକ୍ତିର ସୁଯୋଗ ସୃଷ୍ଟି କରନ୍ତି ବୋଲି ଧାରଣା ଅତ୍ୟନ୍ତ ଭ୍ରମାତ୍ମକ। ଅପରପକ୍ଷରେ ସେହି ଧନୀମାନଙ୍କର ସବୁଠାରୁ ଅଧିକ କାର୍ବନ ଫୁଟ୍‌ପ୍ରିଣ୍ଟ ରହୁଛି ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି। ତେବେ ଯେହେତୁ ଟୁଇଟର ସମ୍ପୂର୍ଣ୍ଣ ଭାବେ ଜଣେ ବ୍ୟକ୍ତିଙ୍କ ମାଲିକାନାକୁ ଚାଲିଯାଇଛି ତାଙ୍କ ହିସାବରେ ସେ କାହାକୁ ରଖିବେ ଓ କାହାକୁ ବିଦା କରିବେ, ତାହା ମାଲିକଙ୍କ ଉପରେ ନିର୍ଭର କରେ। କିନ୍ତୁ ସେ ଯେଉଁଭଳି ଭାବେ ବିଭିନ୍ନ ବୈଶ୍ୱିକ ବ୍ୟାପାରରେ ମୁଣ୍ଡ ଖେଳାଇ ମନ୍ତବ୍ୟମାନ ଦେଉଛନ୍ତି ତାହା କମ୍ପାନୀ ପ୍ରତି ଥିବା ଗ୍ରହଣଶୀଳତାକୁ ହ୍ରାସ କରୁଛି ବୋଲି ଆଲୋଚନା ହେଲାଣି।

ଆମେରିକାରେ ନିର୍ଣ୍ଣାୟକ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ୮ ନଭେମ୍ବର ୨୦୨୨ରେ ଆରମ୍ଭ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ମସ୍କ ତାଙ୍କର ରାଜନୈତିକ ଦୃଷ୍ଟିକୋଣରେ ରିପବ୍ଲିକାନ୍‌ଙ୍କୁ ସମର୍ଥନ କରିବା ଉଚିତ ବୋଲି ସାଧାରଣରେ ଘୋଷଣା କରିଛନ୍ତି। ଫଳରେ ସେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପ୍ରତି ପୁନଶ୍ଚ ଆନୁଗତ୍ୟ ପ୍ରଦର୍ଶନ କରିଥିବା ବୁଝିହେଉଛି। ଟୁଇଟରକୁ ଅଧିଗ୍ରହଣ କରିବା ପୂର୍ବରୁ ବିଶ୍ୱବ୍ୟାପୀ ଚର୍ଚ୍ଚା ହୋଇଥିଲା ଯେ ଟ୍ରମ୍ପ୍‌ଙ୍କର ମସ୍କଙ୍କ ସହିତ ବୁଝାମଣା ହୋଇଛି। ଯେହେତୁ ଅତୀତରେ ଟ୍ରମ୍ପ୍‌ଙ୍କୁ ଟୁଇଟର ବାସନ୍ଦ କରିଥିଲା, ତାହାର ପ୍ରତିଶୋଧ ନେବା ଲାଗି ସେ ଉପାୟ ଉଣ୍ଢୁଥିଲେ। 'ଟ୍ରୁଥ୍ ସୋସିଆଲ୍' ନାମରେ ସୋସିଆଲ୍ ନେଟ୍‌ୱର୍କିଂ ସର୍ଭିସ ଟ୍ରମ୍ପ୍‌ଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲେ ମଧ୍ୟ ତାହା କାମ ଦେଇ ନ ଥିଲା। ଏବେ ଯେହେତୁ ଟୁଇଟର ଘରୋଇ କମ୍ପାନୀରେ ପରିଣତ ହୋଇଛି ଓ ମସ୍କଙ୍କ ପ୍ରତି ଟ୍ରମ୍ପ୍‌ଙ୍କ ସମର୍ଥନ ରହିଆସିଛି, ସେହି ଦୃଷ୍ଟିରୁ ଦେଖିଲେ ଏହି ମାଇକ୍ରୋବ୍ଲଗିଂ ସାଇଟ୍‌ରୁ ଜନସାଧାରଣ ସ୍ୱଚ୍ଛତା ଆଶା କରିବାରେ ସନ୍ଦେହ ଉପୁଜିଲାଣି। ଟୁଇଟର କିଣାବିକାରେ ଯେତିକି ଅର୍ଥ ବ୍ୟୟ ହୋଇଛି ତାହା ନିଶ୍ଚିତ ଭାବେ ଫେରସ୍ତ ଆସୁ ବୋଲି ମସ୍କ ଚାହିଁବେ। ସେଥିରେ କାହାରି କୌଣସି ଆପତ୍ତି ଯଥାର୍ଥ ହେବ ନାହିଁ। ଅପରପକ୍ଷରେ ଟୁଇଟର କେବଳ ଗୋଟିଏ ବ୍ୟବସାୟ ପାଇଁ ଉଦ୍ଦିଷ୍ଟ ସଂସ୍ଥା ନୁହେଁ। ପ୍ରଯୁକ୍ତି ସଂଶ୍ଳିଷ୍ଟ ହୋଇଥିବାରୁ ତାହାର ଏକ ବିରାଟ ସାମାଜିକ ପ୍ରଭାବ ଅଛି। ସେହି ପ୍ରଭାବକୁ ଅଣଦେଖା କଲେ ତ୍ରୁଟି ଘଟିବାର ସବୁ ଆଶଙ୍କା ରହିଛି।

# ବଟୁଆ ଖୋଲୁନାହାନ୍ତି

ଜଳବାୟୁ ପରିବର୍ତ୍ତନ ଯୋଗୁ ବିଶ୍ୱରେ ବାତ୍ୟା, ବନ୍ୟା, ମରୁଡ଼ି, ବନାଗ୍ନି, ହିମ ଓ ଭୂସ୍ଖଳନ ଏବଂ ସମୁଦ୍ର ଜଳପତ୍ତନ ବୃଦ୍ଧି ଘଟି ବ୍ୟାପକ ଧନଜୀବନ କ୍ଷତି ହେଉଛି। ଏହାସହ ଜଳବାୟୁଜନିତ ଶରଣାର୍ଥୀଙ୍କ ସଂଖ୍ୟା ବଢ଼ି ପାଶ୍ଚାତ୍ୟରେ ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ପ୍ରଭାବିତ କରୁଛି। ଜଳବାୟୁ ପରିବର୍ତ୍ତନର ଏସବୁ ନକାରାତ୍ମକ ପ୍ରଭାବକୁ ରୋକିବା ପାଇଁ ପ୍ରତିବର୍ଷ ଭଳି ଏଥର ଇଜିପ୍ଟର ଶର୍ମ-ଏଲ୍-ଶେଖ୍‌ରେ ଶତାଧିକ ବିଶ୍ୱନେତାଙ୍କ ଉପସ୍ଥିତିରେ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ କପ୍୨୭ ଅନୁଷ୍ଠିତ ହେଉଛି। ସମ୍ମିଳନୀ ପ୍ରାରମ୍ଭରୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ଜଳବାୟୁଜନିତ କ୍ଷୟକ୍ଷତି ଉପରେ ଚିନ୍ତା ପ୍ରକଟ କରି ଆଗୁଆ ସତର୍କ ସୂଚନାର ଆବଶ୍ୟକତାକୁ ଗୁରୁତ୍ୱ ଦେଇଛନ୍ତି। ବିଶ୍ୱ ଜନସଂଖ୍ୟାର ଅଧା ଏବେ ଜଳବାୟୁଜନିତ ବିପଦ ବଳୟରେ ଅଛନ୍ତି ବୋଲି ଗୁଟେରସ କହିଛନ୍ତି। ବିଶ୍ୱ ପାଣିପାଗ ସଂଗଠନ(ଡବ୍ଲ୍ୟୁଏମ୍‌ଓ) ଓ ଏହାର ବୈଷୟିକ ସହଯୋଗୀଙ୍କ ଦ୍ୱାରା ପ୍ରସ୍ତୁତ ଏକ ପାଞ୍ଚବର୍ଷିଆ(୨୦୨୩ରୁ ୨୦୨୭) ଯୋଜନାରେ ସତର୍କ ସୂଚନାର ଭିତ୍ତିଭୂମି ଓ କ୍ଷମତା ବୃଦ୍ଧିରେ ୩.୧ ବିଲିୟନ ଆମେରିକୀୟ ଡଲାର ବ୍ୟୟ କରାଯିବ ବୋଲି ଗୁଟେରସ କହିଛନ୍ତି। ବାସ୍ତବରେ ଅଧିକାଂଶ ବିକାଶଶୀଳ କିମ୍ବା ଦ୍ୱୀପ ଦେଶରେ ପ୍ରାକୃତିକ ବିପର୍ଯ୍ୟୟ ସତର୍କ ସୂଚନା ବ୍ୟବସ୍ଥା ଖୁବ୍ କମ୍ କିମ୍ବା ଆଦୌ ନାହିଁ । ଏହା ହୋଇପାରିଲେ ନିଶ୍ଚିତ ଭାବେ ୩୦% କ୍ଷୟକ୍ଷତି ହ୍ରାସ କରାଯାଇପାରିବ ବୋଲି ଡବ୍ଲ୍ୟୁଏମ୍‌ଓ ମହାସଚିବ ପେଟେରି ଟାଲାସ କହିଛନ୍ତି। ବିକାଶଶୀଳ ଦେଶଗୁଡ଼ିକରେ ପୂର୍ବ ସତର୍କ ସୂଚନା ପ୍ରଦାନରେ ୮୦୦ ନିୟୁତ ଡଲାର ବିନିଯୋଗ ହୋଇପାରିଲେ ବର୍ଷକୁ ୩ରୁ ୧୬ ବିଲିୟନ ଡଲାର କ୍ଷତିକୁ ରୋକାଯାଇପାରିବ। ଟାଲାସଙ୍କ ମନ୍ତବ୍ୟ ଏବକାର ସ୍ଥିତିରେ ମହତ୍ତ୍ୱପୂର୍ଣ୍ଣ। କାରଣ ଡବ୍ଲ୍ୟୁଏମ୍‌ଓର ବିପର୍ଯ୍ୟୟ ପରିସଂଖ୍ୟାନ ଅନୁଯାୟୀ, ବିଗତ ୫୦ ବର୍ଷ (୧୯୭୦ରୁ ୨୦୧୯)ରେ ପାଣିପାଗ, ଜଳବାୟୁ କିମ୍ବା ଜଳ ସମ୍ପର୍କିତ ବିପର୍ଯ୍ୟୟ ପ୍ରାୟ ପ୍ରତିଦିନ ସଂଘଠିତ ହୋଇ ଦୈନିକ ହାରାହାରି ୧୧୫ ଜଣଙ୍କ ଜୀବନ ଯାଇଛି। ଏଥିସହ ଏହି ପଚାଶ ବର୍ଷ ଅବଧି ଭିତରେ ଦୈନିକ ହାରାହାରି ୨୦୨ ମିଲିୟନ ଆମେରିକୀୟ ଡଲାର କ୍ଷତି ଘଟିଛି।

ଜଳବାୟୁ ପରିବର୍ତ୍ତନର ଘାତକ ପ୍ରଭାବକୁ ମୁକାବିଲା କରିବା ମୂଳରେ ରହିଛି ଅର୍ଥ। ତେବେ ଏ କ୍ଷେତ୍ରରେ ବିକାଶଶୀଳ ଓ ଗରିବ ଦେଶଗୁଡ଼ିକ ପାଇଁ ଅର୍ଥ କେଉଁଠୁ ଓ କେତେ ଆସିବ ତାହା ହିଁ ପ୍ରଶ୍ନ। ଜଳବାୟୁ ପ୍ରଭାବକୁ ରୋକିବା ସକାଶେ ଧନୀ ଓ ବିକଶିତ ଦେଶଗୁଡ଼ିକ ୨୦୨୦ ପରେ ପ୍ରତିବର୍ଷ ୧୦୦ ବିଲିୟନ ଆମେରିକୀୟ ଡଲାର ଯୋଗାଡ଼ କରିବାରେ ବିଫଳ ହୋଇଛନ୍ତି ବୋଲି କ୍ଲାଇମେଟ୍ ଫାଇନାନ୍ସ ଡେଲିଭରି ପ୍ଲାନ୍ ପ୍ରୋଗ୍ରେସ ରିପୋର୍ଟ ଦର୍ଶାଇବା ପରେ ଏଭଳି ପ୍ରଶ୍ନ ଉଠିବା ସ୍ୱାଭାବିକ। ଉଲ୍ଲେଖଯୋଗ୍ୟ, ୨୦୦୯ରେ ଅର୍ଥ ସଂଗ୍ରହ କରିବା ନିଷ୍ପତ୍ତି ନିଆଯିବା ପରଠାରୁ ୧୧ ବର୍ଷ ଲାଗିଯାଇଥିଲା ପ୍ରଥମ ୧୦୦ ବିଲିୟନ ଡଲାର ସଂଗ୍ରହ କରିବାକୁ। ଅଭିଯୋଗ ବି ଉଠୁଛି, ଅତ୍ୟଧିକ ସବୁଜ ବାଷ୍ପ ନିର୍ଗମନ ଅନୁପାତରେ ଧନୀ ଦେଶଗୁଡ଼ିକର ଆର୍ଥିକ ଯୋଗଦାନ ଯେଭଳି ରହିବା ଦରକାର ତାହା ହେଉନାହିଁ। ଆମେରିକାର କାର୍ବନ ନିର୍ଗମନକୁ ଲକ୍ଷ୍ୟ କଲେ ୧୦୦ ବିଲିୟନ ଡଲାରରେ ଏହାର ଯୋଗଦାନ ୪୦ ବିଲିୟନ ଡଲାର ରହିବା କଥା, କିନ୍ତୁ ଅଦ୍ୟାବଧି ଏହା ୮ ବିଲିୟନରୁ ସାମାନ୍ୟ କମ୍ ରହିଛି। ଆମେରିକା ଭଳି କାନାଡ଼ା, ଅଷ୍ଟ୍ରେଲିଆ ଓ ଚାଇନା ମଧ୍ୟ ଏ କ୍ଷେତ୍ରରେ ପଛରେ ରହିଛନ୍ତି। ବାସ୍ତବତା ହେଉଛି, ସତର୍କ ସୂଚନା ବ୍ୟବସ୍ଥା ଲାଗି କରାଯାଇଥିବା ଯୋଜନା ଏବଂ ଆର୍ଥିକ ଅଟକଳ ସହ ଜଳବାୟୁ ମୁକାବିଲାର ଅହୁରି ଅନେକ ଦିଗରେ ଅଧିକ ସବୁଜ ନିବେଶର ଆବଶ୍ୟକତା ରହିଛି। ହେଲେ ସବୁବେଳେ ଏହାର ଅଭାବ ଦେଖାଯାଇଛି । ଏସବୁ ଦୃଷ୍ଟିରୁ ଅର୍ଥ ଯୋଗାଡ଼ ଓ ଆର୍ଥିକ ସହାୟତା ଆଉ ବିଲିୟନରେ ସୀମିତ ନ ରହି ଟ୍ରିଲିୟନରେ ହେବା ଦରକାର। କିନ୍ତୁ ବାସ୍ତବ ସ୍ଥିତିକୁ ଦେଖିଲେ କୌଣସି ଧନୀଦେଶ ତାଙ୍କର ବଟୁଆ ଖୋଲୁନାହାନ୍ତି, ଯାହାଫଳରେ ସର୍ବନିମ୍ନ ଆବଶ୍ୟକ ଅର୍ଥ ମଧ୍ୟ ମିଳିପାରୁନାହିଁ। ଏହା ବ୍ୟତୀତ ଧନୀ ଓ ଶକ୍ତିଶାଳୀ ଦେଶଗୁଡ଼ିକୁ ଦୋଷ ଦେବାର କ୍ଷମତା ମଧ୍ୟ କୌଣସି ସଂସ୍ଥା ବା ଗୋଷ୍ଠୀର ରହୁନାହିଁ ବୋଲି ଭବିଷ୍ୟତ ଅନ୍ଧକାରମୟ ହେଉଛି।

# ନିରର୍ଥକ ହଲ୍ଲାଗୁଲ୍ଲା



ନାରାୟଣ ମିଶ୍ର

ଏବେ ପ୍ରତି ୨/୩ ମାସରେ ଥରେ ବାରମ୍ବାର ଶ୍ରେଷ୍ଠ ପୁରସ୍କାର ପାଉଥିବା ଆମ ରାଜ୍ୟରେ ଗୋଟାଏ ଲେଖାଁ ଜଘନ୍ୟ ହତ୍ୟାକାଣ୍ଡ, ଦୁଷ୍କର୍ମ, ହତ୍ୟା ଇତ୍ୟାଦି ଘଟି ଚାଲିଛି। କୌଣସି ଏକ ପାଶବିକ, ଅମାନୁଷିକ, ବର୍ବରୋଚିତ ଘଟଣା ଲୋକଲୋଚନକୁ ସାଧାରଣ ଜନତା ଆଣିବା ପରେ ଆମ ଟିଭିବାଲା ପ୍ରତି ଚ୍ୟାନେଲରେ ବହୁ ଉଚ୍ଚ ସ୍ୱରରେ ଘଟଣାକୁ ୮/୧୦ ଦିନ ପର୍ଯ୍ୟନ୍ତ ଦିନରାତି ଏଭଳି ଦେଖାଇ ଚାଲିଛନ୍ତି ଯେ ଆମେ ଭାବୁଛେ ବୋଧହୁଏ ଏଇ ଥରକ ଏ ବ୍ୟଭିଚାରରେ ସମ୍ପୃକ୍ତ ନେତା ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ ବିଚ୍‌ରାସ୍ତାରେ ବନ୍ଧାହୋଇ ଜେଲ ଆଡ଼କୁ ଚାଲି ଚାଲି ପଶିଯିବେ। ସେମାନଙ୍କର ଆଉ ମୁକ୍ତି ନାହିଁ, ସେମାନେ ଆଉ ପୋଲିସ ହାଜତରୁ ଖସିପାରିବେ ନାହିଁ। ସେମାନଙ୍କର ମାନସମ୍ମାନ ଚାଲିଯିବ ଏବଂ ଭବିଷ୍ୟତ ନିଶ୍ଚିତ ନଷ୍ଟ ହୋଇଯିବ। କାରଣ ଟିଭିରେ କୁହାଯାଉଛି ଯେ ଅଭିଯୋଗକାରୀ ଅନେକ ପ୍ରତିଷ୍ଠିତ ନେତା, ବ୍ୟବସାୟୀ ଓ ପ୍ରଶାସନିକ ଅଧିକାରୀଙ୍କ ନାଁ ଏଫ୍‌ଆଇଆର୍‌ରେ ଦେଇଥିବାରୁ ସେମାନଙ୍କର ନିଦ ହଜିଯାଇଛି। ଆହୁରି କୁହାଯାଉଛି ଯେ ନିର୍ଦ୍ଦିଷ୍ଟ ନେତାଙ୍କ ଅଡୁଆ ବଢ଼ିଲା, ଆଉ ମୁକୁଳିବାର ବାଟ ନାହିଁ। କିନ୍ତୁ ସେମିତି କିଛି ହୁଏ ନାହିଁ, କାରଣ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରଥମେ ପୋଲିସ ହିଁ ପହଞ୍ଚେ। ଅଭିଯୋଗ ସମ୍ବଳିତ ସମସ୍ତ କାଗଜପତ୍ର, ମୋବାଇଲ, ଲାପ୍‌ଟପ୍ ଇତ୍ୟାଦି ପୋଲିସ ଜବତକରି ନେଇଆସେ। ଯା' ମଧ୍ୟରେ ସାଧାରଣ ଜନତାଙ୍କ ଆକ୍ରୋଶ ଓ ଆକ୍ରମଣରୁ ବଞ୍ଚିବା ପାଇଁ ଅଭିଜ୍ଞ ଜଣକ ସମ୍ପୃକ୍ତ ମନ୍ତ୍ରୀ ବା ରାଜନେତା ବା ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଛତ୍ରଛାୟା ତଳେ ଲୁଚିଯାଆନ୍ତି। ପୋଲିସ ଅଭିଯୁକ୍ତଙ୍କୁ 'ଫେରାର' ଦର୍ଶାଇ ଜବତ ହୋଇଥିବା ମୋବାଇଲ 'ହାର୍ଡଡିସ୍କ, ସିସିଟିଭି କବଳିତ ଦୃଶ୍ୟ, ଲାପ୍‌ଟପ୍ ନେଇ ସମ୍ପୃକ୍ତ ଓ ଏ ଅଭିଯୋଗରେ ଜଡ଼ିତ ନେତାଙ୍କୁ ପରାମର୍ଶ କରେ ଏବଂ କେଉଁଭଳି ଏ ସବୁକୁ ଉଡ଼ାଇ ଦେଇ ମାନ୍ୟବରଙ୍କୁ ଦୋଷମୁକ୍ତ କରିହେବ ସେ ବିଷୟରେ ଆଲୋଚନା କରେ। କମ୍ପ୍ୟୁଟର ବିଶେଷଜ୍ଞଙ୍କ ବିଚକ୍ଷଣ ବୁଦ୍ଧିରେ ଏଫ୍‌ଆଇଆର୍‌ରେ ନାଁ ଥିଲେ ବି ସେମାନଙ୍କୁ ପଚରାଉଚରା ପାଇଁ ମଧ୍ୟ ଡକାଯାଏ ନାହିଁ। ଅଭିଯୁକ୍ତ ତା' ଚେଷ୍ଟାରେ ସମସ୍ତ ସାକ୍ଷ୍ୟପ୍ରମାଣ ଉଡ଼ାଇଦେବା ପରେ ଏବଂ ପୋଲିସ, ରାଜନେତା ଓ ଅଧିକାରୀଙ୍କ ନାଁ ଡିଲିଟ୍‌କରି ଦେବା ପରେ ଆମ ପୋଲିସ ଅଭିଯୁକ୍ତକୁ ଆରେଷ୍ଟକରି ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ହଜାର କରାନ୍ତି। ଘଟଣାର ଗୁରୁତ୍ୱ ଓ ଜନତାଙ୍କ ହଲ୍ଲାଗୁଲ୍ଲାକୁ ସମ୍ମାନ ପ୍ରଦର୍ଶନ ପୂର୍ବକ ମାଜିଷ୍ଟ୍ରେଟ ଅଭିଯୁକ୍ତର ଜାମିନ ଆବେଦନକୁ ଅଗ୍ରାହ୍ୟ କରିଦିଅନ୍ତି। ଅନ୍ୟ ଗୋଟିଏ ଦୁଇଟି ଦୁଷ୍କର୍ମ, ହତ୍ୟା ଓ ପୋଡ଼ିଦେବା ଘଟଣା ଆସିଗଲେ ପୂର୍ବ ଘଟଣାର ଅଭିଯୁକ୍ତଙ୍କୁ କୋହଳ ସର୍ତ୍ତମୂଳକ ଜାମିନ ଦିଆଯାଏ। ଆମ ଦେଶରେ ଜାମିନ ପାଇବା ହିଁ ଏକମାତ୍ର ନିଶ୍ଚିତତା !!! କାରଣ ତା' ପରେ ମାନ୍ୟବର ନେତା ନିର୍ବାଚନରେ ଲଢ଼ି ବା ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହୋଇ ପୁଣି ମନ୍ତ୍ରୀ ବନିଯାଆନ୍ତି। ଗାଦିକୁ ଗଲାପରେ ମାନ୍ୟବରଙ୍କ ନିର୍ଦ୍ଦେଶରେ ଆଉ ଯାହା କିଛି ପ୍ରମାଣ ଥାଏ, ତାକୁ ନଷ୍ଟ କରିଦିଆଯାଏ ; ଯଦ୍ୱାରା ବିଚାର ବେଳେ ବିଚାରପତିଙ୍କ ପାଇଁ ଦୋଷୀକୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ଦେଖାଇ ଖଲାସ କରିବାକୁ କିଛି ଅସୁବିଧା ନ ଥାଏ। ଯା' ଦ୍ୱାରା ଅପରାଧ ବାରମ୍ବାର ଘଟାଇବାକୁ ଦୋଷୀକୁ ପ୍ରୋତ୍ସାହନ ମିଳେ। ତଳ କୋର୍ଟରେ ଦଣ୍ଡ ପାଇଥିବା ବ୍ୟକ୍ତି ଉପରକୋର୍ଟରେ ଦଣ୍ଡକୁ କୋହଳ କରିଦେବା ବା ତଳକୋର୍ଟର ନିର୍ଦ୍ଦେଶକୁ ଖାରଜ କରିବାରେ ଓକିଲମାନେ ସାହାଯ୍ୟ କରନ୍ତି। ଯଦି ଦୋଷୀର ଦୋଷ ନ କମିଲା ବା ପୂରା ନ କଟିଲା, ତେବେ କେସ୍‌ଟିକୁ ଓକିଲମାନେ ଏପରି ଗଡ଼ାଇ ଚାଲନ୍ତି ଯେ, ସର୍ବୋଚ୍ଚ ନ୍ୟାୟାଳୟରେ କେସ୍ ବିଚାର ପୂର୍ବରୁ (ଦୋଷୀ ପାଇଥିବା ଦଣ୍ଡର 'ଷ୍ଟେ' ଭିତରେ) ଜୀବନକୁ ଭଲଭାବେ ଉପଭୋଗକରି ଉପରକୁ ଚାଲିଯାଏ (ସ୍ୱର୍ଗାରୋହଣ କରେ)।



ଆମର ଏଠି ଅଳ୍ପ ଦିନର ବ୍ୟବଧାନରେ ୩/୪ଟି ଭୟଙ୍କର ଅମାନୁଷିକ ଘଟଣା ଘଟିଗଲା। ମାହାଙ୍ଗାରେ ଡବଲ ମର୍ଡର ହେଲା, କଳାହାଣ୍ଡିରେ ଶିକ୍ଷୟିତ୍ରୀ ଅପହୃତ ଓ ହତ୍ୟା ପରେ ପୋଡ଼ିଦିଆଗଲା, ନୟାଗଡ଼ରେ ଶିଶୁ ଅପହରଣ ହେଲା, ପଞ୍ଚାୟତ ସମିତି ମୁଖ୍ୟଙ୍କୁ ଉପକୂଳ ଅଞ୍ଚଳରେ ମାରି ଦିଆଗଲା, ବୃହତ୍ ସେକ୍ସ ସ୍କାଣ୍ଡାଲରେ କୋଟି କୋଟି ଟଙ୍କାର ବହୁତଳ ପ୍ରାସାଦ ତିଆରି ହୋଇଗଲା। ଇଏ ମାତ୍ର ଅଳ୍ପ କେତୋଟି ଘଟଣା। ଏ ସବୁଥିରେ ମାନ୍ୟବର ବିଧାନସଭା ସଭ୍ୟ, ଲୋକ ସଭା ସଭ୍ୟ, ଅନେକ ପ୍ରଯୋଜକ, ଶିଳ୍ପପତି ଓ ବରିଷ୍ଠ ଶାସନକର୍ତ୍ତାମାନେ ଜଡ଼ିତ ବୋଲି ଚର୍ଚ୍ଚା ଚାଲିଲା। କିନ୍ତୁ ସରକାରଙ୍କ ଅଧୀନରେ ଓ ତାଙ୍କ ନିର୍ଦ୍ଦେଶରେ ପରିଚାଳିତ ପୋଲିସ ସଂସ୍ଥା କୌଣସି ଜଣେ ମାନ୍ୟବର ସଭ୍ୟଙ୍କୁ ଥରେ ମାତ୍ର ଥାନାକୁ ଡାକି ପଚାରିବାର ସାହସ ଜୁଟାଇ ପାରୁନାହିଁ; ପାରିବ ବି ନାହିଁ। କାରଣ, ସମସ୍ତେ ସରକାରୀ କର୍ମଚାରୀ, ଏପରିକି ବିଚାରାଳୟର କର୍ମଚାରୀମାନେ ମଧ୍ୟ ନିଜ ନିଜର ଚାକିରିର ନିରାପତ୍ତା ଓ ପ୍ରମୋଶନ ପାଇଁ ସରକାରଙ୍କ ଉପରେ ନିର୍ଭରଶୀଳ । ତେଣୁ ଅଖଣ୍ଡ କ୍ଷମତାର ଅଧିକାରୀ ସରକାରଙ୍କ ମନ୍ତ୍ରୀ ବା ଏମ୍‌ଏଲ୍‌ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ତ ଦୂରର କଥା, ମୁହଁ ଖୋଲିବା ବି ବିପଜ୍ଜନକ। କାରଣ ଆମ ଆଖି ଆଗରେ କେନ୍ଦ୍ରାପଡ଼ାର ଜଣେ ସାମ୍ବାଦିକ ମାନ୍ୟବର ସଭ୍ୟଙ୍କ ବିରୋଧରେ ପଦେ ଦି'ପଦ କହି ଓ ଲେଖି ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବାର ଖବର ଚାରିଆଡ଼େ ଭାଇରାଲ ହେଲା।

ଆମ ଦେଶରେ ଗୋଟିଏ କାମ ନିରନ୍ତର ଚାଲିଛି– ନିର୍ବାଚନ ଓ ସେଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ। ଗାଦିକୁ ଥରେ ଅକ୍ତିଆର କଲାପରେ ସେଇଟିକୁ ସବୁଦିନ ପାଇଁ ନିଜେ ରଖିବା ଓ ତା' ଉପରେ ନିଜ ପିଲାଙ୍କୁ ବସାଇବା ପାଇଁ ନେତାମାନେ ଆପ୍ରାଣ ଚେଷ୍ଟା ଚଳାଇଚାଲିଛନ୍ତି। ସେଥିପାଇଁ ଦେଶର ମାନ ସମ୍ମାନ ଏପରିକି ପୂରା ଦେଶ ବିକ୍ରି ହୋଇଗଲେ ବି ଯାଏ ଆସେ ନାହିଁ !!! ଏଇଭଳି ଗତିରେ ଏ ଦେଶ କେତେଦିନ ସ୍ୱାଧୀନ ରହିପାରିବ ? କାରଣ, ନିର୍ବାଚନକୁ ଆଖି ଆଗରେ ରଖି ଆମ ସରକାର ୧୧ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ (ଯେଉଁମାନେ ଜଣେ ଗର୍ଭବତୀ ମହିଳାଙ୍କୁ ଦୁଷ୍କର୍ମକରି ତାକୁ ଓ ତା'ର ତିନୋଟି ପିଲା ସହିତ ପରିବାରର ୭ଜଣଙ୍କୁ ହତ୍ୟା କରିଥିଲେ) ଗତ ସ୍ୱାଧୀନତା ଦିବସରେ (ଆଜୀବନ କାରାଦଣ୍ଡ ପାଇଥିଲେ ବି) ମୁକ୍ତ କରିଦେଇଛନ୍ତି। ଦୋଷୀଙ୍କୁ ନିର୍ଦ୍ଦୋଷ ବୋଲି ପ୍ରମାଣ କରିବାରେ ଚେଷ୍ଟା କରିବା ଓ ଦଣ୍ଡ ପାଇଗଲେ ଭଲ ବ୍ୟବହାର ଆଳରେ ଖଲାସ କରି ଦେଉଥିବା ସରକାରଙ୍କ ଶାସନରେ ଆମେ ସାଧାରଣ ଜନତା କେତେ ସୁରକ୍ଷିତ ଓ ଆଉ କେତେଦିନ !!!

**ଲକ୍ଷ୍ମୀବିହାର, ଭୁବନେଶ୍ୱର**
**ମୋ–୯୯୩୭୪୬୩୭୭**

# ପ୍ରଶ୍ନ ପଚାରିବାର ଅଭ୍ୟାସ



ଡ. ନିରଞ୍ଜନ ମିଶ୍ର

ଓଡ଼ିଆମାନଙ୍କ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆମେ ଅନେକ ନାମରେ ଡାକିଥାଉ। ଯଥା– କାଳିଆ ସାଆନ୍ତ, ଅଧାଗଢ଼ା ଦିଅଁ, ଦାରୁବ୍ରହ୍ମ, ଭାବଗ୍ରାହୀ ଇତ୍ୟାଦି। ସତରେ ତାଙ୍କ କଥା ଭାବିଲେ ଓ ତାଙ୍କ ଜଣାଣ ଶୁଣିଲେ ଭାବ ରାଜ୍ୟରେ ଚହଳ ପଡ଼ିଯାଏ। ଅର୍ଥାତ୍ ମନ ଭିତରେ ଅନେକ ଭାବ ଉଙ୍କିମାରେ। କିଛିଦିନ ତଳେ ଶ୍ରୀମନ୍ଦିର ଭିତରେ ଦୁଇଭାଇଙ୍କ ସଂଳାପ ଏକ ମାଗାଜିନ୍‌ରୁ ପଢ଼ିଥିଲି। ତା'ର ଭାବାର୍ଥଟି ଏହିପରି – ଥରେ ଜ୍ୟେଷ୍ଠ ଭ୍ରାତା ଶ୍ରୀ ଶ୍ରୀ ବଳଭଦ୍ର ଲକ୍ଷ୍ୟକଲେ ଯେ, କିଛିଦିନ ଧରି ଶ୍ରୀଜଗନ୍ନାଥ ପହୁଡ଼ ବେଳେ ରତ୍ନ ସିଂହାସନ ଛାଡ଼ି ଏକ ସେମିନାରରେ କିଛି ସମୟ କଟାଇବା ପାଇଁ ଯାଉଛନ୍ତି। ଜ୍ୟେଷ୍ଠ ଭ୍ରାତା ପଚାରିବାରୁ ସେ କହିଲେ, ସେଦିନର ବିଷୟବସ୍ତୁ ଥିଲା 'ସୌନ୍ଦର୍ଯ୍ୟ'। ସେ ବଖାଣିଲେ 'ତୁ ହେଲୁ ଜଗତର ନାଥ, ତୋ ନାଁରେ ମଣିଷଗୁଡ଼ା ମେଡିସିନ ଦୋକାନ, ରେସିଡେନ୍ସିଆଲ କଲେଜ ଇତ୍ୟାଦି କଲେଣି। ପୁନଶ୍ଚ ଆମର ତ ଆଖି ଅଛି କିନ୍ତୁ ଭୂଲତା ନାହିଁ, ହାତଗୁଡ଼ାକ କହୁଣି ଯାଏ ଅଛି। ନିମକାଠରେ ଆମର କଳେବର ହୋଇଥିବାରୁ ପଣ୍ଡା ରନ୍ଧା ଅରୁଆ ଭାତ, ଡାଲି, ବେସର ଇତ୍ୟାଦି ଭୋଜନ କଲେ ବି ଆମକୁ ମଧୁମେହ ରୋଗ ହେବନାହିଁ। ଏ ମଣିଷଗୁଡ଼ା ଭାଗରୁ ବଳକା ଉତ୍ପାତ ହେଲେଣି। ତୁ ବାରହାତ ଖଣ୍ଡା ଧରି କଲ୍କୀ ଅବତାର ହୋଇ ମ୍ଳେଚ୍ଛ ସଂହାର କାହିଁକି କରୁନାହୁଁ ? ଜ୍ୟେଷ୍ଠଭ୍ରାତାଙ୍କ ଏ ପ୍ରଶ୍ନରେ ବିଶ୍ୱନିୟନ୍ତା ମାୟାଧର କ'ଣ କହିଲେ ଅବଶ୍ୟ ଆମେ ଜାଣିନାହୁଁ। ଏଠାରେ ଆଉ ଏକ ବିଷୟ ମନେପଡ଼େ। ମହାଭାରତ ଯୁଦ୍ଧରେ କର୍ଣ୍ଣରଥ ଭୂମିରେ ଲାଗିଯିବାରୁ ସେ ତଳକୁ ଓହ୍ଲାଇ ଅର୍ଜୁନଙ୍କୁ ଦୁଇଦଣ୍ଡ ସମୟ ମାଗିଲେ ଓ ଧର୍ମ-ଅଧର୍ମ ଉପରେ ଏକ ଭାଷଣ ଦେଲେ। ଶ୍ରୀକୃଷ୍ଣ ଭୀଷଣ କ୍ରୋଧାନ୍ୱିତ ହୋଇ କହିଲେ, ''ରଜସ୍ୱଳା ନାରୀ କେଶ ଧରି ପରା ଆଣିଥିଲ ସଭାସ୍ଥଳେ /ଗୁରୁଜନ ଆଗେ କଲ ବିବସନା କହ କେଉଁ ଧର୍ମବଳେ ?''କର୍ଣ୍ଣଙ୍କୁ ନିଧନ କରିବା ପାଇଁ କହିଲେ। ଧର୍ମ ରକ୍ଷା ପାଇଁ ନିରସ୍ତ୍ର ମହାଦାନୀ କର୍ଣ୍ଣଙ୍କୁ ନିଧନ କରିବାକୁ ପଡ଼ିଲା। ଗଣକବି ବୈଷ୍ଣବ ପାଣି ଏ ବିଷୟ ସୁନ୍ଦର ଭାବରେ ତାଙ୍କ ଗୀତିନାଟ୍ୟରେ ଲେଖିଛନ୍ତି।

ସବୁ ମଣିଷର ମନ ମଧ୍ୟରେ ତିନିଗୋଟି ଗୁଣ ଅଛି –ସ୍ୱତ୍ତ୍ୱ, ରଜ ଓ ତମ ଗୁଣ। ଏ ବିଷୟ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ଶ୍ରୀମଦ୍ ଭଗବତ୍ ଗୀତାରେ କହିଛନ୍ତି। ସୃଷ୍ଟିକର୍ତ୍ତା ଆମକୁ ଆଉ ଏକ ଗୁଣ ଦେଇଛନ୍ତି। ପ୍ରଶ୍ନ ପଚାରିବାର ଅଭ୍ୟାସ, ବିଖ୍ୟାତ ଇଂରାଜୀ କବି ୟେଟସ୍ କହନ୍ତି, ଅନ୍ୟମାନଙ୍କ ସଙ୍ଗରେ ପାଟିତୁଣ୍ଡ କଲେ ଆମର ଯୁକ୍ତି କରିବା ଶକ୍ତି ବଢ଼ିଯାଏ। କିନ୍ତୁ ନିଜକୁ ନିଜେ ଅନେକ ପ୍ରଶ୍ନ ପଚାରିଲେ କବିତା ଜନ୍ମଲାଭ କରେ। ' ପିତୃପକ୍ଷ ତର୍ପଣ'ରେ ଉତ୍କଳମଣି ଗୋପବନ୍ଧୁ ଲେଖିଛନ୍ତି, ''ମୁଁ କି ଦୋଷୀ ? ପଚାରିଲେ ଅନ୍ତରେ ଅନାଇଁ/ ଅନ୍ତରୁ ଉତ୍ତର ଆସେ ନାହିଁ, ନାହିଁ, ନାହିଁ !/ନୁହେଁ ନରହନ୍ତା



କିବା ପରଧନହାରୀ/ପରଶି ନାହିଁ ଏ ତନୁ କେବେ ପରନାରୀ।'' ଅନେକ ଦୃଷ୍ଟିରୁ ଦେଖିଲେ ଆମେ ଜାଣିପାରିବା ଯେ, ଗାନ୍ଧିଜୀ ଓ ଗୋପବନ୍ଧୁଙ୍କର ନିଜକୁ ନିଜେ ପ୍ରଶ୍ନ ପଚାରିବା ଗୁଣଟି ପ୍ରବଳମାତ୍ରାରେ ଥିଲା। ଗାନ୍ଧିଜୀଙ୍କୁ ଯିଶୁଖ୍ରୀଷ୍ଟ ଓ ବୁଦ୍ଧଙ୍କ ସଙ୍ଗେ ତୁଳନା କରିଛନ୍ତି ରବୀନ୍ଦ୍ରନାଥ ଟାଗୋର। ଜବାହରଲାଲ ତାଙ୍କୁ ସକ୍ରେଟିସ୍‌ଙ୍କ ସଙ୍ଗେ ତୁଳନା କରିଛନ୍ତି। ସେ କମ୍ କଥା କହୁଥିଲେ ଓ ସକ୍ରେଟିସ୍ ପରି ହାସ୍ୟରସ ମଧ୍ୟ ତାଙ୍କଠାରେ ଥିଲା। ୧୯୧୫ର ଭାରତବର୍ଷକୁ ଦେଖି ପଣ୍ଡିତଜୀ ଲେଖିଛନ୍ତି , ଆମେ କ'ଣ କରିବୁ ? ଏ ଘୋର ଦାରିଦ୍ର୍ୟ ଓ ହୀନମନ୍ୟତାରୁ ଆମକୁ କିଏ ରକ୍ଷା କରିବ ? ଏବଂ ତା'ପରେ ଗାନ୍ଧୀ ଆସିଲେ। ସେ ହେଉଛନ୍ତି ଏକ ପ୍ରବଳ ଗତିଶୀଳ ଧାବମାନ ବିଶୁଦ୍ଧ ବାୟୁ, ଏକ ତୀକ୍ଷ୍ଣ ଅଗ୍ନି ସ୍ଫୁଲିଙ୍ଗ୍... ଏକ ଘୂର୍ଣ୍ଣିବାତ୍ୟା... 'ଡିସ୍‌କଭରି ଅଫ୍ ଇଣ୍ଡିଆ' ବହିରେ ନେହେରୁଙ୍କ ଅନ୍ତରର କୋହ ଦେଖିବାକୁ ମିଳେ।

ବିଧାତା ମଣିଷର ଜନ୍ମ ସଙ୍ଗରେ କର୍ମ ଯୋଡ଼ିଦେଇଛି। ଆମେ କରିବା କର୍ମସବୁ ସତ୍ ନା ଅସତ୍, ସେସବୁ ନିଜକୁ ପ୍ରଶ୍ନ କଲେ ହିଁ ଜାଣିପାରିବା। ଏଠାରେ ଓଡ଼ିଆ କବିମାନେ କିଭଳି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିଭିନ୍ନ ପ୍ରଶ୍ନ କରିଛନ୍ତି, ସେ ବିଷୟ ଆଲୋଚନା କରି ଆନନ୍ଦ ଟିକିଏ ପାଇବା ପାଇଁ ସମସ୍ତେ ବ୍ୟାକୁଳ। ଅଭିମାନ କରି ଆଦିକବି ଶାରଳା ଦାସ ଲେଖିଛନ୍ତି, ''ମୁଁ ପତିତ ମୋ ଗୁହାରି ଶ୍ରବଣେ ଅକ୍ଷମ/ ଅଜାମିଳଠାରୁ ମୁଁ କି ଅଟଇ, ଅଧମ ?'' 'ସର୍ପ ଜଣାଣ' କବିତାର କବି ବଳଦେବ ରଥଙ୍କୁ ଓଡ଼ିଆ ସାହିତ୍ୟର 'ମେଟାଫିଜିକାଲ୍ ପୋଏଟ୍' କୁହାଯାଇପାରେ। ଇଂରାଜୀ କବି ଜନ୍ ଡନ୍‌ଙ୍କ 'ହୋଲି ସନେଟ' ସଙ୍ଗେ ଏହା ତୁଳନୀୟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ 'କାଳସର୍ପ ଆପଣ' କହି ସର୍ପର ଗୁଣ ସବୁ ବଖାଣିଛନ୍ତି ଓ ପଣ୍ଡିତମାନେ ଭୟକରି ତାଙ୍କୁ 'କରୁଣାସିନ୍ଧୁ' କହିବାର ସେ ଜାଣିଛନ୍ତି। ଓକିଲ ଭଳି ଯୁକ୍ତିତର୍କ କରୁଛନ୍ତି। ତା'ପରେ ପୁଣି ପ୍ରଶ୍ନବାଣ ''କହ କମଳାନନ ! କାହିଁକି ତୁମ୍ଭ କାନ ସର୍ପ ବୋଇଲେ ଚଳିବାକୁ ହେ କୃପାନିଧି''। ଅଭିମାନରେ ପରିପୂର୍ଣ୍ଣ ଧାଡ଼ିମାନଙ୍କୁ ପଢ଼ିଲେ ଶେଷରେ ନିଜ ଅଜାଣତରେ ଆମ ହୃଦୟ ଭକ୍ତିରସରେ ପରିପୂର୍ଣ୍ଣ ହୋଇଯାଏ।

ବିଷୟଟି ଶେଷ କରିବା ଆଗରୁ ପୁଣିଥରେ ସକ୍ରେଟିସ୍‌ଙ୍କ ପାଖକୁ ଆସିବା। ବଜାରର ଛକ ଜାଗାରେ ଠିଆହୋଇ ସେ ସବୁ ଶ୍ରେଣୀର ଲୋକମାନଙ୍କୁ ବିଭିନ୍ନ ବିଷୟରେ ପ୍ରଶ୍ନ ପଚାରୁଥିଲେ। ସେତେବେଳର ଶାସକମାନେ ଯୁବକମାନଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ଅଭିଯୋଗ ଆଣିଲେ ଓ ମୃତ୍ୟୁଦଣ୍ଡରେ ତାଙ୍କୁ ଦଣ୍ଡିତ କରାଗଲା। ହେମଲକ୍ ବିଷ ପିଇବା ଆଗରୁ ସେ କହିଥିଲେ, ''ମତେ ସିନା ମାରି ଦେଉଛ, କିନ୍ତୁ ମଣିଷର ଏ ପ୍ରଶ୍ନ ପଚାରିବାର ଅଭ୍ୟାସଟିକୁ କଦାପି ମାରି ପାରିବ ନାହିଁ।'' ଏଗୁଣଟି ଥିଲା ଯାକ ମଣିଷକୁ କୌଣସି ଶାସକ ଗୋଷ୍ଠୀ ବିଭ୍ରାନ୍ତ କରିପାରିବେ ନାହିଁ। ସତରେ ଏ ଗୁଣଟି ଆମକୁ ସଦାବେଳେ ସତ୍‌ପଥରେ ଚାଲିବା ପାଇଁ ଆଲୋକ ଦେଖାଇବ ଓ ଆମ ଜୀବନ ମଧୁମୟ ହେବ।

**ମୋ:୯୪୩୭୨୫୮୯୩୬**

## ଏଇ ଭାରତରେ

ଦିନମଜୁରିଆଙ୍କ ଅଭାବୀ ଜୀବନର ଦୁଃଖକୁ ଅନୁଭବ କରିଛନ୍ତି ଦିଲ୍ଲୀର ଦୁଇ ଭାଇ। ସେମାନେ ଦିନମଜୁରିଆମାନଙ୍କୁ ମାଗଣାରେ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ବ୍ରିଗେଡିୟର ପ୍ରେମ୍‌ଜିତ ସିଂ ପାନେସର ଓ କରମ୍‌ଜିତ ସିଂ 'ବୀରଜିକା ଡେରା'ର ସ୍ୱେଚ୍ଛାସେବୀମାନଙ୍କ ସାହାଯ୍ୟରେ ମେଡିକାଲ କ୍ୟାମ୍ପ ଆୟୋଜନ କରୁଛନ୍ତି। ଚାକିରିରୁ ଅବସର ନେବା ପରେ ଗରିବଙ୍କ ସେବା ଲାଗି ୧୯୮୯ରେ 'ବୀରଜିକା ଡେରା ' ଆରମ୍ଭ କରିଥିଲେ ତ୍ରିଲୋଚନ ସିଂ। ପରେ ତାଙ୍କ ଦୁଇ ପୁତ୍ର ପ୍ରେମ୍‌ଜିତ ଓ କରମ୍‌ଜିତ ଏହାକୁ ଚଳାଉଛନ୍ତି। ଦିଲ୍ଲୀ ରାସ୍ତାରେ ସକାଳୁ ଶ୍ରମିକମାନେ ଧାଡ଼ିରେ ରହି ପରୀକ୍ଷା କରିବା ସହ ଚିକିତ୍ସା ଲାଭ କରୁଛନ୍ତି। ଦିନକୁ ତାଙ୍କ ଟିମ୍ ୩୫୦ରୁ ୪୦୦ ଶ୍ରମିକଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ପ୍ରତିଦିନ ସକାଳ ୭ଟାରେ ସ୍ୱେଚ୍ଛାସେବୀ ଗ୍ରୁପ୍ ଏହି ସେବା ଆରମ୍ଭ କରୁଛନ୍ତି। କେବଳ ଏତିକି ନୁହେଁ, ତାଙ୍କ ସଂସ୍ଥା ମଧ୍ୟ ଦିଲ୍ଲୀର ଦଶରଥପୁରୀରେ ୬୫ ଶଯ୍ୟା ବିଶିଷ୍ଟ ଏକ ହସ୍ପିଟାଲ ନିର୍ମାଣ କରିଛନ୍ତି। ଆବଶ୍ୟକ ହେଲେ ଏଠାରୁ ରୋଗୀମାନଙ୍କୁ ଏମ୍ସ ଓ ଦୀନ୍‌ଦୟାଲ ଉପାଧ୍ୟାୟ ହସ୍ପିଟାଲକୁ ପଠାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୯ ନଭେମ୍ବର ୧୯୯୭

- ଭାରତ ଫ୍ରାନ୍ସଠାରୁ ବିଭିନ୍ନ ପ୍ରାକୃତିକ ଗ୍ୟାସ (ଏଲ୍‌ଏନ୍‌ଜି) ଆମଦାନୀ କରିବା ନେଇ ଉଭୟ ଦେଶ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ।
- ରାଜୀବ ଗାନ୍ଧୀ ହତ୍ୟା ମାମଲାର ଷଡ଼ଯନ୍ତ୍ର ଦିଗ ଉପରେ ତଦନ୍ତ କରୁଥିବା ଜୈନ କମିଶନର ମଧ୍ୟବର୍ତ୍ତିକାଳୀନ ରିପୋର୍ଟରେ ଏମ୍. କରୁଣାନିଧି, ବିଶ୍ୱନାଥ ପ୍ରତାପ ସିଂ, ଚନ୍ଦ୍ରଶେଖର ତଥା ପି. ଚିଦାମ୍ବରମଙ୍କୁ ବିଭିନ୍ନ କାରଣ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଛି।
- ସବ୍‌ଜେଲର ଏବଂ ୱାର୍ଡରଙ୍କୁ ରକ୍ତାକ୍ତ ଆକ୍ରମଣ କରି ୧୧ ଜଣ କଏଦୀ ଭଞ୍ଜନଗର ସବ୍‌ଜେଲ୍‌ରୁ ଫେରାର।

## ଚିରନ୍ତନୀ

ମନ-ମନ୍ଦିରେ ବାଜିଲା ଘଣ୍ଟା ମହୁରି
କାହା ପାଇଁ
ଆଖି କୋଣେ କିପାଁ ଲାଗିଲା ମୁଗ୍ଧ କାଉଁରୀ
ମନେ ନାହିଁ।

–(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 7 | | 6 | | | |
| 4 | | 6 | | | 5 | | | |
| | | | 9 | | | 8 | 3 | |
| | | | | | | | | 8 |
| | | | 2 | | 1 | | | |
| | | 5 | | 8 | | | 4 | |
| | | | | 2 | | | 7 | |
| | 3 | 7 | | | | | | 5 |
| 8 | 4 | | | | | | 1 | 3 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 2 | 4 | 5 | 9 | 1 | 7 | 8 |
| 9 | 5 | 8 | 1 | 7 | 3 | 2 | 4 | 6 |
| 1 | 7 | 4 | 2 | 6 | 8 | 9 | 5 | 3 |
| 8 | 4 | 1 | 5 | 9 | 7 | 3 | 6 | 2 |
| 7 | 9 | 5 | 6 | 3 | 2 | 4 | 8 | 1 |
| 6 | 2 | 3 | 8 | 1 | 4 | 7 | 9 | 5 |
| 2 | 8 | 9 | 3 | 4 | 5 | 6 | 1 | 7 |
| 4 | 3 | 6 | 7 | 8 | 1 | 5 | 2 | 9 |
| 5 | 1 | 7 | 9 | 2 | 6 | 8 | 3 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଋଣ ଜାଲ

ମହାଶୟ,

କୁହାଯାଏ ଋଣ, ରୋଗ, ଅଗ୍ନି ଓ ଶତ୍ରୁ ଏମାନଙ୍କୁ ସମୂଳେ ନାଶ ନ କଲେ କାଳାନ୍ତରରେ ଏହା ବୃଦ୍ଧି ପାଇ ବିନାଶ ବା ସର୍ବନାଶର କାରଣ ହୁଏ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଗରିବ ବା ଦାରିଦ୍ର୍ୟଗ୍ରସ୍ତ ବ୍ୟକ୍ତି, ଗୋଷ୍ଠୀ ତଥା ରାଷ୍ଟ୍ରମାନ। ଚାଇନା ପରି ସାମ୍ରାଜ୍ୟବାଦୀ ରାଷ୍ଟ୍ର ବିଶ୍ୱରେ ଶ୍ରେଷ୍ଠ ଆର୍ଥିକ ସ୍ତରରେ ସ୍ୱାବଲମ୍ବନ ବା ସମୃଦ୍ଧ କରାଇବାର ସ୍ୱପ୍ନ ଦେଖାଇ କ୍ଷୁଦ୍ର ତଥା ଆର୍ଥିକ ଦୁର୍ବଳ ରାଷ୍ଟ୍ରଗୁଡ଼ିକୁ ମାତ୍ରାଧିକ ଋଣ ଦେଇ କ୍ରମଶଃ ନିଜ ଅକ୍ତିଆରକୁ ନେବାର ସୁଚିନ୍ତିତ ବା ସୁନିୟୋଜିତ ଯୋଜନାରେ କବଳିତ କରିଚାଲିଛି। ବିଶେଷକରି ଶତ୍ରୁ ରାଷ୍ଟ୍ରର ଚତୁଃପାର୍ଶ୍ୱରେ ଥିବା ରାଷ୍ଟ୍ରଗୁଡ଼ିକ ତା'ର ଚକ୍ରାନ୍ତରେ ପଡ଼ି ସର୍ବସ୍ୱାନ୍ତ ହେଉଛନ୍ତି। ଭାରତର ପଡ଼ୋଶୀ ଦେଶ ଯଥା ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ, ନେପାଳ, ଭୁଟାନ ଆଦି ସହ ଅନେକ ଆଫ୍ରିକୀୟ ରାଷ୍ଟ୍ର ଏହାର ଋଣ ଜାଲରେ କବଳିତ ହୋଇଛନ୍ତି ବା ହେବାକୁ ଯାଉଛନ୍ତି। ଠିକ୍ ସେହିପରି ଓଡ଼ିଶାର ଶାସକ ଦଳ ଦାରିଦ୍ର୍ୟ ବା ଗରିବୀ ଦୂରୀକରଣ ନାଁରେ ପରୋକ୍ଷରେ ସମସ୍ତଙ୍କୁ ଋଣଗ୍ରସ୍ତ କରାଇ ନିଜର ଭୋଟ ପ୍ରତିଶତ ବୃଦ୍ଧି କରାଇବାରେ ଲାଗିଛି। ବିନା ତାଲିମ, ତଦାରଖ ଓ ତାଗିଦରେ ଗୋଦରା ମାଡ଼େ ଯେତେ କୋଡ଼େ ସେତେ ନୀତିରେ ଋଣ ପରେ ଋଣ ବର୍ଷ ବର୍ଷ ଧରି ନେଲାପରେ ବି କୌଣସି ପରିବର୍ତ୍ତନ ବା ସ୍ୱାବଲମ୍ବନର ନାଁ ଗନ୍ଧ ନାହିଁ। କେବଳ ରାଜ୍ୟର ଋଣଭାର ବୃଦ୍ଧି ପାଇଚାଲିଛି। ଫଳତଃ ନା ରାଜ୍ୟ ନା ରାଜ୍ୟବାସୀଙ୍କର ଆର୍ଥିକ ଉନ୍ନତି ଘଟିଛି।

**–ମନସ୍ୱିନୀ ଦାସ, ଚାନ୍ଦବାଲି, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଆଜି ଶ୍ରୀମନ୍ଦିରରେ ୪ ଘଣ୍ଟା ଦର୍ଶନ ବନ୍ଦ**

**ପୁରୀ ଅଫିସ:** ମାର୍ଗଶିର ମାସ କୃଷ୍ଣପକ୍ଷ ପ୍ରତିପଦା ତିଥିରେ ବୁଧବାର ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଏହି ଗୁପ୍ତ ନୀତି ପାଇଁ ଶ୍ରୀମନ୍ଦିରରେ ଅପରାହ୍ନ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ପରେ ଏହି ନୀତି ଅନୁଷ୍ଠିତ ହେବ। ମଇଲମ, ତଡ଼ପଲାଗି ଏବଂ ପହୁଡ଼ ଆଳତି ସମ୍ପନ୍ନ ପରେ ଜୟବିଜୟ ଦ୍ୱାର ବନ୍ଦ କରାଯିବ। ଗର୍ଭଗୃହରେ ଦତ୍ତମହାପାତ୍ର ସେବକମାନେ ବନକଲାଗି ନୀତି ସମ୍ପାଦନ କରି ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି କରାଯାଇ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ।

# ଧାର୍ମିକ ଭାବନା ଓ ବୈଜ୍ଞାନିକ ମତକୁ ନେଇ ବିବାଦ

**ଧାର୍ମିକ ପରମ୍ପରା ଏବଂ ବୈଜ୍ଞାନିକ ତର୍କକୁ ନେଇ ମୁହାଁମୁହିଁ ହୋଇଛନ୍ତି ଦୁଇ ଗୋଷ୍ଠୀ। ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣରେ ଖାଦ୍ୟ ଖାଇଲେ କୌଣସି ଅସୁବିଧା ନାହିଁ, ଏହା କେବଳ ଅନ୍ଧବିଶ୍ୱାସ ବୋଲି ହେତୁବାଦୀମାନେ କହୁଥିବାବେଳେ ଏହାକୁ ପରମ୍ପରାବାଦୀମାନେ ତୀବ୍ର ବିରୋଧ କରିଛନ୍ତି। ପୂର୍ବରୁ ସୂର୍ଯ୍ୟୋପରାଗରେ ଚିକେନ୍ ବିରିୟାନୀ ଖାଇ ଚର୍ଚ୍ଚାକୁ ଆସିଥିବା ହେତୁବାଦୀମାନେ ମଙ୍ଗଳବାର ଚନ୍ଦ୍ରଗ୍ରହଣରେ ମଧ୍ୟ ରୋଷେଇ କରି ଖାଇବା ସହ ଖୋଲାଖୋଲି ଧାର୍ମିକ ପରମ୍ପରାକୁ ଅବମାନନା କରିଥିଲେ। ଫଳରେ ହେତୁବାଦୀ ଓ ପରମ୍ପରାବାଦୀଙ୍କ ମଧ୍ୟରେ କଥା କଟାକଟିରୁ ଆରମ୍ଭ ହୋଇଥିବା ବିବାଦ ହାତାହାତି ପର୍ଯ୍ୟନ୍ତ ପହଞ୍ଚିଥିଲା। ବିବାଦକୁ ନେଇ ଉଭୟ ଗୋଷ୍ଠୀ ନିଜ ନିଜ ସପକ୍ଷରେ ମତ ରଖୁଥିବାବେଳେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ମତାମତକୁ ନେଇ ଏକ ଉପସ୍ଥାପନା।**

## ପତିଆରା କ୍ଷୁଣ୍ଣ ହୋଇଯିବ ବୋଲି ଡରୁଛନ୍ତି



"ଆମେ ସବୁବେଳେ ଅନ୍ଧବିଶ୍ୱାସ ଏବଂ କୁପ୍ରଥାକୁ ବିରୋଧ କରି ଆସୁଛୁ। ଯେଉଁମାନେ ଆମକୁ ବିରୋଧ କରୁଛନ୍ତି, ସେମାନେ ହେତୁବାଦ କ'ଣ ତାହା ଜାଣିନାହାନ୍ତି। କେତେଜଣ ଧର୍ମାନ୍ଧ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଲୋକଙ୍କୁ ଭୟଭୀତ କରି ରଖୁଛନ୍ତି। ହେତୁବାଦୀମାନେ ଏହି ଅନ୍ଧବିଶ୍ୱାସ ବିରୋଧରେ ଯିବାରୁ ସେମାନଙ୍କ ପତିଆରା କ୍ଷୁଣ୍ଣ ହୋଇଯିବ ବୋଲି ଡରୁଛନ୍ତି। ମୁଁ ଜଣେ ବ୍ରାହ୍ମଣ ହୋଇ ବି ଏହି ଅନ୍ଧବିଶ୍ୱାସ ବିରୋଧରେ ଛିଡ଼ା ହୋଇଥିବାରୁ କିଛି ବ୍ୟକ୍ତି ଏହାକୁ ସହ୍ୟ କରିପାରୁ ନାହାନ୍ତି।

**–ପ୍ରତାପ ରଥ, ହେତୁବାଦୀ**

## ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣର ଖାଦ୍ୟ ସହିତ କୌଣସି ସମ୍ପର୍କ ନାହିଁ



"ଏଠାରେ ସହମତ ଏବଂ ବିରୋଧର କଥା ଉଠୁନାହିଁ। ବାସ୍ତବରେ ସତ୍ୟ କ'ଣ ସେ ନେଇ ପ୍ରସଙ୍ଗ ରହିଛି। ସମଗ୍ର ବୈଜ୍ଞାନିକମାନଙ୍କର ମତ ଯେ, ସୂର୍ଯ୍ୟୋପରାଗ ଏବଂ ଚନ୍ଦ୍ରଗ୍ରହଣର ଖାଦ୍ୟ ସହିତ କୌଣସି ସମ୍ପର୍କ ନାହିଁ। ରାକ୍ଷସ ଚନ୍ଦ୍ରକୁ ଗିଳିବା ଭଳି କଥାର କୌଣସି ଭିତ୍ତିଭୂମି ନାହିଁ। ତେଣୁ ଏହି ସମୟରେ ଖାଦ୍ୟ ବାରଣ କରିବା ନିଶ୍ଚିତ ଭାବେ ଅନ୍ଧବିଶ୍ୱାସ। ଏହା ବର୍ଷ ବର୍ଷ ଧରି ମୁଁ କହି ଆସୁଛି। ହେତୁବାଦୀମାନଙ୍କ କାର୍ଯ୍ୟଧାରା ବା ବିରୋଧ କରିବାର ତରିକା ଭୁଲ ହୋଇପାରେ, ମାତ୍ର ସେମାନେ ଯାହା କହୁଛନ୍ତି ସତ।

**–ଶୁଭେନ୍ଦୁ ପଟ୍ଟନାୟକ, ଉପନିର୍ଦ୍ଦେଶକ, ପଠାଣି ସାମନ୍ତ ପ୍ଲାନେଟୋରିୟମ୍**

## ହିନ୍ଦୁମାନେ ହିଁ ହିନ୍ଦୁଧର୍ମକୁ ମାରିବାକୁ ଚେଷ୍ଟା କରୁଛନ୍ତି



"ହିନ୍ଦୁମାନେ ହିଁ ହିନ୍ଦୁଧର୍ମକୁ ମାରିବାକୁ ଚେଷ୍ଟା କରୁଛନ୍ତି। ଏହା ପାଗଳର ପ୍ରଳାପ ଛଡ଼ା ଆଉ କିଛି ନୁହେଁ। ହିନ୍ଦୁ ଧର୍ମର ବେଦ, ବେଦାନ୍ତ, ଉପନିଷଦ, ବ୍ରହ୍ମସୂତ୍ରରେ ଏ ସମ୍ପର୍କରେ ସବିଶେଷ ତଥ୍ୟ ଲେଖାଯାଇଛି। ଏହାକୁ ଠିକ୍ ଭାବେ ପାଠ ନ କରି ହେତୁବାଦୀମାନେ ଜ୍ଞାନଶୂନ୍ୟ ହୋଇ ଏଭଳି ମନ୍ତବ୍ୟ ଦେଉଛନ୍ତି। ଏ ପ୍ରକାରର ବୃଥା ଅପଚେଷ୍ଟା କରିବାରୁ ହେତୁବାଦୀ ନିବୃତ୍ତ ରୁହନ୍ତୁ। କିଛି ହାତଗଣତି ଲୋକ ଅନ୍ୟ ଧର୍ମର ଲୋକଙ୍କ ପଇସାରେ ବାହାସ୍ଫୋଟ ମାରି ହିନ୍ଦୁ ଧର୍ମକୁ କଳୁଷିତ କରୁଛନ୍ତି। ହିନ୍ଦୁଧର୍ମର ପ୍ରାଚୀନତା, ସହନଶୀଳତା, ବୈଶିଷ୍ଟ୍ୟତାକୁ କଳୁଷିତ କରିଦେଲେ ହିନ୍ଦୁଧର୍ମ ଧୀରେ ଧୀରେ ସଙ୍କୁଚିତ ହୋଇଯିବ। ଏହି ଉଦ୍ଦେଶ୍ୟ ରଖି ଅନ୍ୟ ଧର୍ମାବଲମ୍ବୀମାନେ ହେତୁବାଦୀଙ୍କ ଦ୍ୱାରା ଉଦ୍ୟମ କରୁଛନ୍ତି। ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।

**–ଡ. ହରିହର କାନୁନ୍‌ଗୋ, ଜଗନ୍ନାଥ ସଂସ୍କୃତି ଗବେଷକ ଏବଂ ପ୍ରାକ୍ତନ ନିର୍ଦ୍ଦେଶକ ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର**

## ବିଧର୍ମୀଙ୍କ ପ୍ରଲୋଭନ, ଅର୍ଥ ଲୋଭରେ ଏପରି କରୁଛନ୍ତି



"ଏଭଳି ଆଚରଣ ଧାର୍ମିକ ପରମ୍ପରାକୁ କୁଠାରାଘାତ କରୁଛି। କେତେଜଣ ବିଧର୍ମୀଙ୍କ ପ୍ରଲୋଭନ ଏବଂ ଅର୍ଥ ଲୋଭରେ ହେତୁବାଦୀମାନେ ଏପରି କାମ କରୁଛନ୍ତି। ହିନ୍ଦୁଧର୍ମକୁ କଳୁଷିତ କରିବା ପାଇଁ ଏଭଳି କରୁଛନ୍ତି। ସେମାନେ କ'ଣ ତାଙ୍କ ମା' ବାପାଙ୍କୁ ଶ୍ରାଦ୍ଧ ଦେଉନାହାନ୍ତି ନା ବୈଦିକ ରୀତିନୀତିରେ ଝିଅପୁଅଙ୍କ ବିବାହ କରୁନାହାନ୍ତି। ଚନ୍ଦ୍ରଗ୍ରହଣ ଏବଂ ସୂର୍ଯ୍ୟୋପରାଗରେ ଖାଉଥିବା ବ୍ୟକ୍ତି ପାଗଳ ପଦବାଚ୍ୟ ପାଇଁ ମଧ୍ୟ ଯୋଗ୍ୟ ନୁହନ୍ତି।

**–ଶୁଭ୍ରାଂଶୁ ଶେଖର ଶତପଥୀ, ବିଶ୍ୱହିନ୍ଦୁ ପରିଷଦର ଭୁବନେଶ୍ୱର ଶାଖା ସମ୍ପାଦକ**

## ଧାର୍ମିକ ଭାବନାକୁ ବିରୋଧ କରିବା ଠିକ୍ ନୁହେଁ



"ଆମର ଧାର୍ମିକ ଭାବନା ବହୁତ ପୁରୁଣା। ତେଣୁ ଏହାକୁ ବିରୋଧ କରିବା ଠିକ୍ ନୁହେଁ। ଅପରପକ୍ଷେ ଯେଉଁମାନେ ଏହାକୁ ମାନୁନାହାନ୍ତି, ସେମାନେ ଖୋଲାଖୋଲି ଭାବେ ବିରୋଧ ନ କରି ନିଜ ନିଜ ଭିତରେ ରଖିଥିଲେ ଚଳିଥାନ୍ତା। ବିଶ୍ୱାସକୁ ବିଜ୍ଞାନ ଦୃଷ୍ଟିରେ ଦେଖିଲେ ତାହା ଅନେକ ସମୟରେ ବିବାଦ କରିଥାଏ। ହେତୁବାଦୀମାନଙ୍କ ଏଭଳି କାର୍ଯ୍ୟକଳାପ ଅନେକ ଲୋକଙ୍କୁ ଆଘାତ ଦେଇଛି।

**–ଡ. ପ୍ରଫୁଲ୍ଲ ଚନ୍ଦ୍ର ରଥ, ପୂର୍ବତନ ଅଧ୍ୟକ୍ଷ, କମଳା ନେହେରୁ ମହିଳା ମହାବିଦ୍ୟାଳୟ,ଭୁବନେଶ୍ୱର**

## ହେତୁବାଦୀମାନେ ଅତ୍ୟାଧୁନିକ ହେବାକୁ ଚେଷ୍ଟା କରୁଛନ୍ତି



"ହିନ୍ଦୁ ପରମ୍ପରା ଅନୁଯାୟୀ, ସୂର୍ଯ୍ୟୋପରାଗ ଏବଂ ଚନ୍ଦ୍ରଗ୍ରହଣ ସମୟରେ ଖାଇବା ଉଚିତ୍ ନୁହେଁ। ଏହାର ବୈଜ୍ଞାନିକ କାରଣ ମଧ୍ୟ ରହିଛି। ଏହି ସମୟରେ ଖାଦ୍ୟ ଖାଇଲେ ତାହା ହଜମ ହୁଏ ନାହିଁ। ତେଣୁ ହେତୁବାଦୀମାନଙ୍କର ଏଭଳି ବିରୋଧ ଆଦୌ ଠିକ୍ ନୁହେଁ। ସେମାନେ ପରମ୍ପରାକୁ କୁଠାରାଘାତ କରିବା ସହ ଅତ୍ୟାଧୁନିକ ହେବାକୁ ଚେଷ୍ଟା କରୁଛନ୍ତି।

**–ଅସୀମା ପଟ୍ଟନାୟକ, ଗୃହିଣୀ**

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ସଫେଇ କାର୍ଯ୍ୟକ୍ରମ, ବିନ୍ଦୁ ସାଗର, ସକାଳ ୬ଟା।
- ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ପକ୍ଷରୁ ରାଜ୍ୟସ୍ତରୀୟ ଭୋଟର ସଚେତନତା ପଦଯାତ୍ରା, ମାଷ୍ଟର କ୍ୟାଣ୍ଟିନ୍ ଛକ, ସକାଳ ୭ଟା।
- ଗୋଦାବରୀଶ ସାହିତ୍ୟ ସଂସଦର ୬୫ତମ ବାର୍ଷିକ ଉତ୍ସବ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା।
- ନେହେରୁ ଯୁବ ପ୍ରତିଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର, ଜୁରାସିକ୍ ଫିଟ୍‌ନେସ୍ ସେଣ୍ଟର, ଶହୀଦନଗର, ପୂର୍ବାହ୍ନ ୧୦ଟା।
- ସଂଭାବନୀ ଓଡ଼ିଆଣୀ ସମିତି ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଆରମ୍ଭ, ଏକାମ୍ର ହାଟ ମୁକ୍ତାକାଶ ମଞ୍ଚ, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ୨ ଦିନିଆ ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ ଅବସରରେ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ, ବାଲିଯାତ୍ରା ପଡ଼ିଆ, ସନ୍ଧ୍ୟା ୬ଟା ୩୦।
- ଗୁରୁଦ୍ୱାର ସିଂ ସଭା ପକ୍ଷରୁ ଗୁରୁ ନାନକ ଦେବ ଜୀଙ୍କ ଜନ୍ମବାର୍ଷିକୀ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ଖାରବେଳ ନଗର, ୟୁନିଟ୍-୩, ସନ୍ଧ୍ୟା ୭ଟା ୩୦।

**କଟକ**

- ବାରଙ୍ଗ ମହୋତ୍ସବ କମିଟି ପକ୍ଷରୁ ବୃତ୍ତଙ୍ଗଗଡ଼ ବାରଙ୍ଗ ମହୋତ୍ସବର ସାଧାରଣ ସଭା, ମେଡିକାଲ ଛକ, ସନ୍ଧ୍ୟା ୬ଟା, ସାଂସ୍କୃତିକ କାର୍ଯ୍ୟକ୍ରମ, ସନ୍ଧ୍ୟା ୭ଟା।



ପୁରୀ ଆକାଶରେ ମଙ୍ଗଳବାର ଚନ୍ଦ୍ର ଗ୍ରହଣର ଦୃଶ୍ୟ

# ରାଜଧାନୀରେ ଶିଶୁକନ୍ୟା ବିକ୍ରି ଅଭିଯୋଗ

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

**ପୋଲିସ ଉଦ୍ଧାର କରି ଚାଇଲ୍ଡଲାଇନକୁ ହସ୍ତାନ୍ତର କଲା**

ରାଜଧାନୀରେ ଜଣେ ୩ବର୍ଷର ଶିଶୁକନ୍ୟାକୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ବଡ଼ଗଡ଼ ଥାନା ପୋଲିସ ସମ୍ପୃକ୍ତ ଶିଶୁକନ୍ୟାକୁ ଉଦ୍ଧାର କରି ଚାଇଲ୍ଡଲାଇନକୁ ହସ୍ତାନ୍ତର କରିଛି। ଅତିରିକ୍ତ ସିଡବ୍ଲୁସିଙ୍କ ନିର୍ଦ୍ଦେଶକ୍ରମେ ଶିଶୁକନ୍ୟାକୁ ଶୁଭଦ୍ରା ମହତାବ ସେବା ସଦନରେ ରଖାଯାଇଛି। ଶିଶୁକନ୍ୟାକୁ ତାଙ୍କ ବାପା ବିକ୍ରି କରିଥିବା ଚାଇଲ୍ଡଲାଇନ ଅଭିଯୋଗ ଆଣିଛି।

ଅପରପକ୍ଷରେ ବଡ଼ଗଡ଼ ଥାନାଧିକାରୀ ତୃପ୍ତି ରଞ୍ଜନ ନାୟକ କହିଛନ୍ତି, ସମ୍ପୃକ୍ତ ଶିଶୁକନ୍ୟାର ବାପା କାମ କରୁଥିବା କଳ୍ପନା ଛକସ୍ଥିତ ଦୋକାନ ମାଲିକଙ୍କୁ ଝିଅକୁ ଲାଳନ ପାଳନ କରିବାକୁ ଦେଇଥିଲେ। ଆମେ ଶିଶୁଟିର ମା'ଙ୍କ ଅଭିଯୋଗ କ୍ରମେ ଶିଶୁକନ୍ୟାକୁ ତାଙ୍କ ପାଖରୁ ଉଦ୍ଧାର କରି ଚାଇଲ୍ଡଲାଇନକୁ ହସ୍ତାନ୍ତର କରିଛୁ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ବଡ଼ଗଡ଼ ଅଞ୍ଚଳରେ ରହୁଥିବା ଏହି ଦମ୍ପତ୍ତିଙ୍କ ମଧ୍ୟରେ ବର୍ଷେ ତଳେ ବିବାଦ ହୋଇଥିଲା। ମହିଳା ଜଣକ ଜଟଣୀସ୍ଥିତ ନିଜ ବାପଘରକୁ ଚାଲିଯାଇଥିଲେ। ତେବେ ୪ ମାସ ତଳେ ତାଙ୍କ ସ୍ୱାମୀ ଶିଶୁକନ୍ୟାକୁ ମା'ଙ୍କ ପାଖରୁ ନେଇ ଆସିଥିଲେ। ତେବେ ଝିଅକୁ ତାଙ୍କ ବାପା ବିକ୍ରି କରିଥିବା ସୂଚନା ପାଇ ମା' ସୋମବାର ଥାନାରେ ଅଭିଯୋଗ କରିଥିଲେ। ତେବେ କୋର୍ଟ ଚୁକ୍ତିପତ୍ରରେ ଜଣେ ନୋଟାରୀଙ୍କ ସମ୍ପୃକ୍ତି ରହିଥିବା ଚାଇଲ୍ଡଲାଇନ ଅଧ୍ୟକ୍ଷ ବେଣୁଧର ସେନାପତି ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେଉ ବୋଲି ସେ ଦାବି କରିଛନ୍ତି।

# କଣ୍ଠଶିଳ୍ପୀ ଲତା ଘୋଷଙ୍କ ପରଲୋକ

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**



ପ୍ରସିଦ୍ଧ ଓଡ଼ିଶୀ କଣ୍ଠଶିଳ୍ପୀ ଲତା ଘୋଷ (୬୮)ଙ୍କର ସୋମବାର ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ଅସୁସ୍ଥତା ଯୋଗୁ ସେ କିଛିଦିନ ହେବ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁରେ ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ୧୯୫୫ ଜାନୁୟାରୀ ୧୧ରେ ଲତା ଯାଜପୁରର ଜଲାହାର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ପୀତାମ୍ବର ପାଣି ଓ ରାଧା ପାଣିଙ୍କ କନ୍ୟା ଲତାଙ୍କ କଣ୍ଠ ନିଃସୃତ ଓଡ଼ିଶୀ, ଛାନ୍ଦ, ଚମ୍ପୂ, ଭଜନ, ଜଣାଣ, ଆଧୁନିକ ଓ ପଲ୍ଲୀଗୀତ ଶ୍ରୋତାଙ୍କୁ ବିମୋହିତ କରିଆସିଛି। ସେ ୧୯୭୫ ମସିହାରୁ ଆକାଶବାଣୀ ଏବଂ ଦୂରଦର୍ଶନର ଜଣେ ସ୍ୱୀକୃତିପ୍ରାପ୍ତ କଳାକାର ଥିଲେ। ପରେ ବି ହାଇଗ୍ରେଡ୍ ଆର୍ଟିଷ୍ଟ ଭାବେ ସୁନାମ ଅର୍ଜନ କରିଥିଲେ। ମାତ୍ର ୭ବର୍ଷ ବୟସରୁ ସଙ୍ଗୀତ ସହିତ ତାଙ୍କର ସମ୍ପର୍କ ଆରମ୍ଭ ହୋଇଥିଲା। ସେ ଅନେକ ବର୍ଷ ଧରି ସଙ୍ଗୀତ ଶିକ୍ଷାଦାନ ସହିତ ସମ୍ପୃକ୍ତ ଥିଲେ। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ମଧ୍ୟ ସେ ଅଧ୍ୟାପନା କରିଥିଲେ। ସଙ୍ଗୀତ ସାଧନା ପାଇଁ ସେ ଅନେକ ଅନୁଷ୍ଠାନ ଓ ସଙ୍ଗଠନ ପକ୍ଷରୁ ପୁରସ୍କୃତ ହୋଇଥିଲେ। ୨୦୧୫ ମସିହାରେ ଓଡ଼ିଶୀ କଣ୍ଠ ସଙ୍ଗୀତ ପାଇଁ ଲତାଙ୍କୁ ଓଡ଼ିଶା ସଙ୍ଗୀତ ଏକାଡେମୀ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ରଶ୍ମୀ



@ ପ୍ରେମାନନ୍ଦ



@ ରଜତ



@ ରାଜେଶ



@ ରାଜୀବ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ସାହାରା ଜନମଞ୍ଚ ପକ୍ଷରୁ ୧୮ତମ କୁଆଖାଇ ବୋଇତ ବନ୍ଦାଣ ଉତ୍ସବ ଅବସରରେ ମଙ୍ଗଳବାର ଶିଳ୍ପୀ ଯତିନ୍ ଦାସଙ୍କ ଦ୍ୱାରା ବାଲିରେ ନିର୍ମିତ ବୋଇତ।



ଭୁବନେଶ୍ୱରସ୍ଥିତ ସୂଚନାଭବନ ସମ୍ମୁଖରେ ଅଳିଆ ପଡ଼ିରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି।

## ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ପୁରୁଣା ଭୁବନେଶ୍ୱର (ଡି.ଏନ୍.ଏ.):** ଭୁବନେଶ୍ୱର ବ୍ଲକ ଅଞ୍ଚଳରେ ଥିବା ଏକ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟରରେ ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଜଣେ କର୍ପୋରେଟରଙ୍କ ଭାଇ ଉକ୍ତ କମ୍ପୋଷ୍ଟିଂ ସେଣ୍ଟର ପରିଦର୍ଶନରେ ଆସିଥିଲେ। ସମ୍ପୃକ୍ତ ମହିଳାଜଣଙ୍କ ଡ୍ରେସ କୋଡ୍ ପିନ୍ଧିନଥିବାରୁ ପଚାରିଥିଲେ। ମହିଳା ଜଣଙ୍କ ଜାଣି ନ ଥିବା କହିବା ସହ ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଠାରୁ ବାହାରିଯିବା ପାଇଁ କହିବା ସହ ମହିଳାଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ସମ୍ପୃକ୍ତ ମହିଳା ଶହୀଦନଗର ଥାନରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ବିସିଏ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

**ଭୁବନେଶ୍ୱର,୮।୧୧(ବ୍ୟୁରୋ):** ରାଜଧାନୀରେ କିଛିଦିନ ହେଲା ଆତ୍ମହତ୍ୟା ପ୍ରବଣତା ବଢ଼ିଚାଲିଛି। ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡୀ ବସ୍ତିରେ ଜଣେ ବିସିଏ ଛାତ୍ରୀ ଫ୍ୟାନରେ ଓଢ଼ଣୀ ଦ୍ୱାରା ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପୁନମ ଶାହା (୨୦)। ସେ ସ୍ଥାନୀୟ ଅଞ୍ଚଳର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପଢୁଥିଲେ। ମଙ୍ଗଳବାର କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପୁନମଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭୯/୨୦୨୨) ରୁଜୁ କରି ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ତେବେ ପୁନମ ପ୍ରେମଜନିତ କାରଣ ପାଇଁ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ସୂଚନା ଅନୁଯାୟୀ, ପୁନମଙ୍କ ବାପା ଗୁପଚୁପ ବ୍ୟବସାୟ କରନ୍ତି। ସୋମବାର ସନ୍ଧ୍ୟାରେ ପୁନମଙ୍କ ମା' ମନ୍ଦିର ଯାଇଥିଲେ। ପଡ଼ୋଶୀଙ୍କ ଘରୁ ସାନ ଭଉଣୀ ଆସି ଡାକିବାରୁ ପୁନମ କବାଟ ଖୋଲି ନ ଥିଲେ। ଏନେଇ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି କବାଟ ଭାଙ୍ଗିବା ପରେ ପୁନମଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ତୁରନ୍ତ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିଥିଲା।

### 'ଉଦ୍ଭିଦ ବିଜ୍ଞାନ ଗବେଷଣାରେ ଭାରତ ସର୍ବାଗ୍ରେ'

**ଜଟଣୀ,୮।୧୧(ଡି.ଏନ୍.ଏ.):** ଜଟଣୀସ୍ଥିତ ରାଷ୍ଟ୍ରୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ (ନାଇଜର)ଭୁବନେଶ୍ୱରରେ ମଙ୍ଗଳବାର ଆରମ୍ଭ ହୋଇଛି ୟୁରୋପୀୟାନ ମଲିକୁଲାର ବାୟୋଲୋଜି (ଏମ୍ବୋ) ସମ୍ମିଳନୀ। ନାଇଜର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡାଙ୍କ ସଭାପତିତ୍ୱରେ ନାଇଜର ପରିସର ପଠାଣିସାମନ୍ତ ପ୍ରେକ୍ଷାଳୟରେ ଆୟୋଜିତ ସମ୍ମିଳନୀରେ ଜାପାନର ବୈଜ୍ଞାନିକ ପ୍ରଫେସର ମିଶୁୟାସୁ ହାସେବେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଉଦ୍ଭିଦ ବିଜ୍ଞାନ କ୍ଷେତ୍ରରେ ବିଶ୍ୱରେ ଭାରତର ଗବେଷଣା ସର୍ବାଗ୍ରେ ରହିଛି ଏବଂ ଏହା ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି କୃଷକ ଏବଂ ରୋଗୀଙ୍କ ଉପରେ ସୁଫଳ ପ୍ରଭାବ ପକାଇଆସୁଛି ବୋଲି ମୁଖ୍ୟ ଅତିଥି କହିଥିଲେ। ସମ୍ମିଳନୀରେ ବିଭିନ୍ନ ଦେଶର ୪୫୦ରୁ ଉର୍ଦ୍ଧ୍ୱ ବୈଜ୍ଞାନିକ ଅନଲାଇନ ଏବଂ ଅଫଲାଇନ ମାଧ୍ୟମରେ ଯୋଗଦେଇଥିଲେ। ଅତିଥିଭାବେ ଅଷ୍ଟ୍ରିଆର ପ୍ରଫେସର ଲିମା ଚଡାଲାନ, ସହ ଆୟୋଜକ ଜର୍ମାନୀର ପ୍ରଫେସର ଫେଡ୍ରିକ ବରଜର, ଡ.ଚନ୍ଦନ ଗୋସ୍ୱାମୀ ପ୍ରମୁଖ ଯୋଗଦେଇ ସମ୍ମିଳନୀର ଆଭିମୁଖ୍ୟ, ବିଶେଷତ୍ୱ ଓ ଫଳାଫଳ ଉପରେ ଆଲୋକପାତ କରିଥିଲେ। ଜୈବବିଜ୍ଞାନ ମୁଖ୍ୟ ଡ. ପଙ୍କଜ ଆଲୋନେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୁଳସଚିବ ଡ.ଅଭୟ ନାୟକ ଉପସ୍ଥିତ ଥିଲେ। ଡ. କିଶୋରଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ଚୂଡ଼ଙ୍ଗଗଡ଼ ଐତିହ୍ୟ ଜାଣିବା ପାଇଁ ମହୋତ୍ସବ ଜରୁରୀ

**ବାରଙ୍ଗ,୮।୧୧(ଡି.ଏନ୍.ଏ.)**



ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ବାରଙ୍ଗ ଅଞ୍ଚଳରେ ଆରମ୍ଭ ହୋଇଯାଇଛି ଗଣପର୍ବ କାର୍ତ୍ତିକେଶ୍ୱର ପୂଜା। ଏହି ପୂଜାର ପ୍ରଥମ ରାତିରେ ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବାରଙ୍ଗ ମେଡିକାଲ ଛକ ପାଖରେ ଆୟୋଜିତ ମହୋତ୍ସବରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟିତ କରି କହିଥିଲେ, ବୋଇତବନ୍ଦାଣ ଉତ୍ସବ ହିଁ ପ୍ରମାଣ ଦେଉଛି ଆମ ପୂର୍ବଜମାନେ ଏଭଳି ଯାଉଥିଲେ। ଏ ଜାତି ଯଦି ସେତିକି ଶକ୍ତିଶାଳି ହୋଇ ନ ଥାନ୍ତା ତେବେ ଏତେଗୁଡିଏ ମନ୍ଦିର ନିର୍ମାଣ କରିପାରି ନ ଥାନ୍ତା। ଆଜିକାର ଯୁବପିଢ଼ି ଅତୀତ ବିଷୟରେ ସଚେତନ ହେବା ଦରକାର। ତାକୁ ଆଧାର କରି ବର୍ତ୍ତମାନରୁ ଭବିଷ୍ୟତ ବିଷୟରେ ତା'ର କଳ୍ପନା କରିବାର ଆବଶ୍ୟକ ଅଛି। ସେଇଥିପାଇଁ ଏହିଭଳି ଉତ୍ସବର ଆବଶ୍ୟକତା ରହିଛି ବୋଲି ବିଧାୟକ କହିଥିଲେ।

ବାରଙ୍ଗର ଗୌରବମୟ ଇତିହାସର ରୋମନ୍ଥନ କରିବା ସହ ପ୍ରାଚୀନ କଳିଙ୍ଗ ତଥା ଉତ୍କଳର ଐତିହ୍ୟ ପ୍ରାଚୀନଦୀ ମାଧ୍ୟମରେ ହେଉଥିବା ନୌବାଣିଜ୍ୟ ଓ ଚୂଡ଼ଙ୍ଗଗଡର ଐତିହାସିକ ସ୍ମୃତିକୁ ଜାଣିବା ପାଇଁ ଏହି ମହୋତ୍ସବ ହେବା ଆବଶ୍ୟକ। ଏହାଦ୍ୱାରା ଅଞ୍ଚଳର ଯୁବପିଢି ଅନୁପ୍ରାଣିତ ହୋଇ ଚୂଡ଼ଙ୍ଗଗଡ଼ର ସ୍ମୃତି ପରିକଳ୍ପନା କରିପାରିବେ ବୋଲି ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତି କହିଥିଲେ। ମହୋତ୍ସବ କମିଟି ସଭାପତି ପ୍ରେମାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ କୃଷି ବିଦ୍ୟାଳୟର କୁଳାଧିପତି ପ୍ରଫେସର

### ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ଉଦ୍‌ଘାଟିତ

ପ୍ରଫୁଲ୍ଲ ମିଶ୍ର, ସମ୍ମାନିତ ଅତିଥି ସାମ୍ବାଦିକ ଶ୍ରୀରାମ ଦାସ ଯୋଗଦେଇ ଚୁଡଙ୍ଗଗଡର ଗୌରବମୟ ଇତିହାସ ଉପରେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ବସନ୍ତ ମହାପାତ୍ର, ରାମଚନ୍ଦ୍ର ଦାସ, ସୁନୀଲ ସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଏକ ସ୍ମରଣୀକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅଞ୍ଚଳର ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଖୋର୍ଦ୍ଧାଗଡର ପାଇକବୀରଙ୍କ କଥାକୁ ମନେପକାଇବା ପାଇଁ ହୋଇଥିବା ପାଇକ ଆଖାଡା ଦର୍ଶକମାନଙ୍କୁ ବେଶ୍ ଆକର୍ଷଣୀୟ ସାଜିଥିଲା।

### ଆଇନଜୀବୀଙ୍କ ଘର ଉପରକୁ ବୋମାମାଡ଼

**ପୁରୀ ଅଫିସ, ୮।୧୧**

ପୁରୀ ଟାଉନ ଥାନା ଅନ୍ତର୍ଗତ ମାଟିମଣ୍ଡପ ସାହି ଅଙ୍ଗାରୁଆ ଗଳିରେ ରହୁଥିବା ଆଇନଜୀବୀ ଶୁଭାଶିଷ ମହାନ୍ତିଙ୍କ ଘର ଉପରକୁ ମଙ୍ଗଳବାର ରାତିରେ ଦୁଇଟି ବୋମାମାଡ଼ ହୋଇଛି। ପୂର୍ବଶତ୍ରୁତାକୁ ନେଇ ଏହି ବୋମାମାଡ଼ ହୋଇଥିବା ସୂଚନା ମିଳିଛି। ଏ ନେଇ ଟାଉନ ଥାନାରେ ଶୁଭାଶିଷ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ଶୁଭାଶିଷ ଓ ତାଙ୍କ ଭାଇଙ୍କ ମଧ୍ୟରେ ୧୫ଦିନ ତଳେ ପାଟିତୁଣ୍ଡ ହୋଇଥିଲା। ତେବେ ମଙ୍ଗଳବାର ରାତିରେ ଶୁଭାଶିଷଙ୍କ ଘର ଉପରକୁ ରାତିରେ କେତେଜଣ ଦୁର୍ବୃତ୍ତ ଅଚାନକ ଆସି ଦୁଇଟି ବୋମା ମାଡ କରି ଫେରାର ହୋଇଯାଇଥିଲେ। ଖବର ପାଇ ଟାଉନଥାନା ଅଧିକାରୀ ଏବଂ ଅନ୍ୟ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଛି।



ଖାରବେଳ ନଗର ଗୁରୁଦ୍ୱାର ସିଂ ସଭା ପକ୍ଷରୁ ଗୁରୁ ନାନକଙ୍କ ଜନ୍ମ ବାର୍ଷିକ ପାଳନ ଅବସରରେ ସମବେତ ଶ୍ରଦ୍ଧାଳୁ ।

## ହେତୁବାଦୀଙ୍କ ବିରୋଧରେ ଥାନାରେ ଏତଲା

**ପୁରୀ ଅଫିସ, ୮।୧୧**

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମଙ୍ଗଳବାର ଚନ୍ଦ୍ରଗ୍ରହଣ ମଧ୍ୟ ପଡ଼ିଥିଲା। ହେଲେ ଚନ୍ଦ୍ରଗ୍ରହଣ ସମୟରେ ଖାଦ୍ୟ ଗ୍ରହଣକୁ ନେଇ କେତେଜଣ ହେତୁବାଦୀ ନାନା କଥା ଗଣମାଧ୍ୟମ ଆଗରେ କହିଥିଲେ। ହେଲେ ଜଣେ ହେତୁବାଦୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଷୟରେ କଦର୍ଥ କରି କହିଛନ୍ତି। ସାଢ଼େ ଚାରି କୋଟି ଓଡ଼ିଆଙ୍କ ପ୍ରାଣକେନ୍ଦ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ଜଣେ ହେତୁବାଦୀ ଗଣମାଧ୍ୟମ ଜରିଆରେ କୁତ୍ସିତ ମନ୍ତବ୍ୟ ଦେବା ଓ ମହାପ୍ରସାଦକୁ ଅପମାନିତ କରିବା ଭଳି ମନ୍ତବ୍ୟ ଦେଇଥିଲେ। ଏହାକୁ ଜଗନ୍ନାଥ ପ୍ରେମୀ ଓ ଓଡ଼ିଶାବାସୀ ନାପସନ୍ଦ କରିବା ସହ ବିରୋଧ କରିଛନ୍ତି। ଏପରିକି ଉକ୍ତ ବ୍ୟକ୍ତି ବିରୋଧରେ ପୁରୀର ଏକାଦଶୀ ସେବାସଂଘ ଶ୍ରୀମନ୍ଦିର ଯୁବ ସେବାୟତ ପକ୍ଷରୁ ମଙ୍ଗଳବାର ରାତିରେ ସିଂହଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ସେବାସଂଘ ପକ୍ଷରୁ ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଜଣେ ହେତୁବାଦୀ ଗଣମାଧ୍ୟମ ଜରିଆରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ସହ ଚିକେନ୍ ଭୋଗ କରିବା ଭଳି ବିଭ୍ରାନ୍ତିକାର ମନ୍ତବ୍ୟ ଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦକୁ ଅପମାନ ସହ ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ଭାବନାକୁ ଅପାମାନିତ କରିଛନ୍ତି। ସେଥିପାଇଁ ଏହଭଳି ଚିନ୍ତାଧାରା ରଖିଥିବା ବ୍ୟକ୍ତିଙ୍କ ବିରୋଧରେ ପୋଲିସ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ। ଏକାଦଶୀ ସେବାସଂଘ ଶ୍ରୀମନ୍ଦିର ଯୁବ ସେବାୟତ ସଭ୍ୟ ଭବାନୀ ଶଙ୍କର ଦାସଙ୍କ ସହ ଅନ୍ୟମାନେ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି।

### ବାର୍‌ହା ଆକ୍ରମଣରେ ଜଣେ ଗୁରୁତର

**ବାଲିପାଟଣା,୮।୧୧(ଡି.ଏନ୍.ଏ.)**

ବାଲିପାଟଣା ବ୍ଲକ ଅନ୍ତର୍ଗତ ମୁକୁନ୍ଦସପୁର ଗ୍ରାମରେ ମଙ୍ଗଳବାର ବାର୍‌ହା ଆକ୍ରମଣରେ ଜଣେ ଆହତ ହୋଇଛନ୍ତି। ସେ ହେଲେ ଏହି ଗ୍ରାମର ରଜବା ଅଲ୍ଲୀ। ସୂଚନା ମୁତାବକ, ରଜବା ସକାଳେ ଗାଈ ବାନ୍ଧିବାକୁ ଯାଇଥିଲେ। ଏହି ସମୟରେ ତାଙ୍କୁ ଏକ ବାର୍‌ହା କାମୁଡ଼ି ଧାନ ବିଲକୁ ପଳାଇଥିଲା। ଗ୍ରାମର ଯୁବକ ଖୋଜାଖୋଜି କରିଥିଲେ ମଧ୍ୟ ବାର୍‌ହାକୁ ପାଇ ନ ଥିଲେ।

### ମାଲିକାଣୀଙ୍କ ଘରୁ ୧.୫୦ ଲକ୍ଷ ଟଙ୍କା ଚୋରି, ଡ୍ରାଇଭର ଗିରଫ

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

ମାଲିକାଣୀଙ୍କୁ ଘରୁ ୧.୫୦ ଲକ୍ଷ ଟଙ୍କା ଚୋରି କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ମଙ୍ଗଳବାର ସମ୍ପୃକ୍ତ ଡ୍ରାଇଭରକୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗରରେ ରହୁଥିବା ନୟାଗଡ଼ ଜିଲା ଫତେଗଡ଼ରେ ସୁଧାଂଶୁ କୁମାର ପଣ୍ଡା ଓରଫ ବୁଲୁ (୩୦)। ଅଭିଯୁକ୍ତ ବୁଲୁଙ୍କ ଠାରୁ ପୋଲିସ ସମସ୍ତ ଚୋରୀ ଟଙ୍କାକୁ ଜବତ କରି ମାଲିକାଣୀଙ୍କୁ ଫେରାଇଛି। ଅଭିଯୁକ୍ତ ବୁଲୁଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଟଙ୍କା ଚୋରି ହେବା ପରେ ସ୍ଥାନୀୟ ଅଞ୍ଚଳର କ୍ରିଷ୍ଣାପ୍ଲାଜାରେ ରହୁଥିବା ମାଲିକାଣୀ ନମିତା ରଏ ଏନେଇ ରବିବାର ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୭୦୫/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବୁଲୁଙ୍କ ଉପରେ ଏନେଇ ସନ୍ଦେହ ଉପୁଜିବାରୁ ପୋଲିସ ତାଙ୍କୁ ପଚରାଉଚରା କରିବା ପରେ ସେ ଚୋରି କରିଥିବା ଜଣାପଡ଼ିଥିଲା।

## ରଘୁନାଥ ସାହୁଙ୍କୁ ବଂଶୀଧର ପାତ୍ର ସ୍ମାରକୀ ସମ୍ମାନ

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

### ଚିତ୍ରାଞ୍ଜଳି ଉଦ୍‌ଯାପିତ

ସ୍ଥାନୀୟ ଏକାମ୍ର ହାଟସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚଠାରେ ଆର୍ଟିଷ୍ଟ ଆସୋସିଏସନ ଅଫ୍ ଓଡ଼ିଶା (ଆଓ) ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ 'ଚିତ୍ରାଞ୍ଜଳି' ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଶିବିରାର୍ଥୀମାନଙ୍କ ଦ୍ୱାରା ପ୍ରସ୍ତୁତ ୨୩ଟି କାନଭାସ୍ ଚିତ୍ରର ପ୍ରଦର୍ଶନୀକୁ ଅତିଥିମାନେ ଉଦଘାଟନ କରିଥିଲେ। ପୂଜ୍ୟପୂଜା ପରମ୍ପରା ଆଧାରରେ ହେଲେନ୍ ବ୍ରହ୍ମାଙ୍କୁ 'ଗୁରୁ ବ୍ୟୋମକେଶ ମହାନ୍ତି ସମ୍ମାନ', ଶିଳ୍ପୀଗୁରୁ ବିଜୟ କୁମାର ପରିଡ଼ାଙ୍କୁ 'ଗୋକୁଳ ବିହାରୀ ପଟ୍ଟନାୟକ ସମ୍ମାନ', ପ୍ରବୋଧ କୁମାର ସାହୁଙ୍କୁ 'ଡିଏନ୍ ରାଓ ସମ୍ମାନ' ଏବଂ ରଘୁନାଥ ସାହୁଙ୍କୁ 'ବଂଶୀଧର ପାତ୍ର ସ୍ମାରକୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପୁରସ୍କାର ରାଶି ସହ ଉପଢ଼ୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ଏହି ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଶାସନ ସଚିବ ମନୋଜ ମିଶ୍ର, ସମ୍ମାନିତ ଅତିଥି ଭାବେ ଧର୍ମପଦ ପୁରସ୍କାରପ୍ରାପ୍ତ ବିନୋଦ ମହାରଣା, ସୁରେନ୍ଦ୍ର ସାହୁ, ସିନେ କଳାକାର ସମରେଶ ରାଉତରାୟ, ଚଳଚ୍ଚିତ୍ର ନିର୍ମାତା ଆଶୁତୋଷ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। 'ଆଓ'ର ଏହି ପ୍ରୟାସକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। ଓଡ଼ିଶାର କଳା ଓ ସଂସ୍କୃତିକୁ ଜାତୀୟ ତଥା ଅର୍ନ୍ତଜାତୀୟସ୍ତରରେ ପହଞ୍ଚାଇବା ପାଇଁ ଅନୁଷ୍ଠାନ ପକ୍ଷରୁ ଏହି ପ୍ରୟାସ ଜାରିରଖିବା ପାଇଁ ଅତିଥିମାନେ ଉଦବୋଧନ ଦେଇଥିଲେ। 'ଆଓ'ର ସମ୍ପାଦକ ସମରେନ୍ଦ୍ର ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପସଭାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସଞ୍ଜୟ ପଟ୍ଟନାୟକ, ସନ୍ତୋଷ କୁମାର ସାହୁ ଏବଂ ସଙ୍ଗୀତା ପଟ୍ଟନାୟକ ପ୍ରଦର୍ଶନୀ ଓ ଶିବିର ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଅନୁଷ୍ଠାନର ଉପସଭାପତି ଚିନ୍ତାମଣି ବିଶ୍ୱାଳ, ସହ ସମ୍ପାଦକ ସନ୍ତୋଷ କୁମାର ସାହୁ, ଶୁଭଶ୍ରୀ ମିଶ୍ର, ବିବେକାନନ୍ଦ ଦାସ ସହଯୋଗ କରିଥିଲେ। ବରିଷ୍ଠ ଶିଳ୍ପୀ ତଥା ଅଧ୍ୟାପକ ମୀନକେତନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମେଣ୍ଢାଶାଳ, ପାନବରଜ ଟିମ୍ ବିଜୟୀ

**ଖୋର୍ଦ୍ଧା ଅଫିସ,୮।୧୧**

### କାଇପଦର କ୍ରିକେଟ ଟୁର୍ନାମେଣ୍ଟ

କାଇପଦର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ପଡିଆରେ ଚାଲିଥିବା କାଇପଦର କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ମେଣ୍ଢାଶାଳ ଇଗଲ ସ୍ପୋର୍ଟିଂ ଓ ମୁକୁନ୍ଦପ୍ରସାଦ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ମେଣ୍ଢାଶାଳ ଟିମ୍ ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୬୦ରନ ସଂଗ୍ରହ କରିଥିଲା। ଏହାର ଜବାବରେ ମୁକୁନ୍ଦପ୍ରସାଦ ଟିମ୍ ୯ ଉଇକେଟ ବିନିମୟରେ ୧୩୯ରନ ସଂଗ୍ରହ କରି ପରାଜିତ ହୋଇଥିଲା। ମେଣ୍ଢାଶାଳ ଟିମ୍‌ର ଅମିୟ ରଞ୍ଜନ ରାଉତରାୟ ୩ ଓଭରରେ ୨୫ରନ ଦେଇ ୩ଟି ଉଇକେଟ ନେଇଥିଲେ। ପଙ୍କଜ ଜେନା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପ୍ରକାଶ ସିଂ ଓ ଛବି ନାରାୟଣ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଭୁବନେଶ୍ୱର ଯଦୁପୁର ଓ ପାନବରଜ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପାନବରଜ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୧୩୪ରନ ସଂଗ୍ରହ କରିଥିଲା। ଜବାବରେ ଯଦୁପୁର ଟିମ୍ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୫ରନ ସଂଗ୍ରହ କରି ପରାଜିତ ହୋଇଥିଲା।

# ଆଜି ଜମିବ ଛାଡ଼ଖାଇ

## ୧୨ କୋଟି ଟଙ୍କାର ଆମିଷ ବିକ୍ରି ଆକଳନ

**ଭୁବନେଶ୍ୱର, ୮।୧୧(ବ୍ୟୁରୋ)**

ସରିଲା ଧର୍ମ ମାସ କାର୍ତ୍ତିକ। ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇ ଧର୍ମ ମାସକୁ ମେଲାଣି ଦେଇଛନ୍ତି ଶ୍ରଦ୍ଧାଳୁ। ବୁଧବାର ଛାଡ଼ଖାଇ। ଏଥିପାଇଁ ଆମିଷପ୍ରେମୀଙ୍କ ଭିତରେ ପ୍ରବଳ ଆଗ୍ରହ। ବୁଧବାର ସକାଳୁ ଆମିଷ ବଜାରରେ ଭିଡ଼ ଜମିବ। ଏହାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ମଧ୍ୟ ପ୍ରସ୍ତୁତ ହୋଇସାରିଛନ୍ତି। ଏଥର ଆମିଷ ବଜାରରେ ୧୨ କୋଟି ଟଙ୍କାର ବେପାର ହେବ ବୋଲି ବ୍ୟବସାୟୀ ସଂଘ ଆଶା ରଖିଛି।

ଛାଡ଼ଖାଇରେ ମଟନର ଅଧିକ ଡିମାଣ୍ଡ ରହିବ। ୧ ମାସ ଧରି ଲୋକେ ଆମିଷ ଖାଇ ନ ଥିବାରୁ ମଟନ ଖାଇବାକୁ ଅଧିକ ପସନ୍ଦ କରିବେ। ଏହାକୁ ନଜରରେ ରଖି ମଟନ ବ୍ୟବସାୟୀମାନେ ଆଗୁଆ ଖାସି ଆଣି ଷ୍ଟକୟାର୍ଡରେ ରଖିଛନ୍ତି। ଓଡ଼ିଶାର ବାଲୁଗାଁ, କରଞ୍ଜିଆ ଆଦି କେତେକ ସ୍ଥାନରୁ ଖାସି ଆସିଥାଏ। ତେବେ ଡିମାଣ୍ଡକୁ ଦେଖି ରାଜ୍ୟ ବାହାରୁ ମଧ୍ୟ ଖାସି ମଗାଯାଇଛି। ଛାଡ଼ଖାଇ ପାଇଁ ମଟନ୍ ଦର କିଲୋ ପିଛା ୭୫୦ରୁ ୮ଶହ ଟଙ୍କା ରହିବ। ସେହିପରି ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ମାର୍କେଟରେ ଚିକେନ୍, ମାଛ, ଚିଙ୍ଗୁଡ଼ି ଆଦି ପର୍ଯ୍ୟାପ୍ତ ପରିମାଣର ରଖାଯିବ। ଚିକେନ୍ କିଲୋ ପ୍ରତି ଦର ୨୨୦ଟଙ୍କା, ଦେଶୀ କୁକୁଡ଼ା ୪ଶହ ଟଙ୍କା ରହିବ। ସେହିପରି ରୋହି ଓ ଭାକୁର ମାଛର ଦର ୨୦୦ରୁ ୨୨୦ଟଙ୍କା, ଜଲଙ୍ଗ ୧୭୦ରୁ ୧୯୦ ଟଙ୍କା, ବଡ଼ ଚିଙ୍ଗୁଡି ୪ଶହ ଟଙ୍କା, ଛୋଟ ଚିଙ୍ଗୁଡି ୨ଶହରୁ ୩ଶହ ଟଙ୍କା, ମହୁରାଳି ମାଛ ୨ଶହରୁ ୨୨୦ ଟଙ୍କା, ପୋହଳା ୨ଶହରୁ ୨୧୦ଟଙ୍କା, ମିରିକାଳି ୨୨୦ରୁ ୨୪୦ ଟଙ୍କା, ଭିକେଟ୍ ୬ଶହ ଟଙ୍କା, ଇଲିସି (ଆକାର ଅନୁଯାୟୀ) ୮ଶହରୁ ୨ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେବ। ରାଜଧାନୀରେ ୨ଶହଟି ପଞ୍ଜୀକୃତ ମଟନ ଦୋକାନ ଥିବାବେଳେ ପ୍ରାୟ ଶହେଟି ଅଣପଞ୍ଜୀକୃତ ଦୋକାନ ରହିଛି। ସେହିପରି ଛୋଟବଡ଼ ଦୋକାନ ମିଶାଇ ସହରରେ ପ୍ରାୟ ୧ ହଜାର ପାଖାପାଖି ଚିକେନ ସେଣ୍ଟର ରହିଛି। ଏ ସମ୍ପର୍କରେ ଅଲ୍ ଓଡ଼ିଶା ନନ୍‌ଭେଜ୍ ଟ୍ରେଡର୍ସ ଫେଡେରେଶନ୍‌ର ରାଜ୍ୟ ସଭାପତି ସେକ୍ ମୁନ୍ତାକିନ୍ ବକ୍ସ କହିଛନ୍ତି, ଏଥର ଛାଡ଼ଖାଇ ଭଲ ବାରରେ ପଡୁଛି। ତେଣୁ ପୂର୍ବବର୍ଷ ଅପେକ୍ଷା ଭଲ ବେପାର ହେବ ବୋଲି ଆଶା ରଖିଛୁ। ରାଜଧାନୀରେ ପ୍ରାୟ ଦେଢ଼ କୋଟି ଟଙ୍କାର ମଟନ୍ ବିକ୍ରି ହେବ ବୋଲି ଆଶା ରଖିଥିବାବେଳେ ୯ କୋଟି ଟଙ୍କାର ଚିକେନ୍ ବ୍ୟବସାୟ ହେବ। ଅନ୍ୟଦିନଗୁଡ଼ିକରେ ରାଜଧାନୀକୁ ଆନ୍ଧ୍ରରୁ ୩ଟି ମାଛ ଗାଡ଼ି ଆସିଥାଏ। ତେବେ ଛାଡ଼ଖାଇ ପାଇଁ ଏଥର ୧୨ଟି ଗାଡ଼ି ଅର୍ଥାତ୍ ୧ କୋଟି ୨୦ ଲକ୍ଷ ଟଙ୍କାର ମାଛ ଆସିବ। ତେବେ ଛାଡ଼ଖାଇ ପରଦିନ ମାଣବସା ଗୁରୁବାର ଥିବାରୁ କିଛି ଲୋକ ବୁଧବାର ଆମିଷ ଖାଇବେ ନାହିଁ। ତେଣୁ ଶୁକ୍ରବାର ଏବଂ ରବିବାର ମଧ୍ୟ ଭଲ ବ୍ୟବସାୟ ହେବ ବୋଲି ଆଶା ରହିଥିବା ମୁନ୍ତାକିନ୍ କହିଛନ୍ତି।

### ଘାଟିକିଆରେ ଖୋଲିଲା ଅତ୍ୟାଧୁନିକ ମାଂସ ମାର୍କେଟ




**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

ଛାଡ଼ଖାଇ ପୂର୍ବରୁ ମଙ୍ଗଳବାର ଘାଟିକିଆରେ ଅତ୍ୟାଧୁନିକ ମାଂସ ମାର୍କେଟ ଉଦ୍‌ଘାଟିତ ହୋଇଛି। ତେବେ ବୁଧବାର ପରିବର୍ତ୍ତେ ଆସନ୍ତା ରବିବାରଠାରୁ ଏଠାରେ ମାଂସ ବ୍ୟବସାୟ ଆରମ୍ଭ ହେବ। ସ୍ଥାନୀୟ ବାସିନ୍ଦା ଏହି ମାଂସ ମାର୍କେଟ ସମ୍ପର୍କରେ ଜାଣି ନ ଥିବାରୁ ବିଏମ୍‌ସି ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏଣିକି ନାକାଗେଟ୍, ରେଣ୍ଟାଲ, ଷ୍ଟୁଡିଓ ଛକ ଓ ଘାଟିକିଆ ଅଞ୍ଚଳରେ ରାସ୍ତା ପାର୍ଶ୍ୱରେ ଚାଲିଥିବା ମାଂସ ବେପାର ବନ୍ଦ ହୋଇଯିବ। ଏହି ସବୁ ଅଞ୍ଚଳରେ ବ୍ୟବସାୟ କରୁଥିବା ୧୩ଜଣ ବ୍ୟବସାୟୀଙ୍କୁ ଉକ୍ତ ନୂତନ ମାର୍କେଟରେ ସ୍ଥାନ ଯୋଗାଇ ଦିଆଯାଇଛି। ଏଠାରେ ଆବଶ୍ୟକ ହେଉଥିବା ସରଞ୍ଜାମ ଯଥା ଏସି, ଡିପ୍ ଫ୍ରିଜର ଓ ମାଂସ କାଟିବା ପାଇଁ ହତିଆର ବିଏମ୍‌ସି ପକ୍ଷରୁ ଯୋଗାଇ ଦିଆଯାଇଛି। ଏଠାରେ ୨୦୧୮ ମସିହାରେ ଅତ୍ୟାଧୁନିକ ମାଂସ ମାର୍କେଟ ତିଆରି ହୋଇଥିଲା। ୧୨ଜଣ ବ୍ୟବସାୟୀଙ୍କୁ ଘର ଯୋଗାଇ ଦେବାକୁ ସ୍ଥିର କରାଯାଇଥିଲା।

### ଘରକୁ ଫେରିଲେ ହବିଷିଆଳି

**ପୁରୀ ଅଫିସ, ୮।୧୧:** କାର୍ତ୍ତିକ ବ୍ରତର ହବିଷ ସାରିବା ପରେ ସୋମବାର ନିଜ ନିଜ ଘରକୁ ଫେରିଛନ୍ତି ହବିଷିଆଳି। ପୂର୍ବାହ୍ନରେ ଜିଲାପାଳ ସମର୍ଥ ବର୍ମା ଓ ଏସ୍‌ପି ଡ. କନୱର ବିଶାଲ ସିଂ ବୃନ୍ଦାବତୀ ନିବାସରେ ସେମାନଙ୍କୁ ବିଦାୟ ଦେଇଥିଲେ। ପ୍ରତ୍ୟେକ ହବିଷିଆଳିଙ୍କୁ ଜିଲାପାଳ ମହାପ୍ରଭୁଙ୍କ ଶୁଖିଲା ଭୋଗ ଓ ଫଳ ପ୍ରଦାନ କରିଥିଲେ। ମାସ ସାରା ନିଜ ପରିବାର ଛାଡ଼ି ହବିଷିଆଳିମାନେ ଏହି ନିବାସରେ ରହିଥିଲେ। ସେମାନଙ୍କ ସେବା ଓ ସ୍ୱଚ୍ଛନ୍ଦ ପାଇଁ ସରକାର ଓ ପ୍ରଶାସନ ସମସ୍ତ ବ୍ୟବସ୍ଥା କରିଥିଲେ। ଏହି ମାସର ଅଭିଜ୍ଞତା ଆଗାମୀ ଦିନରେ ପ୍ରଶାସନକୁ ଅଧିକ ଋଦ୍ଧିମନ୍ତ ଓ କ୍ରିୟାଶୀଳ କରିବ ବୋଲି କହିବା ସହ ସେମାନେ ନିଜ ଅଭିଜ୍ଞତା ବର୍ଣ୍ଣନା କରିଥିଲେ।

## ଓଡ଼ିଶାର ବିଶ୍ୱସ୍ତରୀୟ ପର୍ଯ୍ୟଟନ ଭିତ୍ତିଭୂମି ଉପରେ ଗୁରୁତ୍ୱ



କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଅନ୍ୟମାନେ।

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

ୱାର୍ଲ୍ଡ ଟ୍ରାଭେଲ ମାର୍କେଟ ଲଣ୍ଡନ-୨୦୨୨ରେ ଓଡ଼ିଶା ପର୍ଯ୍ୟଟନ ଅଂଶଗ୍ରହଣ କରିଛି। ଏହି କାର୍ଯ୍ୟକ୍ରମରେ ଶହେଟି ଦେଶରୁ ପ୍ରାୟ ୨୫୦୦ରୁ ଉର୍ଦ୍ଧ୍ୱ ପ୍ରଦର୍ଶକ ଯୋଗଦେଇଛନ୍ତି। ୩ ଦିନିଆ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ମଙ୍ଗଳବାର ଓଡ଼ିଶା ପର୍ଯ୍ୟଟନର ପ୍ରତିନିଧି ଦଳରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଓ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଅଂଶଗ୍ରହଣ କରିଥିଲେ। ଓଡ଼ିଶା ପର୍ଯ୍ୟଟନ ଷ୍ଟାଣ୍ଡ ଏହି ବିଶ୍ୱସ୍ତରୀୟ ପ୍ଲାଟଫର୍ମରେ ଇକୋ-ଟୁରିଜିମ୍, ହସ୍ତତନ୍ତ ଏବଂ ହସ୍ତଶିଳ୍ପକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଉଛି। ଉଦଘାଟନୀ ଅଧିବେଶନରେ ମନ୍ତ୍ରୀ ପାତ୍ରଙ୍କ ସମେତ ପୁଡୁଚେରୀର ପର୍ଯ୍ୟଟନ ମନ୍ତ୍ରୀ କେ.ଲକ୍ଷ୍ମୀନାରାୟଣ, ତାମିଲନାଡୁର ପର୍ଯ୍ୟଟନ ମନ୍ତ୍ରୀ ଡ. ଏମ୍. ଚନ୍ଦ୍ର ମହାପାତ୍ର, ପର୍ଯ୍ୟଟନ ମନ୍ତ୍ରଣାଳୟର ସଚିବ ଅରବିନ୍ଦ ସିଂ, ଭାରତର ଉଚ୍ଚ କମିଶନର ଏଚ୍. ଇ. ବିକ୍ରମ ଦୁରାସ୍ୱାମୀ, ଓଡ଼ିଶା ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ପାତ୍ର କହିଛନ୍ତି, ଓଡ଼ିଶା ପର୍ଯ୍ୟଟନର ଅଂଶଗ୍ରହଣ ଅନ୍ତର୍ଜାତୀୟ ସ୍ତରରେ ବ୍ରାଣ୍ଡ ଓଡ଼ିଶାର ଉପସ୍ଥିତି ନିଶ୍ଚିତ କରିଛି। ଏହା ଓଡ଼ିଶାର ବିଶ୍ୱସ୍ତରୀୟ ପର୍ଯ୍ୟଟନ ଭିତ୍ତିଭୂମିକୁ ଅନ୍ତର୍ଜାତୀୟ ସ୍ତରରେ ପ୍ରୋତ୍ସାହିତ କରିବାରେ ସହାୟକ ହେବ।

# ଉତ୍କଳୀୟ ସଂସ୍କୃତିର ବାର୍ତ୍ତାବାହକ




ଭୁବନେଶ୍ୱରସ୍ଥିତ କୁଆଖାଇ ନଦୀପଠାରେ ଆୟୋଜିତ ବାଲିଯାତ୍ରା ମହୋତ୍ସବରେ ନିର୍ମିତ ଆକର୍ଷଣ ତୋରଣ, ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ ଓ ଅନ୍ୟମାନେ ।

## କୁଆଖାଇ ପଠାରେ ବାଲିଯାତ୍ରା ଆରମ୍ଭ

**୧୮ ଯାଏ ଚାଲିବ**
- ମନ ମୋହିବ ନୃତ୍ୟ, ସଙ୍ଗୀତ
- ଦୋଳିର ମଜା ନେବେ ପିଲା
- ଖୋଲିଛି ୮୦୦ ଷ୍ଟଲ

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ପବିତ୍ର କାର୍ତ୍ତିକ ପୂର୍ଣ୍ଣମା ଅବସରରେ ମଙ୍ଗଳବାରଠାରୁ ସ୍ଥାନୀୟ କୁଆଖାଇ ନଦୀପଠାରେ ଭୁବନେଶ୍ୱର ବାଲିଯାତ୍ରା ଆରମ୍ଭ ହୋଇଛି। ଏହା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଭୁବନେଶ୍ୱର ବାଲିଯାତ୍ରା ସମିତି ପକ୍ଷରୁ ଆୟୋଜିତ ଏହି ବାଲିଯାତ୍ରାରେ ଅତିଥି ଭାବେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ଓଡ଼ିଶା ମୋ ପରିବାର ଆବାହକ ଅରୂପ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଆମ ରାଜ୍ୟର ଉତ୍କଳୀୟ ସଂସ୍କୃତି, ପରମ୍ପରା ସହ ଜଡ଼ିତ ଥିବା ଏହି ବାଲିଯାତ୍ରା ଓଡ଼ିଶାର ଗୌରବର ବାର୍ତ୍ତା ବହନକରେ ବୋଲି ଅତିଥିମାନେ କହିଥିଲେ। ୨୦୧୭ରେ ଏହି ବାଲିଯାତ୍ରା ଆରମ୍ଭ ହୋଇଥିଲା। ତେବେ କୋଭିଡ୍ କାରଣରୁ ଗତ ୨ବର୍ଷ ଧରି ଏହା ବନ୍ଦ ରହିଥିଲା। କୋଭିଡ୍ କଟକଣା ହଟିବା ପରେ ଚଳିତବର୍ଷ ପୁଣି ଆୟୋଜନ କରାଯାଇଛି। ମଙ୍ଗଳବାର ପ୍ରଥମ ଦିନରେ ବାଲିଯାତ୍ରାରେ ଭିଡ଼ ଦେଖିବାକୁ ମିଳିଛି। ସମିତି ପକ୍ଷରୁ ଲୋକଙ୍କ ମନୋରଞ୍ଜନ ପାଇଁ ବ୍ୟାପକ ଆୟୋଜନ କରାଯାଇଛି। ପ୍ରତ୍ୟେକ ଦିନ ପାରମ୍ପରିକ ବାଦ୍ୟ, ନୃତ୍ୟ ସହ କଣ୍ଠଶିଳ୍ପୀମାନଙ୍କ ସଙ୍ଗୀତରେ ଦର୍ଶକ ଝୁମିବେ। ବଲିଉଡ୍‌ର କଣ୍ଠଶିଳ୍ପୀ ଅଭିଜିତ୍ ଭଟ୍ଟାଚାର୍ଯ୍ୟଙ୍କ ସହ ଓଲିଉଡ୍‌ର ମନ୍ମଥ ମିଶ୍ର, ସ୍ୱୟଂ ପ୍ରକାଶ ପାଢ଼ୀ, ଦୀପ୍ତିରେଖା ପାଢ଼ୀ, ମଣ୍ଟୁ ଛୁରିଆ, ଅନ୍ତରା ଚକ୍ରବର୍ତ୍ତୀ ପ୍ରମୁଖ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବେ। ମିନାବଜାରରେ ୬ପ୍ରକାର ଦୋଳି ଯଥା ରାମଦୋଳି, ବ୍ରେକ ଡ୍ୟାନ୍ସ, ଭୂତବଙ୍ଗଳା, ଟୋରଟୋରା, ଡ୍ରାଗନ ଡ୍ୟାନ ପଡ଼ିଛି। ପିଲାଙ୍କ ପାଇଁ ମିକିମାଉସ୍, ମିନି ଟ୍ରେନ ମଧ୍ୟ ରହିଛି। ଏଥର ୮୦୦ ପାଖାପାଖି ଷ୍ଟଲ ପଡ଼ିଛି। ପ୍ରଥମ ଦିନରେ ପ୍ରାୟ ୪୦୦ ଷ୍ଟଲରେ ବିକ୍ରି ଆରମ୍ଭ ହୋଇଛି। ୧୨୦ ଖାଦ୍ୟ ଷ୍ଟଲ ଖୋଲିଥିବାବେଳେ ସେଥିରୁ ପ୍ରାୟ ଷ୍ଟଲରେ ପ୍ରଥମ ଦିନରୁ ସୁସ୍ୱାଦୁ ଖାଦ୍ୟ ପରଷିବା ଆରମ୍ଭ ହୋଇଗଲାଣି। ବାରିପଦାର ମୁଢ଼ିମାଂସ, ବିରିୟାନି, ଚକୁଳି ପିଠା ଓ ମାଂସ, ଦହିବରା, ଲଙ୍କାଚପ୍, ମଥୁରା କେକ୍, ଠୁଙ୍କାପୁରି, ଚିକେନ୍‌ର ବିଭିନ୍ନ ପ୍ରକାର ଖାଦ୍ୟର ପସରା ମେଳିଛି। ଅନୁଷ୍ଠାନ, ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୪ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା ହୋଇଛି। ମଞ୍ଚେଶ୍ୱର ଖେଳପଡ଼ିଆ, ଏସ୍‌କେପ୍ ପାଖରେ ୨ଟି ଏବଂ ଇଞ୍ଜଣା ପାଖରେ ବଡ଼ ପାର୍କିଂ ବ୍ୟବସ୍ଥା ହୋଇଛି। ନରିପାଟଣା ଖେଳପଡ଼ିଆରେ ସ୍ୱତନ୍ତ୍ର ଅତିଥି ଓ ସମିତି ସଦସ୍ୟଙ୍କ ପାଇଁ ଏବଂ ଗଣ୍ଡରପୁର ପଟୁ ଆସୁଥିବା ଲୋକଙ୍କ ଲାଗି ବରିମୁଣ୍ଡ ଖେଳ ପଡ଼ିଆରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ଟ୍ରାଫିକ ପରିଚାଳନା ପାଇଁ ୩ଜଣ ବରିଷ୍ଠ ପୋଲିସ ଅଧିକାରୀ ଓ ୨୫ ଗୃହରକ୍ଷୀ ନିୟୋଜିତ ହୋଇଛନ୍ତି। ଏହି ବାଲିଯାତ୍ରାରେ ଆଗକୁ ଅଧିକ ଭିଡ଼ ହେବା ସମ୍ଭାବନା ରହିଛି।

ଦୟାନଦୀରେ ବୋଇତ ବନ୍ଦାଣ ଉତ୍ସବ

## ଅରୁନ୍ଧତୀ ଦେବୀଙ୍କୁ ଦୟାନଦୀ ସମ୍ମାନ

ପୁରୁଣା ଭୁବନେଶ୍ୱର,୮।୧୧(ଡି.ଏନ୍.ଏ.): ଭୁବନେଶ୍ୱର ଉପକଣ୍ଠ ଦୟାନଦୀର ଲିଙ୍ଗିପୁର-ନାଥପୁର ଘାଟ ଦୟାବ୍ରିଜଠାରେ ୧୧ତମ ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ(କାପୋକ) ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଓଡ଼ିଶା ମୋ' ପରିବାରର ଅଧକ୍ଷ ଅରୂପ ପଟ୍ଟନାୟକ ଯୋଗଦେଇ ନୌବାଣିଜ୍ୟ ଓ ଉତ୍କଳ ପରମ୍ପରା ଉପରେ ମତ ରଖିଥିଲେ। ଏହି ଅବସରରେ ବରିଷ୍ଠ ସମାଜସେବୀ ଡ. ଅରୁନ୍ଧତୀ ଦେବୀଙ୍କୁ ଦୟାନଦୀ ସମ୍ମାନ-୨୦୨୨ରେ ସମ୍ମାନିତ କରାଯାଇଥିଲା। ହାସ୍ୟ କଳାକାର ପ୍ରଜ୍ଞା ଏବଂ ଶଙ୍କରଙ୍କ କମେଡି କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୋହିଥିଲା। ପରେ ଦୟାନଦୀର କୂଳ ଜଳସ୍ରୋତରେ ଆ-କା-ମା-ବୈ ଗୁଞ୍ଜରଣ ଏକ ନିଆରା ପରିବେଶ ସୃଷ୍ଟି କରିଥିଲା। ଉତ୍ସବରେ କଣ୍ଠଶିଳ୍ପୀ ସାରିକା ସିଂ, ଯୁଧିଷ୍ଠିର, ରିଙ୍କି ଭଜନ ପରିବେଷଣ କରିଥିଲେ। କାପୋକ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି, ଉପସଭାପତି ରବୀନ୍ଦ୍ର ପାତ୍ର, ସଭ୍ୟ ସଦାଶିବ ଜେନା, ମିଥୁନ ନାୟକ, ମାନସ ରଥ, ଲଲାଟ ସାହୁ, ଦୀନବନ୍ଧୁ ସ୍ୱାଇଁ, ସନ୍ତୋଷ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିକ୍ରମ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବୋଇତ ବନ୍ଦାଣ କମିଟିର ଆବାହକ ଭକ୍ତ ଭୂଷଣ ବାରିକ ଧନ୍ୟବାଦ ଦେଇଥିଲେ।



ଭୁବନେଶ୍ୱର ଉପକଣ୍ଠ ଦୟାନଦୀ ପଠାରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବରେ ସାଧବ ବୋହୂମାନେ ସାଧବ ପୁଅମାନଙ୍କୁ ବନ୍ଦାପନା କରୁଛନ୍ତି ।

## ନୟାପଲ୍ଲୀରେ ବୋଇତ ବନ୍ଦାଣ ଉତ୍ସବ

ଭୁବନେଶ୍ୱର,୮।୧୧(ବ୍ୟୁରୋ):

ନୟାପଲ୍ଲୀ ଗ୍ରାମର ଆରାଧ୍ୟ ଦେବତା ବାଲୁଙ୍କେଶ୍ୱର ମହାଦେବଙ୍କ ପୁଷ୍କରିଣୀରେ ବଡଓଷା ଓ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲଙ୍କ ଉଦ୍ୟମରେ ନୂଆପଲ୍ଲୀ ପୁଷ୍କରିଣୀରେ ପ୍ରଥମଥର ପାଇଁ ବୋଇତ ବନ୍ଦାଣ ଉତ୍ସବ ଗ୍ରାମ୍ୟ ଉନ୍ନୟନ କମିଟି ସହଯୋଗରେ ଆୟୋଜନ କରାଯାଇଥିଲା। ବିଳମ୍ବିତ ରାତିରେ କମିଟିର ସଭାପତି ନଟବର ସାମନ୍ତରାୟ, ଉପସଭାପତି ମହେନ୍ଦ୍ର ବଳବନ୍ତରାୟ, ଦେବେନ୍ଦ୍ର ମହାକୁଡ଼, ୱାର୍ଡ କର୍ପୋରେଟର ବନ୍ଦିତା ପାଲ ସୁସଜ୍ଜିତ ବୋଇତକୁ ପୂଜାର୍ଚ୍ଚନା କରି ଭସାଇଥିଲେ। ବାଲୁଙ୍କେଶ୍ୱର ମନ୍ଦିର ପାଖରେ ଥିବା ଗ୍ରାମଦେବତୀ ବରଡ଼େଇଙ୍କ ପୀଠରେ ଅଷ୍ଟମପ୍ରହର ନାମସଂକୀର୍ତ୍ତନ ବୋଇତ ବନ୍ଦାଣ ଉତ୍ସବରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ବଡ଼ଓଷା ପାଇଁ ଅନେକ ଶ୍ରଦ୍ଧାଳୁ ଡ଼ଙ୍ଗା ଭସାଇବାକୁ ଆସି ବୋଇତରେ ବୁଲି ମଜା ନେଇଥିଲେ। ଏହି ବୋଇତ ବନ୍ଦାଣ ଉତ୍ସବ ପ୍ରତିବର୍ଷ ଆୟୋଜନ କରାଯିବ ଏବଂ ଆସନ୍ତା ବର୍ଷ ଏହାକୁ ବଡ଼ ଆକାରରେ ପାଳନ କରାଯିବ ବୋଲି ସମାଜସେବୀ ଅର୍ଜୁନ ବେହେରା କହିଛନ୍ତି।

## ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍‌ରେ ବୋଇତ ବନ୍ଦାଣ ପର୍ବ



ଭୁବନେଶ୍ୱର,୮।୧୧

ଚଳିତ ବର୍ଷର କାର୍ତ୍ତିକ ପୂର୍ଣ୍ଣମା ଅବସରରେ ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍‌ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭୋର ୪ରେ ସମସ୍ତ ରୀତିନୀତି ଅନୁଯାୟୀ ମଲ୍ ପରିସରରେ ବୋଇତ ବନ୍ଦାଣ ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ମଲ୍ କର୍ତ୍ତୃପକ୍ଷ ଓ ଅନ୍ୟମାନଙ୍କ ଉପସ୍ଥିତିରେ ବୋଇତ ବନ୍ଦାଣ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ଥାନୀୟ ଲୋକମାନେ ମଧ୍ୟ ଅଂଶ ଗ୍ରହଣ କରିଥିଲେ।

## କାର୍ତ୍ତିକେଶ୍ୱର ପୂଜା ଉଦ୍‌ଯାପିତ

ଭୁବନେଶ୍ୱର,୮।୧୧(ବ୍ୟୁରୋ):

ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଛନ୍ଦୋଳ ଗ୍ରାମରେ ପାରମ୍ପରିକ ଭାବେ ପୂଜା ହୋଇଆସୁଥିବା ବାବା କାର୍ତ୍ତିକେଶ୍ୱର ପୂଜା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଏକ ରଙ୍ଗୋଲି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଚଳିତବର୍ଷ ୩୫ତମ ଉତ୍ସବ ବେଶ୍ ଆଡ଼ମ୍ବରପୂର୍ଣ୍ଣ ହୋଇଥିଲା। ଏହି ପୂଜାରେ ସ୍ଥାନୀୟ ଲୋକମାନଙ୍କ ସହ ସରକଣା, ସୂତାନଗର, ଟୋଲକପଡ଼ା ଆଦି ଗ୍ରାମର ଭକ୍ତମାନଙ୍କ ବିପୁଳ ସମାଗମ ହୋଇଥିଲା। ଭକ୍ତମାନଙ୍କୁ ପ୍ରସାଦ ସେବନର ବ୍ୟବସ୍ଥା କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଛୋଟ ପିଲାମାନଙ୍କ ମନୋରଞ୍ଜନ ପାଇଁ ମ୍ୟୁଜିକାଲ ଚେୟାର ପ୍ରତିଯୋଗିତା ମଧ୍ୟ ହୋଇଥିଲା।

# ୬ଜଣଙ୍କୁ ଏକାମ୍ର ସଂସ୍କୃତି ସମ୍ମାନ

**ବିନ୍ଦୁସାଗର ବୋଇତ ବନ୍ଦାଣ ଉତ୍ସବ**

ପୁରୁଣା ଭୁବନେଶ୍ୱର, ୮।୧୧(ଡି.ଏନ୍.ଏ.):

ଉତ୍କଳର ନୌବାଣିଜ୍ୟ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ପ୍ରତିବର୍ଷଭଳି ଚଳିତବର୍ଷ ଭୁବନେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ ବିନ୍ଦୁସାଗର ଉତ୍ତରେଶ୍ୱର ଘାଟରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଭୋରରୁ ଆୟୋଜିତ ଷୋଡ଼ଶତମ ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇଥିଲେ। ଅତିଥିଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଓଡ଼ିଶା ମୋ'ପରିବାରର ଅଧକ୍ଷ ଅରୂପ ପଟ୍ଟନାୟକ, ଆଗ୍ରୋ ଇଣ୍ଡଷ୍ଟ୍ରିଜର ସନ୍ତୋଷ ବେଜ୍, କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ଚନ୍ଦ୍ରଶେଖର ମଲିଆ, ଶିବ ପ୍ରସାଦ ବେହେରା ଯୋଗଦେଇ କାର୍ତ୍ତିକ ପୂର୍ଣ୍ଣମା ଏବଂ ସାଧବ ପୁଅଙ୍କ ନୌବାଣିଜ୍ୟ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ବେଶଭୂଷାରେ ଥିବା ସାଧବଙ୍କୁ ସାଧବାଣୀଙ୍କ ପୂଜାର୍ଚ୍ଚନା ଏବଂ ବନ୍ଦାପନା କରିବା ପରେ ବିନ୍ଦୁ ସାଗରରେ ୧୪ଫୁଟର ସ୍ୱତନ୍ତ୍ର ବୋଇତ ଛଡ଼ାଯାଇଥିଲା। ସିନେ କଳାକାର ତଥା ଓଡ଼ିଶା ଫିଲ୍ମ ଡେଭଲପମେଣ୍ଟର ଚେୟାରମ୍ୟାନ ସତ୍ୟବ୍ରତ ତ୍ରିପାଠୀ, ସାମାଜିକ କର୍ମୀ ମଧୁସ୍ମିତା ପୃଷ୍ଟି, ସତ୍ୟଜିତ୍ ସେନାପତି, ପଟ୍ଟଚିତ୍ରଶିଳ୍ପୀ ଲିଙ୍ଗରାଜ ମହାସୁଆର, ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଡ.ଶୁଭଙ୍କରୀ ସୁଦେଷ୍ଣା ଦାସ ଏବଂ କ୍ରୀଡାବିତ୍ ଦେବଶ୍ରୀ ଦେବସ୍ମିତା ପ୍ରମୁଖଙ୍କୁ ଏକାମ୍ର ସଂସ୍କୃତି ସମ୍ମାନ-୨୦୨୨ରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଭଜନ ସନ୍ଧ୍ୟା ପରିବେଷିତ ହୋଇଥିଲା। ପରିଷଦର ଅଧକ୍ଷ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବାବେଳେ ଉପସଭାପତି ସୌମେନ୍ଦ୍ର ସାହୁ, କୋଷାଧକ୍ଷ ମନୋଜ କୁମାର ବେହେରା, ସଞ୍ଜୟ ସାହୁ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

## ନୀଳଚକ୍ର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ

ଭୁବନେଶ୍ୱର, ୮।୧୧(ବ୍ୟୁରୋ):

ଭୁବନେଶ୍ୱର ଉପକଣ୍ଠରେ ଅବସ୍ଥିତ ଉତ୍କଳ ହାଇଟ୍ସ ପରିସରରେ ମଙ୍ଗଳବାର 'ନୀଳଚକ୍ର ସାଂସ୍କୃତିକ ଅନୁଷ୍ଠାନ' ତରଫରୁ ପାରମ୍ପରିକ ରୀତିରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ଉତ୍କଳ ହାଇଟ୍ସରେ ରହୁଥିବା ମହିଳାମାନେ ସକାଳେ ତୁଳସୀ ପୂଜା କରିବା ସହ ମୁରୁଜରେ ବିଭିନ୍ନ ଆକର୍ଷଣୀୟ ଚିତା ଆଙ୍କିଥିଲେ। ଉତ୍କଳୀୟ ପରମ୍ପରା ଅନୁସାରେ ସାମୂହିକ ବୋଇତ ଭସାଣ ଅନୁଷ୍ଠିତ ହୋଇଥିଲା। ଉତ୍କଳର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ଓ ପରବର୍ତ୍ତୀ ପିଢ଼ିଙ୍କୁ ଏକ ସକାରାତ୍ମକ ବାର୍ତ୍ତା ଦେବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ବରିଷ୍ଠ ନାଗରିକଙ୍କ ଦ୍ୱାରା 'ଆମ ସଂସ୍କୃତି ଆମ ପରମ୍ପରା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।




କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ମଙ୍ଗଳବାର ବିନ୍ଦୁସାଗର ଓ କୁଆଖାଇ ନଦୀରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଉଛନ୍ତି ।


ମହାନଦୀ କୂଳରେ ପ୍ରସ୍ତୁତ ସେଲ୍‌ଫି ପଏଣ୍ଟରେ ଯୁବତୀମାନେ ଫଟୋ ଉଠାଉଛନ୍ତି।

# ଜାତୀୟ ମାନ୍ୟତା ପାଇଁ ହକ୍‌ଦାର

## ଐତିହାସିକ କଟକ ବାଲିଯାତ୍ରା ଉଦ୍‌ଘାଟିତ

**କଟକ ଅଫିସ,୮।୧୧**

କଟକ ଜିଲା ପ୍ରଶାସନ ଓ କଟକ ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ଐତିହାସିକ କଟକ ବାଲିଯାତ୍ରା ଉତ୍ସବ ୨୦୨୨ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଉତ୍କଳୀୟ ସଂସ୍କୃତି ଓ ପରମ୍ପରାକୁ ଯଥାର୍ଥ ଭାବରେ ବାଲିଯାତ୍ରା ପ୍ରତିପାଦିତ କରିପାରିଛି। ରାଜ୍ୟସ୍ତରୀୟ ଉତ୍ସବ ଭାବେ ପାଳିତ ଏହି ବାଲିଯାତ୍ରା ଜାତୀୟ ମାନ୍ୟତା ପାଇବା ପାଇଁ ହକ୍‌ଦାର ବୋଲି ମଙ୍ଗଳବାର ସନ୍ଧ୍ୟାର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ବାଲିଯାତ୍ରା ତଳପଡ଼ିଆର ବୈଷ୍ଣବ ପାଣି ମଞ୍ଚରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନୌବାଣିଜ୍ୟ କରି କୌଣସି ଦେଶକୁ ଅକ୍ତିଆର କରିବା ଉତ୍କଳୀୟମାନଙ୍କ ପରିକଳ୍ପନା ନ ଥିଲା ବରଂ ସେମାନେ ବାଣିଜ୍ୟିକ କାରବାର ମାଧ୍ୟମରେ ବିଭିନ୍ନ ଦେଶରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ପ୍ରତିଷ୍ଠିତ କରିପାରିଛନ୍ତି, ଯାହା ଏବେ ବି ଦେଖିବାକୁ ମିଳୁଛି ବୋଲି ଅମାତ କହିଥିଲେ। ମୁଖ୍ୟବକ୍ତା ତଥା କଟକ ଏମ୍‌ପି ଭର୍ତ୍ତୃହରି ମହତାବ କହିଲେ, ନୌବାଣିଜ୍ୟ ମାଧ୍ୟମରେ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ହୋଇପାରିଥିଲା। ତେଣୁ ବନ୍ଦରଗୁଡ଼ିକର ବିକାଶ ଏକାନ୍ତ ଆବଶ୍ୟକ। ବାଲିଯାତ୍ରା ମାଧ୍ୟମରେ ଇତିହାସର କଥା ଆମେ ସ୍ମରଣ କରିପାରୁଛନ୍ତି ବୋଲି ମହତାବ କହିଥିଲେ।

ସମ୍ମାନିତ ଅତିଥି ଭାବେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିଆଳି ବିଧାୟକ ପ୍ରମୋଦ ମଲ୍ଲିକ, କଟକ ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ସିଏମ୍‌ସି ମେୟର ସୁବାସ ସିଂହ, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ୍, ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ ସତ୍ୟବ୍ରତ ସାହୁ, କଟକ ଉନ୍ନୟନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ଅନିଲ କୁମାର ସାମଲ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳେଇ, ପୋଲିସ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ସିଏମ୍‌ସି କମିଶନର ନିଖିଲ ପବନ କଲ୍ୟାଣ, କଟକ ଡିସିପି ପିନାକ ମିଶ୍ର, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକାତାର ନିର୍ଦ୍ଦେଶକ ଆଶିଷ ଗିରି, ବାଲିଯାତ୍ରାର ନୋଡାଲ ଅଧିକାରୀ ଅମ୍ବର କର ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲାପାଳ ଭବାନୀଶଙ୍କର ଚୟନୀ ସ୍ୱାଗତ ଭାଷଣ ଦେବା ସହ ଅଧ୍ୟକ୍ଷତା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କଟକ ବାଲିଯାତ୍ରା-୨୦୨୨ର ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ସୂଚନାଯୋଗ୍ୟ ଯେ, କଟକ ବାଲିଯାତ୍ରା ଉତ୍ସବ- ୨୦୨୨ ଆଗାମୀ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ବୃହତ୍ ବାଣିଜ୍ୟିକ ମେଳାରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ଛୋଟବଡ଼ ବ୍ୟବସାୟୀମାନେ ଆସି ପସରା ମେଲାଇଛନ୍ତି। ଏଥିସହ ବିଭିନ୍ନ ଜିଲାରୁ ସାଂସ୍କୃତିକ ଦଳଙ୍କ ସମେତ ରାଜ୍ୟ ତଥା ଜାତୀୟସ୍ତରର ବିଶିଷ୍ଟ କଳାକାରମାନେ ସେମାନଙ୍କ କଳା ନୈପୁଣ୍ୟ ଜରିଆରେ ବାଲିଯାତ୍ରାର ବିଭିନ୍ନ ମଞ୍ଚରେ କାର୍ଯ୍ୟକ୍ରମ ପରିବେଷଣ କରିବେ।




ବାଲିଯାତ୍ରା ପଡ଼ିଆକୁ ବୁଲିବାକୁ ଆସିଥିବା ୨ ଯୁବତୀ।

## ଆରମ୍ଭରୁ ଉତ୍କଣ୍ଠା

**କଟକ ଅଫିସ,୮।୧୧**

କୋଭିଡ୍ ମହାମାରୀ ହେତୁ ଗତ ୨ବର୍ଷ ଧରି ବନ୍ଦ ଥିବା କଟକ ବାଲିଯାତ୍ରା ଚଳିତବର୍ଷ ବହୁ ଆଡ଼ମ୍ବରରେ ଆରମ୍ଭ ହୋଇଛି। ବାଲିଯାତ୍ରା ତଳପଡ଼ିଆରେ ନିର୍ମିତ ବୈଷ୍ଣବ ପାଣି ମଞ୍ଚରେ ମଙ୍ଗଳବାର ସନ୍ଧ୍ୟାରୁ ଆନୁଷ୍ଠାନିକ ଉଦ୍‌ଘାଟନ ହୋଇଥିବାବେଳେ ପ୍ରକୃତ ପକ୍ଷେ ବାଲିଯାତ୍ରା ପଡ଼ିଆରେ ସକାଳୁ ଭିଡ଼ ଆରମ୍ଭ ହୋଇଯାଇଥିଲା। ଚନ୍ଦ୍ରଗ୍ରହଣ କଟକଣା ହେତୁ ଲୋକମାନେ ରାତିରୁ ଆସି ମହାନଦୀର ଗଡ଼ଗଡ଼ିଆ ଘାଟରେ ଡଙ୍ଗାଭସାଇଥିଲେ। ବାଲିଯାତ୍ରା ଆରମ୍ଭରୁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ପରିଲକ୍ଷିତ ହୋଇଛି। ବାଲିଯାତ୍ରାରେ ଏଥର ହୋଇଥିବା ନୂଆ ନୂଆ ପ୍ରୟୋଗଗୁଡ଼ିକ ଦେଖିବା ପାଇଁ ସକାଳୁ ରାତି ଯାଏ ଲୋକମାନେ ଭିଡ଼ ଜମାଇଥିଲେ। ଏହା ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ।


ଉଦ୍‌ଘାଟନୀ ଉତ୍ସବର ଅବ୍ୟବହିତ ପୂର୍ବରୁ ଭାରତୀୟ ନୌସେନା ପକ୍ଷରୁ ଆୟୋଜିତ ବ୍ୟାଣ୍ଡ ପାର୍ଟି।

## ମନ ଜିଣିଲା ଭାରତୀୟ ନୌସେନାର ବ୍ୟାଣ୍ଡ

କଟକ ବାଲିଯାତ୍ରାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଲୋକଙ୍କ ମନ ଜିଣିଛି ଭାରତୀୟ ନୌସେନାର ବ୍ୟାଣ୍ଡ୍। ଆଇଏନ୍‌ଏସ୍ ଚିଲିକାରୁ ଆସିଥିବା ଏହି ଟିମ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଚିତ୍ତାକର୍ଷକ ବାଦ୍ୟ ପରିବେଷଣ କରିଛନ୍ତି। ପ୍ରଥମଥର ପାଇଁ ବାଲିଯାତ୍ରାରେ ନୌସେନାର ସହାଭାଗିତା ଦେଖିବାକୁ ମିଳିଛି। ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଏବଂ ଏହାର ଗୌରବମୟ ଇତିହାସ ବାବଦରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି।


ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ମନ୍ତ୍ରୀ ପ୍ରଦୀପ ଅମାତ ଏବଂ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବ୍ୟାଟେରି ଚାଳିତ ଗାଡ଼ିରେ ବାଲିଯାତ୍ରା ପଡ଼ିଆ ବୁଲୁଛନ୍ତି।

## ଛାଡ଼ଖାଇ ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି

ମଙ୍ଗଳବାର ଆନୁଷ୍ଠାନିକ ଭାବରେ ଉଦ୍‌ଘାଟିତ ହୋଇଛି କଟକ ଐତିହାସିକ ବାଲିଯାତ୍ରା। ପ୍ରଥମ ଦିନରେ କାର୍ତ୍ତିକ ପୂର୍ଣ୍ଣିମା ସହ ଚନ୍ଦ୍ର ଗ୍ରହଣ କାରଣରୁ ଖାଦ୍ୟ ବ୍ୟବସାୟ ମାନ୍ଦା ଦେଖିବାକୁ ମିଳିଛି। ତେବେ ବୁଧବାର ଛାଡ଼ଖାଇ। ଏଥିପାଇଁ ପ୍ରସ୍ତୁତ ଆରମ୍ଭ କରିଦେଇଛନ୍ତି ଆମିଷ ବ୍ୟବସାୟୀ। ପାରମ୍ପରିକ ଓଡ଼ିଆ ଖାଦ୍ୟ ସାଙ୍ଗକୁ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ଏନେଇ ବ୍ୟବସାୟୀ ଅଶୋକ ମହାନ୍ତି କହିଛନ୍ତି, ଚଳିତ ବର୍ଷ ଅଧିକ ଦରରେ ପ୍ଲଟ କିଣିଲୁ। ଏଥିସହ ଇଲେକ୍ଟ୍ରି ପାଇଁ ଅଲଗା ମୂଲ୍ୟ, ଫୁଡ୍ ଲାଇସେନ୍ସ ଅନ୍ୟାନ୍ୟ ପାଇଁ ଅଲଗା ମୂଲ୍ୟ ଦେବାକୁ ପଡ଼ିଲା। ସେଥିପାଇଁ ଏଥର ଆମିଷ ଖାଦ୍ୟର ଦରରେ ସାମାନ୍ୟ ବୃଦ୍ଧି କରିବାକୁ ପଡ଼ିଛି ବୋଲି ମହାନ୍ତି କହିଛନ୍ତି।

## ୬୦ ବର୍ଷ ହେବ ବୁଲିବାକୁ ଆସୁଛି



କଟକ ଜିଲା କନ୍ହେଇପୁରର ଶକୁନ୍ତଳା ପତି (୭୭)। ଦୀର୍ଘ ୬୦ ବର୍ଷ ହେବ ବାଲିଯାତ୍ରା ବୁଲିବାକୁ ଆସୁଛନ୍ତି। ଏନେଇ ସେ କହିଛନ୍ତି, ସେତେବେଳେ ଓ ଏବେକାର ବାଲିଯାତ୍ରାରେ ବହୁତ୍ ଫରକ ରହିଛି। ଏବେ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ପିଲାବେଳେ ମା'ବାପାଙ୍କ ସହିତ ବାଲିଯାତ୍ରା ବୁଲିବାକୁ ଆସୁଥିଲି। ଏବେ ଝିଅପୁଅଙ୍କ ସହିତ ଆସୁଛି। ଭିଡ଼ କମ୍ ଥିବାରୁ ପ୍ରଥମଦିନ ବୁଲିବାକୁ ଆସିଛି ବୋଲି ସେ କହିଛନ୍ତି।



ବାଲିଯାତ୍ରା ପଡ଼ିଆର ମୁଖ୍ୟ ଆକର୍ଷଣ ସାଜିଥିବା ବିଭିନ୍ନ ପ୍ରକାର ଦୋଳି।


ବାଲିଯାତ୍ରା ନଦୀପଠା ପଡ଼ିଆରେ ଗ୍ରାହକଙ୍କ ଅପେକ୍ଷାରେ ଥିବା ଘୋଡ଼ା ସବାରି।


ବାଲିଯାତ୍ରା ପଡ଼ିଆରେ ଲାଗିଥିବା ଏକ ଫୁଲ ଷ୍ଟଲ୍‌ରେ ଗ୍ରାହକଙ୍କ ଭିଡ଼।

## ସଂକ୍ଷେପରେ

### ୧୦ରେ ରାଜ୍ୟ ସରକାର ପାଳିବେ ମାଣ୍ଡିଆ ଦିବସ

ଭୁବନେଶ୍ୱର,୮।୧୧(ବ୍ୟୁରୋ): ରାଜ୍ୟ ସରକାର ଆସନ୍ତା ୧୦ ତାରିଖକୁ ମାଣ୍ଡିଆ ଦିବସ ଭାବେ ପାଳନ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ନେଇ ଘୋଷଣା କରିଛନ୍ତି। ମାର୍ଗଶିର ମାସ ପ୍ରଥମ ଗୁରୁବାରକୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯିବ। ମାଣ୍ଡିଆ ଲୋକଙ୍କ ପାଖରେ ଅଧିକ ଆଦୃତ କରିବା ଉଦ୍ଦେଶ୍ୟରେ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ରାଜ୍ୟ ସରକାର ୨୦୧୭-୧୮ ଆର୍ଥିକ ବର୍ଷରେ ମିଲେଟ୍ ମିଶନ ଆରମ୍ଭ କରିଥିଲେ। ପ୍ରଥମେ ୭ ଜିଲାର ୩୦ ବ୍ଲକରେ ମିଲେଟ୍ ମିଶନ କାର୍ଯ୍ୟକାରୀ ହୋଇଥିଲା। ଏବେ ୧୯ ଜିଲାର ୧୪୨ ବ୍ଲକରେ ଏହା କାର୍ଯ୍ୟକାରୀ ହେଉଛି। ଏସ୍‌ଏଚଜିଙ୍କ ଦ୍ୱାରା ମାଣ୍ଡିଆ ପ୍ରସ୍ତୁତି ସାମଗ୍ରୀ ବିକ୍ରି କରାଯାଉଛି।

### ସପ୍ତାହେ ହାଲୁକା ଶୀତ

**କାର୍ତ୍ତିକରେ ଉଭାନ**

ଭୁବନେଶ୍ୱର,୮।୧୧(ବ୍ୟୁରୋ): କାର୍ତ୍ତିକ ମାସ ଶେଷ ହେଲା। ଶୀତର ନାଁଗନ୍ଧ ନାହିଁ। ହାଲୁକା ଶୀତ ପଡ଼ିଥିଲେ ବି ପାରଦ ତଳମୁହାଁ ହେଉନାହିଁ। ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହୁଥିବା ବେଳେ ଅଳ୍ପ କେତେକ ସ୍ଥାନରେ ପାରଦ ୧୫ ଡିଗ୍ରୀ ତଳେ ରହୁଛି। ଦିଲ୍ଲୀ ବାୟୁ ପ୍ରଦୂଷଣ ଶୀତ ଉପରେ ପ୍ରଭାବ ପକାଇଛି। ଉତ୍ତର ପୂର୍ବ ଦିଗରୁ ଆସୁଥିବା ପ୍ରଦୂଷିତ ବାୟୁ ଯୋଗୁ ପରିବେଶ ଉତ୍ତପ୍ତ ରହୁଛି। ଏଥିସହିତ ବଙ୍ଗୋପସାଗରରୁ ରାଜ୍ୟକୁ ଜଳୀୟ ବାଷ୍ପ ପ୍ରବେଶ କରୁଛି। ଫଳରେ ତାପମାତ୍ରା କମିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଆସନ୍ତା ୧୦ ଦିନ ଯାଏ ରାଜ୍ୟରେ ହାଲୁକା ଥଣ୍ଡା ଜାରି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପାଗ ଶୁଖିଲା ରହିବା ସହ ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି ଆଦି ଜିଲାରେ ହାଲୁକା କୁହୁଡ଼ି ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ କୋରାପୁଟ ୧୫, ସୁନ୍ଦରଗଡ଼ ୧୭.୫, ଭବାନୀପାଟଣା ୧୭.୨, ନୂଆପଡ଼ା ୧୮, ଖୋର୍ଦ୍ଧା ୧୮, କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା ୧୮.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

### ୧୦ରେ ଓଡ଼ିଶା କୋଷାଗାର ଅଧିକାରୀ ସମ୍ମିଳନୀ

ଭୁବନେଶ୍ୱର,୮।୧୧(ବ୍ୟୁରୋ): ସ୍ଥାନୀୟ ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରି)ଙ୍କ ଆନୁକୂଲ୍ୟରେ ଏବଂ ରାଜ୍ୟ ସରକାରଙ୍କ ସହଯୋଗରେ ଆସନ୍ତା ୧୦ ଓ ୧୧ ଦୁଇଦିନ ଧରି ରାଜ୍ୟସ୍ତରୀୟ କୋଷାଗାର ଅଧିକାରୀଙ୍କ ସମ୍ମିଳନୀ ଭୁବନେଶ୍ୱରସ୍ଥିତ ମଧୁସୂଦନ ଦାସ ଆଞ୍ଚଳିକ ଓ ଆର୍ଥିକ ପରିଚାଳନା ଏକାଡେମୀଠାରେ ଅନୁଷ୍ଠିତ ହେବ। ଏହି କର୍ମଶାଳାରେ ପ୍ରଧାନ ମହାଲେଖାକାର ଅନନ୍ତ କିଶୋର ବେହେରା, ପ୍ରଧାନ ମହାଲେଖାକାର (ଅଡିଟ ) ରାଜ କୁମାର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବ, କୋଷାଗାର ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ, ବରିଷ୍ଠ ଉପମହାଲେଖାକାର, ଅର୍ଥ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଅନ୍‌ଲାଇନ ମାଧ୍ୟମରେ ରାଜ୍ୟ ସରକାରଙ୍କ ଆର୍ଥିକ ପରିଚାଳନାରେ କୋଷାଗାର ଅଧିକାରୀ ଏବଂ ପ୍ରଧାନ ମହାଲେଖାକାରଙ୍କ କାର୍ଯ୍ୟାଳୟର ଭୂମିକା ଓ କାର୍ଯ୍ୟ ସମ୍ବନ୍ଧରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜ୍ୟର ୩୦ ଜିଲାର କୋଷାଗାର ଅଧିକାରୀଙ୍କ ସହ କର୍ମଚାରୀମାନେ ଏହି କର୍ମଶାଳାରେ ଯୋଗଦେବେ।

### ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ୫୫ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର, ୮।୧୧(ବ୍ୟୁରୋ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ଓଡ଼ିଶା ଗସ୍ତରେ ଆସିବେ। ଏନେଇ କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ରାଷ୍ଟ୍ରପତି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ କିଭଳି ଗାର୍ଡ ଅଫ୍ ଅନର୍ ଦିଆଯିବ ସେ ନେଇ ପୋଲିସ ପକ୍ଷରୁ ମଙ୍ଗଳବାର ରିହର୍ସଲ୍ କରାଯାଇଛି। ରାଜଧାନୀରେ ସୁରକ୍ଷା ବ୍ୟବସ୍ଥା ପାଇଁ ୫୫ ପ୍ଲାଟୁନରୁ ଊର୍ଦ୍ଧ୍ୱ ପୋଲିସ ଫୋର୍ସ ସହ ୩୦୦ ଅଧିକାରୀ ମୁତୟନ ରହିବେ। ବିମାନବନ୍ଦରଠାରୁ ରାଜଭବନ ଯାଏଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ଏଥିସହ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ପାଇଁ ବୁଧବାର ଫୁଲଡ୍ରେସ୍ ରିହର୍ସାଲ୍ କରାଯିବା ପାଇଁ ସ୍ଥିର ହୋଇଛି। ଏ ନେଇ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ବିମାନବନ୍ଦରରେ ମଙ୍ଗଳବାର ସ୍ଥିତି ସମୀକ୍ଷା କରିଥିଲେ।

# ବେନାମୀ ଚିଠି ଖୋଲିଲା ଗୁମର

**ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ ନିଖୋଜ ଘଟଣା**

- ଧାନ କିଆରିରୁ କଙ୍କାଳ ଜବତ
- ୫ ଅଟକ, ପୋଲିସ ଆଗରେ ସ୍ୱୀକାର

ନୂଆପଡ଼ା ଅଫିସ,୮।୧୧

ନୂଆପଡ଼ା ସଦର ଥାନା ଟାୱାଟ ପଞ୍ଚାୟତ ରତିପାଲି ଗାଁର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ ନିଖୋଜ ଘଟଣାର ଗୁମର ଖୋଲିଛି ବେନାମୀ ଚିଠି। ଚିଠିରେ ଲେଖାଥିବା ୫ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ବେଳେ ମଙ୍ଗଳବାର ସଦର ଥାନା ପୋଲିସ ନିଖୋଜ ଛାତ୍ରୀଙ୍କ କଙ୍କାଳ ଏକ ଧାନ କିଆରିରୁ ମାଟି ଖୋଳି ଜବତ କରିଛି। ଏହାର ସବିଶେଷ ତଥ୍ୟ ତଦନ୍ତ ପରେ ଦିଆଯିବ ବୋଲି ଏସ୍‌ଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ କହିଛନ୍ତି। ପ୍ରାପ୍ତ ସୂଚନା ମୁତାବକ, ସଦର ଥାନା ରତିପାଲି ଗାଁର ଧନିରାମ ନାଏକଙ୍କ ଝିଅ ହିତେଶ୍ୱରୀ ନାଏକ (୧୭) ଏକଲବ୍ୟ ବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷରେ ପଢୁଥିଲେ। ଗତବର୍ଷ ଡିସେମ୍ବରରେ ବଡ଼ଦିନ ଛୁଟିରେ ଘରକୁ ଆସିଥିଲେ। ଜାନୁୟାରୀ ୩ ତାରିଖ ରାତିରେ ଖାଇବା ପରେ କୋଠରିରେ ଶୋଇବାକୁ ଯାଇଥିଲେ। ତାଙ୍କ ମା' ସୁମିତ୍ରା ରାତି ପ୍ରାୟ ୨ଟାରେ ଘରୁ ବାହାରିବା ସମୟରେ ଦେଖିଲେ ଯେ, ଝିଅ କୋଠରିରେ ନାହିଁ। ଏ ନେଇ ତାଙ୍କ ସ୍ୱାମୀ ଧନିରାମଙ୍କୁ ଏ ବିଷୟରେ ଜଣାଇଥିଲେ। ପରିବାର ଓ ପଡ଼ୋଶୀମାନେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ଜାନୁୟାରୀ ୯ରେ ଧନିରାମ ନୂଆପଡ଼ା ସଦର ଥାନାରେ ଅଭିଯୋଗ କରିଥିଲେ। ସଦର ଥାନା ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିଲା। ପ୍ରାୟ ୧୦ ମାସ ପରେ ଗାଁର ଜଣେ ଯୁବକ ତୁମ ଝିଅକୁ ହତ୍ୟା କରି ମାଟିରେ ପୋତି ଦିଆଯାଇଛି ବୋଲି ଗତ ୨୫ ତାରିଖରେ କହିଥିଲେ। ଏହା ପରେ ଗାଁର ଲୋକଙ୍କୁ ନେଇ ଏକ ବୈଠକ କରାଯାଇ ଅଭିଯୁକ୍ତ କିଏ ବୋଲି ଖୋଜା ଚାଲିଥିଲା। ହଠାତ ଏକ ବେନାମୀ ଚିଠି ଧନିରାମଙ୍କ ନାମରେ ସେହି ଦିନ ଆସିଥିଲା। ସେହି ଚିଠିରେ ତୁମର ଝିଅ ହିତେଶ୍ୱରୀଙ୍କୁ ୫ଜଣ ଯୁବକ ମାରି ମାଟିରେ ପୋତି ଦେଇଛନ୍ତି ବୋଲି ଉଲ୍ଲେଖ ରହିଥିଲା। ଚିଠିରେ ୫ଜଣ ଯୁବକଙ୍କ ନାମ ମଧ୍ୟ ଲେଖାଯାଇଥିଲା। ଚିଠି ତଳେ ମୁଁ ଛତିଶଗଡ଼ ମହାସମୁନ୍ଦର ତୁମର ଜଣେ ହିତାକାଂକ୍ଷୀ। ଓଡ଼ିଶା ଯାଇଥିବା ବେଳେ ଏହି ଖବର ଶୁଣିଲି ବୋଲି ଲେଖାଯାଇଥିଲା। ସେହି ଚିଠି ଆଧାରରେ ଗତ ୨ ତାରିଖରେ ପୁଣି ସଦର ଥାନାରେ ବାପା ଧନିରାମ ଅଭିଯୋଗ କରିଥିଲେ। ଚିଠିରେ ଲେଖାଥିବା ୫ଜଣ ଯୁବକଙ୍କୁ ସଦର ଥାନା ପୋଲିସ ଅଟକ ରଖି ପଚରାଉଚରା କରିଥିଲା। ହତ୍ୟା ପ୍ରମାଣ ନଷ୍ଟ କରିବା ପାଇଁ ମାରି ନିଆଁରେ ପୋଡି ପୋତି ଦେଇଥିବା ସେହି ଯୁବକମାନେ ସ୍ୱୀକାର କରିଥିଲେ। ତାଙ୍କୁ ମାରି ପୋତି ଥିବା ଏକ ଧାନ କିଆରି ସ୍ଥାନ ଦେଖାଇଥିଲେ। ମଙ୍ଗଳବାର ପୂର୍ବାହ୍ନରେ ନୂଆପଡା ଉପଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ନୂଆପଡା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଇନ୍ଦ୍ରମଣି ବେହେରା, ସଦର ଥାନା ଆଇଆଇସି ନିର୍ମଳ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସାହାଯ୍ୟରେ ଅଭିଯୁକ୍ତମାନେ ଦେଖାଇଥିବା ଧାନ କିଆରିକୁ ଯାଇଥିଲେ। ଧାନ ସଫା କରି ଜେସିବି ସାହାଯ୍ୟରେ ମାଟି ଖୋଳି ଛାତ୍ରୀଙ୍କ କଙ୍କାଳ ଜବତ କରାଯାଇଛି।



ଜେସିବି ସାହାଯ୍ୟରେ ମୃତଦେହ ପୋତିଥିବା ସ୍ଥାନ ଖୋଳାଯାଉଛି।

# ସମ୍ପତ୍ତି ପାଇଁ ଜିଅନ୍ତା ସମାଧି ଉଦ୍ୟମ



ମହିଳାଙ୍କୁ ମାଟି ଭିତରୁ ଉଦ୍ଧାର କରାଯାଉଛି।

ପାରଳାଖେମୁଣ୍ଡି, ୮।୧୧(ଡି.ଏନ୍.ଏ.)

ଗଜପତି ଜିଲା ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲାର ହରିପୁର ଗ୍ରାମରେ ମଙ୍ଗଳବାର ସମ୍ପତ୍ତି ପାଇଁ ମା', ଝିଅଙ୍କୁ ଜିଅନ୍ତା ସମାଧି ଉଦ୍ୟମ କରାଯାଉଛି। ହରିପୁର ଗ୍ରାମରେ ଘରବାରି ଜାଗାକୁ ନେଇ ଗ୍ରାମର ଦାଲାମା ଓ ତାଙ୍କ ଝିଅ ସାବିତ୍ରୀଙ୍କ ସହ ଅନ୍ୟ ଏକ ପରିବାରର ତିନି ଭାଇଙ୍କ ମଧ୍ୟରେ ୭ବର୍ଷ ହେଲା ବିବାଦ ଲାଗିରହିଛି। ଏହି ମାମଲା କୋର୍ଟରେ ବିଚାରାଧୀନ ରହିଛି। ମଙ୍ଗଳବାର ଆନନ୍ଦ, ପ୍ରକାଶ ଓ ରାମାରାଓ ମିଶି ଜୋର ଜବରଦସ୍ତ ବିବାଦୀୟ ଜାଗାରେ ମାଟି ପକାଇ କାମ ଆରମ୍ଭ କରିବାକୁ ଚେଷ୍ଟା କରିଥିଲେ। ଏହାର ପ୍ରତିବାଦ କରି ନ୍ୟାୟ ପାଇଁ ଦାଲାମା ଓ ଝିଅ ସାବିତ୍ରୀ ବିବାଦୀୟ ସ୍ଥାନରେ ଅନଶନରେ ବସିଥିଲେ। ଏହି ସମୟରେ ଟ୍ରାକ୍ଟର ଯୋଗେ ମୋରମ ଆଣି ପ୍ରତିବାଦ କରୁଥିବା ମା' ଝିଅ ଦୁହିଁଙ୍କ ଉପରେ ଢାଳି ସଜୀବ ସମାଧି କରିଦେବା ପାଇଁ ତିନି ଭାଇ ଚେଷ୍ଟା କରିଥିଲେ। ସ୍ଥାନୀୟ ଲୋକେ ଦେଖି ମା' ଝିଅଙ୍କୁ ମାଟି ଖୋଳି ଉଦ୍ଧାର କରିଛନ୍ତି।



ନିସ୍ତେଜ ହୋଇ ଶୋଇ ରହିଥିବା ୨ ହାତୀ।

# ମହୁଲି ପିଇ ହାତୀ ମାତାଲ

ପାଟଣା, ୮।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଞ୍ଚଳରେ ରନ୍ଧା ମହୁଲି ମଦ ପୋଚ ପିଇ ୨ ହାତୀ ମାତାଲ ହେବା ଚର୍ଚ୍ଚାର ବିଷୟ ହୋଇଛି। ଏହି ଅଞ୍ଚଳରେ ୩ ଦିନ ହେବ ୨୪ ଟିକିଆ ଝାଡ଼ଖଣ୍ଡୀ ହାତୀପଲ ଉତ୍ପାତ ଚଳାଇଛନ୍ତି। ମଙ୍ଗଳବାର ହାତୀପଲ ଉଦୟପୁର ବିଟ୍ ଅଧୀନ ସିଲିପଦା ଗାଁ ନିକଟରେ ଥିବା ଏକ କାଜୁ ଜଙ୍ଗଲରେ ଡେରା ପକାଇଥିଲେ। ହାତୀପଲ ମଧ୍ୟରୁ ୨ଟି ହାତୀ ମଙ୍ଗଳବାର ପୂର୍ବାହ୍ନଠାରୁ ଅପରାହ୍ନ ପର୍ଯ୍ୟନ୍ତ ଉକ୍ତ କାଜୁ ବଗିଚା ମଧ୍ୟରେ ନିସ୍ତେଜ ହୋଇ ଶୋଇରହିଥିବା ଦେଖିବାକୁ ମିଳିଥିଲା।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ହାତୀପଲ ଗାଁ ନିକଟସ୍ଥ ନାଳକୂଳରେ ଚାଲିଥିବା ବେଆଇନ ମହୁଲି ଭାଟିରୁ ମହୁଲ ପୋଚ ଖାଇ ମାତାଲ ହୋଇଛନ୍ତି। ହେଲେ ପାଟଣା ରେଞ୍ଜର ଘାସିନାଥ ପାତ୍ର ଏହାକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି, ହାତୀପଲ ରାତିସାରା ଚଳପ୍ରଚଳ କରୁଥିବା ଯୋଗୁ ଦିନବେଳା ସେମାନେ ଜଙ୍ଗଲରେ ବିଶ୍ରାମ ନେଇଥିଲେ। ସନ୍ଧ୍ୟାରେ ଏହି ହାତୀପଲ ସାହାରପଡ଼ା ସେକ୍ସନ ଅଧୀନ ଧାନବେଣିରେ ପହଞ୍ଚିଥିଲେ। ରିପୋର୍ଟ ଲେଖା ହେବା ସୁଦ୍ଧା ହାତୀପଲ ପାଟଣା ବଜାର ଅଞ୍ଚଳରେ ପ୍ରବେଶ କରିଥିବାରୁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି।

# ଅନୁଧ୍ୟାନ କଲେ ପିସିସିଏଫ୍

**ତୀରବିଦ୍ଧ ଗର୍ଭିଣୀ ହାତୀମୃତ୍ୟୁ ଘଟଣା**

କେନ୍ଦୁଝର,୮।୧୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ କଳାପାଟ ସଂରକ୍ଷିତ ଜଙ୍ଗଲରୁ ସୋମବାର ଏକ ମା' ଓ ଛୁଆ ହାତୀର ଗଳିତ ମୃତଦେହ ବନ ବିଭାଗ ଠାବ କରିଥିଲା। ମା' ହାତୀକୁ ତୀରବିଦ୍ଧ କରି ହତ୍ୟା କରାଯାଇଥିବା ବ୍ୟବଚ୍ଛେଦରୁ ଜଣାପଡ଼ିଛି। ତୀରଟି ପାକସ୍ଥଳୀ ଦେଇ ଗର୍ଭାଶୟକୁ ଭେଦ କରିଥିଲା। ଅସହ୍ୟ ଯନ୍ତ୍ରଣା ଯୋଗୁ ଅପରିପକ୍ୱ ଛୁଆ ଜନ୍ମ ଦେବା ପରେ ମା' ହାତୀର ମୃତ୍ୟୁ ଘଟିଛି। ଏହି ଘଟଣାରେ ଭୁବନେଶ୍ୱର ପିସିସିଏଫ୍ (ପ୍ରିନ୍ସିପାଲ ଚିଫ୍ କଞ୍ଜରଭେଟର ଅଫ୍ ଫରେଷ୍ଟ) ଏସ୍. କେ. ପୁପୁଲ ମଙ୍ଗଳବାର କଳାପାଟ ସଂରକ୍ଷିତ ଜଙ୍ଗଲ ଅଞ୍ଚଳକୁ ଆସି ହାତୀ ମୃତ୍ୟୁର କାରଣ ଖୋଜିବା ସହ ବିଭାଗ ପକ୍ଷରୁ ନିଆଯାଇଥିବା ସତର୍କତା ପଦକ୍ଷେପ, ଅବହେଳା ଆଦି ଅନୁଧ୍ୟାନ କରିଛନ୍ତି। ସେହିପରି ବନ ବିଭାଗ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେ ତଥ୍ୟ ସଂଗ୍ରହ କରିଛନ୍ତି। ତାଙ୍କ ସହ କେନ୍ଦୁଝର ଡିଏଫ୍‌ଓ ଏଚ୍. ଡି. ଧନରାଜ ଓ ଅନ୍ୟ ଅଧିକାରୀ ଗସ୍ତ କରିଥିଲେ।

ଅଦ୍ୟାବଧି ଏହି ଘଟଣାରେ କାହାରି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ଦେଖାଦେଇଛି। ଗିରଫଦାରି ଭୟରେ ସ୍ଥାନୀୟ ଆଦିବାସୀମାନେ ଅନିଶ୍ଚିତତା ମଧ୍ୟରେ ରହିଥିବା ବେଳେ ଏହାର ଠିକ୍ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ହେଉଛି। ସେହିପରି ନିୟମିତ ହାତୀ ଚଳପ୍ରଚଳକୁ ନିରୀକ୍ଷଣ କରାଯାଇ ରିପୋର୍ଟ ପଠାଯାଉଥିବା ବେଳେ ବନ ବିଭାଗ ଏହି ହାତୀମୃତ୍ୟୁ ବିଷୟରେ କିପରି ଜାଣିପାରିଲା ନାହିଁ, ତାହା ହାତୀମାନଙ୍କ ସୁରକ୍ଷା ପାଇଁ କରାଯାଇଥିବା ଟ୍ରାକିଂ ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଗଛଡାଳରୁ ପ୍ରେମୀଯୁଗଳଙ୍କ ମୃତଦେହ ଜବତ

ବୋରିଗୁମ୍ମା, ୮।୧୧(ଡି.ଏନ.ଏ.)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଆଉଁଳି ପଞ୍ଚାୟତରେ ମଙ୍ଗଳବାର ଏକ ଦୁଃଖଦ ଘଟଣା ଘଟିଛି। ଜାତୀୟ ରାଜପଥ-୨୬ ମଝିଆ ଗାଁ ନିକଟରେ ଥିବା ଗଛରୁ ଦୁଇଜଣ ପ୍ରେମୀ ଯୁଗଳଙ୍କ ମୃତଦେହ ଜବତ ହୋଇଛି। ଉଭୟେ ବିବାହିତ ବୋଲି ଜଣାପଡିଛି। ପୋଲିସ ସୂତ୍ରରୁ ପ୍ରକାଶ, ବଡମଝିଆ ଗ୍ରାମର ଦୈମୋତି ଭତ୍ରା ଓ ଲିଟିମଝିଆ ଗ୍ରାମର ରାମଧର ଭତ୍ରାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ଦୈମୋତିଙ୍କ ଦୁଇଟି ଝିଅ ଏବଂ ଦୁଇଟି ପୁଅ ଥିବା ବେଳେ ରାମଧରଙ୍କ ଦୁଇଟି ପୁଅ ରହିଛନ୍ତି। ଦୈମୋତିଙ୍କ ସ୍ୱାମୀ ୪ବର୍ଷ ହେବ ରାଜ୍ୟ ବାହାରେ କାମ କରୁଛନ୍ତି। ତାଙ୍କର ସ୍ୱାମୀଙ୍କ ସହ ଝଗଡା ହେବାରୁ ସେ ତାଙ୍କ ପାଖରେ ନ ରହି ନିଜ ବାପାଙ୍କ ପାଖରେ ରହୁଥିଲେ। ରାମଧର ଜଣେ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ପାଖରେ ଦୈମୋତି ମହିଳା ଶ୍ରମିକ ଭାବେ କାମ କରୁଥିଲେ। ସମୟକ୍ରମେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ସୋମବାର ରାତିରେ ଉଭୟେ ମଦ୍ୟପାନ କରି ଗୋଟିଏ ସ୍ଥାନରେ ଥିଲେ। ପରେ ସେମାନଙ୍କ ମୃତଦେହ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ତେବେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ଆଗରୁ ଆମେ କେହି ଜାଣି ନ ଥିଲି ବୋଲି ଉଭୟଙ୍କ ପରିବାର ଲୋକେ କହିଛନ୍ତି। ଏନେଇ ସେମାନଙ୍କ ପରିବାର ପକ୍ଷରୁ ଥାନାରେ ପୃଥକ୍ ପୃଥକ୍ ଭାବେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ଅପମୃତ୍ୟୁ ମାମଲା (୨୮,୨୯/୨୨) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ତେବେ କେଉଁ କାରଣରୁ ଉଭୟେ ଆତ୍ମହତ୍ୟା କରିଛନ୍ତି ତାହାର କାରଣ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଏସ୍‌ଡିପିଓ ମଧୁସ୍ମିତା ମିଶ୍ର କହିଛନ୍ତି। ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ ଏବଂ ଫୋରେନସିକ୍ ଟିମ୍ ମଧ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# ବିବାହ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ବଳାତ୍କାର

କଳିଙ୍ଗନଗର, ୮।୧୧(ଡି.ଏନ.ଏ.)

ଯାଜପୁର ଜିଲା କଳିଙ୍ଗନଗର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ନୀଳକଣ୍ଠପୁର ଗାଁର ଜଣେ ଯୁବକ ବଳାତ୍କାର କରିଛନ୍ତି। ଏହାପରେ ଯୁବତୀଙ୍କୁ ତାଙ୍କ ମାଉସୀଙ୍କ ଘରେ ଛାଡ଼ି ଫେରାର ହୋଇ ଯାଇଛନ୍ତି। ଏନେଇ ଯୁବତୀ ଜଣକ କଳିଙ୍ଗନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୪୩/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ନୀଳକଣ୍ଠପୁର ଗ୍ରାମର ରଞ୍ଜିତ ପେରାଇ(ବୁଲୁ) ଶୁକ୍ରବାର ରାତି ପ୍ରାୟ ୨ଟାରେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ଘରୁ ଡାକିନେଇଥିଲେ। ରାତିରେ ପିଉସୀ ଘର ଚମ୍ପାପାଳରେ ରଖି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରଦିନ ଶାଳୀଜଙ୍ଗା ଗ୍ରାମକୁ ନେଇ ନିଜ ସମ୍ପର୍କୀୟଙ୍କ ଘରେ ଯୁବତୀଙ୍କୁ ରଖିଥିଲେ। ପରେ କୋର୍ଟ ମ୍ୟାରେଜ କରିବା ପାଇଁ କହି ଯୁବତୀଙ୍କ ମାଉସୀ ଘର ବର୍ଣ୍ଣିରା ଗ୍ରାମକୁ ନେଇଥିଲେ। ସେଠାରେ ବୁଲୁ ରାତିରେ ସୋଇଥିବା ବେଳେ ଯୁବତୀଙ୍କୁ ଶୌଚ ହେବାକୁ ଯାଉଛି କହି ଘରୁ ଯାଇ ଆଉ ଫେରି ନ ଥିଲେ।

# ଆଜି ପାଣିକୋଇଲି ଟୋଲ୍‌ପ୍ଲାଜା ସ୍ଥାନାନ୍ତର

**ନୂଆ ଠିକଣା ଭଦ୍ରକ ଜିଲା ନେଉଳିଆ ଛକ**



- ଶ୍ରୀରାମପୁର ଟୋଲ୍‌ପ୍ଲାଜା ସ୍ଥାନାନ୍ତର ନିର୍ଦ୍ଦେଶ ଅଟକିଛି

ଯାଜପୁର ଅଫିସ, ୮।୧୧

ନ୍ୟାଶନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନଏଚ୍‌ଏଆଇ) ଅଧୀନରେ ଥିବା ଯାଜପୁର ଜିଲା ପାଣିକୋଇଲି ଟୋଲ୍ ପ୍ଲାଜା ଦୀର୍ଘ ୬ ବର୍ଷର ପ୍ରତୀକ୍ଷା ପରେ ଯାଜପୁର-ଭଦ୍ରକ ସୀମାନ୍ତବର୍ତ୍ତୀ ନେଉଳିଆ ଛକକୁ ବୁଧବାର ସ୍ଥାନାନ୍ତର ହେବ। ଏଥିପାଇଁ ନେଉଳିଆ ଛକରେ ନବନିର୍ମିତ ଟୋଲପ୍ଲାଜାରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପନ୍ନ ହୋଇଛି ବୋଲି ଏନ୍‌ଏଚ୍‌ଏଆଇ ବାଲେଶ୍ୱର ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମା ସୂଚନା ଦେଇଛନ୍ତି। ବନ୍ଦାଲୋଠାରୁ ୪୭ କିମି ଦୂରତାରେ ଥିବା ପାଣିକୋଇଲି ଟୋଲପ୍ଲାଜା ବେଆଇନ ଦର୍ଶାଇ ଅଞ୍ଚଳବାସୀ ଅଭିଯୋଗ କରି ଆସୁଥିଲେ। ଏହି ଟୋଲ୍ ପ୍ଲାଜା ସ୍ଥାନାନ୍ତର ହେବା ପରେ ଯାଜପୁର ଟାଉନ, ଯାଜପୁର ରୋଡ, ସୁକିନ୍ଦା, କେନ୍ଦୁଝର ଜିଲାର ବହୁ ଗାଡିମାଲିକ ଉପକୃତ ହେବେ। କାରଣ ଏହି ଟୋଲପ୍ଲାଜା ଦେଇ ଯାତାୟାତ କରୁଥିବା ୧୨ରୁ ଊର୍ଦ୍ଧ୍ୱ ଚକ ଥିବା ଗାଡ଼ିରୁ ୭୧୫ଟଙ୍କା ଓ ୪ ଚକିଆ ଗାଡ଼ିରୁ ୧୩୫ଟଙ୍କା ଟୋଲ୍ ବାବଦରେ ଆଦାୟ କରାଯାଉଥିଲା।

ସୂଚନାଯୋଗ୍ୟ, ୧୬ନଂ.ଜାତୀୟ ରାଜପଥର ପାଣିକୋଇଲି ଓ ୫୩ନଂ. ଜାତୀୟ ରାଜପଥର ଶ୍ରୀରାମପୁର ଟୋଲପ୍ଲାଜା ସ୍ଥାନାନ୍ତର ନିଷ୍ପତ୍ତି ୨୦୧୬ ଜୁଲାଇରେ ହୋଇଥିଲା। ଏହି ନିଷ୍ପତ୍ତି ଅନୁସାରେ ପାଣିକୋଇଲି ଟେଲ୍‌ପ୍ଲାଜା ସ୍ଥାନାନ୍ତର କାର୍ଯ୍ୟକାରୀ ହେଉଥିବାବେଳେ ଶ୍ରୀରାମପୁର ଟୋଲପ୍ଲାଜା ସ୍ଥାନାନ୍ତର ପାଇଁ କୌଣସି ପଦକ୍ଷେପ ଏଯାଏ ନିଆଯାଇ ନାହିଁ। ଏନ୍‌ଏଚ୍‌ଏଆଇର ଗାଇଡ୍‌ଲାଇନ ଅନୁଯାୟୀ ଗୋଟିଏ ଟୋଲଗେଟ୍‌ରୁ ଅନ୍ୟ ଟୋଲଗେଟ୍‌ର ଦୂରତା ଅତିକମରେ ୬୦ କିଲୋମିଟର ହେବା ଆବଶ୍ୟକ। କିନ୍ତୁ ୧୬ନଂ. ଜାତୀୟ ରାଜପଥ, ଚଣ୍ଡୀଖୋଲ-ପାରାଦୀପ ୫୩ନଂ. ଏବଂ ପାଣିକୋଇଲି-କେନ୍ଦୁଝର ୨୦ନଂ. ଜାତୀୟ ରାଜପଥରେ ୪ଟି ଟୋଲପ୍ଲାଜା ରହିଛି। ସେଥିମଧ୍ୟରୁ ଯାଜପୁର ଜିଲାର ପାଣିକୋଇଲି ଓ ଶ୍ରୀରାମପୁରରେ ୨ ଟୋଲପ୍ଲାଜା କାର୍ଯ୍ୟ କରୁଛି। ବନ୍ଦାଲୋ ଠାରୁ ଶ୍ରୀରାମପୁର ଟୋଲପ୍ଲାଜାର ଦୂରତା ମାତ୍ର ୨୫ କିମି। ଏଣୁ ରାଜ୍ୟ ପରିବହନ କମିଶନରଙ୍କ ପତ୍ରସଂଖ୍ୟା ୧୧୦୬୩/୧୯।୭।୨୦୧୬ରେ ୱାର୍କସ ସେକ୍ରେଟାରୀଙ୍କୁ ପତ୍ର ଲେଖି ଶ୍ରୀରାମପୁର ଟୋଲପ୍ଲାଜାକୁ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ନିକଟ ମଶାଖଣି ଏବଂ ପାଣିକୋଇଲି ଟୋଲପ୍ଲାଜାକୁ ଆଖୁଆପଦା ନିକଟକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁସାରେ କେବଳ ପାଣିକୋଇଲି ଟୋଲପ୍ଲାଜାକୁ ସ୍ଥାନାନ୍ତର କରିବାକୁ ଏନଏଚ୍‌ଏଆଇକୁ ୬ ବର୍ଷ ଲାଗିଛି। ଇତିମଧ୍ୟରେ ବିଭାଗ ପକ୍ଷରୁ ବ୍ୟାପକ ଅନିୟମିତତା, ଅର୍ଥ ହରିଲୁଟ ଭଳି ଅନେକ ସାଂଘାତିକ ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଶ୍ରୀରାମପୁର ଟୋଲପ୍ଲାଜା ସ୍ଥାନାନ୍ତର ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସଂପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ମହିଳା, ଯୁବକଙ୍କୁ ଗଛରେ ବାନ୍ଧି ପିଟିଲେ

- ସ୍ୱାମୀଙ୍କ ସନ୍ଦେହଜନକ ମୃତ୍ୟୁ ପରେ ଉତ୍ତେଜନା
- ପରକୀୟା ପ୍ରୀତି ସନ୍ଦେହ
- କଙ୍ଗାରୁ କୋର୍ଟରେ ହେଲା ବିଚାର

ବେତନଟୀ, ୮।୧୧(ସ୍ୱ.ପ୍ର.)

ସ୍ୱାମୀଙ୍କ ସନ୍ଦେହଜନକ ମୃତ୍ୟୁ ପରେ ଉତ୍ୟକ୍ତ ଗ୍ରାମବାସୀ କଙ୍ଗାରୁକୋର୍ଟ ବସାଇ ସ୍ତ୍ରୀ ଓ ଜଣେ ଯୁବକଙ୍କୁ ଗଛରେ ବାନ୍ଧି ନିସ୍ଠୁର ମାଡ଼ ମାରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଗରୁଡ଼ବସା ଗ୍ରାମରେ ଏହି ଘଟଣା ଘଟିଛି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ମୃତ ବ୍ୟକ୍ତିଙ୍କ ସ୍ତ୍ରୀ ବର୍ଷେ ହେଲା ସ୍ୱାମୀଙ୍କଠାରୁ ଅଲଗା ରହୁଥିଲେ। ସେହି ଗରୁଡ଼ବସା ଗାଁରେ ଘର କରି ରହୁଥିବା ବାଲେଶ୍ୱର ଜିଲା ରେମୁଣା ଥାନା ଅଞ୍ଚଳର ଜଣେ ଯୁବକଙ୍କ ସହ ତାଙ୍କର ସମ୍ପର୍କ ଥିଲା। ସୋମବାର ମହିଳାଙ୍କ ସ୍ୱାମୀ ଦିନତମାମ ସ୍ୱାଭାବିକ ଭାବେ ବୁଲାବୁଲି କରୁଥିଲେ। ମାତ୍ର ମଙ୍ଗଳବାର ସକାଳେ ଘରଭିତରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ମହିଳା ଜଣକ ରେମୁଣା ଅଞ୍ଚଳର ସମ୍ପୃକ୍ତ ଯୁବକଙ୍କ ସହ ମିଶି ତର୍ଣ୍ଣିଚିପି ସ୍ୱାମୀଙ୍କୁ ହତ୍ୟା କରିଥିବା ଗ୍ରାମବାସୀ ସନ୍ଦେହ କରିଥିଲେ। ପରେ କଙ୍ଗାରୁକୋର୍ଟରେ ବିଚାର ହୋଇ ମହିଳା ଓ ତାଙ୍କ ସହ ସମ୍ପର୍କ ରଖିଥିବା ରେମୁଣା ଅଞ୍ଚଳର ଉକ୍ତ ଯୁବକଙ୍କୁ ଗଛରେ ବାନ୍ଧି ଗ୍ରାମବାସୀ ମାଡ଼ ମାରିଥିଲେ। ଉଭୟେ ଗଛରେ ବନ୍ଧା ହୋଇଥିବା ବେଳେ ମୃତକଙ୍କ ଭାଇ ପାଖ ପଡ଼ୋଶୀଙ୍କ ସହାୟତାରେ ମୃତଦେହ ସତ୍କାର କରିଥିଲେ। ତେବେ ଏତେ ସବୁ ଘଟଣା ଘଟିଯାଇଥିଲେ ସୁଦ୍ଧା କେହି ପୋଲିସକୁ ଖବର ଦେଇ ନ ଥିଲେ। ମଙ୍ଗଳବାର ସନ୍ଧ୍ୟାରେ ପରିସ୍ଥିତି ଶାନ୍ତ ପଡ଼ିବାରୁ ଗଛରେ ବନ୍ଧାଯାଇଥିବା ଉଭୟଙ୍କୁ ଗ୍ରାମବାସୀ ଛାଡିଦେଇଥିଲେ। ଖବର ଲେଖା ହେବା ସୁଦ୍ଧା ଏନେଇ ବେତନଟୀ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।



ଗଛରେ ବନ୍ଧା ହୋଇଥିବା ମହିଳା ଓ ଯୁବକ।

# ସ୍ପୋର୍ଟ୍ସ ଓଡ଼ିଶା, ଇଷ୍ଟକୋଷ୍ଟ ରେଲୱେ ଚାମ୍ପିୟନ



ଆନ୍ତଃକ୍ଲବ ଫୁଟ୍‌ସାଲର ପୁରୁଷ ବିଭାଗ ଚାମ୍ପିୟନ ସ୍ପୋର୍ଟ୍ସ ଓଡ଼ିଶା ଦଳ ଅତିଥିଙ୍କ ଗହଣରେ।

## ଫାଓ ଆନ୍ତଃକ୍ଲବ ଫୁଟ୍‌ସାଲ

**ଭୁବନେଶ୍ୱର, ୮।୧୧ (କ୍ରୀଡ଼ା ପ୍ରତିନିଧି):** ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆନ୍ତଃ କ୍ଲବ ଫୁଟସାଲ ଚାମ୍ପିୟନଶିପ୍ ମଙ୍ଗଳବାର ଶେଷ ହୋଇଛି। ଏହାର ପୁରୁଷ ବିଭାଗରେ ସ୍ପୋର୍ଟ୍ସ ଓଡ଼ିଶା ଓ ମହିଳାରେ ଇଷ୍ଟକୋଷ୍ଟ ରେଲୱେ ଚାମ୍ପିୟନ ହୋଇଛି। ପୁରୁଷ ବିଭାଗର ପ୍ରଥମ ସେମିଫାଇନାଲରେ ଆର୍ଡୋର ଫୁଟବଲ ଏକାଡେମୀ ୪-୨ ଗୋଲରେ ଓଡ଼ିଶା ପୋଲିସକୁ ଏବଂ ଦ୍ୱିତୀୟ ସେମିରେ ସ୍ପୋର୍ଟ୍ସ ଓଡ଼ିଶା ୯-୨ ଗୋଲରେ ଫ୍ରେଣ୍ଡ୍ସ ପାରାଡାଇଜ୍ କ୍ଲବକୁ ପରାସ୍ତ କରିଥିଲା। ସ୍ପୋର୍ଟ୍ସ ଓଡ଼ିଶା ଓ ଆର୍ଡୋର ଫୁଟବଲ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ଫାଇନାଲଟି ରୋମାଞ୍ଚକ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ଡ୍ର ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍ ଆଉଟର ସହାୟତା ନିଆଯାଇଥିଲା। ଏଥିରେ ସ୍ପୋର୍ଟ୍ସ ଓଡ଼ିଶା ୪-୩ ଗୋଲରେ ବିଜୟୀ ହୋଇ ଟାଇଟଲ ହାସଲ କରିଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫,୦୦୦ ଓ ରନରଅପ୍‌କୁ ୧୦,୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଚାମ୍ପିୟନ ହୋଇଥିବାରୁ ସ୍ପୋର୍ଟ୍ସ ଓଡ଼ିଶା ଦଳ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍)ର ଫୁଟସାଲ କ୍ଲବ ଚାମ୍ପିୟନଶିପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏଥର ପ୍ରଥମଥର ପାଇଁ ଫାଓ ମହିଳା ଆନ୍ତଃକ୍ଲବ ଫୁଟସାଲ ଲିଗ୍ ୭ ଓ ୮ ତାରିଖ ଦୁଇଦିନଧରି ଅନୁଷ୍ଠିତ ହୋଇଥିଲା। ଏଥିରେ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ଇଷ୍ଟକୋଷ୍ଟ ରେଲୱେ ଚାମ୍ପିୟନ ହୋଇ ୧୦,୦୦୦ ଓ ରନରଅପ୍ ଓଜିପି କ୍ଲବ ୭,୦୦୦ଟଙ୍କା ପୁରସ୍କାର ଆକାରରେ ପାଇଥିଲା। କଟକ ଡିଏସ୍‌ଓ ରଶ୍ମିରଞ୍ଜନ ସାମନ୍ତରାୟ ମୁଖ୍ୟ ଅତିଥି ଏବଂ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ଉପସଭାପତି ବିଜୟ ଦାସ, ଦିଲୀପ କୁମାର ସାହୁ, ହୃଦୟ ରଞ୍ଜନ ବେହେରା, ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡ଼େଇ, ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲର ରାଜେନ୍ଦ୍ର ପ୍ରସାଦ ସିଂ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




କଟକ ବାଲିଯାତ୍ରା ପଡ଼ିଆରେ ହକି ବିଶ୍ୱକପ୍ ଏନ୍‌କ୍ଲୋଜର ଉଦ୍‌ଘାଟନ କରିବା ପରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟମାନେ।

# କଟକ ବାଲିଯାତ୍ରାରେ ହକି ବିଶ୍ୱକପ୍‌ର ଅନୁଭବ

**ଭୁବନେଶ୍ୱର, ୮।୧୧ (କ୍ରୀଡ଼ା ପ୍ରତିନିଧି)**

ଏଫ୍‌ଆଇଏଚ୍ ହକି ବିଶ୍ୱକପ ଆସନ୍ତା ଜାନୁୟାରୀରେ ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ହେବ। ଓଡ଼ିଶାରେ ଦ୍ୱିତୀୟ ଥରପାଇଁ ହେବାକୁ ଯାଉଥିବା ହକିର ଏହି ମେଗା ପ୍ରତିଯୋଗିତାର ଅନୁଭବ କଟକରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ପ୍ରସିଦ୍ଧ ବାଲିଯାତ୍ରାରେ ଅନୁଭୂତ ହୋଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ହକି ଇଣ୍ଡିଆ ପକ୍ଷରୁ ବାଲିଯାତ୍ରା ପଡ଼ିଆରେ ଏକ ସ୍ୱତନ୍ତ୍ର ଏନ୍‌କ୍ଲୋଜର ଖୋଲା ଯାଇଛି। ହକି ଖେଳାଳି, ପ୍ରଶଂସକ ଏବଂ ଦର୍ଶକଙ୍କ ଉପସ୍ଥିତିରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ମଙ୍ଗଳବାର ଏହାକୁ ଉଦ୍‌ଘାଟନ କରିଛନ୍ତି। ଅତୀତର ସ୍ମୃତି ଏବଂ ଓଡ଼ିଶା କିପରି ହକିର ଏକ ଗ୍ଲୋବାଲ ହବ୍ ହୋଇ ପାରିଛି ତାହା ଏନ୍‌କ୍ଲୋଜର ଭିଜୁଆଲରେ ପ୍ରଦର୍ଶିତ ହେଉଛି। ଏଥିରେ ଫ୍ୟାନ ଜୋନ୍ ଓ ଫଟୋ ବୁଥ୍ ମଧ୍ୟ ରହିଛି। ବାଲିଯାତ୍ରାକୁ ବୁଲିବାକୁ ଆସୁଥିବା ଲୋକମାନେ ଏଠାରେ ବିଶ୍ୱକପ ଟ୍ରଫିର ପ୍ରତିକୃତି ନିକଟରେ ଫଟୋ ଉଠାଇବାର ସୁଯୋଗ ପାଇବେ। ଆଗାମୀ ବିଶ୍ୱକପ ପାଇଁ ଦର୍ଶକଙ୍କୁ ଆକୃଷ୍ଟ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ।

# ନିଶାନଙ୍କୁ ଗୁରୁଦାୟିତ୍ୱ

**ଭୁବନେଶ୍ୱର, ୮।୧୧ (କ୍ରୀଡ଼ା ପ୍ରତିନିଧି):** ହକି ଆସୋସିଏଶନ ଅଫ୍ ଓଡ଼ିଶା (ଏଚ୍‌ଏଓ) ଆନୁକୂଲ୍ୟରେ ସିନିୟର ମହିଳା, ଜୁନିୟର ମହିଳା ଏବଂ ସବ୍-ଜୁନିୟର ମହିଳା ହକି ଚାମ୍ପିୟନଶିପ୍ ଏଠାରେ ଅକ୍ଟୋବର ୨୭ରୁ ଆରମ୍ଭ ହୋଇଛି ଏବଂ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟର ଏହି ସମ୍ମାନଜନକ ପ୍ରତିଯୋଗିତାଗୁଡ଼ିକ ପାଇଁ ଅନ୍ତର୍ଜାତୀୟ ଅଭିଜ୍ଞତାସମ୍ପନ୍ନ ନିଶାନ ଜ୍ୟୋତି ମହାନ୍ତିଙ୍କୁ ବୈଷୟିକ ବିଭାଗର ସମସ୍ତ ଦାୟିତ୍ୱ ଦିଆଯାଇଛି। ସେ ଓଭରଅଲ୍ ସମସ୍ତ ବୈଷୟିକ ବିଭାଗର କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଇତିମଧ୍ୟରେ ସିନିୟର ଓ ଜୁନିୟର ଟୁର୍ନାମେଣ୍ଟ ଶେଷ ହୋଇ ଯାଇଥିବାବେଳେ ସବ୍-ଜୁନିୟର ପ୍ରତିଯୋଗିତା ଆରମ୍ଭ ହୋଇଛି। କେବଳ ରାଜ୍ୟ ଚାମ୍ପିୟନଶିପ୍ ନୁହେଁ ନିଶାନ ଗତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ମଧ୍ୟ ଅଫିସିଆଲଭାବେ ଦାୟିତ୍ୱ ନିର୍ବାହ କରିଥିଲେ।



ପୂର୍ବାଞ୍ଚଳ ରୋଲ୍‌ବଲ୍ ଚାମ୍ପିୟନଶିପ୍‌ରେ ରନରଅପ୍ ହୋଇଥିବା ଓଡ଼ିଶା ଦଳ।

# ପୂର୍ବାଞ୍ଚଳ ରୋଲ୍‌ବଲ୍: ଓଡ଼ିଶାର ଶ୍ରେଷ୍ଠ ପ୍ରଦର୍ଶନ

**ଭୁବନେଶ୍ୱର, ୮।୧୧ (କ୍ରୀଡ଼ା ପ୍ରତିନିଧି):** ଆସାମର ଗୁଆହାଟୀଠାରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ପୂର୍ବାଞ୍ଚଳ ଜାତୀୟ ରୋଲବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ପ୍ରଥମଥର ପାଇଁ ଓଡ଼ିଶା ଫାଇନାଲରେ ପ୍ରବେଶ କରିଥିବାବେଳେ ଆସାମଠାରୁ ହାରି ରନରଅପ୍ ହୋଇଛି। ଫାଇନାଲଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ଉଭୟ ଦଳ ନିର୍ଦ୍ଧାରିତ ସମୟରେ ୬ଟି ଲେଖାଏ ଗୋଲ ଦେବାରୁ ମ୍ୟାଚ ଅତିରିକ୍ତ ସମୟକୁ ଯାଇଥିଲା। ଏହି ସମୟରେ ଆସାମ ଗୋଲ୍ଡେନ ଗୋଲ ଦେଇ ଚାମ୍ପିୟନ ହୋଇଥିଲା। ଓଡ଼ିଶା ଦଳ ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ରନରଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଝାଡ଼ଖଣ୍ଡ ୧୧-୪ ଗୋଲରେ ବିହାରକୁ ହରାଇ ଦ୍ୱିତୀୟ ରନରଅପ୍ ହୋଇଥିଲା। ଚମତ୍କାର ପ୍ରଦର୍ଶନ ପାଇଁ ଓଡ଼ିଶା ଖେଳାଳି ପୁରସ୍କୃତ ହୋଇଥିଲେ। ବୀରେନ ଦାସ ଶ୍ରେଷ୍ଠ ଗୋଲକିପର ହୋଇଥିବାବେଳେ ପ୍ରତୀକ ଅର୍ଣ୍ଣବ ଜେନା ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ। ଟୁର୍ନାମେଣ୍ଟରେ ସେ ମୋଟ ୨୨ଟି ଗୋଲ ଦେଇଥିଲେ। ପ୍ରତିଯୋଗିତାରେ ଆସାମ, ଅରୁଣାଚଳ ପ୍ରଦେଶ, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ମେଘାଳୟ, ସିକିମ, ପଶ୍ଚିମବଙ୍ଗ ଓ ଓଡ଼ିଶା ଆଦି ୯ଟି ରାଜ୍ୟ ଦଳ ଅଂଶଗ୍ରହଣ କରିଥିଲେ। ଗୁଆହାଟୀସ୍ଥିତ ଦିସପୁର ରୋଲବଲ ଗ୍ରାଉଣ୍ଡରେ ଟୁର୍ନାମେଣ୍ଟ ନଭେମ୍ବର ୪ରୁ ଆରମ୍ଭ ହୋଇ ୭ ତାରିଖରେ ଶେଷ ହୋଇଥିଲା। ପୂରା ଟୁର୍ନାମେଣ୍ଟରେ ଓଡ଼ିଶା ଦଳ ଚାମ୍ପିୟନଭଳି ଖେଳିଥିଲା। ଆସାମ ବିପକ୍ଷ ଫାଇନାଲରେ ମଧ୍ୟ ଦଳର ପ୍ରଦର୍ଶନ ଚମତ୍କାର ରହିଥିଲା। ଆଗାମୀ ଦିନରେ ଯେ ଓଡ଼ିଶା ଦଳ ଆହୁରି ଭଲ ପ୍ରଦର୍ଶନ କରିବ ଏଥିରେ ଦ୍ୱିମତ ନାହିଁ। ତେବେ ବର୍ଷ ତମାମ ଖେଳାଳିଙ୍କ ଅଭ୍ୟାସ ପାଇଁ ଆମ ରାଜ୍ୟରେ ରୋଲବଲ୍ ଭିତ୍ତିଭୂମି ଆବଶ୍ୟକ। ରାଜ୍ୟ ସରକାର କଳିଙ୍ଗ ଷ୍ଟାଡିୟମରେ ରୋଲବଲ୍ ଭିତ୍ତିଭୂମି ଉପଲବ୍ଧ କରାଇ ପାରିଲେ ଅଧିକରୁ ଅଧିକ ଖେଳାଳି ରୋଲବଲ୍ ପ୍ରତି ଆକୃଷ୍ଟ ହେବେ ଏବଂ ରାଜ୍ୟରେ ପେସାଦାର ରୋଲବଲ୍ ଆଥ୍‌ଲେଟ ବାହାରି ପାରିବେ ବୋଲି ଓଡ଼ିଶା ରୋଲବଲ୍ ଆସୋସିଏଶନ ସମ୍ପାଦକ ପାର୍ଥସାରଥି ଜେନା ପ୍ରକାଶ କରିଛନ୍ତି।

## ଫୁର୍‌ସତ୍

# ଟ୍ରାନ୍ସଜେଣ୍ଡର ମଡେଲ ଖୁସି

**ମହାରାଷ୍ଟ୍ରର ଟ୍ରାନ୍ସଜେଣ୍ଡର ମଡେଲ ଖୁସି ଶେଖ୍ ଭାରତୀୟ ଫ୍ୟାଶନ୍ ଦୁନିଆରେ ଏବେ ସେ ବେଶ୍ ଜଣାଶୁଣା। ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ପାଇଁ ତାଙ୍କୁ ବହୁ ସଂଘର୍ଷ କରିବାକୁ ପଡ଼ିଥିଲା। ତମାମ୍ ପ୍ରତିକୂଳ ପରିସ୍ଥିତିକୁ ପଛରେ ପକାଇ ଖୁସି ଅନ୍ୟମାନଙ୍କ ପାଇଁ ପାଲଟିଛନ୍ତି ବିରଳ ଦୃଷ୍ଟାନ୍ତ।**

**ମୁମ୍ବାଇ:** ଖାଲି ମଡେଲିଂ କ୍ଷେତ୍ରରେ ନୁହେଁ, ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଭାବେ ମଧ୍ୟ ଖୁସି ଜଣାଯାନ୍ତି। ମହାରାଷ୍ଟ୍ର ଥାଣେର ଏକ ମଧ୍ୟବିତ୍ତ ପରିବାରରେ ଖୁସିଙ୍କ ଜନ୍ମ। ଇଂଲିଶ ମିଡିୟମରେ ପାଠ ପଢୁଥିବା ଖୁସି ପିଲାଟି ଦିନରୁ ଝିଅ ପିଲାଙ୍କ ସହ ମିଶିବାକୁ ପସନ୍ଦ କରୁଥିଲେ। ସ୍କୁଲରେ ଜଣେ ପୁଅ ଭାବେ ତାଙ୍କ ନାମ ଲେଖାଯାଇଥିଲା। ପଞ୍ଚମ ଶ୍ରେଣୀରେ ପଢ଼ିବାବେଳେ ଖୁସି ଜଣେ ଟ୍ରାନ୍ସଜେଣ୍ଡର ହୋଇଥିବା ଜାଣିବାକୁ ପାଇଥିଲେ। ଏ କଥା ପ୍ରଥମେ ଘରଲୋକ ଓ ପରେ ସାଙ୍ଗସାଥୀ ସମସ୍ତେ ଜାଣିଲେ। ଏହାପରେ ଖୁସିଙ୍କ ଉପରେ ଆରମ୍ଭ ହୋଇଗଲା ସାମାଜିକ ଓ ମାନସିକ ଅତ୍ୟାଚାର। ଏହାକୁ କେନ୍ଦ୍ର କରି ଖୁସି ୧୦ମ ପରଠାରୁ ପାଠପଢ଼ା ବନ୍ଦ କରିଦେଇଥିଲେ। ଟ୍ରାନ୍ସଜେଣ୍ଡର ହେବା କାରଣରୁ ଖୁସିଙ୍କ ପରିବାରକୁ ମଧ୍ୟ ବହୁ ସଂଘର୍ଷ ଦେଇ ଗତିକରିବାକୁ ପଡ଼ିଥିଲା। ଏହି ସମୟରେ ତାଙ୍କ ବାପାଙ୍କ ମୃତ୍ୟୁ ହୋଇଗଲା ଏବଂ ଘରର ବଡ଼ ସନ୍ତାନ ହୋଇଥିବା କାରଣରୁ ପରିବାରର ବୋଝ ଖୁସିଙ୍କ ଉପରକୁ ଆସିଯାଇଥିଲା। ପରିବାର ପ୍ରତିପୋଷଣ ପାଇଁ ଖୁସିଙ୍କୁ ଭିକ ମାଗିବାକୁ ପଡ଼ିଥିଲା।

### ସଂଘର୍ଷ ସାଜିଥିଲା ସାଥୀ

ଏମିତି ଦିନେ ରାସ୍ତା କଡ଼ରେ ଭିକ ମାଗୁଥିବାବେଳେ ସଲମା ଖାନ୍ ନାମରେ ଆଉ ଜଣେ ଟ୍ରାନ୍ସଜେଣ୍ଡର ତାଙ୍କୁ ଦେଖିଥିଲେ। ଭିକ ନ ମାଗି ରୋଜଗାରର ଅନ୍ୟ ପନ୍ଥା ଆପଣାଇବାକୁ ସେ ଖୁସିଙ୍କୁ କହିଥିଲେ। ଟ୍ରାନ୍ସଜେଣ୍ଡର ସଲମା ସୋସିଆଲ ଅର୍ଗାନାଇଜେଶନ୍ ଟ୍ରଷ୍ଟ ଚଳାଉଥିବାବେଳେ ତାଙ୍କ ଅଧୀନରେ ବହୁ ପିଲା କାମ କରନ୍ତି। ଖୁସିଙ୍କ ଘରର ସ୍ଥିତି ବିଷୟରେ ଜାଣିବା ପରେ ସଲମା ତାଙ୍କ ପରିବାରକୁ ମୁମ୍ବାଇ ଆଣିଥିଲେ। ମୁମ୍ବାଇରେ ଅନେକ ଟ୍ରାନ୍ସଜେଣ୍ଡର ସ୍ୱଚ୍ଛଳତାର ସହ ବସବାସ କରନ୍ତି। ମୁମ୍ବାଇ ଆସିବାପରେ ଖୁସିଙ୍କ ପରିବାରର ଅଭାବ ଧୀରେ ଧୀରେ ଦୂର ହେବାରେ ଲାଗିଲା। ଏହାପରେ ଖୁସି ନିଜ ମଡେଲିଂ କ୍ୟାରିୟର୍ ଆରମ୍ଭ କରିଦେଲେ। ମଡେଲିଂ ଜଗତରେ ମଧ୍ୟ ଖୁସିଙ୍କୁ ବହୁ ସଂଗ୍ରାମ କରିବାକୁ ପଡ଼ିଥିଲା। କିନ୍ତୁ ଏସବୁ ପରେ ବି ସେ ନିଜ ଲକ୍ଷ୍ୟକୁ ପ୍ରାଧାନ୍ୟ ଦେଉଥିଲେ, ଯାହାପାଇଁ ସେ ଏବେ ଜଣେ ସଫଳ ମଡେଲ ହୋଇପାରିଛନ୍ତି। ଟ୍ରାନ୍ସ ବ୍ୟୁଟି ଇଣ୍ଡିଆର ବ୍ରାଣ୍ଡ ଆମ୍ବାସଡର ହେଉଛନ୍ତି ଖୁସି।




# ଫିଟ୍ ଅଛନ୍ତି ବରୁଣ

ମୁମ୍ବାଇ

ନିକଟରେ ବଲିଉଡ୍ ଅଭିନେତା ବରୁଣ ଧାୱନଙ୍କର ଭେଷ୍ଟିବୁଲାର ହାଇପୋଫଙ୍କଶନ୍ ସର୍ଜରି କରାଯାଇଥିଲା। ବରୁଣ ଏକ ସାକ୍ଷାତ୍‌କାରରେ ସର୍ଜରି ସମ୍ପର୍କିତ ସୂଚନା ଦେଇଥିଲେ, ଯାହାଫଳରେ ତାଙ୍କ ଫ୍ୟାନ୍ ଫଲୋୟର୍ସ ନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଚିନ୍ତା ପ୍ରକଟ କରିଥଲେ। ମଙ୍ଗଳବାର ବରୁଣ ଟୁଇଟରରେ ଏ ନେଇ ଗୋଟିଏ ପୋଷ୍ଟ ଶେୟାର କରିଛନ୍ତି, ଯେଉଁଥିରେ ସେ ଫିଟ୍ ଥିବା କହିଛନ୍ତି। କାନରେ ଥିବା ଭେଷ୍ଟିବୁଲାର ଟ୍ୟୁବ ଅସ୍ୱାଭାବିକ ଭାବେ କାର୍ଯ୍ୟ କରିବା ଦ୍ୱାରା ମସ୍ତିଷ୍କଙ୍କୁ ଠିକ୍ ସନ୍ଦେଶ ପହଞ୍ଚିପାରେ ନାହିଁ। ଏହି କାରଣରୁ ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧିବା ଅବା ଟ୍ୟୁମର ହେବାର ଆଶଙ୍କା ରହିଥାଏ। ଆସନ୍ତା ୨୫ରେ ବରୁଣଙ୍କ ଅଭିନୀତ 'ଭେଡିଆ' ମୁକ୍ତିଲାଭ କରିବ। ଏଥିରେ ବରୁଣଙ୍କ ବିପକ୍ଷରେ କ୍ରିତି ସାନନଙ୍କୁ ଦେଖିବାକୁ ମିଳିବ। ଫିଲ୍ମରେ ହାଇଡ୍ରାମା ସାଙ୍ଗକୁ ଭରପୂର କମେଡି ଦେଖିବାକୁ ମିଳିବା ସହ ଫିଲ୍ମର ଭିଏଫ୍‌ଏକ୍ସର ବ୍ୟବହାର କରାଯାଇଛି। ଅମର କୌଶିକ ଫିଲ୍ମର ନିର୍ଦ୍ଦେଶନା ଦେଉଥିବାବେଳେ ଦିନେଶ ବିଜୟ ପ୍ରଯୋଜନା ଦାୟିତ୍ୱରେ ରହିଛନ୍ତି।



# କାଇଲି ଶ୍ରେଷ୍ଠ ଅଭିନେତ୍ରୀ

ରିୟାଧ



୨୦୧୬ର ମିସ୍ ଇଣ୍ଟରନ୍ୟାଶନାଲ କାଇଲି ଭେରଜୋସାଙ୍କୁ ଡିଷ୍ଟିଙ୍କଟିଭ୍ ଇଣ୍ଟରନ୍ୟାଶନାଲ ଆରବ ଫେଷ୍ଟିଭାଲ ଆୱାର୍ଡ (ଡିଆଇଏଫ୍‌ଏ) ସମାରୋହରେ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି। ୨୦୨୧ରେ ରିଲିଜ୍ ହୋଇଥିବା କାଇଲିଙ୍କ ଅଭିନୀତ ଫିଲ୍ମ 'ଦ ହାଉସ୍ ମେଡ୍' ପାଇଁ ତାଙ୍କୁ ବେଷ୍ଟ ଆକ୍ଟ୍ରେସ୍ ସମ୍ମାନ ପ୍ରଦାନ କରାଯାଇଛି। ୬ ବର୍ଷ ପୂର୍ବେ ଫିଲିପାଇନ୍ସ ପାଇଁ ମିସ୍ ଇଣ୍ଟରନ୍ୟାଶନାଲ ଆୱାର୍ଡ ଗ୍ରହଣ କରିବାର ଅନୁଭୂତି ଯେମିତିଥିଲା ଡିଆଇଏଫ୍‌ଏ ପୁରସ୍କାର ହାଇବା ପରେ ସେହିପରି ଲାଗୁଥିବା କାଇଲି କହିଛନ୍ତି। ଗତ ୪ ତାରିଖରେ ଏହା ଦୁବାଇରେ ଅନୁଷ୍ଠିତ ହୋଇଥିଲା। ଆୱାର୍ଡର ଫଟୋ କାଇଲି ସୋସିଆଲ ମିଡିଆରେ ଫଟୋ ଅପ୍‌ଲୋଡ୍ କରିବା ସହ ଏନେଇ ଫିଲିପାଇନ୍ସବାସୀଙ୍କୁ ଧନ୍ୟପାଦ ଜଣାଇଥିଲେ।

# ଫ୍ଲୋଟିଂ ଟ୍ରେନ୍‌ରେ ପୁଣି ବୁଲିବେ ପର୍ଯ୍ୟଟକ

ବ୍ୟାଙ୍କକ୍



ଥାଇଲାଣ୍ଡର ଫ୍ଲୋଟି ଟ୍ରେନ୍। ଏଥିରେ ବସି ଲୋକେ ହ୍ରଦର ସୁନ୍ଦର ମନୋରମ ଦୃଶ୍ୟକୁ ଉପଭୋଗ କରିଥାନ୍ତି। ତେବେ ଚଳିତବର୍ଷ ଥାଇଲାଣ୍ଡ ବୁଲିବାକୁ ଆସୁଥିବା ପର୍ଯ୍ୟଟକ ଏହି ଫ୍ଲୋଟିଂ ଟ୍ରେନ୍‌ର ମଜା ଉଠାଇ ପାରିବେ। ରାଜଧାନୀ ବ୍ୟାଙ୍କକରୁ ଯାତ୍ରୀମାନଙ୍କୁ ନେଇ ପାସକ ଜୋଲାସିଡ ଡ୍ୟାମରେ ନେଇ ଛାଡ଼ିବ। ଏଥିଲାଗି ଟ୍ରେନ୍‌କୁ ୬ ଘଣ୍ଟା ସମୟ ଲାଗିଥାଏ।

ଫ୍ଲୋଟିଂ ଟ୍ରେନ୍ ଯାତ୍ରା ପାଇଁ ଟିକେଟ୍ ବୁକିଂ ଆରମ୍ଭ ହୋଇସାରିଥିବାବେଳେ ନଭେମ୍ବରରୁ ଆସନ୍ତା ବର୍ଷ ଫେବୃୟାରୀ ପର୍ଯ୍ୟନ୍ତ ଟ୍ରେନ୍ ଯାତ୍ରା ଚାଲୁ ରହିବ। ଭ୍ୟୁ ପଏଣ୍ଟରେ ଟ୍ରେନ୍ ପାଖାପାଖି ୨୦ ମିନିଟ ରହିବ, ଯେଉଁଠାରେ ଯାତ୍ରୀ ଫଟୋ ଉଠାଇବା ସହ ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ। ସପ୍ତାହାନ୍ତରେ ହିଁ ଏହି ଟ୍ରେନ୍‌ରେ ଯାତ୍ରା କରିପାରିବେ ପର୍ଯ୍ୟଟକ। କୋଭିଡ୍ ଯୋଗୁ ଫ୍ଲୋଟିଂ ଟ୍ରେନ୍ ଯାତ୍ରା ବନ୍ଦ ରହିଥିଲା। ୨ ବର୍ଷ ପରେ ପୁଣିଥରେ ଥାଇଲାଣ୍ଡରେ ଆରମ୍ଭ ହେବାକୁ ଯାଉଛି ଏହି ଭାସମାନ ରେଳ। ଅଧିକମାତ୍ରାରେ ପର୍ଯ୍ୟଟକ ଏଥର ଟ୍ରେନ୍‌ର ମଜା ନେବାର ସୁଯୋଗ ପାଇବେ ବୋଲି କୁହାଯାଉଛି।

# ସମସ୍ତଙ୍କ ପାଖରେ ଆଇନ ଉପଲବ୍ଧ ହେବା ଜରୁରୀ

## ଜାତୀୟ ଆଇନ ସେବା ଦିବସ

**ଦେଶରେ** ସମସ୍ତଙ୍କ ପାଖରେ ଆଇନ ଉପଲବ୍ଧ ହେବା ଜରୁରୀ। ଏନେଇ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ନଭେମ୍ବର ୯ ରେ, ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ ର ଆରମ୍ଭକୁ ପାଳନ କରିବା ପାଇଁ ଜାତୀୟ ଆଇନ ସେବା ଦିବସ ଭାବେ ପାଳନ କରାଯାଇଥାଏ। ଏହା ୧୯୯୫ ମସିହାରେ କାର୍ଯ୍ୟକାରୀ ହୋଇଥିଲା। ମାଗଣା ଆଇନଗତ ସାହାଯ୍ୟର ଉପଲବ୍ଧତା ସହିତ, ଆଇନ ସେବା କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଉଥିବା ଅନେକ ସେବା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ପ୍ରତିବର୍ଷ ସାରା ଦେଶରେ ଏହି ଦିବସ ପାଳନ ଅବସରରେ ଏକ ଅଭିଯାନ ଅନୁଷ୍ଠିତ ହୋଇଥାଏ। ଆଇନ ସେବାଗୁଡିକର ବିକାଶ ପାଇଁ ସରକାର ଗ୍ରାଣ୍ଟ-ଇନ-ଏଡ ଏବଂ ଅନ୍ୟାନ୍ୟ ପ୍ରକାରର ଲଜିଷ୍ଟିକ ସହାୟତା ପ୍ରଦାନ କରିଥାନ୍ତି। ସମସ୍ତ ରାଜ୍ୟ ଆଇନ ସେବା ପ୍ରାଧିକରଣରୁ ମାସିକ କାର୍ଯ୍ୟକଳାପ ରିପୋର୍ଟ ଆଇନ ସେବା ପ୍ରାଧିକରଣ ଗ୍ରହଣ କରିଥାଏ। ଯାହା ଆଇନ ସେବା କର୍ତ୍ତୃପକ୍ଷଙ୍କ କାର୍ଯ୍ୟଦକ୍ଷତାକୁ ଟ୍ରାକ କରିବା ପାଇଁ କରାଯାଇଥିବା ସମସ୍ତ କାର୍ଯ୍ୟକୁ ଦର୍ଶାଇଥାଏ।

# ଭିତିରି ବୁଝାମଣା ଉଦ୍ୟମ

- ଆଜି ରାହାଡ଼ପୁର ପାହାଡ଼ରେ ଚୂଡ଼ାନ୍ତ ମାପଚୁପ
- ଭୁବନେଶ୍ୱରରେ ଡେରା ପକାଇଛନ୍ତି ଲିଜ୍‌ଧାରୀ
- ସ୍ୱଚ୍ଛତା ଅବଲମ୍ବନ ନ ହେଲେ ଆଇନର ଆଶ୍ରୟ ନେବାକୁ ଚେତାବନୀ


ରାହାଡ଼ପୁର ପାହାଡ଼

**ଯାଜପୁର ଅଫିସ,୮।୧୧**

ଯାଜପୁର ଜିଲା ଧର୍ମଶାଳା ତହସିଲ ପ୍ରଶାସନର ଅନୁମୋଦନଠାରୁ ଢେର ଗୁଣ ଅଧିକ କଳାପଥର ଲୁଟ୍ ଏବଂ ଜରିମାନା ଆଦାୟ ମାମଲା ଏବେ ସବୁଠି ଚର୍ଚ୍ଚାର ବିଷୟ ହୋଇଛି। ବିଶେଷକରି ଲୁଟ୍ ପରିମାଣର ମାପଚୁପ ପାଇଁ ପ୍ରଶାସନ ପକ୍ଷରୁ ନିୟୋଜିତ ବେସରକାରୀ ସଂସ୍ଥା ମାଇ ୱାର୍ଲ୍ଡ କନ୍ସଲଟେନ୍ସିର କାର୍ଯ୍ୟ ସ୍ୱଚ୍ଛତା ଉପରେ ଏବେ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବୁଧବାର ଜଣେ ପ୍ରଭାବଶାଳୀ ରାଜନେତା ଲିଜ୍ ନେଇଥିବା ରାହାଡ଼ପୁର ପାହାଡ଼ର ଚୂଡ଼ାନ୍ତ ମାପଚୁପକୁ ସମସ୍ତେ ଚାହିଁ ରହିଛନ୍ତି। କାରଣ ଏହି ପାହାଡ଼ରୁ ୫ ବର୍ଷ ପାଇଁ ୨,୩୫,୦୦୦ ଘନଫୁଟ କଳାପଥର ଉତ୍ତୋଳନ କରିବାକୁ ଅନୁମତି ରହିଥିବାବେଳେ ସେଠାରୁ ପ୍ରାୟ ଦେଢକୋଟି ଘନଫୁଟ କଳାପଥର ଲୁଟ ହୋଇଛି। ଏହାସହ ଆଖପାଖ ୩ଟି କ୍ୱାରୀରୁ ବିନା ଅନୁମୋଦନରେ ପ୍ରାୟ ୮ ଲକ୍ଷ ଘନଫୁଟ କଳାପଥର ଚୋରି ହୋଇଥିବା ଚର୍ଚ୍ଚା ହେଉଛି। ସେହିପରି ଆସନ୍ତା ମାର୍ଚ୍ଚରେ ଲିଜ୍ ଅବଧି ଶେଷ ହେବାକୁ ଥିବା ବରଡା ପାହାଡରୁ ମଧ୍ୟ ବିପୁଳ ପରିମାଣର କଳାପଥର ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଏହିସବୁ ଅଭିଯୋଗରେ ଧର୍ମଶାଳା ତହସିଲ କର୍ତ୍ତୃପକ୍ଷ ପରୋକ୍ଷରେ ସହଯୋଗ ଦେଇ ଆସୁଛନ୍ତି। ଏହିକ୍ରମରେ ମାପଚୁପରେ ଯଦି ସ୍ୱଚ୍ଛତା ଅବଲମ୍ବନ କରା ନ ଯାଏ, ତେବେ ଅଞ୍ଚଳବାସୀ ହାଇକୋର୍ଟର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ସଂପୃକ୍ତ ଲିଜ୍‌ଧାରୀ ଆଇନ କବଳରୁ ମୁକୁଳିବା ପାଇଁ ନିୟୋଜିତ ସଂସ୍ଥା କର୍ତ୍ତୃପକ୍ଷଙ୍କୁ ମନାଇବାକୁ ଭୁବନେଶ୍ୱରରେ ଡେରା ପକାଇଥିବା ଚର୍ଚ୍ଚାର ବିଷୟ ହୋଇଛି।

ବିଭିନ୍ନ ଉନ୍ନୟନ କାମ ଉଦ୍ଦେଶ୍ୟରେ ୨୦୧୭-୧୮ ବର୍ଷରେ କଳାପଥର ଉତ୍ତୋଳନ କରିବାକୁ ରାହାଡ଼ପୁର ପାହାଡ଼କୁ ଲିଜ୍ ସୂତ୍ରରେ ଦିଆଯାଇଥିଲା। ଏଥିରେ ୨୫ ଏକର ପରିମିତ ଅଞ୍ଚଳରୁ ବାର୍ଷିକ ୪୭ ହଜାର ଘନଫୁଟ ଅନୁସାରେ ୫ ବର୍ଷରେ ସେ ୨ ଲକ୍ଷ ୩୫ ହଜାର ଘନଫୁଟ କଳାପଥର ଉତ୍ତୋଳନ କରିପାରିବେ ବୋଲି ଅନୁମୋଦନ ହୋଇଥିଲା। ଏହି ସମୟରେ ଚଣ୍ଡିଖୋଲ-ଭଦ୍ରକ ୧୬ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ କାମ ଚାଲିଥିଲା। ଏଥିରେ ବିପୁଳ ପରିମାଣର କଳାପଥର ଆବଶ୍ୟକତା ପଡୁଥିଲା। ତେଣୁ ଲିଜ୍‌ଧାରୀ ଅନୁମୋଦନ ପରିମାଣକୁ ବୃଦ୍ଧି କରିବାକୁ କୌଣସି ଅନୁମତି ନ ନେଇ ଉକ୍ତ ରାସ୍ତା ସମ୍ପ୍ରସାରଣ କାମରେ ପ୍ରାୟ ୬୫ ଲକ୍ଷ ଘନଫୁଟ୍ କଳାପଥର ଯୋଗାଇ ଦେଇଥିଲେ। ଏହାସହ ୫୩ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାମରେ ମଧ୍ୟ ବିପୁଳ କଳାପଥର ବ୍ୟବହାର ହୋଇଛି। ଏଭଳି ଭାବେ ପ୍ରାୟ ଦେଢକୋଟି ଟଙ୍କାର ବେଆଇନ ଭାବେ କଳାପଥର ଉତ୍ତୋଳନ କରାଯାଇଥିବା ପ୍ରାଥମିକ ମାପଚୁପରୁ ଜଣାପଡିଛି। ତେଣୁ ଜରିମାନା ଆକଳନ ହେବା ପୂର୍ବରୁ ପୁଣି ଥରେ ଚୂଡ଼ାନ୍ତ ମାପଚୁପ କରିବାକୁ ନିଷ୍ପତ୍ତି ହୋଇଥିବାବେଳେ ତାହା ବୁଧବାର ସମ୍ପନ୍ନ କରାଯିବ। ଏହିସବୁ ଲୁଟ୍‌କୁ ଚାପିଦେବାକୁ ଲିଜ୍‌ଧାରୀ ସବୁପ୍ରକାର ଉଦ୍ୟମ କରି ବିଫଳ ହେବା ପରେ ମାପଚୁପ କରୁଥିବା ସଂସ୍ଥାକୁ ଭରସା କରିଛନ୍ତି। ତେଣୁ ଲିଜ୍‌ଧାରୀ ଏବଂ ଉକ୍ତ ସଂସ୍ଥା ମଧ୍ୟରେ ଏକ ବଡଧରଣର ଭିତିରି ବୁଝାମଣା ହୋଇପାରେ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଉକ୍ତ ସଂସ୍ଥା ନିଜର ଭାବମୂର୍ତ୍ତିକୁ ବଜାୟ ରଖିବାକୁ କୌଣସି ବୁଝାମଣା କରିବ ନାହିଁ ବୋଲି ଶୁଣିବାକୁ ମିଳୁଛି।

ସୂଚନାଯୋଗ୍ୟ, ଗତ ମାର୍ଚ୍ଚରେ ଅନୁଷ୍ଠିତ ବିଧାନସଭାରେ ବିଧାୟକ ନବଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ଅନୁମୋଦନଠାରୁ ଅଧିକ ଲଘୁ ଖଣିଜ ଦ୍ରବ୍ୟ ଲୁଟ ଉପରେ ଏକ ତଥ୍ୟ ପ୍ରଦାନ କରିଥିଲେ। ଉକ୍ତ ତଥ୍ୟରେ ୨୦୧୫-୧୬ ରୁ ୨୦୨୧-୨୨ ବର୍ଷ ମଧ୍ୟରେ ଲଘୁ ଖଣିଜ ଦ୍ରବ୍ୟର ବେଆଇନ ଉତ୍ତୋଳନ, ଅନୁମୋଦନ ପରିମାଣଠାରୁ ଅଧିକ ଲୁଟ, ବିନା ଟ୍ରାନ୍‌ଜିଟ୍ ଫର୍ମରେ ଖଣିଜ ପରିବହନ ଓ ବିକ୍ରି ମାମଲାରେ ୧୪ ଜିଲାରୁ ୧୯ କୋଟି ୮୬ ଲକ୍ଷ ୫୦ ହଜାର ୫୪୩ ଟଙ୍କା ଜରିମାନା ଆଦାୟ ହୋଇଥିଲା। ସେଥିରୁ ବାଲେଶ୍ୱର ଜିଲାର ଜରିମାନା ସର୍ବାଧିକ ୬ କୋଟି ୧୦ ଲକ୍ଷ ୫୬୨ ଟଙ୍କା ରହିଥିଲା। କିନ୍ତୁ ସର୍ବାଧିକ କଳାପଥର ଲୁଟ ହେଉଥିବା ଯାଜପୁର ଜିଲାରେ ଟଙ୍କାଟିଏ ବି ଆଦାୟ ହୋଇ ନ ଥିବା ମନ୍ତ୍ରୀଙ୍କ ତଥ୍ୟରୁ ଜଣାପଡିଥିଲା। ଏହାପରେ ଜିଲା ପ୍ରଶାସନ ପକ୍ଷରୁ ଲିଜ୍ ପାହାଡ଼ଗୁଡିକର ମାପଚୁପ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହିକ୍ରମରେ ସାଟେ ଲାଇଟ୍ ମାପଚୁପ କରି ୪ ଜଣ ଲିଜ୍‌ଧାରୀଙ୍କ ନାମରେ ୧୦୫.୮୭ କୋଟି ଟଙ୍କାର ଜରିମାନା ଆଦାୟ ନିର୍ଦ୍ଦେଶ ହୋଇଛି। ହେଲେ ଏଯାଏ ଟଙ୍କାଟିଏ ଅସୁଲ ହୋଇ ନ ଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ସ୍ୱାଗତ କୁମାର ଦାସଙ୍କ ମତାମତ ନେବାକୁ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

## ଜାତୀୟ ଖବର

## ସମଲିଙ୍ଗୀ ସନ୍ଦେହରେ ୨ ଯୁବତୀଙ୍କୁ ମାଡ଼ମାରି ଯୌନାଙ୍ଗ ପୋଡ଼ିଦେଲେ

**କୋଲକାତା,୮।୧୧**

ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲାରେ ସମଲିଙ୍ଗୀ ସନ୍ଦେହରେ ୨ ଜଣ ଯୁବତୀଙ୍କୁ ମାଡ଼ ମାରିବା ସହ ତତଲା ଲୁହାରଡ଼ ପୂରାଇ ସେମାନଙ୍କ ଯୌନାଙ୍ଗ ପୋଡ଼ିଦେଇଛନ୍ତି। ଆକ୍ରମଣକାରୀ ଜଣେ ପୀଡ଼ିତାଙ୍କ ସମ୍ପର୍କୀୟ ବୋଲି ଜଣାପଡ଼ିଛି। ସୋମବାର ସାଗରଦିଘି ଥାନାରେ ୨ ସମ୍ପର୍କୀୟଙ୍କ ବିରୋଧରେ ଏତଲା ଦାଏର ପରେ ଘଟଣା ପଦାକୁ ଆସିଛି। ଅଭିଯୁକ୍ତ ଅନ୍ୟ ଜଣଙ୍କ ସହ ମିଶି ପୀଡ଼ିତାଙ୍କୁ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ ବୋଲି ପୋଲିସ କହିଛି। ପୀଡ଼ିତାଙ୍କ ମାଆଙ୍କ କହିବା ଅନୁଯାୟୀ ଦୁଇ ଯୁବତୀ ଏକାଠି ବଡ଼ ହେବା ସହ ପରସ୍ପରର ଘନିଷ୍ଠ ବନ୍ଧୁ ଥିଲେ। ତେବେ ସ୍ଥାନୀୟ ଲୋକେ ସେମାନଙ୍କ ବନ୍ଧୁତାକୁ ସହଜେ ଗ୍ରହଣ କରିପାରୁ ନ ଥିଲେ। ଗତମାସ ୨୫ ତାରିଖ ରାତିରେ ଜଣେ ଅସୁସ୍ଥ ଥିବାରୁ ଅନ୍ୟ ଜଣକୁ ଘରକୁ ଡାକିଥିଲେ। ସେଦିନ ରାତିରେ ସେମାନେ ଏକାଠି ଥିବାବେଳେ ତା' ପରଦିନ ସକାଳେ ଜଣକର ୨ ସମ୍ପର୍କୀୟ ଏବଂ ଅନ୍ୟ ଜଣେ ସ୍ଥାନୀୟ ଯୁବକ ସେମାନଙ୍କ ଘରେ ପଶି ଗୋଟିଏ ବେଡ୍‌ରେ କାହିଁକି ଶୋଇଛ ବୋଲି ପ୍ରଶ୍ନ କରିଥିଲେ। ଏହା ପରେ ସେମାନେ ୨ ଯୁବତୀଙ୍କୁ ମାଡ଼ ମାରିବା ପରେ ତତଲା ଲୁହା ରଡ୍‌ରେ ସେମାନଙ୍କ ଯୌନାଙ୍ଗ ପୋଡ଼ିଦେଇଥିଲେ। ଏ ସମ୍ପର୍କରେ କାହାକୁ କହିଲେ, ସେମାନଙ୍କ ସମଲିଙ୍ଗୀ ସମ୍ପର୍କକୁ ବାହାରେ ପ୍ରଘଟ କରିଦେବେ ବୋଲି ଧମକ ଦେଇଥିଲେ।

## କଶ୍ମୀର ପୋଲିସ ନିଯୁକ୍ତି ଦୁର୍ନୀତି: ୭ ସ୍ଥାନରେ ସିବିଆଇ ଚଢ଼ାଉ

**ନୂଆଦିଲ୍ଲୀ,୮।୧୧**

ଜମ୍ମୁ-କଶ୍ମୀର ପୋଲିସ ସବ୍‌ଇନ୍ସପେକ୍ଟର ନିଯୁକ୍ତି ଦୁର୍ନୀତି ମାମଲାରେ ସିବିଆଇ ମଙ୍ଗଳବାର ଜମ୍ମୁ, ପଠାନକୋଟ, ରେୱାରି, କର୍ନାଲ ସମେତ ୭ ସ୍ଥାନରେ ଚଢ଼ାଉ କରିଛି। ଗିରଫ ମାଷ୍ଟରମାଇଣ୍ଡ ଯତିନ ଯାଦବ ଏବଂ ସିଆର୍‌ପିଏଫ୍ କନ୍‌ଷ୍ଟେବଲ ସୁରେନ୍ଦ୍ର ସିଂଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କ ଘର ଉପରେ ଚଢ଼ାଉ କରାଯାଇଥିଲା। ଜମ୍ମୁ-କଶ୍ମୀର ପ୍ରଶାସନର ସୁପାରିସ୍ କ୍ରମେ ଅଗଷ୍ଟ ୩ରେ ସିବିଆଇ ଉକ୍ତ ଦୁର୍ନୀତି ମାମଲାର ତଦନ୍ତ ଦାୟିତ୍ୱ ନେଇଥିଲା।

## ଗର୍ଭବତୀ ମହିଳାଙ୍କୁ ଗଣବଳାତ୍କାର

### କୋର୍ଟଙ୍କ ନିର୍ଦ୍ଦେଶ ପରେ ମାମଲା ରୁଜୁ କଲା ପୋଲିସ

**ଲକ୍ଷ୍ନୌ,୮।୧୧**

ଉତ୍ତର ପ୍ରଦେଶ ପିଲିଭିଟରେ ଜଣେ ଗର୍ଭବତୀ ମହିଳାଙ୍କୁ ୨ ଜଣ ଯୁବକ ଗଣବଳାତ୍କାର କରିବାର ୪ ମାସ ପରେ ଉକ୍ତ ଘଟଣା ସଂକ୍ରାନ୍ତରେ ମାମଲା ରୁଜୁ କରିଛି ପୋଲିସ। ଜୁଲାଇ ୧୬ରେ ପୀଡ଼ିତା ଜଣକ କ୍ଷେତରେ କାମ କରୁଥିବା ତାଙ୍କ ସ୍ୱାମୀଙ୍କୁ ଖାଦ୍ୟ ଦେଇ ଫେରୁଥିବାବେଳେ ଦୁଇଜଣ ଯୁବକ ପୀଡ଼ିତାଙ୍କୁ ଛୁରି ଦେଖାଇ ଆଖୁବିଲକୁ ଉଠାଇ ନେଇଥିଲେ। ବଳାତ୍କାର ଯୋଗୁ ତାଙ୍କ ଗର୍ଭ ନଷ୍ଟ ହୋଇଯାଇଥିବା ସେ କହିଛନ୍ତି। ପୀଡ଼ିତା ଜଣକ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଅଧିକାରୀ ଅଭିଯୋଗ ଦାଏର କରି ନ ଥିଲେ, ଯାହାଫଳରେ ସମ୍ପୃକ୍ତା ମହିଳା କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସୁନଘରି ଥାନା ଅଧିକାରୀ ରୁଜୁ କରିବା ସହ ମାମଲାର ତଦନ୍ତ ଚଳାଇଛନ୍ତି।

## ପଞ୍ଜାବୀ ନିର୍ଦ୍ଦେଶକ ଗୁରିନ୍ଦର ଡିମ୍ପିଙ୍କ ପରଲୋକ

**ଚଣ୍ଡିଗଡ଼,୮।୧୧**



ପଞ୍ଜାବୀ ଫିଲ୍ମ ଇଣ୍ଡଷ୍ଟ୍ରିର ବେଶ୍ ଜଣାଶୁଣା ଫିଲ୍ମ ନିର୍ଦ୍ଦେଶକ ଗୁରିନ୍ଦର ଡିମ୍ପିଙ୍କ ପରଲୋକ ଘଟିଛି। ରବିବାର ବିଳମ୍ବିତ ରାତିରେ ପଟିଆଲାସ୍ଥିତ ତାଙ୍କ ବାସଭବନରେ ଗୁରିନ୍ଦର ଶେଷନିଶ୍ୱାସ ତ୍ୟାଗ କରିଥିବାବେଳେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ। ମୃତ୍ୟୁବେଳକୁ ତାଙ୍କୁ ୪୭ ବର୍ଷ ହୋଇଥିବାବେଳେ ଗୁରିନ୍ଦରଙ୍କ ବିୟୋଗରେ ପଲିଇଣ୍ଡଷ୍ଟ୍ରିରେ ଶୋକର ଛାୟା ଖେଳିଯାଇଛି। କରମଜିତ ଅନ୍‌ମୋଲଙ୍କ ଭଳି ପ୍ରମୁଖ କଳାକାର ଗୁରିନ୍ଦରଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି।

## ମହିଳାଙ୍କ ଉପରେ ମାଡ଼ିଗଲା ବନ୍ଦେ ଭାରତ ଏକ୍ସପ୍ରେସ୍

**ଗାନ୍ଧୀନଗର,୮।୧୧**

ଗୁଜରାଟର ଆନନ୍ଦ ରେଳ ଷ୍ଟେଶନରେ ସେମି-ହାଇସ୍ପିଡ୍ ବନ୍ଦେ ଭାରତ ଏକ୍ସପ୍ରେସ ଧକ୍କାରେ ମଙ୍ଗଳବାର ବ୍ରିଟିସ୍ ଆର୍ଚିବାଲ୍ଡ ପିଟର (୫୪)ଙ୍କର ମୃତ୍ୟୁ ଘଟିଛି। ସନ୍ଧ୍ୟା ସାଢ଼େ ୪ଟାବେଳେ ବ୍ରିଟିସ୍ ଆନନ୍ଦ ରେଳଷ୍ଟେଶନ ନିକଟରେ ରେଳଧାରଣ ପାର୍ ହେଉଥିବାବେଳେ ଏହି ଦୁର୍ଘଟଣା ଘଟିଥିବା ରେଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅହମ୍ମଦାବାଦର ବ୍ରିଟିସ୍ ଆନନ୍ଦରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ।

## ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

### ରାଗରେ ଉଜାଡ଼ିଦେଲେ ନିଜ ସଂସାର

**ରାୟଗଡ଼ା ଅଫିସ, ୮।୧୧**

ରାଗରେ ଭୁଲିଗଲେ ହିତାହିତ ଜ୍ଞାନ। ଟାଙ୍ଗିଆରେ ହାଣି ମାରିଦେଲେ ସ୍ତ୍ରୀଙ୍କୁ। ନିଜ ୩ପିଲାଙ୍କୁ କରିଦେଲେ ମା'ଛେଉଣ୍ଡ। ଏପରି ଏକ ଘଟଣା ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଧାମୁଣିପଙ୍ଗା ପଞ୍ଚାୟତ କତାଗୁଡ଼ାଗାଁର ଦଳିତସାହିରେ ଦେଖିବାକୁ ମିଳିଛି। ମୃତକ ହେଲେ ଗାଁର ନୀଳକଣ୍ଠ କୌଶଲ୍ୟା(୫୦)ଙ୍କ ସ୍ତ୍ରୀ ରାଧା (୪୨)। ପୋଲିସ ଏ.କେ. ନୀଳକଣ୍ଠଙ୍କୁ ଅଟକ ରଖି ପଚରାଉଚରା କରୁଛି।

ମୃତକଙ୍କ ବାପା ରାମଦାସଙ୍କ କହିବାନୁଯାୟୀ, ରାଧା କିଛିଦିନ ତଳେ କଳାହାଣ୍ଡି ଜିଲା ବିଜେପୁର ପଞ୍ଚାୟତ ଫୁକେରସ୍ଥିତ ନିଜ ବାପଘରକୁ ଆସିଥିଲେ। ସୋମବାର ନୀଳକଣ୍ଠ ସେଠାକୁ ଯାଇ ରାଧାଙ୍କୁ ଘରକୁ ଆଣିଥିଲେ। ମଙ୍ଗଳବାର ଭୋରରୁ ଉଭୟେ କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇବାକୁ ମଧ୍ୟ ଯାଇଥିଲେ। ସେଠାରୁ ଆସିବା ପରେ କୌଣସି କାରଣକୁ ନେଇ ନୀଳକଣ୍ଠ ଓ ରାଧାଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପାଖରେ ଥିବା ଏକ ଟାଙ୍ଗିଆରେ ନୀଳକଣ୍ଠ ରାଧାଙ୍କ ମୁଣ୍ଡ, ବେକକୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଘଟଣା ସମ୍ପର୍କରେ ଜାଣି ପଡ଼ୋଶୀ ପୋଲିସକୁ ଖବର ଦେଇଥିଲେ। ଖବରପାଇ ରାୟଗଡ଼ା ଏସ୍‌ଡିପିଓ ଦିବ୍ୟଜ୍ୟୋତି ଦାସ, କଲ୍ୟାଣସିଂହପୁର ଥାନାଧିକାରୀ ମୁକୁନ୍ଦଦେବ ନାୟକ, ସବ୍‌ଇନ୍ସପେକ୍ଟର ସଞ୍ଜୟ କୁମାର ମୁର୍ମୁ, ଅତିରିକ୍ତ ସବ୍‌ଇନ୍ସପେକ୍ଟର ମନୋଜ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚିଥିଲେ। ରାଧାଙ୍କ ବାପଘର ଲୋକେ ସେଠାରେ ପହଞ୍ଚିବା ପରେ ଉତ୍ତେଜନା ଦେଖାଦେଇଥିଲା। ରାମଦାସ ଥାନାରେ ରାଧାଙ୍କୁ ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ପୂର୍ବରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିବାରୁ ରାଧା ଆମ ଘରେ ରହୁଥିଲା। ନୀଳକଣ୍ଠଙ୍କ ଭାଇ, ଶଶୁର ବଳରାମ ସେଠାକୁ ଯାଇ ଝିଅକୁ ବୁଝାଶୁଝା କରି ନିଜ ଦାୟିତ୍ୱରେ ଆଣିଥିଲେ। ଏବେ ଝିଅକୁ ହତ୍ୟା କରାଯାଇଛି ବୋଲି ରାଧାଙ୍କ ବାପା ଏତଲାରେ ଉଲ୍ଲେଖ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। କେସ୍ ନମ୍ବର ୯୭/୨୨ରେ ହତ୍ୟା ମାମଲା ରୁଜୁକରି ଘଟଣାର ତଦନ୍ତ କରାଯାଉଛି। ପୋଲିସ ନୀଳକଣ୍ଠଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ଯୁବକଙ୍କୁ ହତ୍ୟା କରି ଫିଙ୍ଗିଦେଲେ

**ବାରିପଦା ଅଫିସ/ଠାକୁରମୁଣ୍ଡା,୮।୧୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଧୀନ ଖାଲବେଡ଼ା ଗ୍ରାମ ରାସ୍ତା ପାର୍ଶ୍ୱ ବୁଦା ମୂଳରୁ ମଙ୍ଗଳବାର ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହକୁ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ହତ୍ୟା ମାମଲା(ନଂ.୨୮୬/୨୨) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଡାକ୍ତରଖାନାକୁ ପଠାଯାଇଛି। ସୂଚନା ଅନୁଯାୟୀ, ଖାଲବେଡ଼ା ଗାଁ ବନ୍ଧ ନିକଟ ରାସ୍ତା ପାର୍ଶ୍ୱରେ ଥିବା ଲଟାବୁଦା ମଧ୍ୟରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। କରଞ୍ଜିଆ ଉପଖଣ୍ଡ ପୋଲିସ ଅଧିକାରୀ ଏବଂ ଯଶୀପୁର ଥାନା ଅଧିକାରୀ ପଞ୍ଚାନନ ମହାନ୍ତି ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ହତ୍ୟା ପରେ ମୃତ ଯୁବକଙ୍କ ମୁହଁରେ ଜ୍ୟାକେଟ ବାନ୍ଧି ଲଟାବୁଦା ମୂଳକୁ ଫିଙ୍ଗି ଦିଆଯାଇଥିବା ପୋଲିସ ସୂଚନା ଦେଇଛି।

## ବଡ଼ଭାଇଙ୍କ ଜୀବନ ନେଲା ଜେଲଫେରନ୍ତା ମଝିଆ ଭାଇ

**କଣ୍ଟାବାଞ୍ଜି, ୮।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ଥାନା ଅନ୍ତର୍ଗତ କନ୍ଦେଇ ଗାଁରେ ମଙ୍ଗଳବାର ଏକ ହତ୍ୟାକାଣ୍ଡ ଘଟିଛି। ବଡ଼ଭାଇ ଫୁଲ ପ୍ରସାଦ ବାଗ(୩୫)ଙ୍କ ଜୀବନ ନେଇଛନ୍ତି ଜେଲ ଫେରନ୍ତା ମଝିଆ ଭାଇ ତିଳକ ବାଗ(୩୩)। କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଗାଁ ନିକଟ ଅର୍ଜୁନନଦୀକୁ ସକାଳେ ଶୌଚ ପାଇଁ ଯାଇଥିବା ଦୁଇଭାଇଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ତିଳକ ଏକ ପଥରରେ ବଡ଼ଭାଇଙ୍କ ମୁଣ୍ଡରେ ଛେଚି ଦେଇଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାପରେ ମୃତଦେହକୁ ସେ ନଦୀରେ ଫିଙ୍ଗି ଦେଇଥିଲେ। ଏହି ସମୟରେ ଶୌଚ ପାଇଁ ସେଠାରେ ପହଞ୍ଚିଥିବା ମୃତକଙ୍କ ବାପା ଚେରୁ ବାଗଙ୍କୁ ଦେଖି ଦୌଡି ପଳାଇଥିଲେ ତିଳକ। ଖବର ଲେଖା ହେବା ଯାଏ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ଘଟଣାସ୍ଥଳରେ ମୃତଦେହ ପଡ଼ି ରହିଛି। ଚେରୁ ବାଗଙ୍କ ଅଭିଯୋଗ ଆଧାରରେ ପୋଲିସ ହତ୍ୟାକାଣ୍ଡସ୍ଥଳରେ ପହଞ୍ଚି ତନାଘନା ଚଳାଇଛି। ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ତିଳକ ୨୦୧୯ରେ ଗାଁର କର୍ଣ୍ଣ ବାଗଙ୍କ ସହ ମହାରାଷ୍ଟ୍ରର ନାଗପୁରକୁ କାମ କରିବାକୁ ଯାଇଥିଲେ। ସେଠାରେ କର୍ଣ୍ଣଙ୍କ ସହ ତାଙ୍କର କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏଥିରେ କ୍ରୋଧିତ ହୋଇ କର୍ଣ୍ଣଙ୍କ ତଣ୍ଟି ଚିପି ତିଳକ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ନାଗପୁର ପୋଲିସ ତିଳକଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇଥିଲା। ଦୁଇବର୍ଷ ପରେ ନିକଟରେ ଜେଲରୁ ତିଳକ ନିଜ ଗାଁକୁ ଫେରିଥିବା ତାଙ୍କ ପରିବାର ଲୋକେ କହିଛନ୍ତି।

## ଅସଦାଚରଣ ଅଭିଯୋଗରେ ଡାକ୍ତର ଗିରଫ

**ତାଳଚେର, ୮।୧୧ (ନି.ପ୍ର.)**

ଚିକିତ୍ସା ପାଇଁ କ୍ଲିନିକ୍‌କୁ ଆସିଥିବା ଜଣେ ନାବାଳିକାଙ୍କୁ ଡାକ୍ତର ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତ ଡାକ୍ତରଙ୍କୁ ଗିରଫ କରିଛି। ଅନୁଗୋଳ ଜିଲା ତାଳଚେର ଥାନା ଅଞ୍ଚଳରେ ଘଟିଥିବା ଏହି ଘଟଣା ମଙ୍ଗଳବାର ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ କହିଛି, ସୋମବାର ସମ୍ପୃକ୍ତା ନାବାଳିକାଙ୍କ ଦେହ ଖରାପ ଥିଲା। ପୂର୍ବାହ୍ନ ପ୍ରାୟ ୧୧ଟାରେ ଝିଅଙ୍କୁ ଧରି ତାଙ୍କ ମା' ଥାନା ଅଞ୍ଚଳର ଏକ ଘରୋଇ କ୍ଲିନିକକୁ ଆସିଥିଲେ। କିନ୍ତୁ ସେଠାରେ ଥିବା ଡାକ୍ତର ପ୍ୟାରୀମୋହନ ପ୍ରଧାନ ଚିକିତ୍ସା କରିବା ପରିବର୍ତ୍ତେ ନାବାଳିକାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ଟଣାଓଟରା କରିଥିଲେ। ନାବାଳିକାଙ୍କ ମା' ଏହା ଜାଣିପାରି ପ୍ରତିବାଦ କରିଥିଲେ। ଏହାକୁ ନେଇ ବଚସା ହେବାରୁ ଉତ୍ତ୍ୟକ୍ତ ଡାକ୍ତର ନାବାଳିକାଙ୍କ ମା'ଙ୍କୁ ଗାଳିଗୁଲଜ କରିବା ସହ ଚାପୁଡ଼ା ମାରିଥିଲେ। ଘଟଣା ସମ୍ପର୍କରେ ନାବାଳିକାଙ୍କ ମା' ତାଳଚେର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନମ୍ବର ୮୪୧/୨୨ରେ ମାମଲା ରୁଜୁ କରି ଡାକ୍ତର ପ୍ରଧାନଙ୍କୁ ଥାନାକୁ ନେଇ ପଚରାଉଚରା କରିବା ସହ ଅଟକ ରଖିଥିଲା। ସନ୍ଧ୍ୟାରେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଡାକ୍ତର ମଧ୍ୟ ଏକ ପାଲଟା ଅଭିଯୋଗ କରିଛନ୍ତି। ନାବାଳିକାଙ୍କ ମା' ତାଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

## ହେତୁବାଦୀ-ପରମ୍ପରାବାଦୀ ମୁହାଁମୁହିଁ







ଭୁବନେଶ୍ୱର ଲୋହିଆ ଏକାଡେମୀରେ ହେତୁବାଦୀମାନେ ଚନ୍ଦ୍ରଗ୍ରହଣ ସମ୍ପର୍କିତ ଅନ୍ଧବିଶ୍ୱାସ ବିରୋଧରେ ଆଲୋଚନା ଓ ସାମୂହିକ ଭୋଜନ କରୁଥିବାବେଳେ ବାହାରେ ପରମ୍ପରାବାଦୀଙ୍କ ବିରୋଧ ପ୍ରଦର୍ଶନ। ଗଣ୍ଡଗୋଳ ପରେ ପୋଲିସ ପରମ୍ପରାବାଦୀଙ୍କୁ ଧରିନେଉଛି।

## ରେଞ୍ଜରଙ୍କ ଗାଡ଼ି ଧକ୍କାରେ ୱାଚରଙ୍କ ମୃତ୍ୟୁ

### କ୍ଷତିପୂରଣ ପ୍ରତିଶ୍ରୁତି ପରେ ଥମିଲା ଉତ୍ତେଜନା

**ଅନୁଗୋଳ ଅଫିସ, ୮।୧୧**

ଅନୁଗୋଳ ଜିଲା ସାତକୋଶିଆ ବନଖଣ୍ଡର ପମ୍ପାସର ରେଞ୍ଜରେ ପାଟ୍ରୋଲିଂ କରୁଥିବାବେଳେ ଦୁର୍ଘଟଣାରେ ଜଣେ ୱାଚରଙ୍କ ମୃତ୍ୟୁ ହୋଇଛି। ମୃତ ୱାଚର ହେଉଛନ୍ତି ପୁରୁଣାକୋଟ ଗୋପାଳପୁର ଗାଁର ସମ୍ବିତ ଦାସ (୨୪)। ସୋମବାର ବିଳମ୍ବିତ ରାତିରେ ଟିକରପଡ଼ା ରେଞ୍ଜର ମାଗୁଣି ବେହେରାଙ୍କ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ମଙ୍ଗଳବାର ଏହା ଜଣାପଡ଼ିବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ୱାଚରଙ୍କ ପରିବାରରୁ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ଓ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରାଯାଇଥିଲା। ତେବେ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

ପୁରୁଣାକୋଟ ଥାନା ପୁରୁଣାକୋଟ ଗୋପାଳପୁର ଗାଁର ସମ୍ବିତ ମାତ୍ର ୬ ମାସ ହେଲା ପମ୍ପାସର ରେଞ୍ଜରେ ୱାଚର ଭାବେ କାର୍ଯ୍ୟ କରୁଥିଲେ। ସୋମବାର ରାତିରେ ସେ ତରଭା ଛକ ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଅନୁଗୋଳ ପଟୁ ଆସୁଥିବା ଟିକରପଡା ରେଞ୍ଜ ଅଧିକାରୀଙ୍କ ଗାଡି (ନଂ. ଓଆର୧୯ଜେ-୨୪୦୦) ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ପଳାଇଯାଇଥିଲା। ଗୁରୁତର ଅବସ୍ଥାରେ ସମ୍ବିତ ରାସ୍ତାରେ ପଡ଼ିଥିବା ଖବରପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏଥିପାଇଁ ସେମାନେ ବନ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି। ଘଟଣା ସମ୍ପର୍କରେ ସକାଳେ ସ୍ଥାନୀୟ ଲୋକେ ଜାଣିବା ପରେ ପମ୍ପାସର ନିକଟରେ ରାସ୍ତାରୋକୋ କରିଥିଲେ। ମୃତକଙ୍କ ପରିବାରର ଜଣଙ୍କୁ ସ୍ଥାୟୀ ନିଯୁକ୍ତି ଓ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ, ଗାଡ଼ିରେ ରେଞ୍ଜର ଥିଲେ କି ନାହିଁ ସେ ନେଇ ତଦନ୍ତ ଆଦି ଦାବିରେ ୫ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଫଳରେ ସାତକୋଶିଆ ବୁଲିବାକୁ ଯାଉଥିବା ବହୁ ପର୍ଯ୍ୟଟକ ପମ୍ପାସରଠାରେ ଅଟକି ରହିଥିଲେ। ଖବରପାଇ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଏସିଏଫ୍ ଶୁଭେନ୍ଦୁ ବେହେରା, ବନ୍ତଳା ଥାନା ଅଧିକାରୀ ସୁମିତ୍ରା ପାତ୍ର, ପୁରୁଣାକୋଟ ଥାନା ଅଧିକାରୀ ଆଶିଷ କୁମାର ଜେନା ପ୍ରମୁଖ ପହଞ୍ଚି ବୁଝାଶୁଝା କରିବା ସହ ସରକାରୀ ନିୟମାନୁଯାୟୀ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

# ମାଛ ପୋଖରୀର ଯତ୍ନ

ମାଛ ପୋଖରୀ ହୁଡ଼ା ଭାଙ୍ଗିଯାଇଥିଲେ ତୁରନ୍ତ ମରାମତି କରନ୍ତୁ । ଏକ ହେକ୍ଟର ବିଶିଷ୍ଟ ମାଛପୋଖରୀର ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ସମୁଦାୟ ଦୈନିକ ୭ କି.ଗ୍ରା. ୫୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ। ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳି ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ ଓ ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ । ଶୀତଦିନ ପ୍ରାରମ୍ଭରୁ ପୋଖରୀରେ ୪୦ କି.ଗ୍ରା. ଚୂନ ସହିତ ୪ କି.ଗ୍ରା. ହଳଦୀଗୁଣ୍ଡ ମିଶାଇ ୨ କିସ୍ତିରେ ୧ ମାସ ଅନ୍ତରରେ ପକାଇଲେ ମାଛଙ୍କୁ ରୋଗ ହୋଇ ନ ଥାଏ । ମାଛଙ୍କୁ ପକ୍ଷ ଓ ଲାଞ୍ଜପଚା ରୋଗ ହେଲେ ଲିଟର ପିଛା ୧.୫ ମି.ଗ୍ରା. ତୁତିଆକୁ ଜଳରେ



ମିଶାଇ ମାଛକୁ ୨ ମିନିଟ୍ ପାଇଁ ରଖନ୍ତୁ । ଆଖିପଚା ରୋଗ ହେଲେ ଲିଟର ପିଛା ୮ ରୁ ୧୦ ମି.ଗ୍ରା. କ୍ଲୋରୋମାଇସେଟିନ୍ ଜଳରେ ଦ୍ରବୀଭୂତ କରି ମାଛକୁ ଦିନକୁ ୨ ଘଣ୍ଟା ଯାଏଁ ରଖନ୍ତୁ । ଏପରି ୨ରୁ ୩ ଦିନ କରିବେ। (୩) ପଚାଘାଦ ରୋଗ ହେଲେ ୨ ଲିଟର ପାଣିରେ ୧ ଗ୍ରାମ୍ ତୁତିଆ ମିଶାଇ ମାଛକୁ ପ୍ରତିଦିନ ୧ ମିନିଟ୍ ପାଇଁ ୩ ରୁ ୪ ଦିନ ରଖନ୍ତୁ । ଏଥିସହ ମାଛକୁ ଲିଟର ପ୍ରତି ୩୦ ଗ୍ରାମ୍ ଲୁଣ ମିଶାଇ ସେଥିରେ ୫ ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ରଖିଲେ ମଧ୍ୟ ଭଲ ହୁଏ ।

# ଗହମ ଚାଷ ସମ୍ପର୍କରେ...

ଗହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ। କେବଳ ସେତିକି ନୁହେଁ, ଆବଶ୍ୟକ ଅନୁମୋଦିତ ବିହନ ଯଥା – ସୋନାଲିକା, ପିବିଡବ୍ଲ୍ୟୁ–୩୪୩, ପିବିଡବ୍ଲ୍ୟୁ–୪୪୩, ୟୁପି–୨୬୨, ଏଚ୍‌ଡି–୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ । ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧନ କରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗକରି ବୁଣନ୍ତୁ । ଘାସ ନିୟନ୍ତ୍ରଣ



ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (୧ ହକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ୧–୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ। ସାଧାରଣ ଭାବେ ନଡ଼ିଆତେଲ ବସିବା ଆରମ୍ଭ କଲେ ଗହମ ବୁଣା ଆରମ୍ଭ କରାଯାଏ । ନଭେମ୍ବର ଦ୍ୱିତୀୟ ପକ୍ଷ ଗହମ ବୁଣିବା ପାଇଁ ଉପଯୁକ୍ତ । କିନ୍ତୁ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ବିଳମ୍ବରେ ଗହମ ବୁଣାଯାଇପାରିବ ।

# ସୋରିଷର ଉନ୍ନତ କିସମ

ଜଳସେଚିତ ଜମିରେ ବରୁଣ, କ୍ରାନ୍ତି, ପୁଷା ବାହାର, ପୁଷା ଜୟକିଷାନ, ପୁଷା ମସ୍‌ଟାର୍ଡ–୨୫ ଓ ୨୭, ପିଟି ୫୦୭, ଅନୁରାଧା, ପାର୍ବତୀ ଓ ସୁଶ୍ରୀ ଆଦି ସୋରିଷ କିସମକୁ ହେକ୍ଟର ପ୍ରତି ୧୦ କି.ଗ୍ରା. ମଞ୍ଜିକୁ ବିଶୋଧନକରି ୩୦ ସେ.ମି.x୧୦ ସେ.ମି. ବ୍ୟବଧାନରେ ଧାଡ଼ିବୁଣା କରନ୍ତୁ । ବୁଣିବା ପୂର୍ବରୁ ମୂଳସାର ଭାବରେ ହେକ୍ଟର ପ୍ରତି ୨୫:୨୫:୨୫ କି.ଗ୍ରା. ଯବକ୍ଷାରଜାନ: ଫସ୍‌ଫରସ୍: ପଟାସ୍ ପ୍ରୟୋଗ କରନ୍ତୁ । ଏହାର ୩ ସପ୍ତାହ ପରେ ୨୫ କି.ଗ୍ରା. ଯବକ୍ଷାରଜାନ ଧାଡ଼ି ମଝିରେ ପ୍ରୟୋଗ କରି କୋଡ଼ାଖୁସା କରନ୍ତୁ ।



# ଚାଷୀଙ୍କ ପାଇଁ...



ବାଇଗଣ ଫସଲରେ କାଣ୍ଡବିନ୍ଧା/ ଫଳବିନ୍ଧା ପୋକ ଆକ୍ରମଣ ହେଲେ ୫ ମି.ଲି. ଫ୍ଲୁବେଣ୍ଡିଆମାଇଡ୍‌କୁ ୧୫ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୫ ଗ୍ରାମ୍ / ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ। ଆକ୍ରାନ୍ତ ଡାଳ ବା ଫଳକୁ ମାଟିରେ ପୋତିଦିଅନ୍ତୁ । ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ।
– ବିଲାତି ବାଇଗଣ ଓ ବାଇଗଣ ଫସଲରେ ଝାଉଁଳା ରୋଗ ଦେଖାଦେଲେ ୧.୫ ଗ୍ରାମ୍ ବାଭିଷ୍ଟିନ୍ ସହିତ ୧ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍‌କୁ ୧ ଲିଟର ପାଣିରେ କିମ୍ବା ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍/୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ ।
–ଲଙ୍କା ଫସଲରେ ଉକୁଣିଆ ପୋକ ଲାଗିଲେ ୨ ମି.ଲି. ଇଥିଅନ୍ / ୧ ଲିଟର ପାଣିରେ କିମ୍ବା ୦.୩ ଗ୍ରାମ୍ ଏସିଟାମିପ୍ରିଡ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।
– ଫୁଲକୋବିଫସଲରେ ଶାଁବାଳୁଆ ପୋକ ଲାଗିଲେ ୧ ମି.ଲି. ନୋଭାଲ୍ୟୁରନ୍‌କୁ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ଯଦି ଫୁଲକଢ଼ ପାକଳ ହୋଇ ଆସିଥିବ, ତେବେ ମାଲାଥିଅନ୍ ୧ ଲିଟର ପାଣିରେ ୧.୫ ମି.ଲି. ଗୋଳାଇ ସିଞ୍ଚନ କରନ୍ତୁ । ମୂଳା ଫସଲରେ ଫ୍ଲି ବିଟିଲ୍ ଲାଗିଥିଲେ ତା'ର ଦମନ ପାଇଁ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ ।

## ଫଳଚାଷ



ବଗିଚାକୁ ଏବେ ଭଲଭାବରେ ଚାଷ କରନ୍ତୁ । ଫଳବଗିଚା ସଫାକରି ଅନୁମୋଦିତ ପ୍ରଣାଳୀରେ ଖତ, ରାସାୟନିକ ସାର ଓ ଅଣୁସାର ପୂର୍ବରୁ ଗଛରେ ଦିଅନ୍ତୁ । ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ । ପୁରୁଣା ଗଛକୁ କାଟଛାଣ୍ଟ କରନ୍ତୁ ଏବଂ ମାଆ ଗଛରୁ ବାହାରୁଥିବା କୁଆଁକୁ କାଟି ଦିଅନ୍ତୁ। ରୋଗପୋକ ନିୟନ୍ତ୍ରଣ କରନ୍ତୁ ଏବଂ ଉଇ ଆକ୍ରମଣ ପ୍ରତି ଧ୍ୟାନ ଦିଅନ୍ତୁ। ଗଛ ମୂଳକୁ ଛାଦିକରଣ କରନ୍ତୁ । ବର୍ତ୍ତମାନ କଦଳୀ ଗଛ ଲଗାଇପାରିବେ। ଏଥିପାଇଁ ଗ୍ରାଣ୍ଡ୍ ନୈନ୍, ଡିସି ପ୍ରଭୃତି କିସମ ନେଇପାରିବେ। ଆମ୍ବ ଗଛରେ ବଉଳ ଆସିବା ପାଇଁ ଜଳସେଚନ ବନ୍ଦ ରଖନ୍ତୁ ।

## ଆଳୁ ଫସଲ କରୁଥିଲେ..



ଆଳୁ ଫସଲ ୨–୩ ସପ୍ତାହର ହୋଇଯାଇଥିଲେ ପ୍ରଥମ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଏହି ସମୟରେ ୫୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ପଟାସ୍ ଆଳୁ ଗଛରେ ଧାଡ଼ିରେ ଦୁଇପାଖରେ ୭–୧୦ ସେ.ମି. ଦୂରତାରେ ୨–୩ ସେ.ମି. ଗଭୀରରେ ପ୍ରୟୋଗ କରନ୍ତୁ। ଆଳୁ ଫସଲରେ ସଅଳ ପତ୍ରପୋଡ଼ା ରୋଗରୁ ରକ୍ଷା ପାଇବା ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଆଗତୁରା ଆଳୁଗଛରେ ଭଲଭାବରେ ସିଞ୍ଚନ କରନ୍ତୁ। ସିଞ୍ଚନ ବେଳେ ଏହାର ପତ୍ରର ଉପର ଓ ତଳପାଖରେ ପଡ଼ିବା ଉଚିତ । ପିଆଜ ଫସଲରେ ଗଛ ରୋଇବାର ୩ ଦିନ ପୂର୍ବରୁ ହେକ୍ଟର ପ୍ରତି ୧୦୦୦ ମି.ଲି. ବାସାଲିନ୍‌କୁ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ ବା ୧୫୦୦ ମି.ଲି. ଟ୍ରିବୁଲିନ୍ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ଏହାଦ୍ୱାରା ଅନାବନା ଘାସ ଦାଉରୁ ରକ୍ଷା ମିଳିଥାଏ । କୋବି ଜାତୀୟ ଫସଲରେ ବନ୍ଧାକୋବିର ବିନ୍ଧାପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି କୀଟର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ଲିଟର ଫିପ୍ରୋନିଲ୍ କିମ୍ବା ୨୦୦ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜଏଟ୍ ବା ୫୦୦ ଗ୍ରାମ୍ ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଶୀତଦିନରେ ଭଲଭାବରେ ବଢୁଥିବା ପୋଦିନା, ଧନିଆ, ମେଥି, କୋଶଳା, ପାଳଙ୍ଗ ଆଦି ଶାଗ ଚାଷ କରନ୍ତୁ । ମଝିଆଳି କିସମ ଫୁଲକୋବିରେ ଲିଟର ପ୍ରତି ୩ ଗ୍ରାମ୍ ହିସାବରେ ବୋରନ୍ ସିଞ୍ଚନ କରନ୍ତୁ ।

# କୃତ୍ରିମ ପ୍ରଜନନ ଓ ଛେଳିଙ୍କ ବିକାଶ

ଛେଳି ପାଳନ ଗ୍ରାମାଞ୍ଚଳରେ ଏକ ପ୍ରମୁଖ ଅର୍ଥନୈତିକ କାର୍ଯ୍ୟକଳାପ । ମୁଖ୍ୟତଃ ଗରିବ ଏବଂ କ୍ଷୁଦ୍ରଚାଷୀଙ୍କ ପାଇଁ ଏହା ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ହ୍ରାସ କରିବାର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ୨୦୧୯ରେ ହୋଇଥିବା ପ୍ରାଣୀପାଳନ ଗଣନା ଅନୁଯାୟୀ ଆମ ରାଜ୍ୟରେ ପ୍ରାୟ ୬୪ ଲକ୍ଷ ଛେଳି ଅଛନ୍ତି ଏବଂ ଏହା ଭାରତବର୍ଷର ସମୁଦାୟ ଛେଳି ସଂଖ୍ୟାର ୪.୩ ଶତକଡ଼ା।



କୃତ୍ରିମ ପ୍ରଜନନ ଏକ ବୈଜ୍ଞାନିକ ଏବଂ ସରଳ କୌଶଳ, ଯାହା ଗାଈ, ମଇଁଷି ପ୍ରଜନନରେ ମୁଖ୍ୟତଃ ବ୍ୟବହାର କରାଯାଏ। ଦେଶରେ କ୍ଷୀର ଉତ୍ପାଦନ ବୃଦ୍ଧି କରାଇବାରେ ଏହି କୌଶଳର ଯଥେଷ୍ଟ ଅବଦାନ ରହିଛି। ଓଡ଼ିଶାରେ ଛେଳି ପ୍ରଜାତିଙ୍କ ମଧ୍ୟରେ ପ୍ରଜନନ କ୍ଷମତା ସହ ମାଂସ ଗୁଣବତ୍ତା ପାଇଁ ଜଣାଶୁଣା । ଗଞ୍ଜାମ ପ୍ରଜାତିର ଛେଳି ମୁଖ୍ୟତଃ ଦକ୍ଷିଣ ଓଡ଼ିଶା (ଗଞ୍ଜାମ ଜିଲା) ଏବଂ ଆନ୍ଧ୍ରପ୍ରଦେଶରେ ଦେଖାଯାଇଥିବା ମାଂସର ଚାହିଦା ଅନେକ ଥିବାରୁ ଉଚ୍ଚ ଗୁଣବତ୍ତା ଛେଳିକୁ ଶୀଘ୍ର ଧରାଣ ବା ମାରିଦିଆଯାଇଥାଏ। ଏହାଦ୍ୱାରା ପ୍ରଜନନ ପାଇଁ ଛେଳିମାନଙ୍କର ଅଭାବ ମଧ୍ୟ ଦେଖାଦେଇଥାଏ। ଗାଁଗୁଡ଼ିକରେ ଗରିବ ଚାଷୀମାନଙ୍କ ପାଇଁ ଏକ ଉଚ୍ଚମାନର ବୋଦା ପାଳିବା ଲାଭଜନକ ହେବ ନାହିଁ। ଫଳରେ ମାଈ ଛେଳିମାନଙ୍କୁ ଏକ ଅନିଶ୍ଚିତ ମାନର ବୋଦା ସହ ମିଳନ କରାଯାଇଥାଏ। ଏହାଦ୍ୱାରା ମୂଲ୍ୟବାନ୍ ଆନୁବଂଶିକ ଗୁଣଗୁଡ଼ିକର କ୍ଷତି ହୋଇଥାଏ। ଏହି ଅସୁବିଧା ଦୂରକରିବାକୁ ଯାଇ ଆମ ରାଜ୍ୟ ସରକାର ସମୃଦ୍ଧି ରାଜ୍ୟ କୃଷିନୀତି–୨୦୨୦ ଅନୁଯାୟୀ ଗଞ୍ଜାମ ଏବଂ ବ୍ଲାକ୍ ବେଙ୍ଗଲ ପ୍ରଜାତିର ଛେଳିମାନଙ୍କର ଶୁକ୍ରାଣୁ ବ୍ୟବହାରକରି ଛେଳିଙ୍କର କୃତ୍ରିମ ପ୍ରଜନନ ବଢ଼ାଇବାକୁ ଚାହୁଁଛନ୍ତି। ଏହି କୌଶଳ ଦ୍ୱାରା ଆନୁବଂଶିକ ଉନ୍ନତି ଏବଂ ଅଧିକ ଉତ୍ପାଦନ ହୋଇଥାଏ। ଛେଳି ପାଳନକାରୀ କୃଷକମାନଙ୍କର ଅସୁବିଧାକୁ ସମାଧାନ କରିବା ପାଇଁ ଓଡ଼ିଶା ସରକାର ଏହି କୃତ୍ରିମ ପ୍ରଜନନ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ଦ୍ୱାରା ଛେଳି ଆନୁବଂଶିକ ଗୁଣ ଉନ୍ନତ ହେବା ସହ ଜନ୍ମ, ଓଜନ ବୃଦ୍ଧି ହାର ଏବଂ ପ୍ରଜନନ ଇତ୍ୟାଦି ବୃଦ୍ଧି ପାଇପାରିବ।

**ଯୋଜନାର ଲକ୍ଷ୍ୟ**

- କୃତ୍ରିମ ପ୍ରଜନନ ଯୋଜନା ଦ୍ୱାରା ଆମ ରାଜ୍ୟର ବିଭିନ୍ନ ପ୍ରକାର ସ୍ଥାନୀୟ ଛେଳିଙ୍କର ଆନୁବଂଶିକ ଗୁଣର ବୃଦ୍ଧି କରିବା।
- ଉନ୍ନତ ମାନର ଶୁକ୍ରାଣୁ ବ୍ୟବହାରକରି କୃତ୍ରିମ ପ୍ରଜନନ ଦ୍ୱାରା ଛେଳି ସଂଖ୍ୟାକୁ କୌଳିକ ଉପାୟରେ ଉନ୍ନତି/ବୃଦ୍ଧି କରିବା।
- ଛେଳିମାନଙ୍କର ସଂଖ୍ୟାକୁ ଶୀଘ୍ର ତ୍ୱରାନ୍ୱିତ ଏବଂ ଶକ୍ତିଶାଳୀ କରିବା ପାଇଁ କୃଷକମାନଙ୍କୁ ସଚେତନ କରାଇବା।
- ଛେଳିମାନଙ୍କ ମଧ୍ୟରେ ଅନ୍ତର୍ଜନନକୁ ଏଡ଼ାଇବା ଏବଂ ବାଛବିଚାର ଶୂନ୍ୟ ପ୍ରଜନନକୁ ସୀମିତ କରାଇବା।

**ମାଈଛେଳିଙ୍କର ଗରମ ଆସିବାର ଲକ୍ଷଣ**

- ଅସ୍ଥିର ହେବା ସହ ରଡ଼ି ଛାଡ଼ିବା।
- କ୍ରମାଗତ ଏବଂ ଦ୍ରୁତ ଭାବରେ ଲାଞ୍ଜ ହଲାଇବା।
- ଭୋକ କମିବା ସହ ଦୁଗ୍ଧ ଉତ୍ପାଦନରେ ହ୍ରାସ ଦେଖାଯିବା।
- ଯୋନି ଫୁଲି ରହିବା ଏବଂ ଯୋନି ଦ୍ୱାର ଦେଇ ଲାଳ ପଡ଼ିବା।
- ବେଳେବେଳେ ଅଲଗା ମାଈଛେଳିମାନଙ୍କ ଉପରକୁ ଚଢ଼ିବା।
- ଅଣ୍ଡିରା ଛେଳି (ବୋଦା)କୁ ଖୋଜିବା ଏବଂ ବୋଦା ସହ ଲାଗି ରହିବା।

ଯୋଜନାର କାର୍ଯ୍ୟକ୍ଷେତ୍ର : ଓଡ଼ିଶା ସରକାରଙ୍କର ଏହି ଯୋଜନା ଅନୁସାରେ ରାଜ୍ୟର ୩୦ ଜିଲାରେ ଥିବା ୫୬୫ ପ୍ରାଣୀଧନ ସହାୟକ କେନ୍ଦ୍ର/ପ୍ରାଣୀ ଚିକିତ୍ସାଳୟରେ ୧.୫ ଲକ୍ଷ ଛେଳିଙ୍କର କୃତ୍ରିମ ପ୍ରଜନନ କରାଯିବ।

**କାର୍ଯ୍ୟକ୍ରମରେ ଉପାଦାନ –**

**କୃତ୍ରିମ ପ୍ରଜନନ ପାଇଁ ବିଶେଷଜ୍ଞଙ୍କ ଦକ୍ଷତା ବିକାଶ :** ଛେଳିମାନଙ୍କର କୃତ୍ରିମ ପ୍ରଜନନ ପାଇଁ ୬୦ଟି ମୁଖ୍ୟ ପ୍ରଶିକ୍ଷକ (ପ୍ରତ୍ୟେକ ଜିଲାରେ ଦୁଇ ଜଣ ପ୍ରାଣୀ ଚିକିତ୍ସକ)ମାନଙ୍କୁ ଛେଳିମାନଙ୍କର କୃତ୍ରିମ ପ୍ରଜନନ ଉପରେ ତାଲିମ ଦିଆଯିବ। ଏହି ଜିଲାସ୍ତରୀୟ ମୁଖ୍ୟ ପ୍ରଶିକ୍ଷକମାନେ ସମ୍ପୃକ୍ତ ଜିଲାର ଅଲଗା ବିଶେଷଜ୍ଞମାନଙ୍କୁ କୃତ୍ରିମ ପ୍ରଜନନ ବିଷୟରେ ତାଲିମ ଦେବେ। ପ୍ରାଣୀ ଚିକିତ୍ସା ଅଧିକାରୀ ତାଲିମ ପ୍ରତିଷ୍ଠାନ, ଭୁବନେଶ୍ୱର, ପଶୁପାଳନ ଏବଂ ପ୍ରାଣୀ ଚିକିତ୍ସା ଦକ୍ଷତା ନିର୍ଦ୍ଦେଶାଳୟ, କଟକ ସହିତ ସମନ୍ୱୟ ରକ୍ଷାକରି ସମ୍ପୂର୍ଣ୍ଣ ତାଲିମ କାର୍ଯ୍ୟକ୍ରମ ପରିଚାଳନା ଏବଂ ତଦାରଖ କରିବେ।

**ଯନ୍ତ୍ରପାତି ଏବଂ ଉପଯୋଗୀ ସାମଗ୍ରୀ କ୍ରୟ :** ଓଡ଼ିଶା ପଶୁ ସମ୍ପଦ ବିକାଶ ସମାଜ (ଭୁବନେଶ୍ୱର) ଏବଂ ହିମୀକୃତ ଶୁକ୍ରାଣୁ ଭଣ୍ଡାର (କଟକ), ଆବଶ୍ୟକ ବିକାଶ ଯେପରି କୃତ୍ରିମ ପ୍ରଜନନ ବନ୍ଧୁକ, ଥର୍ମୋମିଟର, ଗର୍ଭଧାରଣ ଚିହ୍ନଟ କିଟ୍, ହିମୀକୃତ ଶୁକ୍ରାଣୁ ଆଦି ପଶୁପାଳନ ଏବଂ ପ୍ରାଣୀଚିକିତ୍ସା ସେବା ନିର୍ଦ୍ଦେଶାଳୟ (କଟକ) ଦ୍ୱାରା କ୍ରୟ କରିବେ।

**କୃଷକମାନଙ୍କୁ ତାଲିମ ଏବଂ ସଚେତନତା ସୃଷ୍ଟି :** ମାଈଛେଳିମାନଙ୍କର ଗରମ ଲକ୍ଷଣ ଚିହ୍ନଟ କରିବା କଷ୍ଟସାଧ ହୋଇଥାଏ। ଏଥିପାଇଁ କୃଷକମାନଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଜିଲାର ଗୋଷ୍ଠୀଗୁଡ଼ିକରେ ଚାଷୀମାନଙ୍କୁ ଛେଳିମାନଙ୍କର ଗରମ ଚିହ୍ନଟ କରିବା ପ୍ରଣାଳୀ, କୃତ୍ରିମ ପ୍ରଜନନରେ ଆର୍ଥିକ ଲାଭ, କୃତ୍ରିମ ପ୍ରଜନନ କରାଯାଇଥିବା ମାଈଛେଳିମାନଙ୍କର ଯତ୍ନ ଇତ୍ୟାଦି ବିଷୟରେ ସଚେତନ ଶିବିର ଦ୍ୱାରା ତାଲିମ ଦେବାର ବ୍ୟବସ୍ଥା କରାଇବେ।

**ଦ୍ୱାରଦେଶରେ କୃତ୍ରିମ ପ୍ରଜନନ ମାଧ୍ୟମରେ ପ୍ରଜନନ ସେବା :** ବ୍ଲାକ୍‌ବେଙ୍ଗଲ ଏବଂ ଗଞ୍ଜାମ ପ୍ରଜାତିର ବୋଦାମାନଙ୍କର ଶୁକ୍ରାଣୁ ବ୍ୟବହାର କରି କୃଷକମାନଙ୍କ ଦ୍ୱାରା ପରିଚାଳିତ ଛେଳିପଲର ଉନ୍ନତି କରିବା ସରକାରଙ୍କର ଲକ୍ଷ୍ୟ । ଏହାଦ୍ୱାରା ସ୍ୱଳ୍ପ ସମୟ ମଧ୍ୟରେ ଛେଳିମାନଙ୍କର ଉତ୍ପାଦନ ବୃଦ୍ଧି ହୁଏ। ଏଥିପାଇଁ ଦ୍ୱାରଦେଶରେ ଚାଷୀମାନଙ୍କର ଘରକୁ ଯାଇ ୧.୫ ଲକ୍ଷ ଛେଳିଙ୍କର ହିମୀକୃତ ଶୁକ୍ରାଣୁ ଦ୍ୱାରା କୃତ୍ରିମ ପ୍ରଜନନ କରି ଗର୍ଭଧାରଣ କରାଇବା ଏହି ପାଳନର ଉଦ୍ଦେଶ୍ୟ ।

**କାନନୋଳି ପରିଧାନ :** କୃତ୍ରିମ ପ୍ରଜନନ କରିବା ପୂର୍ବରୁ ଛେଳିମାନଙ୍କର କାନରେ ନୋଳି ପରିଧାନ ବାଧ୍ୟତାମୂଳକ । କୃତ୍ରିମ ପ୍ରଜନନ ତାଲମପ୍ରାପ୍ତ ବିଶେଷଜ୍ଞମାନେ ଏହି କାର୍ଯ୍ୟ ସମ୍ପାଦନ କରିବେ।

**ଛେଳିମାନଙ୍କର କୃତ୍ରିମ ପ୍ରଜନନ ପାଇଁ ଡାଟାବେସ୍ :** ବିଶେଷଜ୍ଞମାନେ ମାଈଛେଳିମାନଙ୍କର ପ୍ରଜନନ ତାରିଖ, କାନନୋଳି ନମ୍ବର, କୃଷକମାନଙ୍କର ସମ୍ପୂର୍ଣ୍ଣ ବିବରଣୀ, ଠିକଣା, ଆଧାର ନମ୍ବର, ଫୋନ୍ ନମ୍ବର ଇତ୍ୟାଦି ଓଡ଼ିଶା ସରକାରଙ୍କୁ ପ୍ରଦାନ କରିବେ। ଏହାଦ୍ୱାରା ମାଈ ଛେଳିମାନଙ୍କର ସମ୍ପୂର୍ଣ୍ଣ ତଥ୍ୟ ଠିକ୍ ଭାବରେ ରଖାଯାଇପାରିବ। (କ୍ରମଶଃ..)



**ଡା. ଗୌରୀରାଣୀ ସୋରେନ**
ଇଣ୍ଟର୍ନଶିପ୍ ଛାତ୍ରୀ, ପଶୁ ଚିକିତ୍ସା ଏବଂ ପଶୁପାଳନ ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର

**ଡା. ହିମାଂଶୁ ବେହେରା**
ସହକାରୀ ଅଧ୍ୟାପକ, ପ୍ରାଣୀ ପ୍ରଜନନ ଏବଂ ପ୍ରସୂତି ବିଭାଗ, ପଶୁ ଚିକିତ୍ସା ଏବଂ ପଶୁପାଳନ ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର

# ଧାନ କାଟିବା ପୂର୍ବରୁ...

ଧାନ କାଟିବାର ୧ ସପ୍ତାହ ପୂର୍ବରୁ ଜମିରୁ ପାଣି କାଟି ଦିଅନ୍ତୁ । ମଧ୍ୟମ କିସମ ଧାନ କେଣ୍ଡାରେ ଶତକଡ଼ା ୮୫ ଭାଗ ଧାନ ପାଚିଥିଲେ ତାହାକୁ କାଟି ଅମଳ କରନ୍ତୁ। ବିଳମ୍ବ କିସମ ଧାନ ଫୁଲ ଉଡ଼ାଇବା ଅବସ୍ଥାରେ ଥିଲେ ଜମିରେ ୫ ସେ.ମି. ଠିଆପାଣି ବାନ୍ଧିରଖନ୍ତୁ । ଧାନ କ୍ଷୀର ଢୋକିଲାବେଳେ ଗନ୍ଧିପୋକର ଆକ୍ରମଣରୁ ରକ୍ଷା କରିବା ପାଇଁ ଆବଶ୍ୟକ ଫସଲ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରନ୍ତୁ । ଉତ୍କୃଷ୍ଟ ବିହନ କରିବା ପାଇଁ ମିଶାଧାନ ଓ ବାଲୁଙ୍ଗା ଗଛକୁ ବାଛି ବାହାର କରିଦିଅନ୍ତୁ । ଧାନ ଅମଳ ପରେ ଧାନକୁ ୨–୩ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ଅମାରର ୧୦୦ ବର୍ଗଫୁଟ ଜାଗା ପାଇଁ ୨୫୦ ଗ୍ରାମ୍ ହିସାବରେ ଶତକଡ଼ା ୫ ଭାଗ ମାଲାଥିଅନ ଗୁଣ୍ଡ ଅମାରର ଚଟାଣ, କାନ୍ଥ ଓ ଛାତରେ ପ୍ରୟୋଗ କଲେ ପୋକ ଲାଗିବ ନାହିଁ। ସାପ୍ତାହିକ ରୋଗ ପୋକ ସର୍ବେକ୍ଷଣ କରି ଆର୍ଥିକ ନିୟନ୍ତ୍ରଣ ସୀମାକୁ ଦୃଷ୍ଟିରେ ରଖି ଆବଶ୍ୟକ ମତେ ରାସାୟନିକ ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରନ୍ତୁ ।



# ଆଜି ପ୍ରଥମ ସେମିଫାଇନାଲ

ସିଡ୍‌ନୀ,୮।୧୧(ପି.ଟି)

**ଟି୨୦ ବିଶ୍ୱକପ୍**

■ ପାକିସ୍ତାନ ବନାମ ନ୍ୟୁଜିଲାଣ୍ଡ

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ର ପ୍ରଥମ ସେମି ଫାଇନାଲରେ ପରସ୍ପର ସାମ୍ନା କରିବେ ନ୍ୟୁଜିଲାଣ୍ଡ ଓ ପାକିସ୍ତାନ। ଚଳିତ ଟୁର୍ନାମେଣ୍ଟରେ ନ୍ୟୁଜିଲାଣ୍ଡ ସ୍ଥିର ପ୍ରଦର୍ଶନ ଦେବାରେ ସମର୍ଥ ହୋଇଥିବା ବେଳେ ପାକିସ୍ତାନର ପ୍ରଦର୍ଶନରେ ସ୍ଥିରତା ନଜର ଆସିନାହିଁ। ବୁଧବାର ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଉଭୟ ଦଳ ପରସ୍ପରକୁ ସାମ୍ନା କରିବେ। ତେବେ ଆଇସିସି ଇଭେଣ୍ଟଗୁଡିକରେ ଉଭୟ ଦଳର ରେକର୍ଡକୁ ଦେଖିଲେ ପାକିସ୍ତାନର ପଲା ଭାରି ରହିଛି। ବିଶ୍ୱକପ୍‌ରେ ଉଭୟ ଦଳ ୩ ଥର ସାମ୍ନାସାମ୍ନି ହୋଇଥିବା ବେଳେ ନ୍ୟୁଜିଲାଣ୍ଡ ଥରେ ମଧ୍ୟ ଜିତିପାରି ନାହିଁ। ପାକିସ୍ତାନର ସେମି ପ୍ରବେଶ ଅତ୍ୟନ୍ତ ନାଟକୀୟ ରହିଥିବା ବେଳେ ନ୍ୟୁଜିଲାଣ୍ଡ ନିଜର ଗ୍ରୁପ୍ ମ୍ୟାଚଗୁଡିକରେ ଏକପାଖିଆ ବିଜୟ ହାସଲ କରିଛି। ଗ୍ରୁପ୍ ବି'ରେ ସ୍ଥାନ ପାଇଥିବା ପାକିସ୍ତାନ ଭାରତ ଓ ଜିମ୍ବାୱେଠାରୁ ହାରିଥିଲେ ହେଁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ନେଦରଲାଣ୍ଡର ଚମତ୍କାର ବିଜୟ କାରଣରୁ ଦଳ ସେମିରେ ପ୍ରବେଶ କରିପାରିଥିଲା। ବିଶ୍ୱକପ୍‌ର ସେମିଫାଇନାଲରେ ଉଭୟ ଦଳ ପୂର୍ବରୁ ସାମ୍ନାସାମ୍ନି ହୋଇ ସାରିଛନ୍ତି। ୧୯୯୨ରେ ନ୍ୟୁଜିଲାଣ୍ଡରେ ଖେଳା ଯାଇଥିବା ବିଶ୍ୱକପ ସେମିରେ ମଧ୍ୟ ପାକିସ୍ତାନ ବିଜୟୀ ହୋଇଥିଲା। ପାକିସ୍ତାନ ବିପକ୍ଷରେ ଦିନିକିଆ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ (୧୯୯୨, ୧୯୯୯) ଓ ଟି୨୦ ବିଶ୍ୱକପ୍ (୨୦୦୭)ରେ ପରାଜିତ ହୋଇଥିଲା। ଏହା ସହିତ ଦକ୍ଷିଣ ଆଫ୍ରିକା ପରି ନ୍ୟୁଜିଲାଣ୍ଡ ମଧ୍ୟ ବଡ ମ୍ୟାଚରେ ଫେଲ୍ ମାରିଥାଏ। ବିଗତ ୪ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ନିୟମିତ ସେମି ଓ ଫାଇନାଲ ବର୍ଥ ସୁରକ୍ଷିତ କରୁଥିଲେ ମଧ୍ୟ ଟାଇଟଲ ହାସଲରେ ଅସମର୍ଥ ରହିଛି।



ଅଭ୍ୟାସ ଅବସରରେ ଟିମ୍ ସୌଦି।

ଅନ୍ୟପକ୍ଷରେ ଅଷ୍ଟ୍ରେଲୀୟ ପରିବେଶ ସହିତ ନ୍ୟୁଜିଲାଣ୍ଡ ଖେଳାଳି ଅଧିକ ଅଭ୍ୟସ୍ତ ଓ ଚଳିତ ଟୁର୍ନାମେଣ୍ଟରେ ପାକିସ୍ତାନର ଟପ୍ ଅର୍ଡର ମଧ୍ୟ ଫର୍ମରେ ନାହିଁ। ବାଂଲାଦେଶ ବିପକ୍ଷ ୧୨୮ ରନ୍‌ର ପିଛା କରିବା ସମୟରେ ମଧ୍ୟ ଉଭୟ ବ୍ୟାଟର ବିଫଳ ହୋଇଥିଲେ। ଏହି ଟୁର୍ନାମେଣ୍ଟରେ ଟ୍ରେଣ୍ଟ ବୋଲ୍ଟ ଓ ଟିମ୍ ସାଉଦି ଚମତ୍କାର ଫର୍ମରେ ରହିଥିବା ବେଳେ ପାକିସ୍ତାନର ଉଭୟ ପେସ୍ ଓ ସ୍ପିନ୍ ବୋଲିଂ ଆକ୍ରମଣ ଜବରଦସ୍ତ ଫର୍ମରେ ରହିଛି। ଫିନ୍ ଆଲେନ୍ ଓ ଡେଭନ୍ କନ୍‌ୱେଙ୍କ ଉପରେ ଟପ୍ ଅର୍ଡର ଭାର ରହିଥିବା ବେଳେ ଆଙ୍ଗୁଠି ଆଘାତରୁ ଫେରିଥିବା ଡାରିଲ୍ ମିଚେଲ୍, ଅଧିନାୟକ କେନ୍ ୱିଲିୟମ୍‌ସନ୍ ଓ ଗ୍ଲେନ୍ ଫିଲିପ୍ସଙ୍କ ଉପରେ ମଧ୍ୟକ୍ରମ ବ୍ୟାଟିଂ ନିର୍ଭର କରିବ। ଟୁର୍ନାମେଣ୍ଟ ସାରା ୱିଲିୟମସନ୍‌ଙ୍କ ବ୍ୟାଟ ନୀରବ ରହିଥିବା ବେଳେ ଆୟର୍ଲାଣ୍ଡ ବିପକ୍ଷରେ ଅର୍ଦ୍ଧଶତକ ସହିତ ସେ ଫର୍ମକୁ ଫେରିଛନ୍ତି। ଆହତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରିଥିବା ଶାହିନ୍ ଆଫ୍ରିଦି ଚମତ୍କାର ଫର୍ମରେ ରହିଛନ୍ତି। ଜଣେ ନୀରବ ଯୋଦ୍ଧା ଭାବରେ ହରିଶ୍ ରୌଫ୍ ମଧ୍ୟ ନିୟମତ ଉଇକେଟ ହାସଲ କରିବାରେ ସଫଳ ହୋଇଛନ୍ତି। ସ୍ପିନରଙ୍କ ମଧ୍ୟରେ ଶଦାବ୍ ଖାନ୍ ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ବିପକ୍ଷ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

**ମ୍ୟାଚ୍ ସମୟ: ଅପରାହ୍ଣ ୧.୩୦**
**ସ୍ଥାନ: ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ, ସିଡ୍‌ନୀ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ଓ ହଟ୍ ଷ୍ଟାର**

# ସେମିଫାଇନାଲ ପୂର୍ବରୁ ରୋହିତ ଆହତ

ଆଡିଲେଡ୍,୮।୧୧(ପି.ଟି)

ନେଟ୍ସରେ ଅଭ୍ୟାସ କରୁଥିବା ସମୟରେ ଆହତ ହୋଇଛନ୍ତି ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା। ଇଂଲଣ୍ଡ ବିପକ୍ଷ ଟି୨୦ ସେମିଫାଇନାଲ ପୂର୍ବରୁ ମଙ୍ଗଳବାର ଅଭ୍ୟାସ କରୁଥିବା ସମୟରେ ରୋହିତଙ୍କ ହାତରେ ବଲ୍ ବାଜିଥିଲା। ଟିମ୍ ଇଣ୍ଡିଆର ଥ୍ରୋ ଡାଉନ୍ ଏକ୍ସପର୍ଟ ଏସ୍. ରଘୁଙ୍କ ବୋଲିଂର ସାମ୍ନା କରୁଥିଲେ ରୋହିତ। ରଘୁଙ୍କ ବାଉନ୍ସକୁ ପୁଲ୍ କରୁଥିବା ବେଳେ ତାଙ୍କ ହାତରେ ଆଘାତ ଲାଗିଥିଲା। ଏହାପରେ ରୋହିତ ଶର୍ମାଙ୍କୁ ଯନ୍ତ୍ରଣାରେ ଦେଖିବାକୁ ମିଳିଥିଲା। ହାତରେ ଆଘାତ ପରେ ଇଂଲଣ୍ଡ ବିପକ୍ଷ ସେମି ଫାଇନାଲରେ ରୋହିତଙ୍କ ଖେଳିବା ଉପରେ ଆଶଙ୍କା ଦେଖାଦେଇଥିଲା। କିଛି ସମୟ ହାତରେ ବରଫ ସେକ ଦେବା ପରେ ସେ ପୁନର୍ବାର ଅଭ୍ୟାସ ଆରମ୍ଭ କରିଥିଲେ। ଏହାପରେ ରୋହିତ କେବଳ ଡିଫେନ୍ସ କରୁଥିବାର ନଜର ଆସିଥିଲେ। ତେବେ ହାତର ଅବସ୍ଥା ଠିକ୍ ଥିବାରୁ ଏକ୍ସ-ରେ କିମ୍ବା ସିଟି ସ୍କାନର ଆବଶ୍ୟକତା ନ ଥିବା ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ କୁହାଯାଇଛି। ସେହିପରି ଇଂଲଣ୍ଡ ବିପକ୍ଷ ମ୍ୟାଚ ପୂର୍ବରୁ ଭାରତୀୟ ଅଧିନାୟକ ସମ୍ପୂର୍ଣ୍ଣ ଫିଟ୍ ହେବା ନେଇ ଆଶା କରାଯାଉଛି। ଭାରତୀୟ ଦଳର ମେଣ୍ଟାଲ କଣ୍ଡିଶନିଂ କୋଚ ରହିଥିବା ପ୍ୟାଡି ଅପଟନ୍ ଦୀର୍ଘ ସମୟ ଧରି ରୋହିତଙ୍କ ସହିତ ଆଲୋଚନା କରିଥିଲେ।

ପୁଲ୍ ଶଟ୍ ରୋହିତ ଶର୍ମାଙ୍କ ସବୁଠାରୁ ପସନ୍ଦର ଶଟ୍। ଏହି ଶଟ୍ ଜରିଆରେ ସେ ସର୍ବାଧିକ ରନ୍ ମଧ୍ୟ ହାସଲ କରିଛନ୍ତି। ତେବେ ଏହି ଶଟ୍‌ରେ ସେ ସର୍ବାଧିକ ଥର ଆଉଟ୍ ମଧ୍ୟ ହୋଇଛନ୍ତି। ପୁଲ୍ ଶଟ୍ ଖେଳିବା ସମୟରେ ସେ ଜିମ୍ବାୱେ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆଉଟ ହୋଇଥିବା ବେଳେ ବାଂଲାଦେଶ ବିପକ୍ଷରେ ବର୍ତ୍ତି ଯାଇଥିଲେ। ପ୍ରଥମ ସେମି ଫାଇନାଲ ମ୍ୟାଚରେ ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ଖେଳିବାକୁ ଥିବା ବେଳେ ଗୁରୁବାର ଇଂଲଣ୍ଡ ସହିତ ମ୍ୟାଚ୍ ଖେଳିବ ଭାରତ।



ରୋହିତ ଶର୍ମାଙ୍କ ଆହତ ସ୍ଥାନର ଚିକିତ୍ସା କରାଯାଉଛି।

# ଲକ୍ଷ୍ୟ ସେନ୍‌ଙ୍କୁ ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍

ନୂଆଦିଲ୍ଲୀ, ୮।୧୧ (ପି.ଟି.)

ବିଡବ୍ଲ୍ୟୁଏଫ୍ ବିଶ୍ୱ ର୍‍ୟାଙ୍କିଙ୍ଗ ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଲକ୍ଷ୍ୟ ସେନ୍ ଦୁଇ ସ୍ଥାନ ଉପରକୁ ଉଠି ତାଙ୍କ କ୍ୟାରିୟର ଶ୍ରେଷ୍ଠ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଚଳିତ ସିଜନରେ ଚମତ୍କାର ଫର୍ମାଟରେ ଥିବା ଆଲମୋରାର ଏହି ୨୧ ବର୍ଷୀୟ ଯୁବଖେଳାଳି ୨୫ଟି ଟୁର୍ନାମେଣ୍ଟରୁ ୭୬,୪୨୪ ପଏଣ୍ଟ ଅର୍ଜନ କରିଛନ୍ତି। ଫ୍ରେଞ୍ଚ ଓପନ ଚାମ୍ପିୟନ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଗୋଟିଏ ସ୍ଥାନ ଡେଇଁ ପୁରୁଷ ଡବଲ୍ସ ର୍‍ୟାଙ୍କିଙ୍ଗରେ କ୍ୟାରିୟର ଶ୍ରେଷ୍ଠ ୭ମ ସ୍ଥାନ ଅଧିକାର କରିଛନ୍ତି। ଭାରତୀୟ ଯୋଡ଼ି ଦୁଇଟି ବିଡବ୍ଲ୍ୟୁଏଫ୍ ବିଶ୍ୱ ଟୁର୍ ଟାଇଟଲ ଇଣ୍ଡିଆ ଓପନ ସୁପର ୫୦୦ ଓ ଫ୍ରେଞ୍ଚ ଓପନ ସୁପର ୭୫୦ ଜିତିବା ସହ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଓ ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରଥମ ଥର ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ।

# ଗାର୍ସିଆଙ୍କୁ ଡବ୍ଲ୍ୟୁଟିଏ ଟାଇଟଲ

**ଫୋର୍ଟୱର୍ଥ (ୟୁଏସ୍), ୮।୧୧:** ଫ୍ରେଞ୍ଚ ଖେଳାଳି କାରୋଲିନ୍ ଗାର୍ସିଆ ସିଜନ ଶେଷ ମହିଳା ଟେନିସ ଟୁର୍ନାମେଣ୍ଟ ଡବ୍ଲ୍ୟୁଟିଏ ଫାଇନାଲ୍ସ ଟାଇଟଲ ବିଜୟୀ ହୋଇଛନ୍ତି। ଫାଇନାଲରେ ସେ ବେଲାରୁଷର ଆରିନା ସାବାଲେଙ୍କାଙ୍କୁ ୭-୬ (୪), ୬-୪ ସେଟ୍‌ରେ ହରାଇ ତାଙ୍କ କ୍ୟାରିୟରରେ ସବୁଠାରୁ ବଡ଼ ସଫଳତା ପାଇଛନ୍ତି। ବିଜୟ ପଥରେ ଗାର୍ସିଆ ଗ୍ରୁପ୍ ପର୍ଯ୍ୟାୟରେ କୋକୋ ଗଫ୍ ଓ ଦାରିଆ କାସାଟକିନାଙ୍କ ବିପକ୍ଷରେ ବିଜୟ ହାସଲ କରିଥିବା ବେଳେ ଇଗା ସ୍ୱିଟେକ୍‌ଙ୍କଠାରୁ ହାରିଯାଇଥିଲେ। ଏହି ଦୁଇଟି ମ୍ୟାଚରେ ବିଜୟ ପାଇଁ ସେ ୨,୨୦,୦୦୦ ଡଲାର ଆୟ କରିପାରିଛନ୍ତି।

# ଗୋଆକୁ ହରାଇ ରାଜସ୍ଥାନ ଚାମ୍ପିୟନ

ତାଳଚେର/ଅନୁଗୋଳ ଅଫିସ, ୮।୧୧

**ବାଜି ରାଉତ କପ୍ ଜାତୀୟ ଫୁଟ୍‌ବଲ**

ସର୍ବଭାରତୀୟ ଫୁଟ୍‌ବଲ ସଂଘ ସହଯୋଗରେ ତଥା ଆମେ ଓଡ଼ିଆ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଢେଙ୍କାନାଳ, ଅନୁଗୋଳ ଓ ତାଳଚେର ଅଞ୍ଚଳରେ ଆୟୋଜିତ ବାଜି ରାଉତ କପ୍ ଜାତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ରାଜସ୍ଥାନ ୟୁନାଇଟେଡ୍ ଏଫ୍‌ସି ଚାମ୍ପିୟନ ହୋଇଛି। ମଙ୍ଗଳବାର ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ର ବ୍ଲାକ୍ ଡାଇମଣ୍ଡ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ରାଜସ୍ଥାନ ୟୁନାଇଟେଡ୍ ଏଫ୍‌ସି ୪-୨ ଗୋଲରେ ଚର୍ଚ୍ଚିଲ ବ୍ରଦର୍ସ ଏଫ୍‌ସି ଗୋଆକୁ ପରାସ୍ତ କରିଛି।

ମ୍ୟାଚ ଆରମ୍ଭରୁ ଉଭୟ ଦଳ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ୨-୨ ଗୋଲ ସ୍କୋର କରିବାରୁ ଫଳାଫଳ ନିର୍ଦ୍ଧାରଣ ପାଇଁ ପେନାଲଟି ଶୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ରାଜସ୍ଥାନ ୟୁନାଇଟେଡ୍ ଏଫ୍‌ସି ୪ ଗୋଲ୍ ସ୍କୋର କରିଥିବାବେଳେ ଚର୍ଚ୍ଚିଲ ବ୍ରଦର୍ସ ଏଫ୍‌ସି ଗୋଆ ମାତ୍ର ୨ଟି ଗୋଲ୍ କରି ପରାଜିତ ହୋଇଥିଲା। ଚାମ୍ପିୟନ ରାଜସ୍ଥାନ ଦଳର ଗୋଲ କିପର ମହମ୍ମଦ ରଫିକ୍‌ଙ୍କୁ ହିରୋ ଅଫ୍ ଦି ମ୍ୟାଚ ଘୋଷଣା କରାଯିବା ସହ ଟ୍ରଫି ଓ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ଉନ୍ନତ ଖେଳ ଦେଖାଇଥିବା ରାଜସ୍ଥାନର ଅଧିନାୟକ ମାର୍ଟିନ ସବେସ୍‌ଙ୍କୁ ହିରୋ ଅଫ୍ ଦି ଟୁର୍ନାମେଣ୍ଟ ଘୋଷଣା କରାଯିବା ସହ ଟ୍ରଫି ଓ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ଚାମ୍ପିୟନ ଦଳ ରାଜସ୍ଥାନକୁ ୧୫ ଲକ୍ଷ ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଗୋଆକୁ ୧୦ ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସର୍ବ ଭାରତୀୟ ଫୁଟ୍‌ବଲ ସଂଘ (ଏଆଇଏଫ୍ଏଫ୍) ସଭାପତି କଲ୍ୟାଣ ଚୌବେ, ଏମ୍‌ସିଏଲ୍‌ର ଡାଇରେକ୍ଟର କେଶବ ରାଓ, ବିରୋଧୀ ଦଳ ନେତା ତଥା ବରିଷ୍ଠ ଭାଜପା ନେତା ଜୟନାରାୟଣ ମିଶ୍ର, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ମହାପାତ୍ର ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।



ଟ୍ରଫି ହାସଲ କରିବା ପରେ ଚାମ୍ପିୟନ ରାଜସ୍ଥାନ ଦଳର ଖେଳାଳିମାନେ ଖୁସି ମନାଉଛନ୍ତି।

# ତଦନ୍ତ କରିବ ୩ଜଣିଆ କମିଟି

**କଲମ୍ବୋ, ୮।୧୧ (ପି.ଟି.):** ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ବେଳେ ଶ୍ରୀଲଙ୍କା ବ୍ୟାଟର ଦାନୁଷ୍କା ଗୁଣତିଲକାଙ୍କ ବିରୋଧରେ ହୋଇଥିବା ଯୌନ ଶୋଷଣ ଅଭିଯୋଗର ତଦନ୍ତ ପାଇଁ ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) ଏକ ୩ଜଣିଆ କମିଟି ଗଠନ କରିଛି। ଏଥିରେ ଜଣେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ଜଷ୍ଟିସ ଶିଶିର ରତନାୟକେ, ଆର୍ଟର୍ନି ନିରୋସାନ ପେରେରା ଓ ଆର୍ଟର୍ନି ଆସେଲା ରେକାୱା ସଦସ୍ୟ ରହିଛନ୍ତି। ଏହି କମିଟି ଶ୍ରୀଲଙ୍କା କ୍ରିକେଟର କାର୍ଯ୍ୟନିର୍ବାହୀ କମିଟି ନିକଟରେ ଏହାର ରିପୋର୍ଟ ଉପସ୍ଥାପନ କରିବ। ଦୋଷୀ ସାବ୍ୟସ୍ତ ହେଲେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନା ଯୋଗ୍ୟ ରବିବାର ଅଷ୍ଟ୍ରେଲିଆରୁ ଶ୍ରୀଲଙ୍କା କ୍ରିକେଟ ଦଳର ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପୂର୍ବରୁ ୩୧ ବର୍ଷୀୟ ବାମହାତି ଖେଳାଳି ସେଠାକାର ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ସିଡ୍‌ନୀର ଏକ କୋର୍ଟ ତାଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରିଥିଲେ। ଏସ୍‌ଏଲ୍‌ସି ତୁରନ୍ତ ଖେଳର ସମସ୍ତ ଫର୍ମାଟରୁ ତାଙ୍କୁ ସସ୍‌ପେଣ୍ଡ କରିଥିଲା।

**ଗୁଣତିଲକା ଘଟଣା**



## ଫିଫା ବିଶ୍ୱକପ୍



**ଫୁଟ୍‌ବଲ ମହାକୁମ୍ଭଭାବେ ପରିଚିତ ଫିଫା ବିଶ୍ୱକପର ୨୨ତମ ସଂସ୍କରଣ କାତାରରେ ନଭେମ୍ବର ୨୦ରୁ ଆରମ୍ଭ ହେବାକୁ ଯାଉଛି। ଏହା ଡିସେମ୍ବର ୧୮ ପର୍ଯ୍ୟନ୍ତ ଚାଲିବ। ଆରବରେ ଏହା ହେବ ସର୍ବପ୍ରଥମ ଏବଂ ଏସିଆ ମହାଦେଶରେ ଦ୍ୱିତୀୟ ଫୁଟବଲ ବିଶ୍ୱକପ। ଶେଷଥରପାଇଁ ଏହି ବିଶ୍ୱକପରେ ୩୨ଟି ଦଳ ଅଂଶଗ୍ରହଣ କରିବେ। ୨୦୨୬ ବିଶ୍ୱକପରେ ଅଂଶଗ୍ରହଣକାରୀ ଦଳ ସଂଖ୍ୟା ୪୮କୁ ବୃଦ୍ଧି ପାଇବ। ପ୍ରତିଯୋଗିତା କ୍ରମେ ପାଖେଇ ଆସିଥିବାବେଳେ ବିଶ୍ୱ ଫୁଟବଲର ଏହି ସର୍ବୋଚ୍ଚ ଟୁର୍ନାମେଣ୍ଟକୁ ନେଇ ଆରମ୍ଭ ହୋଇଛି ଅବଗଣନା।**

# ଅଷ୍ଟ୍ରେଲିଆ ଦଳରେ ୧୮ ବର୍ଷୀୟ କୁଓଲ୍

କାତାର ଫିଫା ଫୁଟ୍‌ବଲ ବିଶ୍ୱକପ୍ ପାଇଁ ମଙ୍ଗଳବାର ଅଷ୍ଟ୍ରେଲିଆ ଫୁଟ୍‌ବଲ ଦଳ ଘୋଷଣା କରାଯାଇଛି। ପ୍ରଫେସନାଲ ଅଭିଜ୍ଞତା ନ ଥିବା ସତ୍ତ୍ୱେ ମୁଖ୍ୟ କୋଚ୍ ଗ୍ରାହମ ଆର୍ନୋଲ୍ଡ ୧୮ ବର୍ଷୀୟ ଫରୱାର୍ଡ ଗରଙ୍ଗ କୁଓଲ୍‌ଙ୍କୁ ମନୋନୀତ କରିଛନ୍ତି। କିନ୍ତୁ ଘୋଷଣା କରାଯାଇଥିବା ୨୬ ଜଣିଆ ଦଳରୁ ଭେଟେରାନ ଗୋଲ୍‌କିପର ମିଚ୍ ଲାଙ୍ଗରାକ୍ ବାଦ୍ ପଡ଼ିଛନ୍ତି। ଗୋଲ୍‌କିପର ମାଥ୍ୟୁ ର୍‍ୟାନ ଓ ୱିଙ୍ଗର ମାଥ୍ୟୁ ଲେକି ତୃତୀୟ ଥର ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। କାତାରରେ ର୍‍ୟାନ୍ ଫୁଟ୍‌ବଲ ଦଳର ନେତୃତ୍ୱ ନେବେ। କୁଓଲଙ୍କ ସମେତ ୧୭ ଖେଳାଳି ପ୍ରଥମ ଥର ବିଶ୍ୱକପ୍ ପାଇଁ ମନୋନୀତ ହୋଇଛନ୍ତି। ସେପ୍ଟେମ୍ବରରେ ନ୍ୟୁଜିଲାଣ୍ଡ ବିପକ୍ଷ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ସେ ଅତିରିକ୍ତ ଖେଳାଳି ରହିଥିଲେ। ଆମନ୍ତ୍ରିତ ବାର୍ସିଲୋନା ଟିମ୍ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ ଦ୍ୱାରା ସେ ଆର୍ନୋଲ୍ଡଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୁଓଲ ଭବିଷ୍ୟତରେ ଜଣେ ଷ୍ଟାର ଖେଳାଳି ହୋଇପାରନ୍ତି ବୋଲି କୋଚ୍‌ଙ୍କ ମନରେ ଧାରଣା ସୃଷ୍ଟି ହୋଇଥିଲା। କୁଓଲ ଇଜିପ୍ଟରେ ଜନ୍ମଗ୍ରହଣ କରିଛନ୍ତି। ତାଙ୍କ ମାତାପିତା ହେଉଛନ୍ତି ସୁଦାନିଜ୍। ବାଲ୍ୟକାଳରୁ ସେ ମାତାପିତାଙ୍କ ସହ ଅଷ୍ଟ୍ରେଲିଆ ଚାଲିଆସିଥିଲେ। ଅଷ୍ଟ୍ରେଲିଆର ଏ' ଲିଗ୍‌ରେ ସେ ଜଣେ ଅତିରିକ୍ତ ଖେଳାଳି ହିସାବରେ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ତରଫରୁ ୭ଥର ଖେଳି ୪ଗୋଲ୍ ସ୍କୋର କରିଥିଲେ। ଆସନ୍ତାବର୍ଷ ପ୍ରିମିୟର ଲିଗ୍‌ରେ ସେ ନ୍ୟୁକ୍ୟାସେଲରେ ଯୋଗଦାନ କରିବେ। ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଗ୍ରୁପ୍ ଡି'ରେ ଗତଥରର ଚାମ୍ପିୟନ ଫ୍ରାନ୍ସକୁ ନଭେମ୍ବର ୨୨ରେ ଭେଟିବ।

**ଅଷ୍ଟ୍ରେଲିଆ ଫୁଟ୍‌ବଲ ଦଳ:** ଗୋଲକିପର- ମ୍ୟାଟ୍ ର୍‍ୟାନ, ଆଣ୍ଡ୍ର୍ୟୁ ରେଡମେନ୍, ଡାନି ଭିକୋଭିଚ୍। ଡିଫେଣ୍ଡର-ନାଥାନ ଆଟକିନ୍‌ସନ, ଅଜିଜ ବେହିଚ୍, ମିଲୋସ ଡିଜେନେକ୍, ଥୋମାସ ଡେଙ୍ଗ୍, ଫାନ୍ କାର୍ସିକ, ଜୋଏଲ୍ କିଙ୍ଗ୍, କି' ରୋଲ୍ସ, ହ୍ୟାରି ସାଉଟର,ବେଲି ରାଇଟ୍। ମିଡ୍‌ଫିଲ୍ଡର- କିନୁ ବେକାଶ, କାମେରନ ଡେଭଲିନ୍, ଆଜ୍‌ଦିନ୍ ହ୍ରୁଷ୍ଟିକ୍, ଜ୍ୟାକସନ ଇର୍ଭିନେ, ରିଲେ ମ୍ୟାକ୍‌ଗ୍ରି, ଆରୋନ ମୁଇ। ଫରୱାର୍ଡ-ମାର୍ଟିନ ବୟଲି, ଜାସନ କୁମିନ୍ସ, ମିଚେଲ ଡ୍ୟୁକ୍, କ୍ରେଗ୍ ଗୁଡ୍‌ୱିନ, ଗରଙ୍ଗ କୁଓଲ, ମାଥ୍ୟୁ ଲେକି, ଆୱେର ମାବିଲ୍ ଓ ଜେମି ମ୍ୟାକଲରେନ।



ଗରଙ୍ଗ କୁଓଲ୍







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ରାଜ୍ୟ, ଦେଶ ପାଇଁ ଗୌରବ ଆଣିବେ ଓମ୍ ପ୍ରକାଶ

**ଭଲିବଲ୍‌ରେ ତାଲିମ ପାଇଁ ୧୧ ଜଣଙ୍କ ମଧରେ ମନୋନୀତ**

ଗୋପ,୮।୧୧(ଡି.ଏନ୍.ଏ.): ଗୋପ ବ୍ଲକ ଅନ୍ତର୍ଗତ ଗଣେଶ୍ୱରପୁର ସରକାରୀ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ଓମ୍ ପ୍ରକାଶ ମଲ୍ଲିକ ଓଡ଼ିଶା ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ପକ୍ଷରୁ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଭଲିବଲ୍ ତାଲିମ ନେବାକୁ ୧୧ ଜଣଙ୍କ ମଧରେ ରହିଥିବା ଜଣାପଡିଛି। ଏଥିନେଇ ମଙ୍ଗଳବାର ସ୍କୁଲ ପକ୍ଷରୁ ଓମ୍ ପ୍ରକାଶଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପୂର୍ବକ ସମ୍ମାନିତ କରାଯାଇଛି। ଓମ୍ ଭଲିବଲ୍‌ର ସ୍ୱତନ୍ତ୍ର ତାଲିମ ପାଇଁ ବାଲେଶ୍ୱର କ୍ରୀଡ଼ା ଛାତ୍ରାବାସରେ ରହିବେ। ପ୍ରକାଶ ଯେ, ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ଓମ୍ ଭଲିବଲ୍ ପ୍ରତି ଥିବା ଆଗ୍ରହ ପ୍ରସ୍ଫୁଟିତ ହୋଇଛି। ଓମ୍‌ଙ୍କୁ ପିଇଟି ଶ୍ରୀକାନ୍ତ ନାୟକ ନାଗପୁର ଭଲିବଲ୍ ସ୍ପୋଟର୍ସ କ୍ଲବ ଓ ସ୍କୁଲରେ ଭଲିବଲ ଖେଳରେ ତାଲିମ ଦେଉଥିଲେ। ୨୦୨୨ ମେ ୨୫ରେ ବ୍ଲକସ୍ତରୀୟ, ଅଗଷ୍ଟ ୧୯ରେ ଜିଲାସ୍ତରୀୟ, ସେପ୍ଟେମ୍ବର ୫ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଭଲିବଲ୍ ପ୍ରତିଯୋଗିତାରେ ଓମ୍ ପ୍ରକାଶ ୧୧ ଜଣଙ୍କ ମଧରେ ଯୋଗ୍ୟ ବିବେଚିତ ହୋଇଥିଲେ। ଗଣେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ତିଳିପଦାଗଡ଼ ଗ୍ରାମର ଦୁର୍ଯୋଧନ ମଲ୍ଲିକ ଓ ମା’ ଇତିଶ୍ରୀ ମଲ୍ଲିକଙ୍କ ଏକମାତ୍ର ପୁତ୍ର ଓମ୍ ଏବେ ଭଲିବଲ୍‌ରେ ସ୍ୱତନ୍ତ୍ର ତାଲିମ ପାଇଁ ମନୋନୀତ ହୋଇଥିବାରୁ ମା’ ବାପା ଗର୍ବ ଅନୁଭବ କରୁଥିବା କହିଥିଲେ। ଭଲିବଲ୍‌ରେ ଓମ୍ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିବେ ବୋଲି କହିଥିଲେ। ମଙ୍ଗଳବାର ବିଦ୍ୟାଳୟରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ପ୍ରଧାନ ଶିକ୍ଷକ ଶାନ୍ତନୁ ମିଶ୍ରଙ୍କ ସହିତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓମ୍‌ଙ୍କ ମଙ୍ଗଳ କାମନା କରି ଆଶୀର୍ବାଦ ଦେଇଥିଲେ।

### ସ୍ୱଭାବ କବି ଗଙ୍ଗାଧର ମେହେର ସମ୍ବଳିତ ପାଠଚକ୍ର

ସାକ୍ଷୀଗୋପାଳ,୮।୧୧(ସ୍ୱ.ପ୍ର./ଡି.ଏନ୍.ଏ.): ଓଡ଼ିଆ ବିଭାଗ ପକ୍ଷରୁ ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ସଭାଗୃହରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ବିଷୟ ସମ୍ବଳିତ ଏକ ପାଠଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ରତିକାନ୍ତ ପରିଡ଼ା ଏହାର ସଭାପତିତ୍ୱ କରିଥିଲେ। ଓଡ଼ିଆ ବିଭାଗ ଅଧାପକ ଡ. ଶଙ୍କର୍ଷଣ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବାବେଳେ ଇଂଲିଶ୍ ବିଭାଗ ମୁଖ୍ୟ ପ୍ର. ମନୋଜ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ପାଠଚକ୍ରରେ କଳାହାଣ୍ଡି ଜିଲା କେସିଙ୍ଗା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିଶଙ୍କର ଭୋଇ ଯୋଗଦେଇ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୀବନୀ ଓ ସାହିତ୍ୟ କୃତି ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଏଥିସହ ସାହିତ୍ୟରେ ପ୍ରକୃତି ବର୍ଣ୍ଣନା, ଭାଷା ପ୍ରୟୋଗଶୈଳୀ, ଭାରତୀୟ ପରମ୍ପରା, ସଂସ୍କୃତି, ଐତିହ୍ୟ, ମାତା ସୀତାଙ୍କ ତ୍ୟାଗପୂତ ଜୀବନଶୈଳୀ ଆଦି ବିଷୟରେ ଉପସ୍ଥାପନ କରିଥିଲେ। ଓଡ଼ିଆ ବିଭାଗର ସମସ୍ତ ଛାତ୍ରୀଛାତ୍ରଙ୍କ ମଧରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଅଧାପକ ଡ. ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଡଙ୍ଗା ଭସାଇ ଉତ୍କଳର ଅତୀତକୁ ମନେପକାଇଲେ

ପୁରୀ ଅଫିସ,୮।୧୧

କାର୍ତ୍ତିକ ପୂର୍ଣ୍ଣିମାରେ ଅତୀତ ଉତ୍କଳର ଗୌରବମୟ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ସୋମବାର ମଧରାତିରୁ ମଙ୍ଗଳବାର ବଡ଼ି ଭୋର ପର୍ଯ୍ୟନ୍ତ ପୁରୀର ମହୋଦଧି ସହ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଯଥା ମାର୍କଣ୍ଡେୟ ପୁଷ୍କରିଣୀ, ଶ୍ୱେତଗଙ୍ଗା, ଇନ୍ଦ୍ରଦ୍ୟୁମ୍ନ ସମେତ ନରେନ୍ଦ୍ର, ପାର୍ବତୀ ସାଗରରେ ହଜାରେ ହଜାର ଲୋକ ଡଙ୍ଗା ଭସାଇଛନ୍ତି। କଦଳୀ ପାଟୁକାର ଡଙ୍ଗା ତ କିଏ ରଙ୍ଗିନ କାଗଜ ଡଙ୍ଗା ଆଣି ସେଥିରେ ପାନଗୁଆ ରଖି , ଦୀପ ଜାଳି ଆ କା ମା ବୈ.... ଗୀତ ଗାଇ ଭସାଇଥିଲେ। ହୁଳହୁଳି ଧ୍ୱନି ସାଗର ଓ ପୁଷ୍କରିଣୀକୂଳ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ଦେଇଥିଲା। ସହରବାସୀଙ୍କ ସହ ଅନ୍ୟାନ୍ୟ ସ୍ଥାନରୁ ମଧ ଡଙ୍ଗା ଭସାଣ ପାଇଁ ସମୁଦ୍ରକୂଳରେ ଭିଡ଼ ଲାଗିରହିଥିଲା। ଶ୍ରଦ୍ଧାଳୁମାନେ ସମୁଦ୍ରରେ ବୁଡ଼ ପକାଇଥିଲେ। ବହୁ ଶ୍ରଦ୍ଧାଳୁ ସୂର୍ଯ୍ୟୋଦୟ ଦର୍ଶନ କରିଥିଲେ। ଦିନ ସାରା ମଧ ସମୁଦ୍ରକୂଳରେ ଗହଳି ଲାଗି ରହିଥିଲା। ପୂର୍ଣ୍ଣିମା ଥିବାରୁ ସମୁଦ୍ରରେ ବଡ଼ ବଡ଼ ଢେଉ ସୃଷ୍ଟି କରିଥିଲା।


ପୁରୀ ଶ୍ୱେତଗଙ୍ଗା ପୁଷ୍କରିଣୀରେ ମହିଳାମାନେ କଦଳୀ ପଟୁଆରେ ପ୍ରସ୍ତୁତ ଡଙ୍ଗା ଭସାଉଛନ୍ତି।

ସୁରକ୍ଷା ଦୃଷ୍ଟିରୁ ବହୁ ସଂଖ୍ୟାରେ ଲାଇଫ୍ ଗାର୍ଡ ଓ ଦମକଳ ବାହିନୀ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା। ଏହାବ୍ୟତୀତ ଶାନ୍ତିଶୃଙ୍ଖଳା ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଅଧିକ ସଂଖ୍ୟକ ପୋଲିସ ଅଧିକାରୀ ଓ କର୍ମଚାରୀ ଡ୍ୟୁଟିରେ ଥିଲେ। ସହରକୁ ଆସୁଥିବା ଦୁଇଚକିଆ ଯାନକୁ ମରୀଚିକୋଟ ଛକ ଓ ଚାରି ଚକିଆ ଯାନକୁ ପୁରୁଣା ଜଗନ୍ନାଥ ବଲ୍ଲଭରେ ପାର୍କିଂ ପର୍ଯ୍ୟନ୍ତ ଛଡାଯାଇଥିଲା। ସେହିପରି ପୋଲିସ ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ କରାଯାଇଥିବା

**ସମୁଦ୍ରରେ ଲାଇଫ୍ ଗାର୍ଡ, ଅଗ୍ନିଶମ ସହ ୪ ପ୍ଲାଟୁନ ଫୋର୍ସ ମୁତୟନ**

ପାର୍କିଂରେ ଲୋକମାନେ ଗାଡି ପାର୍କିଂ କରିଥିଲେ। ସହରର ବିଭିନ୍ନ ଛକ, ଜାଗାରେ ବ୍ୟାପକ ସଂଖ୍ୟାରେ ପୋଲିସ ମୁତୟନ ହୋଇଥିଲେ। ଭକ୍ତମାନେ ବ୍ୟାରିକେଡ୍ ଦେଇ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ତେବେ ଗ୍ରହଣ ଥିବାରୁ ସେତେଟା ଗହଳି ପରିଲକ୍ଷିତ ହୋଇ ନ ଥିଲା। ଗ୍ରହଣ ଥିବାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଚଞ୍ଚଳ ନୀତି କରାଯାଇଥିଲା। ସକାଳ ୬ଟାରେ ଦର୍ଶନ ଆରମ୍ଭ ହୋଇଥିବା ବେଳେ ଭକ୍ତମାନେ ଶୃଙ୍ଖଳିତ ଭାବେ ଯାଇ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିଥିଲେ। ସେହିପରି ସୂର୍ଯ୍ୟୋଦୟଠାରୁ ଦେବକାର୍ଯ୍ୟ ନିଷେଧ ଥିବାରୁ ହବିଷିଆଳିମାନେ ରାତି ଅଧରୁ ଡଙ୍ଗା ଭସାଇଥିଲେ। ସୁରକ୍ଷା ଦୃଷ୍ଟିରୁ ପୋଲିସ ପକ୍ଷରୁ ସମୁଦ୍ରକୂଳରେ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିବାବେଳେ ଶ୍ରୀମନ୍ଦିର ଭିତରେ ଓ ବାହାରେ ୩୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ।

## ସାରଙ୍ଗଯୋଡ଼ିରେ ଜିଲାସ୍ତରୀୟ ବୋଇତ ଉତ୍ସବ


ସାରଙ୍ଗଯୋଡ଼ିରେ ବୋଇତ ବନ୍ଦାଣ କରାଯାଉଛି।

ସାକ୍ଷୀଗୋପାଳ,୮।୧୧(ସ୍ୱ.ପ୍ର./ଡି.ଏନ୍.ଏ.)

ପୁରୀ ଜିଲା ସଂସ୍କୃତି ବିଭାଗ ଓ ସତ୍ୟବାଦୀ ପଞ୍ଚାୟତ ସମିତିର ମିଳିତ ସହଯୋଗରେ ଜିଲାସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ ମଙ୍ଗଳବାର ଲୋକ କଳାଗ୍ରାମ ସାରଙ୍ଗଯୋଡ଼ିଠାରେ ଅନୁଷ୍ଠିତ ହୋଇଯାଇଛି। ଭୋର ୪ଟା ୩୦ ମିନିଟ୍ ସମୟରେ ସାରଙ୍ଗଯୋଡି ଘାଟରେ ବୋଇତ ବନ୍ଦାଣ କରାଯାଇଥିଲା। ଏଥିରେ ସତ୍ୟବାଦୀ ବିଡିଓ ଲୋଚନ ଦାସ ଓ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କ ସମେତ ସତ୍ୟବାଦୀ ପଞ୍ଚାୟତ ସମିତି ଅଧକ୍ଷ ସୁନୀଲ ପଣ୍ଡା, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅରକ୍ଷିତ ପ୍ରଧାନ, ସତ୍ୟବାଦୀ ବ୍ଲକ କଳାସଂସ୍କୃତି ସଙ୍ଘ ଉପସଭାପତି ରମେଶ ଚନ୍ଦ୍ର ପଲେଇ, କୈଳାସ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ସମ୍ପାଦକ କୈଳାସଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସାରଙ୍ଗଯୋଡି ଗୋପବନ୍ଧୁ ମଣ୍ଡପଠାରେ ଏକ ସଭାର ଆୟୋଜନ ହୋଇଥିଲା। ଗୁରୁ କୈଳାସ ଚନ୍ଦ୍ର ବିଶ୍ୱାଳଙ୍କ ସଂଯୋଜନାରେ ଗୋଟିପୁଅ ନୃତ୍ୟ, ଭକ୍ତି ସଙ୍ଗୀତ ଆସର ଓ ଦାସକାଠିଆ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଲୋକ କଳାଗ୍ରାମର ସମସ୍ତ କଳାକାର, ମହିଳା ମହାସଂଘର ସଦସ୍ୟା ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇ ଉତ୍ସବକୁ ସଫଳ କରିଥିଲେ। ସଙ୍ଘ ଉପସଭାପତି ପଲେଇ ଓ ଗୁରୁ ବିଶ୍ୱାଳ ଏଥିରେ ସହଯୋଗ କରିଥିଲେ।

# କୃତ୍ରିମ ଜଳାଶୟରେ ବୋଇତ ବନ୍ଦାଣ ଉତ୍ସବ


ନିମାପଡ଼ା ବୋଇତ ବନ୍ଦାଣ ଉତ୍ସବରେ ଉପସ୍ଥିତ ଅତିଥିମାନେ ଜଣେ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ନିମାପଡ଼ା,୮।୧୧(ଡି.ଏନ୍.ଏ.)

- ସଙ୍ଗମ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବୋଇତ ବନ୍ଦାଣ, ଭଜନ ସମାରୋହ
- ୨ ଜଣଙ୍କୁ ନିମାପଡ଼ା ଗୌରବ ସମ୍ମାନ

ନିମାପଡ଼ା ସଙ୍ଗମ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୋଇତ ବନ୍ଦାଣ ଉତ୍ସବ, ଭଜନ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ଭୋରରୁ ସ୍ଥାନୀୟ ଦୁର୍ଗା ମଣ୍ଡପ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ରାୟ ମହାପାତ୍ର, ଏନ୍ଏସି ଉପାଧକ୍ଷ ସନ୍ତୋଷ ଦାଶ, ନିମାପଡ଼ା ଥାନା ଆଇଆଇସି ଶଙ୍କର୍ଷଣ ଦଳେଇ, ଫାର୍ମାସିଷ୍ଟ ଆଇ. ତ୍ରିନାଥ ପାତ୍ର, ଟ୍ରଷ୍ଟ ସଭାପତି ଗଙ୍ଗାଧର ଓଝା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। କୃତ୍ରିମ ଜଳାଶୟରେ ବୋଇତ ବନ୍ଦାଣ ଉତ୍ସବ ମୁଖ୍ୟ ଆକର୍ଷଣ ପାଲଟିଥିଲା। ପ୍ରାକୃତିକ ଜଳାଶୟକୁ ଦୂଷିତ ନ କରି ବୋଇତ ଉସାଇବା ପାଇଁ ଏକ କୃତ୍ରିମ ପୁଷ୍କରିଣୀର ଆୟୋଜନ କରାଯାଇଥିଲା। ଏହି ପୁଷ୍କରିଣୀରେ ଡଙ୍ଗା ଭସାଇ ଶ୍ରଦ୍ଧାଳୁମାନେ ବେଶ୍ ଖୁସି ଅନୁଭବ କରିଥିବା ଟ୍ରଷ୍ଟ ସଭାପତି ଓଝା କହିଛନ୍ତି। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଥିଲା। ସମାରୋହରେ ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସଙ୍ଗୀତ ଗୁରୁ ସୁବାସଚନ୍ଦ୍ର ସାମନ୍ତରାୟଙ୍କୁ, କଳା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଜାତୀୟ ପୁରସ୍କାରପ୍ରାପ୍ତ ପଟଚିତ୍ରଶିଳ୍ପୀ ସୌଦାମିନୀ ସ୍ୱାଇଁ ପ୍ରମୁଖଙ୍କୁ ନିମାପଡ଼ା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ବ୍ୟବସାୟୀ ଲୋକନାଥ ସାହୁ ‘ସାଧବପୁଅ’ ସମ୍ମାନରେ ସମ୍ମାନିତ ହୋଇଥିଲେ। ସଙ୍ଗୀତ ଗୁରୁ ସାମନ୍ତରାୟଙ୍କ ସଂଯୋଜନା ଓ ତତ୍ତ୍ୱାବଧାନରେ ଏକ ଭଜନ ସମାରୋହ କାର୍ଯ୍ୟକ୍ରମ ହୋଇଥିଲା। କଣ୍ଠଶିଳ୍ପୀ ଅମିଷା ମହାରଣା, ନିରୁପମା ପଣ୍ଡା, ସୁକାନ୍ତି ମଲ୍ଲିକ, ମିତାଲି ସିଂ, ରଶ୍ମୀରେଖା ବେହେରା, ସରସ୍ୱତୀ ମହାରଣା, ସାଗରସଙ୍ଗମ ଓଝା, ସୁଜାତା ପ୍ରିୟଦର୍ଶିନୀ, କୁମାର ଦୀପୁ ପ୍ରମୁଖ ନୃତ୍ୟ, ସଙ୍ଗୀତ, ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଗ୍ରାମକେଶରୀ ଭୋଳ ପରିଚାଳନା ଓ ସଂଯୋଜନା କରିଥିଲେ।

## କଣାସରେ ବୋଇତ ବନ୍ଦାଣ ଉତ୍ସବ

କଣାସ,୮।୧୧(ସ୍ୱ.ପ୍ର.)

କଣାସ ବ୍ଲକର ପୁରପଲ୍ଲୀରେ ମଙ୍ଗଳବାର ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ଚଳିତବର୍ଷ ଚନ୍ଦ୍ରଗ୍ରହଣ ହେତୁ ଭୋର ୫ଟା ୪୦ ପୂର୍ବରୁ ପ୍ରତ୍ୟେକ ପରିବାର ମହିଳା ଓ ପୁରୁଷମାନେ ନଦୀ ଓ ପୋଖରୀରେ ସ୍ନାନ କରି କଦଳୀ ପଟୁକାରେ ନିର୍ମିତ ଡଙ୍ଗା ମଧରେ ପାନ ଗୁଆ ରଖି ‘ଆ କା ମା ବୈ ପାନ ଗୁଆ ଖାଇ, ପାନ ଗୁଆତକ ତୋର ମାସକ ଧରମ ମୋର’ ଗାଇ ଡଙ୍ଗା ଭସାଇଥିଲେ। ଡଙ୍ଗା ଭସାଇବା ପରେ ପାଖ ମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରିଥିଲେ।

## ବାବା ବକ୍ରେଶ୍ୱର ଯାତ୍ରା ଉତ୍ସବ

କଣାସ,୮।୧୧(ସ୍ୱ.ପ୍ର.)

କଣାସ ଓ ଡେଲାଙ୍ଗ ବ୍ଲକର ଆରାଧ୍ୟ ଦେବତା କୁଆପଦା ଗ୍ରାମରେ ପ୍ରତିଷ୍ଠିତ ପଶ୍ଚିମଶମ୍ଭୁ ବାବା ବକ୍ରେଶ୍ୱରଙ୍କ ଯାତ୍ରା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ବୋଦା ଲଢ଼େଇ । ଉତ୍ସବରେ ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଯୋଗଦେଇ ବୋଦା ଲଢ଼େଇ ଉପଭୋଗ କରିଥିଲେ। ଡେଲାଙ୍ଗ, ଜଟଣୀ, ସାକ୍ଷୀଗୋପାଳ, ପୁରୀ ସଦର, କଣାସ ବ୍ଲକର ବିଭିନ୍ନ ଗ୍ରାମରୁ ୫୪ଟି ବୋଦା ଲଢ଼େଇରେ ଭାଗ ନେଇଥିଲେ। ସେଥିମଧ୍ୟରୁ ଦକ୍ଷିଣକାଳୀ ପୁରୀ ବୋଦା ପ୍ରଥମ ସ୍ଥାନ, ଡେଲାଙ୍ଗ ବ୍ଲକ ଘୋରଡିଆ ଗ୍ରାମର ୨ଟି ବୋଦା ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ପାଇକଆଖଡା ଦଳ ଓ କୁମୁଡାଳା ଗ୍ରାମର ବାଡି ଖେଳ ଚିତ୍ତାକର୍ଷକ ହୋଇଥିଲା। ରମେଶ ପାଟଶାଣୀ, ଚିତ୍ରସେନ ନିଶଙ୍କ, ଲକ୍ଷ୍ମୀଧର ଜେନା, କୁଆପଦା ଗ୍ରାମର ଯୁବକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗ୍ରାମାଞ୍ଚଳର ପାରମ୍ପରିକ କଳା ସଂସ୍କୃତିକୁ ବଞ୍ଚାଇବା ଯାତ୍ରାର ମୂଳ ଲକ୍ଷ୍ୟ


ଅସ୍ତରଙ୍ଗରେ ବାଲିଯାତ୍ରା ଉତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଅସ୍ତରଙ୍ଗ,୮।୧୧(ଡି.ଏନ୍.ଏ.)

**ଅସ୍ତରଙ୍ଗର ବାଲିଯାତ୍ରା ଉଦ୍‌ଘାଟିତ**

ପବିତ୍ର କାର୍ତ୍ତିକପୂର୍ଣ୍ଣିମା ଅବସରରେ ମଙ୍ଗଳବାର ପୀର ଜାହାନିଆ ବେଳାଭୂମି ପାରମ୍ପରିକ ଯାତ୍ରା ଓ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟରେ ବେଳାଭୂମି ସାହିତ୍ୟ ସଂସଦ ଦ୍ୱାରା ଆୟୋଜିତ ‘ପୀର ଜାହାନିଆ ବୋଇତ ବନ୍ଦାଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ’କୁ ଛୁରିଅନା ସରପଞ୍ଚ କ୍ଷୀରୋଦ କାଣ୍ଡି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେଳାଭୂମି ସାହିତ୍ୟ ସଂସଦ ଉପ–ସଭାପତି ଉଲ୍ଲାସ ଚନ୍ଦ୍ର ନାୟକ, ସମ୍ପାଦକ ତଥା ବରିଷ୍ଠ ଖବରଦାତା ଦୁଃଶାସନ ନାୟକ, କୋଷାଧକ୍ଷ ରମେଶଚନ୍ଦ୍ର ସାହୁ, ଅଲେଖ ମହିମା ଆତ୍ମତତ୍ତ୍ୱ ବ୍ରହ୍ମଜ୍ଞାନ ଭଜନ ମଣ୍ଡଳୀ ଗାୟକ ଦୁର୍ଯ୍ୟୋଧନ ନାୟକ ଓ ସମସ୍ତ ସାଥୀଙ୍କ ସମେତ ଅନ୍ୟାନ୍ୟ ଗଣମାଧ୍ୟମ ପ୍ରତିନିଧି, ଛୁରିଅନା କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳର ପାରମ୍ପରିକ କଳା ସଂସ୍କୃତିକୁ ବଞ୍ଚାଇ ରଖିବା ସହ ଗ୍ରାମାଞ୍ଚଳର ନବ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ବେଳାଭୂମି ସାହିତ୍ୟ ସଂସଦର ସଂଯୋଜକ ଶୋଭାକାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭକ୍ତଙ୍କ ଗହଣରେ ସୋମବାର ସନ୍ଧ୍ୟାଠାରୁ ବହୁପ୍ରତୀକ୍ଷିତ ଏହି ପୀରଜାହାନିଆ ବାଲିଯାତ୍ରାର ପ୍ରଥମ ଦିନରେ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ୨ଦିନ ବ୍ୟାପୀ ବାଲିଯାତ୍ରାରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ତ୍ୱରିତ ପଦକ୍ଷେପ ନିମନ୍ତେ ସ୍ଥାନୀୟ ମାଜିଷ୍ଟ୍ରେଟ୍ ରାଜଲକ୍ଷ୍ମୀ ନାୟକ ଓ ନିମାପଡା ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ ପ୍ଲାଟୁନ ପୋଲିସଙ୍କ ସହ ନିମାପଡା ସବ୍ ଡିଭିଜନର ସମସ୍ତ ପୁଲିସ ଅଧିକାରୀ ଉପସ୍ଥିତ ରହିଛନ୍ତି। ଏଥିସହ ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ଶିବିର, ସୂଚନା କେନ୍ଦ୍ର, ବିଦ୍ୟୁତ୍ ବିଭାଗ ସଜାଗ ରହିଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମନୋରମା ବେହେରା, ବିଭୂତିପାଣିଗ୍ରାହୀଙ୍କ ସାଥୀମାନେ ସଙ୍ଗୀତ ପରିବେଷଣ କରିଥିଲେ।

# ସଂଘକୁ ଶକ୍ତିଶାଳୀ, କ୍ରିୟାଶୀଳ କରିବାକୁ ଆହ୍ୱାନ

ନିମାପଡ଼ା,୮।୧୧(ଡି.ଏନ୍.ଏ.)

ଗଙ୍ଗବଂଶୀ କ୍ଷତ୍ରିୟ ସଂଘର ଏକ ପ୍ରତିନିଧି ମଣ୍ଡଳୀ ବୈଠକ ମଙ୍ଗଳବାର ନିମାପଡ଼ା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ଅଜୟ ପାତ୍ର ଏହି ବୈଠକରେ ଅଧକ୍ଷତା କରିଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ଗଙ୍ଗବଂଶୀ କ୍ଷତ୍ରିୟଙ୍କ ବଳିଦାନ, ମହାନ୍ ସଂଗ୍ରାମୀ ଜୟୀ ରାଜଗୁରୁଙ୍କ ପ୍ରମୁଖ ଭୂମିକା ସମ୍ପର୍କରେ ବିଶଦ ଆଲୋଚନା କରାଯାଇଥିଲା। ନିମାପଡ଼ା ଓ ଗୋପ ବ୍ଲକ ସମେତ ସମଗ୍ର ନିମାପଡ଼ା ନିର୍ବାଚନ ମଣ୍ଡଳୀ, ନିଆଳି ବାଲିପାଟଣା ଆଦି ବ୍ଲକରେ କ୍ଷତ୍ରିୟ ସଂଘକୁ ଅଧିକ ଶକ୍ତିଶାଳୀ ଓ କ୍ରିୟାଶୀଳ କରିବାକୁ ନେତୃବୃନ୍ଦମାନେ ଆହ୍ୱାନ ଦେଇଥିଲେ। ସଂଘର କର୍ମକର୍ତ୍ତା, ସଦସ୍ୟ, ପ୍ରତ୍ୟେକ ବ୍ୟକ୍ତି ଶହୀଦ ସଂଗ୍ରାମୀ ଜୟୀ ରାଜଗୁରୁଙ୍କ ତ୍ୟାଗପୂର୍ଣ୍ଣ ଜୀବନ, ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ସହ କ୍ଷତ୍ରିୟ ସଂଘର ମାନ, ମର୍ଯ୍ୟାଦା, ଇତିହାସକୁ ବଜାୟ ରଖିବା ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ନିମାପଡ଼ା ଓ ଗୋପ ବ୍ଲକର ଗଡରୁପାସ, ଗଡଅମରପ୍ରସାଦ, ଗଡତୋରିହଁ, ଗଡଇଟାପୋଖରୀ, ଗଡପଦନପୁର, ଗଡଝିଙ୍କିରିଆ, ଗଡଅନ୍ତୁଆର, ଗଡନିଆଁଗୋରଡା, ନିଆଳି ବ୍ଲକର କୃଷ୍ଣପ୍ରସାଦ ସମେତ ୧୮ଟି ଗଡର ପ୍ରତିନିଧିମାନେ ଯୋଗଦେଇଥିଲେ।


ନିମାପଡ଼ା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଅନୁଷ୍ଠିତ ଗଙ୍ଗବଂଶୀ କ୍ଷତ୍ରିୟ ସଂଘର ପ୍ରତିନିଧି ମଣ୍ଡଳୀ ବୈଠକରେ ଉପସ୍ଥିତ ଅତିଥି ଓ ସଦସ୍ୟ।

# ରାମଚଣ୍ଡୀ ପୀଠରେ ପର୍ଯ୍ୟଟକଙ୍କୁ ଶୋଷଣ

କୋଣାର୍କ,୮।୧୧(ଡି.ଏନ୍.ଏ.)

**ବେଆଇନ ପାର୍କିଂ ଫି ଆଦାୟକୁ ସେବାୟତଙ୍କ ବିରୋଧ**

ପୁରୀ–କୋଣାର୍କ ବେଳାମାର୍ଗ ରାମଚଣ୍ଡୀ ପୀଠରେ ବେଆଇନ ପାର୍କିଂ ଫି ଆଦାୟ ନେଇ ସେବାୟତ ସଂଘ ଅଭିଯୋଗ କରିଛି। ପୂର୍ବରୁ ଏପରି କରୁଥିବାବେଳେ ପର୍ଯ୍ୟଟନ ଅଧିକାରୀଙ୍କ ବାରଣର କିଛି ଦିନ ପରେ ପୁନର୍ବାର ଫି ଆଦାୟ ହୋଉଥିବା ଅଭିଯୋଗ ହୋଇଛି।

ସୂଚନା ମୁତାବକ, ରାମଚଣ୍ଡୀ ପୀଠକୁ ମା’ଙ୍କ ଦର୍ଶନ ପାଇଁ ଦୂର ଦୂରାନ୍ତରୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି। ପୀଠରେ ବଣଭୋଜି ପାଇଁ ପାର୍କିଂ ସ୍ଥଳୀକୁ ପୁରୀ ଜିଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ରାମଚଣ୍ଡୀ ଉନ୍ନୟନ କମିଟି ଜରିଆରେ ସେବାୟତଙ୍କ ଉପସ୍ଥିତିରେ ଟେଣ୍ଡର ହୋଇଥିଲା। ଏବେ ଟେଣ୍ଡର କାର୍ଯ୍ୟକାଳ ଶେଷ ହୋଇଛି। ନୂଆ ଟେଣ୍ଡର ନ ହୋଇ ଏହି ପୀଠରୁ ତିନି ତିନିଟା ଫି ଜୋର ଜବରଦସ୍ତ ଆଦାୟ







କରାଯାଉଛି । ବଣଭୋଜି, ବାଇକ୍, କାର, ବସ୍ ପାର୍କିଂ, ହାଣ୍ଡିଭଙ୍ଗା ଜାତ, ସଫେଇ ନାମରେ ଫି ଆଦାୟ କରି ପର୍ଯ୍ୟଟକଙ୍କୁ ଶୋଷଣ କରାଯାଉଥିବା ସେବାୟତ ସଙ୍ଘ ଅଭିଯୋଗ ଆଣିଛି। ଏହି ପାର୍କିଂ ସ୍ଥାନ ପୂର୍ବପରି ରାମଚଣ୍ଡୀ ଉନ୍ନୟନ କମିଟି ଓ ସେବାୟତଙ୍କ ଉପସ୍ଥିତିରେ କରାଯାଉ। ନ ହେଲେ ପର୍ଯ୍ୟଟକଙ୍କ ପାଇଁ ରାମଚଣ୍ଡୀ ପୀଠ ବନ୍ଦ କରାଯିବ ବୋଲି ରାମଚଣ୍ଡୀ ମନ୍ଦିର ସେବକ ମଦନ ମୋହନ ମହାପାତ୍ର, ପ୍ରକାଶ ଚନ୍ଦ୍ର ପଣ୍ଡା, ଉପେନ୍ଦ୍ର ନାୟକ, ସଞ୍ଜୟ ପଣ୍ଡା, ଦୁର୍ଯୋଧନ ପଣ୍ଡା, ଗଗନ ନାୟକ, ଜଗନ୍ନାଥ ପଣ୍ଡା, ପ୍ରକାଶ ଚନ୍ଦ୍ର ପଣ୍ଡା ଏବଂ ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖ ୬୦ରୁ ଊର୍ଦ୍ଧ୍ୱ ସେବାୟତ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀଙ୍କୁ ପଚାରିବାରେ, ସେ ଏପରି ଫି’କୁ ବନ୍ଦ କରିବାକୁ କହିଥିଲେ। ଯଦି ସେମାନେ ପୁନର୍ବାର ଫି ଆଦାୟ କରୁଛନ୍ତି, ତେବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୯ ନଭେମ୍ବର, ୨୦୨୨



## ସଂକ୍ଷେପରେ

### ବାର୍‌ହା ଆକ୍ରମଣରେ ଜଣେ ଆହତ

**ବାଲିପାଟଣା,୮।୧୧(ଡି.ଏନ୍.ଏ.):** ବାଲିପାଟଣା ବ୍ଲକ ଅନ୍ତର୍ଗତ ମୁକୁନ୍ଦାସପୁର ଗ୍ରାମରେ ମଙ୍ଗଳବାର ବାର୍‌ହା ଆକ୍ରମଣରେ ଜଣେ ଆହତ ହୋଇଛନ୍ତି। ସେ ହେଲେ ଏହି ଗ୍ରାମର ରଜବା ଅଲ୍ଲୀ। ସୂଚନା ମୁତାବକ, ରଜବା ସକାଳେ ଗାଈ ବାନ୍ଧିବାକୁ ଯାଇଥିଲେ। ଏହି ସମୟରେ ତାଙ୍କୁ ଏକ ବାର୍‌ହା କାମୁଡ଼ି ଧାନ ବିଲକୁ ପଳାଇଥିଲା। ଗ୍ରାମର ଯୁବକ ଖୋଜାଖୋଜି କରିଥିଲେ ମଧ ବାର୍‌ହାକୁ ପାଇ ନ ଥିଲେ।

### ପ୍ରଶିକ୍ଷଣ ଶିବିର

**ଗମ୍ଭାରୀମୁଣ୍ଡା,୮।୧୧(ଡି.ଏନ୍.ଏ.):** ଭେଟେଶ୍ୱର ପଞ୍ଚାୟତ ଅଧୀନ ବୃନ୍ଦାବନପୁର (ଭାପୁର )ଗ୍ରାମ ସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ବାଣପୁର ବ୍ଲକ ପକ୍ଷରୁ ଏକ ୭ଦିନିଆ ପ୍ରଶିକ୍ଷଣ ଶିବିର ଅଧକ୍ଷ ଅମରେନ୍ଦ୍ର ରଣସିଂଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଭେଟେଶ୍ୱର ସରପଞ୍ଚ ସାବିତ୍ରୀ ଭୋଳ, ସମିତି ସଭ୍ୟ ରଶ୍ମିତା ପ୍ରଧାନ, ସଞ୍ଚାଳକ ତଥା ଓ ସମାଜସେବୀ ଜିତେନ୍ଦ୍ର ଭୋଳଙ୍କ ସହ ବାଣପୁର ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନା, ଅତିରକ୍ତ ବ୍ଲକ ଉନ୍ନୟନ ଅଧିକାରୀ ସୀମାଦ୍ରୀ ପାତ୍ର, ଜିଲା ବିପର୍ଯ୍ୟୟ ପରିଚାଳନା ସଂଯୋଜକ ସ୍ୱଦେଶୀ ସେଠୀ ଯୋଗ ଦେଇଥିଲେ। ପ୍ରକାଶ ଥାଉକି, ଆଶ୍ରୟସ୍ଥଳୀର ପରିଚାଳନା ଏବଂ କୌଣସି ବିପର୍ଯ୍ୟୟ ସମୟରେ ଅନୁସନ୍ଧାନ ଓ ଉଦ୍ଧାର ନିମନ୍ତେ ୭ଦିନିଆ କୌଶଳ ଶିକ୍ଷା ଦିଆଯିବ। ଉକ୍ତ କୌଶଳ ଶିକ୍ଷା କେନ୍ଦ୍ରରେ ପଞ୍ଚାୟତର ପ୍ରାୟ ୨୫ଜଣ କମିଟିଙ୍କ ସହ ୫୦ଜଣ ଯୁବକ ଓ ଯୁବତୀ ସ୍ୱେଚ୍ଛାସେବୀ ଶିକ୍ଷା ଗ୍ରହଣ କରିବେ। ଭେଟେଶ୍ୱର ସରପଞ୍ଚ ସାବିତ୍ରୀ ଭୋଳ, ଉପସଭାପତି ପଞ୍ଚାୟତ ନିର୍ବାହୀ ଅଧିକାରୀ, ସମ୍ପାଦକ ଅଶୋକ ବାରିକଙ୍କ ସହ ଅନ୍ୟ ୨୫ଜଣ ସଦସ୍ୟ ଅନୁସନ୍ଧାନ ଓ ଉଦ୍ଧାର ପାଇଁ ନୋଡାଲ ଏନଜିଓ ନେହେରୁ ସେବାସଙ୍ଘର ପ୍ରଶିକ୍ଷକ ଗୋବିନ୍ଦ ବେହେରା ଏବଂ ପ୍ରଦୀପ କୁମାର ଦାସଙ୍କ ମାଧମରେ ଶିକ୍ଷା ଗ୍ରହଣ କରିବେ।

### କାଶୀନାଥ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

**ଗମ୍ଭାରୀମୁଣ୍ଡା,୮।୧୧(ଡି.ଏନ୍.ଏ.):** ବାଣପୁର ଅଞ୍ଚଳର ହୋମିଓପ୍ୟାଥି ଡାକ୍ତର ତଥା ଭଗବତୀ ମନ୍ଦିର ପରିଚାଳନା କମିଟିର ସଭାପତି ଡା.କାଶୀନାଥ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ପୂର୍ବତନ ବିଧାୟକ ରଘନାଥ ସାହୁ, ଭାଟପଡ଼ା ଦଳବେହେରା ମାନବେନ୍ଦ୍ର ମହାରଥା, କେଦାରେଶ୍ୱର ନନ୍ଦ, ନଳିନୀକାନ୍ତ ପଟ୍ଟନାୟକ, ନୃସିଂହ ପ୍ରସାଦ ମିଶ୍ର, ପୁରୁଷୋତ୍ତମ ମହାପାତ୍ର, ସଂଗ୍ରାମ କେଶରୀ ସାହୁ, ବାଳମୁକୁନ୍ଦ ଦାସ, ଆନନ୍ଦ ଚନ୍ଦ୍ରସେନାପତି, ପ୍ରଦୀପ ସ୍ୱାଇଁ, ଲକ୍ଷ୍ମୀଧର ପ୍ରଧାନ, ଭାସ୍କର ଚନ୍ଦ୍ର ନାୟକ, ହିମାଂଶୁ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଭୀମପୁର ସାମନ୍ତରାପୁରର ଶ୍ରୀଗୋପୀନାଥଙ୍କ ମନ୍ଦିର ପରିସରରେ ପାଇକ କବି କୃଷ୍ଣଚନ୍ଦ୍ର ପାଠାଗାରର ସମ୍ପାଦକ ମଧୁସୂଦନ ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଇଂ.ଦୁର୍ଗାଚରଣ ଦାଶ ଭଗବତ ଗୀତା ଆବୃତି କରିଥିଲେ। ଏହି ଅବସରରେ ସ୍ମରଣିକା ସ୍ମୃତି ଅମୃତ ଉନ୍ମୋଚିତ ହୋଇଥିଲା। ଭୀମପୁର ଠାରୁ ପଲଟଣ ପଡ଼ିଆକୁ ସଂଯୋଗ କରୁଥିବା ରାସ୍ତାକୁ ଡା.କାଶିନାଥ ମାର୍ଗ ନାମରେ ନାମକରଣ କରିବା ସହିତ ତାଙ୍କ ହୋମିଓ ସଦନ କୁଦାତବ୍ୟ ଚିକିତ୍ସାଳୟରେ ପରିଣତ କରିବା ପାଇଁ ପଦକ୍ଷେପ ନେବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ବିଭୂତି ଭୂଷଣ ନନ୍ଦ ଧନ୍ୟବାଦ ଦେଇଥିଲେ।



ବାଲୁଗାଁ: ନୌବାଣିଜ୍ୟ ପାଇଁ ଚିଲିକା କୂଳରୁ ସାଧବ ପୁଅଙ୍କ ପାରମ୍ପରିକ ନୌଯାତ୍ରା।



ନିରାକାରପୁର: ସାଧବ ପୁଅ ନୌବାଣିଜ୍ୟ ପାଇଁ ମନ୍ଦାକିନୀ ନଦୀରେ ବୋଇତରେ ଯାତ୍ରା କରୁଛନ୍ତି ।

# ନୌବାଣିଜ୍ୟ ଐତିହ୍ୟକୁ ମନେପକାଇଲେ

**ନିରାକାରପୁର/ବାଲୁଗାଁ/ ଟାଙ୍ଗୀ(ଖୋର୍ଦ୍ଧା), ୮।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ରାମେଶ୍ୱର ଛକ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ମନ୍ଦାକିନୀରେ ବୋଇତ ବନ୍ଦାଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ଡ.ଦିଲୀପ ଶ୍ରୀଚନ୍ଦନ ପୌରୋହିତ୍ୟ କରିଥିଲେ। ଓଡ଼ିଶାର ଐତିହ୍ୟ ପରମ୍ପରାକୁ ମନେପକାଇ ସାଧବ ବୋହୂମାନେ ରୀତିନୀତି ଅନୁଯାୟୀ ବନ୍ଦାପନା କରି ବାଣିଜ୍ୟ କରିବା ପାଇଁ ସାଧବ ପୁଅଙ୍କୁ ବିଦାୟ ଦେଇଥିଲେ। ପରେ ସାଧବ ସାତପୁଅ ବୋଇତ ନେଇ ନୌବାଣିଜ୍ୟ ପାଇଁ ମନ୍ଦାକିନୀ ନଦୀରେ ବୋଇତ ଯାତ୍ରା କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବିଜେଡି

### ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ

ରାଜ୍ୟ ମହିଳା ଉପସଭାପତି ବାସନ୍ତୀ ମହାପାତ୍ର, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ଜଗଦ୍ଦେବ, ପୂର୍ବତନ ପ୍ରଶାସନିକ ଅଧିକାରୀ ଦେବରାଜ ସେନାପତି, ଖୋର୍ଦ୍ଧା ପୂର୍ବତନ ଅଧକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ବ୍ଲକ ଅଧକ୍ଷା ରିସ୍ମା ମାନ୍ଧାତା, ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ଇଂ.ବିଶ୍ୱମୋହନ ପଟ୍ଟନାୟକ, ଖୋର୍ଦ୍ଧା ବ୍ଲକ୍ ଉପାଧକ୍ଷ ପ୍ରକାଶ ସାମନ୍ତରାୟ, ପ୍ରକାଶ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ରାମେଶ୍ୱର ପାଣ୍ଠିକାଠାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ଭୂଷଣ ଛୋଟରାୟ, ରମାକାନ୍ତ ମହାପାତ୍ର, କୃଷ୍ଣଚନ୍ଦ୍ର ନରେନ୍ଦ୍ର, ବିଜୟ କୁମାର ରାଉତରାୟ, କୌଳାସ ସାମନ୍ତସିଂହାର, ରଞ୍ଜିତ ଜଗଦ୍ଦେବ, ଚକ୍ରଧର ବାରିକ, ଭବାନୀ ପ୍ରସାଦ ପଟ୍ଟନାୟକ, ବୀରେନ୍ଦ୍ର ପଟ୍ଟନାୟକ, ଚନ୍ଦ୍ରମୋହନ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଚିଲିକାର ନୌବାଣିଜ୍ୟ ପରମ୍ପରା, ଐତିହ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ମଙ୍ଗଳବାର ଭୋରୁ ବାଲୁଗାଁ ଚିଲିକା ତଟଦେଶରେ ପାରମ୍ପରିକ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରେ ଆତସବାଜି ପ୍ରଦର୍ଶନ କାର୍ଯ୍ୟକ୍ରମ ପରେ ବୋଇତ ବନ୍ଦାଣ ଉତ୍ସବ ଆରମ୍ଭ ହୋଇଥିଲା। ସ୍ଥାନୀୟ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପୁରୁଷ ଓ ମହିଳା ସଦସ୍ୟ ତଥାକଥିତ ସାଧବ ପୁଅବୋହୂ ବେଶ ହୋଇ ମଞ୍ଚରେ ଏକତ୍ରିତ ହୋଇଥିଲେ। ପାରମ୍ପରିକ ରୀତିରେ ବନ୍ଦାପନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚିଲିକାରେ ଅପେକ୍ଷାରତ ସୁସଜ୍ଜିତ ବୋଇତରେ ସାଧବ ପୁଅ ବେଶଧାରୀ ବିରାଜମାନ ହୋଇଥିଲେ। ହୁଳହୁଳିରେ ଉତ୍ସବ ସ୍ଥଳ ପ୍ରକମ୍ପିତ ହୋଇଉଠିଥିଲା। ପରେ ସାଧବ ପୁଅଙ୍କୁ ଧରି ବୋଇତ କାଳିଜାଈ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ସେହିପରି ଟାଙ୍ଗୀରେ ହଜାର ହଜାର ଶ୍ରଦ୍ଧାଳୁ ଡଙ୍ଗା ଭସାଇବା ସହ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ମନ୍ଦିରକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ବଳରାମ ଦେବ ମନ୍ଦିର, ବାଲୁଙ୍କେଶ୍ୱର ମନ୍ଦିର,ବିଲ୍ଵ ବାଲୁଙ୍କେଶ୍ୱର ମନ୍ଦିର, ରଘୁନାଥ ମନ୍ଦିର, ଲୋକନାଥ ଦେବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା।



ନିରାକାରପୁର: ମନ୍ଦାକିନୀ ବୋଇତ ବନ୍ଦାଣ ଉତ୍ସବ ଅବସରରେ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

# ‘ଉତ୍କର୍ଷର କ୍ଷେତ୍ର ଉତ୍କଳ’



କାର୍ଯ୍ୟକ୍ରମରେ ବାସନ୍ତୀ ମହାପାତ୍ର ଉଦ୍‌ବୋଧନ ଦେଉଛନ୍ତି।

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୮।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ନିରାକାରପୁର ବଡ ବଜାରରେ କାର୍ତ୍ତିକ ପୂର୍ଣ୍ଣମା ଉପଲକ୍ଷେ ଝଲକ ପରିବାର ପକ୍ଷରୁ ୨୬ତମ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ବିଜୁ ମହିଳା ଜନତା ଦଳର ରାଜ୍ୟ ଉପସଭାପତି ବାସନ୍ତୀ ମହାପାତ୍ର ଅତିଥିଭାବେ ଯୋଗଦେଇ ଉତ୍କଳୀୟ ନୌବାଣିଜ୍ୟ ସଂସ୍କୃତି, ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍କଳ ହେଉଛି ଉତ୍କର୍ଷର କ୍ଷେତ୍ର। ଏହାର କଳା, ସଂସ୍କୃତି, ଭାସ୍କର୍ଯ୍ୟ ବିଶ୍ୱରେ ଅନନ୍ୟ ବୋଲି ମହାପାତ୍ର କହିଥିଲେ। ଝଲକ ପରିବାରର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ କଳା ପରିବେଷଣ କରିଥିଲେ। ହାସ୍ୟ ଅଭିନେତା ପପୁ ପମପମ ଉପସ୍ଥିତ ଦର୍ଶକଙ୍କୁ ବାକ୍ ଚତୁରୀରେ ମନ୍ତ୍ରମୁଗ୍ଧ କରିଥିଲେ। ରାଜେଶ ସାହୁ, ଜୀବନ ରଶ୍ମି ମହାପାତ୍ର, ଦେବ ପ୍ରସାଦ ମାଝି, ମୃତ୍ୟୁଞ୍ଜୟ ରାଉତରାୟ, ଅକ୍ଷୟ କୁମାର ରଣବୀର, ଆର୍ତ୍ତତ୍ରାଣ ରାଉତରାୟ, ଅମରେନ୍ଦ୍ର ବାରିକ, ମାନସ ରଞ୍ଜନ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସାଧବ ସମାଜକୁ ଉଜ୍ଜୀବିତ କରିଛି ବୋଇତ ବନ୍ଦାଣ ଉତ୍ସବ

**ବେଗୁନିଆ,୮।୧୧(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ଅଞ୍ଚଳର ବୋଇତ ବନ୍ଦାଣ ଉତ୍ସବ ମଙ୍ଗଳବାର ସିକୋ ଗ୍ରାମ ନୂଆ ପୋଖରୀ କୂଳରେ ଅନୁଷ୍ଠିତ ହୋଇଯାଇଛି। ତୈଳିକ ବୈଶ୍ୟ ସାଧବ ସମାଜ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅତିଥିଭାବେ ଚିଲିକାର ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥ ମାନସିଂହ ଏବଂ ଖୋର୍ଦ୍ଧା ଏନ୍ଏସିର ପୂର୍ବତନ ଅଧକ୍ଷା ସଞ୍ଜୁକ୍ତା ସାହୁ ଉପସ୍ଥିତ ଥିଲେ। ୨୨ନଂ. ଜିଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ୨୫ନଂ. ଜିଲା ପରିଷଦ ସଭ୍ୟ ସୁନନ୍ଦିତା ସାହୁ ଏବଂ କୁଞ୍ଜୁରି ସରପଞ୍ଚ ପ୍ରଣତି ସାହୁ, ସିକୋ ଜୋନର ତୈଳିକ ବୈଷ୍ୟ ସମାଜର ସଭାପତି କୈଳାସ ଚନ୍ଦ୍ର ସାହୁ, ସମ୍ପାଦକ ବିଚିତ୍ରାନନ୍ଦ ସୁବୁଦ୍ଧି, ସହସମ୍ପାଦକ ଭକ୍ତି ଭୂଷଣ ମହାପାତ୍ର, ପୂର୍ବତନ ସରପଞ୍ଚ ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୋଇତ ବନ୍ଦାଣ ଉତ୍ସବ ସିକୋ ସାଧବ ସମାଜକୁ ଉଜ୍ଜୀବିତ କରିଛି। ଉତ୍କଳର ପୁରାତନ ସଂସ୍କୃତି ଓ ସ୍ୱତନ୍ତ୍ର ପରମ୍ପରା ଏଠାରେ ଦେଖିବାକୁ ମିଳିଥାଏ ବୋଲି ମୁଖ୍ୟ ଅତିଥି ସାହୁ କହିଥିଲେ। ସେହିପରି ଶିକ୍ଷା କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିବାକୁ ଯାଇ ଏକ ନୂତନ ଶିକ୍ଷା ପାଣ୍ଠି ଗଠନ କରାଯାଇଛି। ସ୍ଥାନୀୟ ଅଞ୍ଚଳର ଗରିବ ଓ ଅସହାୟ ଛାତ୍ରୀଛାତ୍ରଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ପାଇଁ ଏହି ପାଣ୍ଠି ସହଯୋଗ କରିବ ବୋଲି ସାହୁ କହିଛନ୍ତି।



କାର୍ଯ୍ୟକ୍ରମରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏବଂ ଅନ୍ୟମାନେ।

## ‘ଉଦ୍ଭିଦ ବିଜ୍ଞାନ ଗବେଷଣାରେ ଭାରତ ସର୍ବାଗ୍ରେ’

**ଜଟଣୀ,୮।୧୧(ଡି.ଏନ୍.ଏ.)**

ଜଟଣୀସ୍ଥିତ ରାଷ୍ଟ୍ରୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ (ନାଇଜର)ଭୁବନେଶ୍ୱରରେ ମଙ୍ଗଳବାର ଆରମ୍ଭ ହୋଇଛି ୟୁରୋପୀୟାନ ମଲିକୁଲାର ବାୟୋଲୋଜି (ଏମ୍ବୋ) ସମ୍ମିଳନୀ। ନାଇଜର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡାଙ୍କ ସଭାପତିତ୍ୱରେ ନାଇଜର ପରିସର ପଠାଣିସାମନ୍ତ ପ୍ରେକ୍ଷାଳୟରେ ଆୟୋଜିତ ସମ୍ମିଳନୀରେ ଜାପାନର ବୈଜ୍ଞାନିକ ପ୍ରଫେସର ମିଶୁୟାସୁ ହାସେବେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଉଦ୍ଭିଦ ବିଜ୍ଞାନ କ୍ଷେତ୍ରରେ ବିଶ୍ୱରେ ଭାରତର ଗବେଷଣା ସର୍ବାଗ୍ରେ ରହିଛି ଏବଂ ଏହା ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି କୃଷକ ଏବଂ ରୋଗୀଙ୍କ ଉପରେ ସୁଫଳ ପ୍ରଭାବ ପକାଇଆସୁଛି ବୋଲି ମୁଖ୍ୟ ଅତିଥି କହିଥିଲେ। ସମ୍ମିଳନୀରେ ବିଭିନ୍ନ ଦେଶର ୪୫୦ରୁ ଊର୍ଦ୍ଧ୍ୱ ବୈଜ୍ଞାନିକ ଅନଲାଇନ ଏବଂ ଅଫଲାଇନ ମାଧ୍ୟମରେ ଯୋଗଦେଇ ସେମାନଙ୍କର ଗବେଷଣାର ଉପଲବ୍ଧି ଉପରେ ମତବ୍ୟକ୍ତ କରିଥିଲେ। ଉକ୍ତ ଆନ୍ତର୍ଜାତିକ ମହାକୁମ୍ଭ ୨୪ବର୍ଷ ପରେ ଭାରତରେ ଦ୍ୱିତୀୟ ଥର ହେଉଥିବା ବେଳେ ଏଠାରେ ଆୟୋଜିତ ହୋଇଥିବାରୁ ନାଇଜର ନିର୍ଦ୍ଦେଶକ ପଣ୍ଡା ଏବଂ କୁଳସଚିବ ଡ.ଅଭୟ ନାୟକ ଖୁସି ବ୍ୟକ୍ତ କରିଛନ୍ତି। ଅତିଥିଭାବେ ଅଷ୍ଟ୍ରିଆର ପ୍ରଫେସର ଲିମା ଚଡାଲାନ, ସହ ଆୟୋଜକ ଜର୍ମାନୀର ପ୍ରଫେସର ଫେଡ୍ରିକ ବରଜର, ଡ.ଚନ୍ଦନ ଗୋସ୍ୱାମୀ ପ୍ରମୁଖ ଯୋଗଦେଇ ସମ୍ମିଳନୀର ଆଭିମୁଖ୍ୟ, ବିଶେଷତ୍ୱ ଓ ଫଳାଫଳ ଉପରେ ଆଲୋକପାତ କରିଥିଲେ। ଜୈବବିଜ୍ଞାନ ମୁଖ୍ୟ ଡ. ପଙ୍କଜ ଆଲୋନେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. କିଶୋରଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।



ୟୁରୋପୀୟାନ ମଲିକୁଲାର ବାୟୋଲୋଜି ସମ୍ମିଳନରେ ଉପସ୍ଥିତ ଅତିଥିମାନେ।

## ଜମି ଠକେଇ ଅଭିଯୋଗରେ ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୮।୧୧**

ଜମି ଠକେଇ ଅଭିଯୋଗରେ ଖୋର୍ଦ୍ଧା ଟାଉନ ପୋଲିସ ବିଡିଏ କଲୋନୀ ସ୍ଥିତ ଲଡୁକିଶୋର ପଟ୍ଟନାୟକ(୬୬)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୫୬୨/୨୨) ରୁଜୁ ହୋଇଛି। ସୂଚନା ମୁତାବକ, ପୁରୀ ଜିଲା କଣାସ ଅଞ୍ଚଳର ପ୍ରତିଭା ପ୍ରଧାନଙ୍କୁ ସ୍ଥାନୀୟ ଜଜାରସିଂହ ମୌଜାର ସାମନ୍ତରାପୁର ଅଞ୍ଚଳରେ ୭ ଗୁଣ୍ଠ ଜାଗା ଦେଖାଇ ଲଡୁକିଶୋର ୧୦ ଲକ୍ଷ ଟଙ୍କା ନେଇଥିଲେ। ତେବେ ଜମି ମାପଚୁପ ବେଳେ ୫ ଗୁଣ୍ଠ ଜମି ଅନ୍ୟ କାହା ନାଁରେ ଥିବା ଜାଣିବା ପରେ ପ୍ରତିଭା ଏନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ହେତୁବାଦୀଙ୍କ ବିରୋଧରେ ଥାନାରେ ଏତଲା

**ପୁରୀ ଅଫିସ, ୮।୧୧**

କାର୍ତ୍ତିକ ପୂର୍ଣ୍ଣମା ଅବସରରେ ମଙ୍ଗଳବାର ଚନ୍ଦ୍ରଗ୍ରହଣ ମଧ ପଡ଼ିଥିଲା। ହେଲେ ଚନ୍ଦ୍ରଗ୍ରହଣ ସମୟରେ ଖାଦ୍ୟ ଗ୍ରହଣକୁ ନେଇ କେତେଜଣ ହେତୁବାଦୀ ନାନା କଥା ଗଣମାଧମ ଆଗରେ କହିଥିଲେ। ହେଲେ ଜଣେ ହେତୁବାଦୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଷୟରେ କଦର୍ଥ କରି କହିଛନ୍ତି। ସାଢ଼େ ଚାରି କୋଟି ଓଡ଼ିଆଙ୍କ ପ୍ରାଣକେନ୍ଦ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ଜଣେ ହେତୁବାଦୀ ଗଣମାଧମ ଜରିଆରେ କୁତ୍ସିତ ମନ୍ତବ୍ୟ ଦେବା ଓ ମହାପ୍ରସାଦକୁ ଅପମାନିତ କରିବା ଭଳି ମନ୍ତବ୍ୟ ଦେଇଥିଲେ। ଏହାକୁ ଜଗନ୍ନାଥ ପ୍ରେମୀ ଓ ଓଡ଼ିଶାବାସୀ ନାପସନ୍ଦ କରିବା ସହ ବିରୋଧ କରିଛନ୍ତି। ଏପରିକି ଉକ୍ତ ବ୍ୟକ୍ତି ବିରୋଧରେ ପୁରୀର ଏକାଦଶୀ ସେବାସଂଘ ଶ୍ରୀମନ୍ଦିର ଯୁବ ସେବାୟତ ପକ୍ଷରୁ ମଙ୍ଗଳବାର ରାତିରେ ସିଂହଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ସେବାସଂଘ ପକ୍ଷରୁ ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଜଣେ ହେତୁବାଦୀ ଗଣମାଧମ ଜରିଆରେ ଶ୍ରୀଗନ୍ନାଥଙ୍କ ମହାପ୍ରସାଦ ସହ ଚିକେନ୍ ଭୋଗ କରିବା ଭଳି ବିଭ୍ରାନ୍ତିକାର ମନ୍ତବ୍ୟ ଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦକୁ ଅପମାନ ସହ ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ଭାବନାକୁ ଅପାମାନିତ କରିଛନ୍ତି। ଏକାଦଶୀ ସେବାସଂଘ ଶ୍ରୀମନ୍ଦିର ଯୁବ ସେବାୟତ ସଭ୍ୟ ଭବାନୀ ଶଙ୍କର ଦାସଙ୍କ ସହ ଅନ୍ୟମାନେ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି।

# ମହିଳା ପ୍ରାର୍ଥିତ୍ୱକୁ ନେଇ ଚର୍ଚ୍ଚା

**ଖୋର୍ଦ୍ଧା ଅଫିସ,୮।୧୧**

**କେସିସିବି ପରିଚାଳନା ପରିଷଦ ଚେୟାରମ୍ୟାନ ନିର୍ବାଚନ**

- ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ଅପେକ୍ଷା
- ଲକ୍ଷାଧିକ ଟଙ୍କା ଅର୍ଥଶ୍ରାଦ୍ଧ ସତ୍ତ୍ୱେ ସମ୍ଭାବନା କ୍ଷୀଣ

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) ପରିଚାଳନା ପରିଷଦ ଚେୟାରମ୍ୟାନ ନିର୍ବାଚନ ପାଇଁ ବୁଧବାର ନାମାଙ୍କନ ଦାଖଲ କରାଯିବ। ଏନେଇ ବ୍ୟାଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରାଯିବ। ୧୫ଟି ଜୋନ ମଧ୍ୟରୁ ପୂର୍ବରୁ ୪ଜଣ ଅପ୍ରତିଦ୍ୱନ୍ଦ୍ୱୀ ରହିଥିବା ବେଳେ ଅକ୍ଟୋବର ୩୦ରେ ୧୧ ବୋର୍ଡ ନିର୍ଦ୍ଦେଶକ ନିର୍ବାଚିତ ହୋଇଥିଲେ। ୧୫ସଦସ୍ୟଙ୍କ ମଧ୍ୟରୁ ୧୨ ବିଜେଡି ସମର୍ଥିତ ପ୍ରାର୍ଥୀ ରହିଥିବା ବେଳେ ୩ଜଣ ସ୍ୱାଧୀନ ରହିଛନ୍ତି। ତେବେ ଚେୟାରମ୍ୟାନ ପଦବୀ ଦୌଡରେ ୨ଜଣ ପ୍ରାର୍ଥୀ ରହିଥିବା ବେଳେ ଦଳ କାହାକୁ ଚୟନ କରିବ, ତାହାକୁ ନେଇ ଛକାପଞ୍ଝା ଲାଗି ରହିଛି। ସମସ୍ତ ବିଧାୟକଙ୍କ ପକ୍ଷରୁ ଆସିଥିବା ମତକୁ ଆଧାରକରି ଦଳ ଚୂଡାନ୍ତ ନିଷ୍ପତ୍ତି ନେଇଥିବା ଜଣାପଡିଛି। ହାଇକମାଣ୍ଡଙ୍କ ନିଷ୍ପତ୍ତି କାହା ସପକ୍ଷରେ ଯାଇଛି, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ବୁଧବାର ସକାଳ ୯ଟାରେ ବନ୍ଦ ଲଫାପା ଖୋଲିବ ଆଶାୟୀଙ୍କ ଭାଗ୍ୟ। ତେବେ ରାଜ୍ୟ ସରକାର ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ପୂର୍ବରୁ ହୋଇଥିବା ପଞ୍ଚାୟତ ଏବଂ ପୌର ନିର୍ବାଚନରେ ମହିଳାଙ୍କୁ ଅଗ୍ରାଧିକାର ଦିଆଯାଇଛି। ତେଣୁ ଦଳ ଜଣେ ମହିଳାଙ୍କୁ ପ୍ରାର୍ଥୀ କରିଥିବା ନେଇ ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ୧୫ ବୋର୍ଡ ନିର୍ଦ୍ଦେଶକଙ୍କ ମଧ୍ୟରେ ୭ ନମ୍ବରରୁ ପଦ୍ମିନୀପ୍ରଭା ଷଡ଼ଙ୍ଗୀ, ୧୦ନଂ.ରୁ ଜୟଶ୍ରୀ ଗଡନାୟକ ଏବଂ ୧୩ ନଂ.ରୁ ସୁମତୀ ଶତ୍ରୁଶଲ୍ୟ ରହିଛନ୍ତି। ଯଦି ଦଳ ମହିଳାଙ୍କୁ ଅଗ୍ରାଧିକାର ଦିଏ ତେବେ ଏମାନଙ୍କ ମଧ୍ୟରୁ କିଏ ଜଣେ ସ୍ଥିର ହେବା ନିଶ୍ଚିତ। ତେବେ କାହାର ପ୍ରାର୍ଥିତ୍ୱରେ ଦଳୀୟ ମୋହର ବାଜିବ, ତାହାକୁ ନେଇ ଛକାପଞ୍ଝା ରହିଥିବା ବେଳେ ଦୀର୍ଘ ଦିନ ଧରି ଏହି ପଦବୀ ପାଇଁ ମନ ବଳାଇଥିବା ଯୁବନେତାଙ୍କ ଆଶା ମଉଳିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ସମ୍ପୃକ୍ତ ନେତାଙ୍କ ପାଇଁ ଜିଲାର ଦୁଇ ବିଧାୟକ ଉପର ମହଲରେ ଲବି କରିଥିଲେ। ଏପରିକି ଦଳୀୟ ମୋହର ପାଇଁ ଆଶାୟୀ ଯୁବକ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିବା ବେଳେ ଦଳୀୟ ଫଣ୍ଡ ଏବଂ କେତେଜଣ ବଡବଡିଆଙ୍କୁ ମଧ ଖୁସି କରିବାକୁ ଲକ୍ଷାଧିକ ଟଙ୍କା ଉପହାର ସ୍ୱରୂପ ଦେବାକୁ ସ୍ଥିର କରିଥିଲେ। ମହିଳା ପ୍ରାର୍ଥୀଙ୍କୁ ନେଇ ଚର୍ଚ୍ଚା ହେବା ପରେ ଆଶା ମଉଳିଯାଇଛି। ଅନ୍ୟପଟେ ଦଳ କାହା ପ୍ରତି ମୋହର ମାରିବ, ତାହା ଏବେ ବି ରହସ୍ୟ ଘେରରେ ରହିଛି। ପ୍ରକାଶ ଯେ, ପୌର ନିର୍ବାଚନରେ ଖୋର୍ଦ୍ଧା ପୌରାଞ୍ଚଳ ପାଇଁ ଦଳରୁ ଏକାଧିକ ଆଶାୟୀ ରହିଥିବା ବେଳେ ଦଳ ଜଣେ ପୂର୍ବତନ କାଉନସିଲର ମହିଳାଙ୍କୁ ପ୍ରାର୍ଥୀ କରି ସମସ୍ତଙ୍କୁ ଚକିତ କରାଇଥିଲେ। ସେହିଭଳି ସମବାୟ ବ୍ୟାଙ୍କ ପରିଚାଳନା କମିଟି ଚେୟାରମ୍ୟାନ ପଦବୀ ପାଇଁ ମଧ ଜଣେ ନୂତନ ବ୍ୟକ୍ତି ଚୟନ କରିବା ସମ୍ଭାବନା ଅଧିକ ରହିଛି। ଦଳୀୟ ନିଷ୍ପତ୍ତି ଯାହା ହେଉନା କାହିଁକି ସମସ୍ତେ ତାହାକୁ ମାନିବେ ବୋଲି କୁହାଯାଇଛି।

## ସଂକ୍ଷେପରେ

### ପ୍ରାଥମିକ ଶିକ୍ଷକ ସଂଘ ବୈଠକ

ମାହାଙ୍ଗା,୮।୧୧(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳସ୍ଥିତ ବଣୁଆ ମହାପୁରୁଷଙ୍କ ପୀଠରେ ଓଡିଶା ପ୍ରାଥମିକ ଶିକ୍ଷକ ସଂଘ(ନୂତନ ପେନସନ ଯୋଜନାଭୁକ୍ତ)ମାହାଙ୍ଗା ଶାଖା ପକ୍ଷରୁ ଏକ ବୈଠକ ସଂଘ ସଭାପତି ଜ୍ୟୋତିପ୍ରକାଶ ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉପସଭାପତି ରବୀନ୍ଦ୍ର କୁମାର ରାଉତ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି ପ୍ରାଥମିକ ବିଦ୍ୟାଳୟରୁ ଠିକା ନିଯୁକ୍ତି ଉଚ୍ଛେଦ କରିବା ପ୍ରାଥମିକ ଶିକ୍ଷକଙ୍କର ୬ ବର୍ଷ ଶିକ୍ଷା ସହାୟକ ଠିକା ନିଯୁକ୍ତି ଅବଧିକୁ ନିୟମିତ ଚାକିରୀ ସହ ଗଣନା କରିବା ଓ କନିଷ୍ଠ ଶିକ୍ଷକମାନଙ୍କୁ ତୁରନ୍ତ ନିୟମିତ କରିବାକୁ ଦାବି କରାଯାଇଥିଲା। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ହରପ୍ରିୟା ସ୍ୱାଇଁ, ଅୟେସକାନ୍ତ ସାମଲ, ପରିକ୍ଷିତ ନାୟକ, ଅନନ୍ତକିଶୋର ଭୋଇ, ବିଶ୍ୱଜିତ ବିଶ୍ୱାଳ, ପ୍ରଶାନ୍ତ ମହାନ୍ତି, ପଦ୍ମଲୋଚନ ସାହୁ ପ୍ରମୁଖ ଯୋଗଦେଇ ସରକାରଙ୍କ ନୀତିକୁ ବିରୋଧ କରିବା ସହ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଥିଲେ। ପ୍ରାରମ୍ଭରେ ସଂଘ ସମ୍ପାଦକ ପୁରୁଷୋତ୍ତମ ସେଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଅରୁଣ କୁମାର ନାୟକ ଧନ୍ୟବାଦ ଦେଇଥିଲେ ।

### ଆଜି କାର୍ତ୍ତିକେଶ୍ୱର ଭସାଣି

କଟକ ସଦର, ୮।୧୧(ଡି.ଏନ୍.ଏ.)- କଟକ ସଦର ବ୍ଲକ ଅନ୍ତର୍ଗତ ବୋଧପୁର ଗ୍ରାମରେ କାର୍ତ୍ତିକେଶ୍ୱର ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହେବ। ସକାଳେ ଚନ୍ଦନ ବେଦୀ, ପଣ୍ଡାସାହି, ଗାଦିବ୍ରହ୍ମ, କୈବର୍ତ୍ତ ସାହି, ଠାକୁର ସାହି, କଦମ୍ବମୂଳ ମେଢ ସାହି ପରିକ୍ରମା କରି ମଲିଆବାଙ୍କ ମେଲଣ ପଡ଼ିଆରେ ଏକତ୍ରିତ ହେବେ। ପରେ ଭସାଣି କାର୍ଯ୍ୟକ୍ରମ ଆରମ୍ଭ ହେବ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କିଶନନଗର ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ରାତି ୧୦ଟା ମଧ୍ୟରେ ଭସାଣି ଶେଷ କରିବାକୁ ଆୟୋଜକମାନଙ୍କୁ ପୋଲିସ ପରାମର୍ଶ ଦେଇଛି।

### ସାଧୁସୁନ୍ଦର ପୀଠରେ ସାରସ୍ୱତ ସମାରୋହ

ଚୌଦ୍ୱାର,୮।୧୧(ଡି.ଏନ୍.ଏ.): ଚୌଦ୍ୱାର ସାହିତ୍ୟ ସଂସଦ ପକ୍ଷରୁ ଶରତ ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସାଧୁସୁନ୍ଦର ସ୍ମୃତି କମିଟି ସହଯୋଗରେ ତଥା ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ କୁଜିବରସ୍ଥିତ ମହାତ୍ମା ସାଧୁସୁନ୍ଦର ପୀଠରେ ଆୟୋଜିତ ଏହି ସମାରୋହରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ଗ୍ରନ୍ଥକାର ସୁକାନ୍ତ ମହାନ୍ତି ପ୍ରମୁଖ ଅତିଥି ରୂପେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଯୁବବର୍ଗଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ଦିଗରେ ପ୍ରଚେଷ୍ଟା ହେବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଜୀବନାନନ୍ଦ ଅଧିକାରୀ, ଆଦିତ୍ୟ ପ୍ରତାପ ଧଳ, ସୁନାମଣି ରାଉତ, ବ୍ରହ୍ମାନନ୍ଦ ବିଶ୍ୱାଳ, ଶିବାଶିଷ କରଙ୍କୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କବି କରୁଣାକର ବେହେରାଙ୍କ ରଚିତ 'ସନ୍ଥ ସାଧୁସୁନ୍ଦର' ଓ କୃଷ୍ଣଚନ୍ଦ୍ର ପ୍ରତାପ ସିଂହଙ୍କ ପୁସ୍ତକ 'ଭ୍ରମଣ କାହାଣୀ' ଲୋକାର୍ପିତ ହୋଇଥିଲା। ସଂସଦର କାର୍ଯ୍ୟକାରୀ ସଭାପତି ଶ୍ରୀନିବାସ ବେହେରାଙ୍କ ଅଧ୍ୟକ୍ଷତା ତଥା ଅକ୍ଷୟ ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହେଇଥିଲା। ସଂସଦର ସମ୍ପାଦକ ଦିବ୍ୟଜ୍ୟୋତି ପାଣି, ସଂଗଠନ ସମ୍ପାଦକ ଚନ୍ଦ୍ର ପ୍ରକାଶ ପଟ୍ଟନାୟକ, ଭାସ୍କର ପ୍ରସାଦ ମହାପାତ୍ର, ସରିତା ଦାସ, ଅନ୍ତର୍ଯାମୀ ଦାସ, ବାସୁଦେବ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚୂଡ଼ଙ୍ଗଗଡ଼ର ଐତିହ୍ୟ ଜାଣିବା ପାଇଁ ମହୋତ୍ସବ ଜରୁରୀ

## ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ଉଦ୍‌ଘାଟିତ

ବାରଙ୍ଗ,୮।୧୧(ଡି.ଏନ୍.ଏ.)


ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

ବାରଙ୍ଗ ଅଞ୍ଚଳରେ ଆରମ୍ଭ ହୋଇଯାଇଛି ଗଣପର୍ବ କାର୍ତ୍ତିକେଶ୍ୱର ପୂଜା। ଏହି ପୂଜାର ପ୍ରଥମ ରାତିରେ ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବାରଙ୍ଗ ମେଡିକାଲ ଛକ ପାଖରେ ଆୟୋଜିତ ମହୋତ୍ସବରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟିତ କରି କହିଥିଲେ, ବୋଇତବନ୍ଦାଣ ଉତ୍ସବ ହିଁ ପ୍ରମାଣ ଦେଉଛି ଆମ ପୂର୍ବଜମାନେ ଏଭଳି ଯାଉଥିଲେ। ଏ ଜାତି ଯଦି ସେତିକି ଶକ୍ତିଶାଳି ହୋଇ ନ ଥାନ୍ତା ତେବେ ଏତେଗୁଡିଏ ମନ୍ଦିର ନିର୍ମାଣ କରିପାରି ନ ଥାନ୍ତା। ଆଜିକାର ଯୁବପିଢ଼ି ଅତୀତ ବିଷୟରେ ସଚେତନ ହେବା ଦରକାର। ତାକୁ ଆଧାର କରି ବର୍ତ୍ତମାନରୁ ଭବିଷ୍ୟତ ବିଷୟରେ ତା'ର କଳ୍ପନା କରିବାର ଆବଶ୍ୟକ ଅଛି। ସେଇଥିପାଇଁ ଏହିଭଳି ଉତ୍ସବର ଆବଶ୍ୟକତା ରହିଛି ବୋଲି ବିଧାୟକ କହିଥିଲେ।

ବାରଙ୍ଗର ଗୌରବମୟ ଇତିହାସର ରୋମନ୍ଥନ କରିବା ସହ ପ୍ରାଚୀନ କଳିଙ୍ଗ ତଥା ଉତ୍କଳର ଐତିହ୍ୟ ପ୍ରାଚୀନଦୀ ମାଧ୍ୟମରେ ହେଉଥିବା ନୌବାଣିଜ୍ୟ ଓ ଚୁଡ଼ଙ୍ଗଗଡର ଐତିହାସିକ ସ୍ମୃତିକୁ ଜାଣିବା ପାଇଁ ଏହି ମହୋତ୍ସବ ହେବା ଆବଶ୍ୟକ। ଏହାଦ୍ୱାରା ଅଞ୍ଚଳର ଯୁବପିଢି ଅନୁପ୍ରାଣିତ ହୋଇ ଚୁଡ଼ଙ୍ଗଗଡ଼ର ସ୍ମୃତି ପରିକଳ୍ପନା କରିପାରିବେ ବୋଲି ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀ କହିଥିଲେ। ମହୋତ୍ସବ କମିଟି ସଭାପତି ପ୍ରେମାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ କୃଷି ବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ ମିଶ୍ର, ସମ୍ମାନିତ ଅତିଥି ସାମ୍ବାଦିକ ଶ୍ରୀରାମ ଦାସ ଯୋଗଦେଇ ଚୁଡଙ୍ଗଗଡର ଗୌରବମୟ ଇତିହାସ ଉପରେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ବସନ୍ତ ମହାପାତ୍ର, ରାମଚନ୍ଦ୍ର ଦାସ, ସୁନୀଲ ସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଏକ ସ୍ମରଣୀକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅଞ୍ଚଳର ପ୍ରତିଭାବନ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଖୋର୍ଦ୍ଧାଗଡର ପାଇକବୀରଙ୍କ କଥାକୁ ମନେପକାଇବା ପାଇଁ ହୋଇଥିବା ପାଇକ ଆଖାଡ଼ା ଦର୍ଶକମାନଙ୍କୁ ବେଶ୍ ଆକର୍ଷଣୀୟ ସାଜିଥିଲା।

### ଗଣପର୍ବ ଛାଡ଼ଖାଇ ଉତ୍ସବ ଆରମ୍ଭ

ନରସିଂହପୁର, ୮।୧୧ (ସ୍ୱ.ପ୍ର): ନରସିଂହପୁର ଅଞ୍ଚଳର ଗଣପର୍ବ ଭାବରେ ପରିଚିତ ଛାଡ଼ଖାଇ ଉତ୍ସବ ବା ନରସିଂହପୁର ମହୋତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ୭ ଦିନ ବ୍ୟାପୀ ଆୟୋଜିତ ହେବ ଏହି ଉତ୍ସବ। ପ୍ରଥମଦିନରେ ବାଲିପୁଟସ୍ଥିତ ମହାନଦୀ କୂଳରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନରସିଂହପୁର ଥାନା ପ୍ରାଙ୍ଗଣରେ ଥିବା ତ୍ରିନାଥ ଦେବଙ୍କ ଜନ୍ମ ଉତ୍ସବ ଉପଲକ୍ଷେ ପୂଜାପାଠ ହୋମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜ୍ୟର ବହୁ ନେତା, ଅଭିନେତା, ମନ୍ତ୍ରୀ, ପ୍ରଶାସନିକ ଅଧିକାରୀଙ୍କ ସମେତ ସ୍ଥାନୀୟ ଜନ ପ୍ରତିନିଧି ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଜନ ଗହଳି ସୃଷ୍ଟି ହେବାର ସମ୍ଭାବନା ଥିବାରୁ ବ୍ୟାପକ ପୋଲିସ ନିୟୋଜିତ କରାଯିବ ବୋଲି ଛାଡ଼ଖାଇ ଯାତ୍ରା କମିଟିର ସ୍ଥାୟୀ ସମ୍ପାଦକ ତଥା ଥାନା ଅଧିକାରୀ ଅଭୟ ବେହେରା ସୂଚନା ଦେଇଛନ୍ତି।


କଟକ ମହାନଗର ତୈଳିକ ବୈଶ୍ୟ ସମାଜ ପକ୍ଷରୁ ମଙ୍ଗଳବାର କଟକ ଗଡ଼ଗଡିଆ ଘାଟ ମହାନଦୀ ତଟରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବ।

# ପ୍ରଦୀପ୍ତ ସାହୁ ପାଇଲେ ସାଧବ ସମ୍ମାନ

## ଗଡ଼ଗଡ଼ିଆ ଘାଟରେ ବୋଇତ ବନ୍ଦାଣ ଉତ୍ସବ

କଟକ ଅଫିସ, ୮।୧୧

କଟକ ମହାନଗର ତୈଳିକ ବୈଶ୍ୟ ସମାଜ ଆନୁକୂଲ୍ୟରେ ବୋଇତ ବନ୍ଦାଣ ଉତ୍ସବ ମହାନଦୀର ଗଡ଼ଗଡ଼ିଆ ଘାଟଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗଡ଼ଗଡ଼ିଆ ଘାଟସ୍ଥିତ ସଭାସ୍ଥଳଠାରେ ଡା. ରତନମଣି ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଗୁରୁ ଶ୍ରୀସନ୍ତ ଯୋଗଦେଇ ସାଧବମାନଙ୍କ ଗୌରବ ଗାଥା ସମ୍ପର୍କରେ କହିଥିଲେ। ସେହିପରି ମୁଖ୍ୟବକ୍ତା ହିମାଂଶୁ ଖଟୁଆ ବାଲିଯାତ୍ରା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀ, ବିଧାୟକ ମହମ୍ମଦ ମୋକିମ, ସୌଭିକ୍ ବିଶ୍ୱାଳ, କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପୂର୍ବତନ ଡେପୁଟି ମେୟର ମଧୁସୂଦନ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଚାଟାର୍ଡ ଆକାଉଣ୍ଟାଣ୍ଟ ପ୍ରଦୀପ୍ତ କୁମାର ସାହୁଙ୍କୁ ସାଧବ ସମ୍ମାନ-୨୦୨୨ ପ୍ରଦାନ କରାଯାଇଥିଲା। ଏଥିସହ ଆଶିଷ ଦାସ ଓ ସୁଶାନ୍ତ ସାହୁଙ୍କୁ ଯୁବ ଉଦ୍ୟୋଗପତି ସମ୍ମାନ, ନାରାୟଣ ସିହ୍ନାଙ୍କୁ ଚତୁର୍ଥ ସ୍ତମ୍ଭ ସମ୍ମାନ, ଶିବଶଙ୍କର ସୁବୁଦ୍ଧିଙ୍କୁ ବିଶେଷ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଡା. ଉତ୍ତମ ଚରଣ ସାହୁ ଧନ୍ୟବାଦ ଦେଇଥିଲେ। ଏହାପରେ ମହାନଦୀର ଗଡ଼ଗଡ଼ିଆ ଘାଟଠାରେ ୭ ଜଣ ସାଧବଙ୍କୁ ୭ ଜଣ ସାଧବାଣୀ ଓଡ଼ିଆଣୀ ବେଶରେ ବନ୍ଦାପନା କରିଥିଲେ।

### ଦୀପକ କୁମାର ମହାନ୍ତିଙ୍କୁ ସେକ୍ ମତଲୁବ ଅଲି ସ୍ମୃତି ସମ୍ମାନ

ମାହାଙ୍ଗା,୮।୧୧(ସ୍ୱ.ପ୍ର):

ମାହାଙ୍ଗା-ବଡ଼ଚଣା ସାହିତ୍ୟ ସଂସ୍କୃତି ପରିଷଦ ବାଲିଚନ୍ଦ୍ରପୁର ଆନୁକୂଲ୍ୟରେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ସାରସ୍ୱତ ସାଧକ ସେକ ମତଲୁବ ଅଲିଙ୍କ ଦ୍ୱିତୀୟ ବାର୍ଷିକ ସ୍ମୃତି ଉତ୍ସବ କୁସୁପୁରସ୍ଥିତ ରବୀନ୍ଦ୍ର ମଣ୍ଡପ ପରିସରରେ ପରିଷଦର ସଭାପତି ଭକ୍ତଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସ୍ମୃତି ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ. ସଂଘମିତ୍ରା ମିଶ୍ର, ଡ. କାର୍ତ୍ତିକେଶ୍ୱର ସାହୁ, ଅଧ୍ୟାପକ ଯତୀନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ସେକ ଅଲିଙ୍କ ମୂଲ୍ୟବୋଧଭିତ୍ତିକ ରାଜନୀତି ମାହାଙ୍ଗା ଓ ଓଡ଼ିଶାର ବରପୁତ୍ରମାନଙ୍କର ଜୀବନଧାରା, ସାଧନା ଓ ସିଦ୍ଧିକୁ ଜନମାନସରେ ଉଜ୍ଜୀବତି କରିବା ତାଙ୍କ କର୍ମମୟ ଜୀବନର ଏକ ଆଲୋକିତ ଦିଗ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ସାଲେପୁର ଓକିଲ ସଂଘର ସଭାପତି ତଥା ଉତ୍କଳ ସାହିତ୍ୟ ସମାଜର ଆଜୀବନ ସଦସ୍ୟ ଆଇନଜୀବୀ ଦୀପକ କୁମାର ମହାନ୍ତିଙ୍କୁ 'ସେକ ମତଲୁବ ଅଲି ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାମାଜିକକର୍ମୀ ହାଡିବନ୍ଧୁ ସାହୁ, ଗଣେଶ୍ୱର ସ୍ୱାଇଁ, ଦୀପକ ନାୟକ, ରବି ନାରାୟଣ ସାହୁ, ପ୍ରତାପ ନାୟକ, ଭାନୁଚରଣ ପରିଡା, ଜୀବନାନନ୍ଦ ବିଶ୍ୱାଳ, ସେକ ଜାବୀର, ମନ୍ମଥ ଖଟୁଆ, ନଳିନୀକାନ୍ତ ନାୟକ, ଭ୍ରମରବର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ପଣ୍ଡିତ ପ୍ରଭାତ କର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରକାଶ ଚନ୍ଦ୍ର ସାମଲ ଧନ୍ୟବାଦ ଦେଇଥିଲେ।

# ସଂଖ୍ୟାଲଘୁଙ୍କ ସମସ୍ୟା ବୁଝିଲେ ବିଧାୟକ

ମାହାଙ୍ଗା, ୮।୧୧(ସ୍ୱ.ପ୍ର):

ମାହାଙ୍ଗା ବ୍ଲକ ଭେଡା ପଞ୍ଚାୟତ ଲାପଟୁଆଁ ଗ୍ରାମ୍ ୧୪ନଂ ୱାର୍ଡ ସଂଖ୍ୟାଲଘୁ ସଂପ୍ରଦାୟ ବସ୍ତିରେ ପାନୀୟଜଳ, ବିଦ୍ୟୁତ୍, ରାସ୍ତା, ଆବାସ ଯୋଜନା, ରାସନ, ଭତ୍ତା ଆଦି ସମସ୍ୟା ରହିଥିଲା । ଏହି ସମସ୍ୟା ନେଇ ୱାର୍ଡବାସୀ ବିଧାୟକ ପ୍ରତାପ ଜେନାଙ୍କୁ ଅବଗତ କରାଇଥିଲେ। ବିଧାୟକ ଜେନା ବସ୍ତିରେ ପହଞ୍ଚି ସେମାନଙ୍କ ମୁରବୀ ଓ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଥିଲେ। ବସ୍ତିକୁ କଂକ୍ରିଟ ରାସ୍ତା, ଗାଧୁଆ ତୁଠ କରାଯିବାକୁ ପ୍ରତିଶ୍ରୁତି ଦେବା ସହ ଅନ୍ୟ ସମସ୍ୟାଗୁଡିକର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏଥିରେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଜିଲା ପରିଷଦ ସଭ୍ୟ ମୁର୍ସିଦ ରିଆଜୁଲ ହୋଦା, ଜିଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ପୂର୍ବତନ ସମିତି ସଭ୍ୟ ଅକ୍ଷୟ ଗୁରୁ, ପଞ୍ଚାୟତ ବିଜେଡି ସଭାପତି ପ୍ରଦୀପ୍ତ ସିଂହ, ପୂର୍ବତନ ସମିତି ସଭ୍ୟ ଦିଲୀପ ନାୟକ, ସେକ ଇଲିୟାସ ମହମ୍ମଦ, ସେକ ମାଲିକ ମହମ୍ମଦ, ଅବଦୁଲ ଜବାର, ଅବଦୁଲ ବାସର, ଅବଦୁଲ ରସିଦ, ସେକ ଇସାକ ମହମ୍ମଦ, ଏରସାଦ ମହମ୍ମଦ, କମରୁଲ ହକ, ମୁକ୍ତାର ଅଲି, ଅବଦୁଲ କରିମ, ଇଦୁ ମହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ ।


ବିଧାୟକ ପ୍ରତାପ ଜେନା ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।


ଝୋଟି ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ ।

# ରାସପୂର୍ଣ୍ଣମୀରେ ଝୋଟି ପ୍ରତିଯୋଗିତା

ଟାଙ୍ଗୀ(କଟକ)୮।୧୧(ଡି.ଏନ୍.ଏ):

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ କନ୍ଦେଇପୁର ପଞ୍ଚାୟତ ଭଗତପୁର ଜଗନ୍ନାଥ ମନ୍ଦିର ପରିସରରେ ମଙ୍ଗଳବାର ରାସ ପୂର୍ଣ୍ଣମୀରେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ୱାଭିମାନ ସେବା ସଂଘ ଓ ରମାଦେବୀ ମେମୋରିଆଲ ପକ୍ଷରୁ ମିଳିତ ଭାବେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ମୋଟ ୪୭ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବିଚାରକ ଭାବେ ଗୋଲଖ ଚନ୍ଦ୍ର ବେହେରା ଯୋଗଦେଇ ପ୍ରଥମ ସ୍ଥାନ ହୋଇଥିବା ଶୁଭଶ୍ରୀ ସାହୁ, ଦ୍ୱିତୀୟ ସୁଭସ୍ମିତା ବେଜ, ତୃତୀୟ ରିଙ୍କି ନାଏକଙ୍କୁ ବିବେଚନା କରିଥିଲେ। ମୁଖ୍ୟ ଅତିଥି ଭାବେ କେଜିପି ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ମେଘବାଳା ବିଶ୍ୱାଳ, ସମ୍ମାନିତ ଅତିଥି ତଥା ସରପଞ୍ଚ କନ୍ଦେଇପୁର ଭରତ ବେହେରା, ଯୁବ ସମାଜସେବୀ ଗଙ୍ଗାଧର ବେହେରା, ବରିଷ୍ଠ ଖବରଦାତା ମହେନ୍ଦ୍ର ବିଶ୍ୱାଳ ଓ କ୍ଷୀରୋଦ ଚନ୍ଦ୍ର ବେଜ ଯୋଗଦେଇଥିଲେ। ଶେଷରେ ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ସ୍ୱାଭିମାନ ସେବା ସଂଘର ପ୍ରତିଷ୍ଠାତା ଦୁଷ୍ମନ୍ତ କୁମାର ସାହୁ, ସହସଂଯୋଜକ ସତ୍ୟଜିତ ଅଞ୍ଚଳ, ଜୟଦେବ ଓଝା ଓ ରମାଦେବୀ ମେମୋରିୟାଲ ପ୍ରତିଷ୍ଠାତା ସୁକାନ୍ତ ଚନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସୁକାନ୍ତ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ଡିସେମ୍ବର ୨୦ରୁ ଅକ୍ଷୟ ମଲ୍ଲିକ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ

ଟିଗିରିଆ,୮।୧୧(ଡି.ଏନ.ଏ):

ଟିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ମିନି ଷ୍ଟାଡିୟମରେ ୫ମ ରାଜ୍ୟସ୍ତରୀୟ ଅକ୍ଷୟ ମଲ୍ଲିକ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଦିବ୍ୟଜ୍ୟୋତି ଆସୋସିଏଶନ ପକ୍ଷରୁ ଡିସେମ୍ବର ୨୦ରୁ ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ଚନ୍ଦ୍ରଭାନୁ ବାରିକ କହିଛନ୍ତି। ପ୍ରତିଯୋଗିତାରେ ୮ଟି ଫୁଟବଲ କ୍ଲବ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଚାମ୍ପିୟନ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସଭାପତି ଚିନ୍ମୟ ବେହେରା ପ୍ରକାଶ କରିଛନ୍ତି।

# ମହାନଦୀରେ ବୁଡ଼ି ବ୍ୟବସାୟୀ ମୃତ

କଟକ ଅଫିସ,୮।୧୧:

ମହାନଦୀରେ ବୁଡ଼ି ମହମ୍ମଦ ଇର୍ସାଦ ନାମକ ଜଣେ ବ୍ୟବସାୟୀଙ୍କର ମୃତ୍ୟୁ ଘଟିଛି। ତାଙ୍କ ଘର ବିହାରରେ ହୋଇଥିବାବେଳେ ସେ ବାଲିଯାତ୍ରାକୁ ବ୍ୟବସାୟ କରିବା ପାଇଁ ଆସିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ସେ ମହାନଦୀରେ ଗାଧୋଉଥିବାବେଳେ ଅସାବଧାନତା ବଶତଃ ପାଣିରେ ବୁଡି ଯାଇଥିଲେ। ଖବରପାଇ ଅଗ୍ନିଶମ ଓ ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ। ଅପରାହ୍ନରେ ମୃତଦେହକୁ ପାଣିରୁ ଉଦ୍ଧାର କରାଯାଇଥିଲା। ପରେ ସ୍ଥାନୀୟ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇ ତଦନ୍ତ ଚଳାଇଛି।


କଟକ ଗଡ଼ଗଡିଆ ଘାଟ ମହାନଦୀ ତଟରେ ନିଖୋଜ ଯୁବକଙ୍କୁ ଖୋଜା ଚାଲିଛି।


କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମଙ୍ଗଳବାର କଟକ ଗଡ଼ଗଡିଆ ଘାଟ ମହାନଦୀରେ ଲୋକେ ଡଙ୍ଗା ଭସାଉଛନ୍ତି।

# ମେଲୋଡି ବେଳେ ଗଣ୍ଡଗୋଳ

## ସମାଧାନ କରିବାକୁ ଯାଇ ସରପଞ୍ଚଙ୍କ ସ୍ୱାମୀ ଗୁରୁତର

ନରସିଂହପୁର, ୮।୧୧ (ସ୍ୱ.ପ୍ର):

ମେଲୋଡ଼ି ଚାଲିଥିବା ବେଳେ ଦୁଇ ଯୁବ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହାକୁ ସମାଧାନ କରିବାକୁ ଯାଇ ଯୋଡ୍ଡୁମୁ ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ପ୍ରଭଞ୍ଜନ ଭୋଇ ଗୁରୁତର ଆହତ ହୋଇଛନ୍ତି। ପୋଲିସ ଏହି ଘଟଣାରେ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

ସୋମବାର ରାତିରେ ଓଡ଼ସିଙ୍ଗା ଗ୍ରାମ କମିଟି ତରଫରୁ ମେଲୋଡ଼ି କାର୍ଯ୍ୟକ୍ରମ ଚାଲିଥିବା ବେଳେ କିଛି ଯୁବକ ବିଶୃଙ୍ଖଳା କରିବାରୁ ସେହି ଗ୍ରାମର ଅନ୍ୟ ଗୋଷ୍ଠୀର ଯୁବକମାନେ ପ୍ରତିବାଦ କରିଥିଲେ। ଉଭୟଙ୍କ ମଧ୍ୟରେ ବଚସା ହେବାରୁ ଏହାକୁ ସମାଧାନ କରିବା ପାଇଁ ପ୍ରଭଞ୍ଜନ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରୁଥିବା ବେଳେ କେହି ଜଣେ ବିରୋଧୀ ଗୋଷ୍ଠୀର ଯୁବକ ପଛପଟୁ ଏକ ଗୋଇଠା ମାରିଥିଲେ। ପ୍ରଭଞ୍ଜନ ମୁହଁ ମାଡ଼ି ତଳେ ପଡ଼ିଯିବା ପରେ ତାଙ୍କୁ କିଛି ଯୁବକ ଦଳି ଚକଟି ଦେବାରୁ ତାଙ୍କର ଦୁଇ ହାତ ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି । ତାଙ୍କୁ ନରସିଂହପୁର ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରଭଞ୍ଜନଙ୍କ ବଡ଼ଭାଇ ପ୍ରଦ୍ୟୁମ୍ନ ନରସିଂହପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୩୮/୨୨ ରୁଜୁ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷରୁ ହୋଇଥିବା ଅଭିଯୋଗକୁ ଭିତ୍ତିକରି ପ୍ରଭଞ୍ଜନଙ୍କ ବିରୁଦ୍ଧରେ ୨୩୯/୨୨ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସୂଚନା ଦେଇଛି ।

# ରାଷ୍ଟ୍ରପତିଙ୍କ ଗସ୍ତ ନେଇ ମକ୍‌ଡ୍ରିଲ୍ ଆଜି

**ପୁରୀ ଅଫିସ,୮।୧୧**

■ସମୀକ୍ଷା କଲେ ପୋଲିସ ଆଇଜି

■ସୁରକ୍ଷାରେ ରହିବେ ୨୪ ପ୍ଲାଟୁନ୍ ପୋଲିସ ଫୋର୍ସ

ଭାରତର ପ୍ରଥମ ନାଗରିକ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୧୦ତାରିଖରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ଝିଅ ମୁର୍ମୁ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବା ପରେ ପ୍ରଥମଥର ପାଇଁ ଓଡ଼ିଶା ଗସ୍ତ କରିବେ। ଏହି ୨ଦିନିଆ ଗସ୍ତ ମଧ୍ୟରେ ୧୦ ତାରିଖ ଦିନ ରାଷ୍ଟ୍ରପତି ମୁର୍ମୁ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥା, ପ୍ରୋଟୋକଲ ଅନୁଯାୟୀ ସବୁ ବ୍ୟବସ୍ଥା ହୋଇଥିବା ବେଳେ ଏହାର ଏକ ମକଡ୍ରିଲ ବୁଧବାର ହେବ ବୋଲି ସୂଚନା ମିଳିଛି। ରାଷ୍ଟ୍ରପତିଙ୍କ ଗସ୍ତ ନେଇ ସୁରକ୍ଷା ବ୍ୟବସ୍ଥାକୁ ମଙ୍ଗଳବାର ସମୀକ୍ଷା କରିଛନ୍ତି ପୋଲିସ ଆଇଜି ନରସିଂହ ଭୋଳ। ପୋଲିସ ଆଇଜି ଭୋଳ ତାଳବଣିଆ ହେଲିପ୍ୟାଡଠାରୁ ଆରମ୍ଭ କରି ବଡ଼ଦାଣ୍ଡ ହୋଇ ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ପରଖିଛନ୍ତି। ଏ ନେଇ ସେ କହିଛନ୍ତି, ମହାମହିମଙ୍କ ପୁରୀ ଗସ୍ତ କାର୍ଯ୍ୟସୂଚି ଅନୁସାରେ ତାଙ୍କର ସୁରକ୍ଷା ଓ ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ ଯେପରି କରିବେ ସେନେଇ ପୋଲିସ ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ପ୍ରସ୍ତୁତି ହୋଇସାରିଛି। ରାଷ୍ଟ୍ରପତିଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ସୁରୁଖୁରୁରେ ଦର୍ଶନ କରିପାରିବେ ଓ ଭକ୍ତମାନେ ରାଷ୍ଟ୍ରପତିଙ୍କ ଯିବାପରେ ଯେପରି ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେ ନେଇ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ପୁରୀ ଏସ୍‌ପି ସେ ନେଇ ସମସ୍ତ ବ୍ୟବସ୍ଥା କରିଛନ୍ତି। ମହାମହିମଙ୍କ ଗସ୍ତ ସମୟରେ ପ୍ରୋଟୋକଲ ଅନୁଯାୟୀ ଯେଉଁଭଳି ସୁରକ୍ଷା ରହିବ, ଗନ୍ତବ୍ୟ ରାସ୍ତା ଓ ରହିବା ସ୍ଥାନରେ ଯେପରି ସୁରକ୍ଷା ବ୍ୟବସ୍ଥା କରାଯିବା କଥା ସେହିଭଳି ଭାବେ ବ୍ୟବସ୍ଥା କରାଯାଉଛି। ଗସ୍ତ ସମୟରେ ଯେଉଁ ପରିମାଣରେ ପୋଲିସ ଫୋର୍ସ୍ ଆବଶ୍ୟକ ସେ ନେଇ ରାଜ୍ୟ ପୋଲିସ ମୁଖ୍ୟାଳୟକୁ ଜଣାଇବା ପରେ ସେହି ପରିମାଣରେ ପୋଲିସ ଫୋର୍ସ ଓ ଅଧିକାରୀଙ୍କୁ ଯୋଗାଇଛନ୍ତି। ସୁରକ୍ଷା ବ୍ୟବସ୍ଥାକୁ ନେଇ ବୁଧବାର ତାଳବଣିଆ ହେଲିପ୍ୟାଡଠାରୁ ରାଜଭବନ ଏବଂ ରାଜଭବନରୁ ଶ୍ରୀମନ୍ଦିର ଯାଏ ଏକ ମକଡ୍ରିଲ ଅନୁଷ୍ଠିତ ହେବ ବୋଲି ପୋଲିସ ଆଇଜି କହିଛନ୍ତି। ସେହିପରି ପୋଲିସ ପ୍ରଶାସନ ପକ୍ଷରୁ ୫ଜଣ ଏସ୍‌ପି ଓ କମାଣ୍ଡାଣ୍ଟ, ୭ଜଣ ଅତିରିକ୍ତ ଏସ୍‌ପି, ୧୮ଜଣ ଡିଏସ୍‌ପି ର୍‍ୟାଙ୍କର ଅଧିକାରୀ, ୧୧୦ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୩୦ଜଣ ଇନ୍ସପେକ୍ଟର, ହୋମଗାର୍ଡ ୩୦୦ଜଣ ଏବଂ ୨୪ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ରହିବେ ବୋଲି ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ଏସ୍‌ପି ମଧ୍ୟ ମଙ୍ଗଳବାର ରାଷ୍ଟ୍ରପତିଙ୍କ ଗସ୍ତର ସମୀକ୍ଷା କରିଛନ୍ତି। ସେହିପରି ଭାରତୀୟ ବାୟୁସେନାର ଏକ ହେଲିକପ୍ଟର ପୁରୀ ଆକାଶରେ ପଇଁତରା ମାରିବା ସହ ହେଲିପ୍ୟାଡର ସମୀକ୍ଷା କରିଛନ୍ତି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୮।୧୧।୨୦୨୨

| | |
|---|---|
| ୫, ୧୦, ୮୯୯ ଟଙ୍କା | |
| ସୁନା | ୨.୨୦୦ଗ୍ରାମ |
| ରୁପା | ୨୦ ଗ୍ରାମ |

## ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ପୁରୀ ଅଫିସ, ୮।୧୧- ଡକାୟତି ପାଇଁ ଯୋଜନା କରୁଥିବା ବେଳେ ତାଳବଣିଆ ଥାନା ପୋଲିସ ଚଢ଼ାଉ କରି ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବାଲିଘାଟ ଆର୍ଦଶ ନଗର ନାରାୟଣ ମିଶ୍ର (୪୦), ସତ୍ୟ ନାରାୟଣ ମହାପାତ୍ର (୪୨), ନରସିଂହ ବଲ୍ଲଭ ପାଟଣାର ଦୀପୁ ବେହେରା (୩୯), ସମୁଦ୍ରକୂଳ ଥାନା ଅନ୍ତର୍ଗତ ଶକ୍ତି ଇଣ୍ଟରନ୍ୟାଶନାଲ ନିକଟ ଭିଆଇପି ରୋଡ୍ ଜଗନ୍ନାଥ କଲୋନୀର ପ୍ରଦୀପ ବେହେରା (୨୩) ଏବଂ ରାଜା ସେଠୀ (୨୩) । ପୋଲିସ ସେମାନଙ୍କ ନିକଟରୁ ୨ଟି ମୋବାଇଲ ଫୋନ, ଓଡି ୧୩ ଏମ ୦୨୨୫ ନମ୍ବର ବିଶିଷ୍ଟ ଗୋଟିଏ ଅଟୋ, ଗୋଟିଏ ବାଇକ୍ , ଗୋଟିଏ ବଡ ଲୁହା ଖଣ୍ଡା, ଗୋଟିଏ ଭୁଜାଲି, ଦୁଇଟି ଲୁହାରଡ ଏବଂ ଗୋଟିଏ ଦେଶୀ ବନ୍ଧୁକ ଜବତ କରିଛି। ଏନେଇ କେସ ନଂ. ୧୫୩/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟା ପ୍ରାୟ ୬ଟା ୩୦ମିନିଟ୍ ସମୟରେ ପୋଲିସ ପକ୍ଷରୁ ଥାନା ଅଞ୍ଚଳରେ ପାଟ୍ରୋଲିଂ କରାଯାଉଥିଲା। ଏହି ସମୟରେ ଆଖଣ୍ଡଳମଣି ମନ୍ଦିର ପଛପାର୍ଶ୍ୱରେ କେତଜେଣ ଅସାମାଜିକ ବ୍ୟକ୍ତି ଅନ୍ଧାର ମଧ୍ୟରେ ମାରଣାସ୍ତ୍ର ସହ ବସିଥିବା ପୋଲିସ ସୂଚନା ପାଇଥିଲା। ପୋଲିସର ଏକ ଟିମ୍ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ୫ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିଥିଲା।

# ଚନ୍ଦ୍ର ଗ୍ରହଣ ଲାଗି ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି

**ପୁରୀ ଅଫିସ ୮।୧୧**



ରାଜ୍ୟରେ ମଙ୍ଗଳବାର ରାହୁଗ୍ରସ୍ତ ଚନ୍ଦ୍ରଗ୍ରହଣ ଅନୁଷ୍ଠିତ ହୋଇଛି। ଚନ୍ଦ୍ର ଗ୍ରହଣକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଭୋର ୫ଟା ୫୪ ମିନିଟ୍ ୫୩ ସେକେଣ୍ଡରେ ପାକତ୍ୟାଗ ଓ ଦେବନୀତି ନିଷେଧ ଥିବାରୁ ଏହାପୂର୍ବରୁ ଅର୍ଥାତ ଭୋର ୫ଟା ୪୦ରେ ମିନିଟ୍‌ରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଭୋଗ ମଣ୍ଡପ ନୀତି କରାଯାଇ ସମସ୍ତ ନୀତି ବନ୍ଦ ରହିଥିଲା। ତେବେ ମଙ୍ଗଳାବର ଚନ୍ଦ୍ର ଗ୍ରହଣ ଥିବାରୁ ସୋମବାର ସନ୍ଧ୍ୟାରେ ମହାପ୍ରଭୁଙ୍କ ରାତ୍ର ପହୁଡ ଅନୁଷ୍ଠିତ ହୋଇଥିଲା। ସୋମବାର ରାତି ୧୦ଟା ୦୫ରେ ଶ୍ରୀବିଗ୍ରହମାନଙ୍କ ବଡ଼ ସିଂହାର ବେଶ ହୋଇଥିଲା। ରାତି ୧୦ଟା ୩୦ରେ ବଡସିଂହାର ଭୋଗ କରାଯାଇ ୧୦ଟା ୫୫ରେ ରାତ୍ର ପହୁଡ କରାଯାଇଥିଲା। ଅପରପକ୍ଷେ ମଙ୍ଗଳବାର ଗ୍ରହଣକୁ ଦୃଷ୍ଟିରେ ରଖି ସୋମବାର ରାତି ୧୨ଟା ୧୫ରେ ମହାପ୍ରଭୁଙ୍କ ମଙ୍ଗଳବାର ନୀତି ବା ପୂର୍ଣ୍ଣିମା ନୀତି ନିମନ୍ତେ ଦ୍ୱାର ଫିଟିଥିଲା। ପରେ ରାତି ୧୨ ଟା ୫୫ରେ ଭିତରଶୋଧ କରାଯାଇ ରାତି ୧ଟାରେ ମଙ୍ଗଳ ଆଳତି, ୧ଟା ୫ରେ ମଇଲମ, ୧ଟା ୫ରେ ତଡପ ଲାଗି ଓ ରୋଷ ହୋମ, ଅବକାଶ ପୂଜା ୧ଟା ୫୦, ମହାପ୍ରଭୁଙ୍କ ରାଜାଧିରାଜ ବେଶ ୨ଟା ୫୦ ସୂର୍ଯ୍ୟପୂଜା ୨ଟା ୪୫, ଦ୍ୱାରପାଳ ୨ଟା ୫୫, ଗୋପାଳ ବଲ୍ଲଭ ୩ଟା ୧୦ରୁ ୩ ଟା ୨୦, ସକାଳ ଧୂପ ଶେଷ ୪ଟା ୧୦, ବାଲଧୂପ ଶେଷ ୫ଟା ୧୦, ବନ୍ଦାପନା ଓ ପ୍ରସାଦ ମିଳନ ୫ଟା ୨୦ ଓ ପରେ ଭୋଗ ମଣ୍ଡପ ୫ଟା ୪୦ରେ ଶେଷ ହୋଇଥିଲା। ଦେବ ନୀତି ସରିବା ପରେ ଅନ୍ୟ ସମସ୍ତ ନୀତିକୁ ସ୍ଥଗିତ ରଖାଯାଇଥିଲା। ତେବେ ସକାଳ ୬ଟା ପରେ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଗ୍ରହଣ ଲାଗିବା ପରେ ଅପରାହ୍ନ ୪ଟା ୫୫ରେ ମଇଲମ, ୫ଟା ୩୦ରେ ତଡ଼ପଲାଗି, ସନ୍ଧ୍ୟା ୬ଟା ୧୫ରେ ମହାସ୍ନାନ ନୀତି ଶେଷ କରାଯାଇ ମଇଲମ, ରୋଷହୋମ କରାଯାଇ ୬ଟା ୩୦ରେ ଗଭାଲାଗି କରାଯାଇଥିଲା। ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା କରାଯାଇ ସନ୍ଧ୍ୟା ୭ଟା ୨୫ରୁ ୭ଟା ୩୦ ମଧ୍ୟରେ ଖଇକୋରା ଭୋଗ କରାଇଥିଲା। ପରେ ଅନ୍ୟାନ୍ୟ ନୀତି ହୋଇ ଦ୍ୱିତୀୟ ଭୋଗ ମଣ୍ଡପ, ମଧ୍ୟାହ୍ନ ଧୂପ ସହ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା।



କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମଙ୍ଗଳବାର ପୁରୀ ବେଳାଭୂମିରେ ଲୋକେ ସୂର୍ଯ୍ୟୋଦୟ ଦର୍ଶନ କରୁଛନ୍ତି।

# ଆଇନଜୀବୀଙ୍କ ଘର ଉପରକୁ ବୋମାମାଡ଼

**ପୁରୀ ଅଫିସ, ୮।୧୧**

ଶ୍ରୀମନ୍ଦିର ନିକଟ ଏକ ସାହିରେ ରହୁଥିବା ଜଣେ ଆଇନଜୀବୀଙ୍କ ଘର ଉପରେ ମଙ୍ଗଳାବାର ରାତିରେ ବୋମାମାଡ ହୋଇଛି। ତେବେ ପୂର୍ବଶତ୍ରୁତାକୁ ନେଇ ଏହି ବୋମାମାଡ ହୋଇଥିବା ସୂଚନା ମିଳିଛି। ପୁରୀ ଟାଉନଥାନା ଅନ୍ତର୍ଗତ ମାଟିମଣ୍ଡପ ସାହି ଅଙ୍ଗାରୁଆ ଗଳିରେ ରହୁଥିବା ଆଇନଜୀବୀ ଶୁଭାଶିଷ ମହାନ୍ତିଙ୍କ ଘର ଉପରକୁ ଦୁଇଟି ବୋମା ମାଡ ହୋଇଛି। ଏ ନେଇ ଟାଉନ ଥାନାରେ ଏକ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଶୁଭାଶିଷ ଓ ତାଙ୍କ ଭାଇ ମଧ୍ୟରେ ୧୫ଦିନ ତଳେ ପାଟିତୁଣ୍ଡ ହୋଇଥିଲା। ତେବେ ମଙ୍ଗଳବାର ରାତିରେ ଶୁଭାଶିଷଙ୍କ ଘର ଉପରକୁ ରାତିରେ କେତେଜଣ ଦୁର୍ବୃତ୍ତ ଅଚାନକ ଆସି ଦୁଇଟି ବୋମା ମାଡ କରି ଫେରାର ହୋଇଯାଇଥିଲେ। ଖରବପାଇ ଟାଉନଥାନା ଅଧିକାରୀ ଏବଂ ଅନ୍ୟ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ସିସିଟିଭି ଫୁଟେଜ ଯାଞ୍ଚ କରି ଜଣେ ଯୁବକଙ୍କୁ ଅଟକ ରଖିଛି।

# ଜାନୁୟାରୀ ୨୦ରୁ ଗ୍ଲୋରୀ ଫେଷ୍ଟ

**ପୁରୀ ଅଫିସ,୮।୧୧**

ଆଗାମୀ ଜାନୁୟାରୀ ୨୦ ତାରିଖଠାରୁ ତିନିଦିନ ବ୍ୟାପୀ ଜାତୀୟ ଯୁବ ମହୋତ୍ସବ ଗ୍ଲୋରୀ ଫେଷ୍ଟ ଅନୁଷ୍ଠିତ ହେବାକୁ ଯାଉଛି। ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ପକ୍ଷରୁ ହେବାକୁ ଥିବା ଏହି ଯୁବ ମହୋତ୍ସବ ତା'ର ୨୬ତମ ସଂସ୍କରଣ ପୁରୀରେ କରିବା ନେଇ ଲକ୍ଷ୍ୟ ରଖିଛି। ଦେଶର ବିଭିନ୍ନ ପ୍ରାନ୍ତରୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରମାନେ ଏହି ଯୁବ ମହୋତ୍ସବ ଗ୍ଲୋରୀ ଫେଷ୍ଟରେ ଯୋଗଦେଇ ନିଜର ଦକ୍ଷତା ପ୍ରଦର୍ଶନ କରିବେ। ମହୋତ୍ସବକୁ ସଫଳ କରିବା ନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଶଙ୍କରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଗାମୀ ଗ୍ଲୋରୀ ଫେଷ୍ଟ ୨୦୨୩ ର ବ୍ରୋଚର ଉଦ୍‌ଘାଟନ କରାଯାଇଥିବା ବେଳେ ଆସନ୍ତା ଜାନୁୟାରୀ ୨୦ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ମହୋତ୍ସବକୁ ମହାସମାରୋହରେ କରିବା ନେଇ ଆଲୋଚନା କରାଯାଇଥଲା। ଏହି ମହୋତ୍ସବରେ ୧୫ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିବା ବେଳେ ପୁରୀ ବେଳାଭୂମିରେ ଉଦ୍‌ଯାପନୀ ଉତ୍ସବକୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ କରାଯିବ। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପୁରୀ ବିଧାୟକ ତଥା ମହୋତ୍ସବର ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଜୟନ୍ତ କୁମାର ଷଡଙ୍ଗୀ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା, ପୂର୍ବତନ ନଗରପାଳ ତଥା ଅର୍ଥ କମିଟିର ଅଧ୍ୟକ୍ଷ ଗୌରହରି ପ୍ରଧାନ, ସଂଗଠନ କମିଟି ଅଧ୍ୟକ୍ଷ ଶୁଭାଶିଷ ଖୁଣ୍ଟିଆ, କାର୍ଯ୍ୟକାରୀ ଅଧ୍ୟକ୍ଷ ରାଜେଶ କୁମାର ମହାନ୍ତି, ଉପାଧ୍ୟକ୍ଷ ରାକେଶ ସାମଲ, ବିଦ୍ରୋହ କେଶରୀ ସିଂ, ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ କାନୁନ୍‌ଗୋ, କୋଷାଧ୍ୟକ୍ଷ ଦାମୋଦର ଶତପଥୀ, ମୁଖପାତ୍ର ସୌମିତ୍ର ହରିଚନ୍ଦନ, ସଂଗଠନ ସମ୍ପାଦକ ଦେବେନ୍ଦ୍ର ମହାପାତ୍ର , ସାମାଜିକ ସମ୍ପାଦକ ସୌମ୍ୟ ରଞ୍ଜନ ମିଶ୍ର, ବରିଷ୍ଠ ସଦସ୍ୟ ଶିବଶଙ୍କର ପ୍ରଧାନ, ଜଗମୋହନ ଚୌଧୁରୀ, ଆଲୋକ ବିଶୋଇ, ରଜନୀକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ହେତୁବାଦୀଙ୍କ ବିରୋଧରେ ଥାନାରେ ଏତଲା

**ପୁରୀ ଅଫିସ, ୮।୧୧**

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମଙ୍ଗଳବାର ଚନ୍ଦ୍ରଗ୍ରହଣ ମଧ୍ୟ ପଡ଼ିଥିଲା। ହେଲେ ଚନ୍ଦ୍ରଗ୍ରହଣ ସମୟରେ ଖାଦ୍ୟ ଗ୍ରହଣକୁ ନେଇ କେତେଜଣ ହେତୁବାଦୀ ନାନା କଥା ଗଣମାଧ୍ୟମ ଆଗରେ କହିଥିଲେ। ହେଲେ ଜଣେ ହେତୁବାଦୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଷୟରେ କଦର୍ଥ କରି କହିଛନ୍ତି। ସାଢ଼େ ଚାରି କୋଟି ଓଡ଼ିଆଙ୍କ ପ୍ରାଣକେନ୍ଦ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ଜଣେ ହେତୁବାଦୀ ଗଣମାଧ୍ୟମ ଜରିଆରେ କୁତ୍ସିତ ମନ୍ତବ୍ୟ ଦେବା ଓ ମହାପ୍ରସାଦକୁ ଅପମାନିତ କରିବା ଭଳି ମନ୍ତବ୍ୟ ଦେଇଥିଲେ। ଏହାକୁ ଜଗନ୍ନାଥ ପ୍ରେମୀ ଓ ଓଡ଼ିଶାବାସୀ ନାପସନ୍ଦ କରିବା ସହ ବିରୋଧ କରିଛନ୍ତି। ଏପରିକି ଉକ୍ତ ବ୍ୟକ୍ତି ବିରୋଧରେ ପୁରୀର ଏକାଦଶୀ ସେବାସଂଘ ଶ୍ରୀମନ୍ଦିର ଯୁବ ସେବାୟତ ପକ୍ଷରୁ ମଙ୍ଗଳବାର ରାତିରେ ସିଂହଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ସେବାସଂଘ ପକ୍ଷରୁ ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଜଣେ ହେତୁବାଦୀ ଗଣମାଧ୍ୟମ ଜରିଆରେ ଶ୍ରୀଗନ୍ନାଥଙ୍କ ମହାପ୍ରସାଦ ସହ ଚିକେନ୍ ଭୋଗ କରିବା ଭଳି ବିଭ୍ରାନ୍ତିକାର ମନ୍ତବ୍ୟ ଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦକୁ ଅପମାନ ସହ ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ଭାବନାକୁ ଅପାମାନିତ କରିଛନ୍ତି। ସେଥିପାଇଁ ଏହଭଳି ଚିନ୍ତାଧାରା ରଖିଥିବା ବ୍ୟକ୍ତିଙ୍କ ବିରୋଧରେ ପୋଲିସ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ। ଏକାଦଶୀ ସେବାସଂଘ ଶ୍ରୀମନ୍ଦିର ଯୁବ ସେବାୟତ ସଭ୍ୟ ଭବାନୀ ଶଙ୍କର ଦାସଙ୍କ ସହ ଅନ୍ୟମାନେ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି।

# 'ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେବା କର'

**ପୁରୀ ଅଫିସ,୮।୧୧**

ବେଲେଶ୍ୱର ପାଟଣାସ୍ଥିତ ଶ୍ରୀରାମକୃଷ୍ଣ ଆଶ୍ରମ ପକ୍ଷରୁ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଯୁବ ସମ୍ମିଳନୀ ବେଲେଶ୍ୱର ପାଟଣାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ୨୫୦ରୁ ଅଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ଏପରି ଏକ ସମ୍ମିଳନୀ ପ୍ରଥମଥର ପାଇଁ ସଫଳତାର ସହିତ ଅନୁଷ୍ଠିତ ହୋଇଥିବା ନେଇ ଆଶ୍ରମ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି ସମ୍ମିଳନୀକୁ ସାରଦା ମଠ ଦକ୍ଷିଣେଶ୍ୱର କୋଲକାତାର ପ୍ରବ୍ରିକା ବିତ୍ତଭୟା ପ୍ରାଣ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଓ ଭାବଧାରାରେ ଅନୁପ୍ରାଣିତ ହୋଇ ସମାଜର ସେବା କରିବାକୁ ଯୁବତୀଯୁବକମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରବ୍ରିକା ଆତ୍ମାଦୀପ୍ ପ୍ରାଣା ଓ ସୁନାମଧନ୍ୟ ଲେଖିକା କମଳା କୁମାରୀ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ସମସ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗୀ ଶ୍ରେୟା ଭଟ୍ଟାଚାର୍ଯ୍ୟ ତାଙ୍କର ଯୋଗ ପ୍ରଦର୍ଶନ କରିଥିଲେ। ଏହି ସମ୍ମିଳନୀକୁ ପିଙ୍କ୍ ୱାଟର କମ୍ପାନୀର ଏମ୍‌ଡି ବିଭୁପ୍ରସାଦ ସାହୁ, ସୁକାନ୍ତ ମହାନ୍ତି, ପ୍ରମୋଦ କୁମାର ବିଶ୍ୱାଳ, ନୀଳକଣ୍ଠ ପ୍ରଧାନ, କୁଞ୍ଜବିହାରୀ ସ୍ୱାଇଁ, ବୃନ୍ଦାବନ ସ୍ୱାଇଁ ଏବଂ ଆଶ୍ରମର ସ୍ୱେଚ୍ଛାସେବୀ ଓ ଭକ୍ତମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ବେଲେଶ୍ୱର ପାଟଣାରେ ଅନୁଷ୍ଠିତ ଯୁବ ସମ୍ମିଳନୀରେ ଯୋଗଦେଇଥିବା ସନ୍ୟାସିନୀ।

# ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀର କଲର ବେଲ୍ଟ ପରୀକ୍ଷା




ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ କଲର ବେଲ୍ଟ ପ୍ରମୋଶନ୍ ପରୀକ୍ଷାର ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

**ପୁରୀ ଅଫିସ,୮।୧୧**

ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ ୧୮ତମ କଲର ବେଲ୍ଟ ପ୍ରମୋଶନ୍ ପରୀକ୍ଷା କରାଯାଇଥିଲା। ଏଥିରେ ୭୦ରୁ ଅଧିକ ଛାତ୍ରୀଛାତ୍ର ବିଭିନ୍ନ ଗ୍ରେଡ୍‌ର ବେଲ୍ଟ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ୍‌ର କୋଷାଧ୍ୟକ୍ଷ ବ୍ୟୋମକେଶ ଅଭିଲାଷ ପ୍ରସାଦ ଏହି ପରୀକ୍ଷାରେ ମୁଖ୍ୟ ପରୀକ୍ଷକ ଭାବେ ପିଲାଙ୍କ ପରୀକ୍ଷା କରାଇଥିଲେ। ସେହିପରି ବେଲ୍ଟ ବିତରଣ ଉତ୍ସବରେ ବ୍ୟୋମକେଶ ଅଭିଲାଷ ପ୍ରସାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜୁନିଅର ଓମେନ୍ ରେସ୍ଲିଂର ମୁଖ୍ୟ ପ୍ରଶିକ୍ଷକ ମନୀଷା ସାମଲ, ପୁରୀ ଟାଏକୋଣ୍ଡୋ ସଂଘର ସଭାପତି ଧବଳେଶ୍ ମହାପାତ୍ର ଓ ସାମାଜିକ କର୍ମୀ ତଥା ପରାମର୍ଶଦାତା ସନ୍ତୋଷ ଚନ୍ଦୁକା ପ୍ରମୁଖ ଯୋଗଦାନ କରିଥିଲେ। ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ନୂତନ ବେଲ୍ଟ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ସମ୍ପର୍କରେ ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ବିଶ୍ୱନାଥ ନାୟକ ମତ ପ୍ରଦାନ କରିଥିଲେ।

# ଘରକୁ ଫେରିଲେ ହବିଷିଆଳି

**ପୁରୀ ଅଫିସ, ୮।୧୧**

ଗୋଟିଏ ମାସ କାର୍ତ୍ତିକ ବ୍ରତର ହବିଷ ସାରିବା ପରେ ସୋମବାର ନିଜ ନିଜ ଘରକୁ ଫେରିଛନ୍ତି ହବିଷିଆଳିମାନେ। ପୂର୍ବାହ୍ନରେ ଜିଲାପାଳ ସମର୍ଥ ବର୍ମା ଓ ଏସ୍‌ପି ଡ. କନୱର ବିଶାଲ ସିଂ ବୃନ୍ଦାବତୀ ନିବାସରେ ପହଞ୍ଚି ଏକ ଭାବପୂର୍ଣ୍ଣ ପରିବେଶ ମଧ୍ୟରେ ହବିଷିଆଳିମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ମାସ ସାରା ନିଜ ପରିବାର ଛାଡ଼ି ହବିଷିଆଳିମାନେ ଏହି ନିବାସରେ ରହିଥିଲେ। ସେମାନଙ୍କ ସେବା ଓ ସ୍ୱଚ୍ଛନ୍ଦ ପାଇଁ ସରକାର ଓ ପ୍ରଶାସନ ସମସ୍ତ ବ୍ୟବସ୍ଥା କରିଥିଲେ। ଏହି ମାସର ଅଭିଜ୍ଞତା ଆଗାମୀ ଦିନରେ ପ୍ରଶାସନକୁ ଅଧିକ ଋଦ୍ଧିମନ୍ତ ଓ କ୍ରିୟାଶୀଳ କରିବ ବୋଲି କହିବା ସହ ପ୍ରତ୍ୟେକ ହବିଷିଆଳିଙ୍କୁ ଜିଲାପାଳ ମହାପ୍ରଭୁଙ୍କ ଶୁଖିଲା ଭୋଗ ଓ ଫଳ ପ୍ରଦାନ କରିଥିଲେ। ସେମାନେ ନିଜ ଅଭିଜ୍ଞତା ବର୍ଣ୍ଣନା କରି ବିଗତବର୍ଷଠାରୁ ଚଳିତବର୍ଷର ରାଇଦାମୋଦର ବା ହବିଷ ଅତ୍ୟନ୍ତ ସୁଖଦ ଓ ଶୃଙ୍ଖଳିତ ଥିଲା ବୋଲି କହିଥିଲେ। ସରକାର ଓ ପ୍ରଶାସନ ଖୁବ ଭଲ ଭାବେ ଆମ ଦାୟିତ୍ୱ ନେବା ସହ ବୃନ୍ଦାବତୀ ପୂଜା, ସ୍ୱେଚ୍ଛାସେବୀଙ୍କ ସହଯୋଗ ଓ ସେବା, ମନ୍ଦିର ଓ ଠାକୁର ଦର୍ଶନ, ମହାପ୍ରସାଦ ସେବନ, ଭଜନ ପ୍ରବଚନ ଶ୍ରବଣ ଇତ୍ୟାଦି ଖୁବ୍ ଭଲ ଥିଲା। ଘରୁ ଆସିଥିଲା ବେଳେ କେମିତି କ'ଣ ହେବ ବୋଲି ଆଶଙ୍କାରେ ଥିଲୁ। ଏବେ ଏଠି ଛାଡି ଯିବାବେଳେ ମାସକର ସ୍ନେହ ମମତାକୁ ଭାବି ଦୁଃଖ ଲାଗୁଛି। ଈଶ୍ୱରଙ୍କ ଆଶୀର୍ବାଦ ଥିଲେ ପୁଣି ଆରବର୍ଷକୁ ଆସିବୁ ବୋଲି କୋହଭରା କଣ୍ଠରେ ହବିଷିଆଳିମାନେ କହୁଥିଲେ। ଏପରିକି ମାସେ ରହଣି ଭିତରେ ପରସ୍ପର ମଧ୍ୟରେ ଗଢି ଉଠିଥିବା ସମ୍ପର୍କ ଦୃଷ୍ଟିରୁ ଆଜି ଘରକୁ ଫେରିବାବେଳେ ହବିଷିଆଳିମାନେ କାନ୍ଦି ପକାଉଥିବା ଦେଖିବାକୁ ମିଳିଥିଲା। ସମସ୍ତ ହବିଷିଆଳି କେନ୍ଦ୍ରରେ ମଧ୍ୟ ଅନୁରୂପ ଭାବେ ଭୋଗ ଓ ଫଳ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ୍‌ପି ମିହିର ପ୍ରସାଦ ପଣ୍ଡା, ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅଜିତ ମହାପାତ୍ର, ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର, ରଞ୍ଜନ ବେହେରା, ରାକେଶ ପଣ୍ଡା, ଆଶୁତୋଷ ଦେବ, ପୁରୀ ତହସିଲଦାର କ୍ଷୀରୋଦ ବେହେରା, ପୁରୀ ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ମନୋଜ ବେହେରା, ସହକାରୀ ଜିଲାପାଳ ରାଜ ବଲ୍ଲଭ ନାୟକ, ଆର୍‌ଟିଓ ରବୀନ୍ଦ୍ର ପଟ୍ଟନାୟକ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜ ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ସମର୍ଥ ବର୍ମା ହବିଷିଆଳିଙ୍କୁ ଭୋଗ ପ୍ରଦାନ କରୁଛନ୍ତି।

## ଭୋଗ ଦେଇ ବିଦାୟ ଦେଲେ ଜିଲାପାଳ

## ସଂକ୍ଷେପରେ

### ମହମ୍ମଦ ଅବରାର ଜିଲା କଂଗ୍ରେସ ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ



ଜଟଣୀ, ୮।୧୧ (ଡି.ଏନ୍.ଏ.): ଜଟଣୀ ବ୍ଲକ ଅନ୍ତର୍ଗତ ତରାବୋଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ମହମ୍ମଦ ଅବରାର ହେଲେ ଖୋର୍ଦ୍ଧା ଜିଲା କଂଗ୍ରେସର ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ। ଏହି ମନୋନୟନ ପାଇଁ ସେ ଅଖିଳ ଭରତୀୟ କଂଗ୍ରେସ କମିଟି ସଭାପତି ମଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ଏମ୍‌ପି ତଥା ସର୍ବଭାରତୀୟ ଅଧ୍ୟକ୍ଷ ସଂଖ୍ୟାଲଘୁ ସେଲ୍ ଇମ୍ରାନ ପ୍ରତାପଗରୀ, ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଓ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି। ପୂର୍ବରୁ କଂଗ୍ରେସର ବିଭିନ୍ନ କାର୍ଯ୍ୟଭାର ଗ୍ରହଣ କରି ସୁଚାରୁଭାବେ ପାଳନ କରିଥିବାରୁ ପୁଣି ଏକ ଦାୟିତ୍ୱ ପ୍ରଦାନ କରାଯାଇଛି। ଅବହେଳିତ ଓ ଅସହାୟ ସଂଖ୍ୟାଲଘୁଙ୍କ ପାଇଁ କାର୍ଯ୍ୟ କରିବେ ବୋଲି ଅବରାର କହିଛନ୍ତି।

### ବୋଇତ ବନ୍ଦାଣ ଉତ୍ସବ

କୃଷ୍ଣପ୍ରସାଦ,୮।୧୧(ଡି.ଏନ୍.ଏ.): ସ୍ଥାନୀୟ ଜହ୍ନିକୁଦା ଘାଟ ପେଣ୍ଠ ଠାରେ ବୋଇତ ବନ୍ଦାଣ ଉତ୍ସବ ର ଅନୁଷ୍ଠିତ ହୋଇଯାଇଛ। ସ୍ୱର୍ଗତ ଲୁଲୁ ମହାପାତ୍ରଙ୍କ ଝିଅ ଉପାସନା ମହାପାତ୍ର ଏବଂ ହ୍ୱାଇଁ ଶୁଭ୍ରାଂଶୁ ଶେଖର ବିଶ୍ୱାଳ ଉତ୍ସବ ପରିଚାଳନା କରିଥିଲେ। ଏହି ଅବସରରେ ଏକ ସଭା ଆୟୋଜିତ ହୋଇଥିଲା। କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ସଭାପତି ଦୀନବନ୍ଧୁ ଜେନା, ବିଧାୟକଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ପିରିଜିପୁର ସରପଞ୍ଚ ମଳୟ କୁମାର ଜେନା, ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ, ନୂଆପଡ଼ା ସମିତିସଭ୍ୟ ମମତାମୟୀ ପ୍ରଧାନ ପ୍ରମୁଖ ଯୋଗଦେଇ ଅତୀତର ସାଧବ ପୁଅଙ୍କ ସ୍ମୃତିକୁ ମନେପକାଇ ଥିଲେ। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିଭଳି ପାରିକୁଦ ଘାଟ ପେଣ୍ଠ ଠାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥିଙ୍କ ଗହଣରେ ବୋଇତ ବନ୍ଦାପନା ପରେ ମା'କାଳିଜାଇଙ୍କ ଅଭିମୁଖେ ଯାତ୍ରା କରିଥିଲା। କୃଷ୍ଣପ୍ରସାଦ ଆଇଆଇସି ଶରତ କୁମାର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଦେବାଶିଷ ପାତ୍ର, ବୋଇତ ବନ୍ଦାଣ ପରିଚାଳନା କମିଟି ସଭାପତି ବାଉରିବନ୍ଧୁ ଦଳେଇ, ସମ୍ପାଦକ ଉମେଶ ଚନ୍ଦ୍ର ସିଂହ ସାମନ୍ତ, ଦୁର୍ଯ୍ୟୋଧନ ନାୟକ, ନୀଳକଣ୍ଠ ତ୍ରିପାଠୀ, ରାଜ କିଶୋର ପ୍ରଧାନ, ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଭୁ ନାରାୟଣ ଜେନା ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ସ୍ଥାନୀୟ କଳାକାର ଏବଂ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାର କୃତୀ କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା।

### ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ପୁରୀ ଅଫିସ, ୮।୧୧: ଡକାୟତି ପାଇଁ ଯୋଜନା କରୁଥିବା ବେଳେ ତାଳବଣିଆ ଥାନା ପୋଲିସ ଚଢ଼ାଉ କରି ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବାଲିଘାଟ ଆର୍ଦଶ ନଗର ନାରାୟଣ ମିଶ୍ର (୪୦), ସତ୍ୟ ନାରାୟଣ ମହାପାତ୍ର (୪୨), ନରସିଂହ ବଲ୍ଲଭ ପାଟଣାର ଦୀପୁ ବେହେରା (୩୯), ସମୁଦ୍ରକୂଳ ଥାନା ଅନ୍ତର୍ଗତ ଶକ୍ତି ଇଣ୍ଟରନ୍ୟାଶନାଲ ନିକଟ ଭିଆଇପି ରୋଡ୍ ଜଗନ୍ନାଥ କଲୋନୀର ପ୍ରଦୀପ ବେହେରା (୨୩) ଏବଂ ରାଜା ସେଠୀ (୨୩) । ପୋଲିସ ସେମାନଙ୍କ ନିକଟରୁ ୨ଟି ମୋବାଇଲ ଫୋନ, ଓଡି ୧୩ ଏମ ୦୨୨୫ ନମ୍ବର ବିଶିଷ୍ଟ ଗୋଟିଏ ଅଟୋ, ଗୋଟିଏ ବାଇକ୍ , ଗୋଟିଏ ବଡ ଲୁହା ଖଣ୍ଡା, ଗୋଟିଏ ଭୁଜାଲି, ଦୁଇଟି ଲୁହାରଡ ଏବଂ ଗୋଟିଏ ଦେଶୀ ବନ୍ଧୁକ ଜବତ କରିଛି। ଏନେଇ କେସ ନଂ. ୧୫୩/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟା ପ୍ରାୟ ୬ଟା ୩୦ମିନିଟ୍ ସମୟରେ ପୋଲିସ ପକ୍ଷରୁ ଥାନା ଅଞ୍ଚଳରେ ପାଟ୍ରୋଲିଂ କରାଯାଉଥିଲା। ଏହି ସମୟରେ ଆଖଣ୍ଡଳମଣି ମନ୍ଦିର ପଛପାର୍ଶ୍ୱରେ କେତେଜଣ ଅସାମାଜିକ ବ୍ୟକ୍ତି ଅନ୍ଧାର ମଧ୍ୟରେ ମାରଣାସ୍ତ୍ର ସହ ବସିଥିବା ପୋଲିସ ସୂଚନା ପାଇଥିଲା। ପୋଲିସର ଏକ ଟିମ୍ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ୫ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିଥିଲା।

# ରାଷ୍ଟ୍ରପତିଙ୍କ ଗସ୍ତ ନେଇ ମକ୍‌ଡ୍ରିଲ ଆଜି

**■ସମୀକ୍ଷା କଲେ ପୋଲିସ ଆଇଜି**
**■ସୁରକ୍ଷାରେ ରହିବେ ୨୪ ପ୍ଲାଟୁନ୍ ପୋଲିସ ଫୋର୍ସ**

ପୁରୀ ଅଫିସ,୮।୧୧

ଭାରତର ପ୍ରଥମ ନାଗରିକ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୧୦ତାରିଖରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ଝିଅ ମୁର୍ମୁ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବା ପରେ ପ୍ରଥମଥର ପାଇଁ ଓଡ଼ିଶା ଗସ୍ତ କରିବେ। ଏହି ୨ଦିନିଆ ଗସ୍ତ ମଧ୍ୟରେ ୧୦ ତାରିଖ ଦିନ ରାଷ୍ଟ୍ରପତି ମୁର୍ମୁ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥା, ପ୍ରୋଟୋକଲ ଅନୁଯାୟୀ ସବୁ ବ୍ୟବସ୍ଥା ହୋଇଥିବା ବେଳେ ଏହାର ଏକ ମକଡ୍ରିଲ ବୁଧବାର ହେବ ବୋଲି ସୂଚନା ମିଳିଛି। ରାଷ୍ଟ୍ରପତିଙ୍କ ଗସ୍ତ ନେଇ ସୁରକ୍ଷା ବ୍ୟବସ୍ଥାକୁ ମଙ୍ଗଳବାର ସମୀକ୍ଷା କରିଛନ୍ତି ପୋଲିସ ଆଇଜି ନରସିଂହ ଭୋଳ। ପୋଲିସ ଆଇଜି ଭୋଳ ତାଳବଣିଆ ହେଲିପ୍ୟାଡଠାରୁ ଆରମ୍ଭ କରି ବଡ଼ଦାଣ୍ଡ ହୋଇ ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ପରଖିଛନ୍ତି। ଏ ନେଇ ସେ କହିଛନ୍ତି, ମହାମହିମଙ୍କ ପୁରୀ ଗସ୍ତ କାର୍ଯ୍ୟସୂଚି ଅନୁସାରେ ତାଙ୍କର ସୁରକ୍ଷା ଓ ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ ଯେପରି କରିବେ ସେନେଇ ପୋଲିସ ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ପ୍ରସ୍ତୁତି ହୋଇସାରିଛି। ରାଷ୍ଟ୍ରପତିଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ସୁରୁଖୁରୁରେ ଦର୍ଶନ କରିପାରିବେ ଓ ଭକ୍ତମାନେ ରାଷ୍ଟ୍ରପତିଙ୍କ ଯିବାପରେ ଯେପରି ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେ ନେଇ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ପୁରୀ ଏସ୍‌ପି ସେ ନେଇ ସମସ୍ତ ବ୍ୟବସ୍ଥା କରିଛନ୍ତି। ମହାମହିମଙ୍କ ଗସ୍ତ ସମୟରେ ପ୍ରୋଟୋକଲ ଅନୁଯାୟୀ ଯେଉଁଭଳି ସୁରକ୍ଷା ରହିବ, ଗନ୍ତବ୍ୟ ରାସ୍ତା ଓ ରହିବା ସ୍ଥାନରେ ଯେପରି ସୁରକ୍ଷା ବ୍ୟବସ୍ଥା କରାଯିବା କଥା ସେହିଭଳି ଭାବେ ବ୍ୟବସ୍ଥା କରାଯାଉଛି। ଗସ୍ତ ସମୟରେ ଯେଉଁ ପରିମାଣରେ ପୋଲିସ ଫୋର୍ସ୍ ଆବଶ୍ୟକ ସେ ନେଇ ରାଜ୍ୟ ପୋଲିସ ମୁଖ୍ୟାଳୟକୁ ଜଣାଇବା ପରେ ସେହି ପରିମାଣରେ ପୋଲିସ ଫୋର୍ସ ଓ ଅଧିକାରୀଙ୍କୁ ଯୋଗାଇଛନ୍ତି। ସୁରକ୍ଷା ବ୍ୟବସ୍ଥାକୁ ନେଇ ବୁଧବାର ତାଳବଣିଆ ହେଲିପ୍ୟାଡଠାରୁ ରାଜଭବନ ଏବଂ ରାଜଭବନରୁ ଶ୍ରୀମନ୍ଦିର ଯାଏ ଏକ ମକଡ୍ରିଲ ଅନୁଷ୍ଠିତ ହେବ ବୋଲି ପୋଲିସ ଆଇଜି କହିଛନ୍ତି। ସେହିପରି ପୋଲିସ ପ୍ରଶାସନ ପକ୍ଷରୁ ୫ଜଣ ଏସ୍‌ପି ଓ କମାଣ୍ଡାଣ୍ଟ, ୭ଜଣ ଅତିରିକ୍ତ ଏସ୍‌ପି, ୧୮ଜଣ ଡିଏସ୍‌ପି ର୍ୟାଙ୍କର ଅଧିକାରୀ, ୧୧୦ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୩୦ଜଣ ଇନ୍ସପେକ୍ଟର, ହୋମଗାର୍ଡ ୩୦୦ଜଣ ଏବଂ ୨୪ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ରହିବେ ବୋଲି ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ଏସ୍‌ପି ମଧ୍ୟ ମଙ୍ଗଳବାର ରାଷ୍ଟ୍ରପତିଙ୍କ ଗସ୍ତର ସମୀକ୍ଷା କରିଛନ୍ତି। ସେହିପରି ଭାରତୀୟ ବାୟୁସେନାର ଏକ ହେଲିକପ୍ଟର ପୁରୀ ଆକାଶରେ ପଇଁତରା ମାରିବା ସହ ହେଲିପ୍ୟାଡର ସମୀକ୍ଷା କରିଛନ୍ତି।



କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମଙ୍ଗଳବାର ପୁରୀ ବେଳାଭୂମିରେ ଲୋକେ ସୂର୍ଯ୍ୟୋଦୟ ଦର୍ଶନ କରୁଛନ୍ତି।

# ଆଜିଠୁ ଖୋର୍ଦ୍ଧା ସିଭିଲ କୋର୍ଟରେ ଚାଲିବ ଟାଙ୍ଗୀ ଗ୍ରାମ୍ୟ ନ୍ୟାୟାଳୟ

ଟାଙ୍ଗୀ(ଖୋର୍ଦ୍ଧା),୮।୧୧(ଡି.ଏନ୍.ଏ.)

ଟାଙ୍ଗୀ ଗ୍ରାମ୍ୟ ନ୍ୟାୟାଳୟ ତଥା ଜେଏମ୍‌ଏଫସି କୋର୍ଟ ବୁଧବାରଠାରୁ ଅସ୍ଥାୟୀ ଭାବେ ଖୋର୍ଦ୍ଧା ସିଭିଲ କୋର୍ଟ ପରିସରରେ ଅନ୍ୟାଦେଶ ପର୍ଯ୍ୟନ୍ତ ଚାଲିବ ବୋଲି ଉକ୍ତ ନ୍ୟାୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଗତ ୨୨ତାରିଖରୁ ଓକିଲ ସଂଘ କାର୍ଯ୍ୟ ବନ୍ଦ ରଖିଥିବା ଫଳରେ କୋର୍ଟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଫଳରେ ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେକ ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଟାଙ୍ଗୀରେ ଚାଲୁଥିବା ଗ୍ରାମ୍ୟ ନ୍ୟାୟାଳୟ ତଥା ଜେଏମ୍‌ଏଫସି ଅସ୍ଥାୟୀ ଭାବେ ଖୋର୍ଦ୍ଧା ସିଭିଲ କୋର୍ଟ ପରିସରରେ ଚାଲୁ ରହିବ ବୋଲି ଉକ୍ତ ନ୍ୟାୟାଳୟ ପକ୍ଷରୁ ଭାରପ୍ରାପ୍ତ ସ୍ୱତନ୍ତ୍ର ଅଧିକାରୀ ଏସ୍.କେ. ଦାସରାୟ ନିର୍ଦ୍ଦେଶନାମା ପଠାଇଛନ୍ତି। ଆବଶ୍ୟକ ପଡୁଥିବା ସୁରକ୍ଷା ଓ କାଗଜପତ୍ର ନେବା ଆଣିବା ଆଦି କାର୍ଯ୍ୟ ସୁଚାରୁଭାବେ କରାଇବାକୁ ନିର୍ଦ୍ଦେଶ ନାମାରେ କୁହାଯାଇଛି। ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଏହି ସମସ୍ୟାର ସମାଧାନ କରିବାକୁ ଉକ୍ତ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଆଇନଜୀବୀଙ୍କ ଘର ଉପରକୁ ବୋମାମାଡ଼

ପୁରୀ ଅଫିସ, ୮।୧୧

ଶ୍ରୀମନ୍ଦିର ନିକଟ ଏକ ସାହିରେ ରହୁଥିବା ଜଣେ ଆଇନଜୀବୀଙ୍କ ଘର ଉପରେ ମଙ୍ଗଳାବାର ରାତିରେ ବୋମାମାଡ ହୋଇଛି। ତେବେ ପୂର୍ବଶତ୍ରୁତାକୁ ନେଇ ଏହି ବୋମାମାଡ ହୋଇଥିବା ସୂଚନା ମିଳିଛି। ପୁରୀ ଟାଉନଥାନା ଅନ୍ତର୍ଗତ ମାଟିମଣ୍ଡପ ସାହି ଅଙ୍ଗାରୁଆ ଗଳିରେ ରହୁଥିବା ଆଇନଜୀବୀ ଶୁଭାଶିଷ ମହାନ୍ତିଙ୍କ ଘର ଉପରକୁ ଦୁଇଟି ବୋମା ମାଡ ହୋଇଛି। ଏ ନେଇ ଟାଉନ ଥାନାରେ ଏକ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ଶୁଭାଶିଷ ଓ ତାଙ୍କ ଭାଇ ମଧ୍ୟରେ ୧୫ଦିନ ତଳେ ପାଟିତୁଣ୍ଡ ହୋଇଥିଲା। ତେବେ ମଙ୍ଗଳବାର ରାତିରେ ଶୁଭାଶିଷଙ୍କ ଘର ଉପରକୁ ରାତିରେ କେତେଜଣ ଦୁର୍ବୃତ୍ତ ଅଚାନକ ଆସି ଦୁଇଟି ବୋମା ମାଡ କରି ଫେରାର ହୋଇଯାଇଥିଲେ। ଖରବପାଇ ଟାଉନଥାନା ଅଧିକାରୀ

# ଭକ୍ତିଭାବ ଜାଗ୍ରତ କରେ ପ୍ରବଚନ

ବୋଲଗଡ଼,୮।୧୧(ଡି.ଏନ୍.ଏ.)

ବୋଲଗଡ଼ ପ୍ରବଚନ ପରିଚାଳନା ସମିତି ଆନୁକୂଲ୍ୟରେ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଭାଗବତ ପ୍ରବଚନ ଅନୁଷ୍ଠିତ ହୋଇଯାଇଛି। ପ୍ରବଚକମାନେ ଶ୍ରୀମଦ ଭାଗବତ ଉପରେ ପ୍ରବଚନ ପ୍ରଦାନ କରିଥିଲେ। ମଙ୍ଗଳବାର ସମିତି ପକ୍ଷରୁ ୨୦୦ ଗରିବ, ବରିଷ୍ଠ ନାଗରିକ, ଦିବ୍ୟାଙ୍ଗଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଛି। ସମାଜିକ କର୍ମୀ ପ୍ରଦୀପ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନ, ଲେଖିକା ଶକୁନ୍ତଳା ବଳିଆରସିଂହ, ଡା. ନବଘନ ପରିଡା, ଭବାନୀ ଜଗଦେବ ଯୋଗଦେଇ କମ୍ବଳ ବଣ୍ଟନ କରିଥିଲେ। ବୋଲଗଡ଼ ଗ୍ରାମର ସଭାପତି କୃଷ୍ଣ ପାଲଟାସିଂହ, ରବିନ୍ଦ୍ର ପରିଡା, ଅକ୍ଷୟ ପଟ୍ଟନାୟକ, ହରିବନ୍ଧୁ ସାହୁ, ଲଲାଟେନ୍ଦୁ କେଶରୀ ସିଂହ, ବାଲ୍ମୀକି ବଳିୟାରସିଂହ, ବିଶ୍ୱଜିତ୍ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ସଂପୁରରେ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କବିରାଜ ଖମାରିଙ୍କ ସମେତ ଲକ୍ଷ୍ମୀଧର ବଳବନ୍ତରାୟ, ପ୍ରଫୁଲ୍ଲ ସ୍ୱାଇଁ, ପବିତ୍ର ଲିଆରସିଂହ, ସୁଦର ସ୍ୱାଇଁ, ସୁର ବେହେରା, ଯୋଗୀ ପ୍ରଧାନ, କୈଳାସ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନିରଞ୍ଜନ ନାୟକଙ୍କ ଅଧ୍ୟକ୍ଷତା ଓ ହରପ୍ରସାଦ ମହାନ୍ତିଙ୍କ ସଂଯୋଜନାରେ କାର୍ତ୍ତିକ ପୂର୍ଣ୍ଣିମାର ମହତ୍ତ୍ୱ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିଭାବେ ଚିତ୍ତରଞ୍ଜନ ମିଶ୍ର, ପ୍ରମୋଦ କୁମାର ସ୍ୱାଇଁ ଯୋଗଦେଇ ଆଲୋକପାତ କରିଥିଲେ। ଏହାପରେ ପୌରାଣିକ ନାଟକ ସିନ୍ଦୂର ମୋ ପାଇଁ ସାତ ସପନ ମଞ୍ଚସ୍ଥ ହୋଇଥିଲା।

# 'କର୍ମ ହିଁ ଭବିଷ୍ୟତ ନିର୍ଦ୍ଧାରଣ କରିଥାଏ'



ଅତିଥିଙ୍କ ଗହଣରେ କୃତୀ ପ୍ରତିଭାଧାରୀ।

ବୋଲଗଡ଼,୮।୧୧(ଡି.ଏନ୍.ଏ.)

ବୋଲଗଡ ବ୍ଲକ ପିଚୁକୁଳି ପଞ୍ଚାୟତ ଅନ୍ତର୍ଗତ ଟିକାତାଳସ୍ଥିତ ଶ୍ରୀରାମକୃଷ୍ଣ ସେବାଶ୍ରମର ୪୪ତମ ବାର୍ଷିକୋତ୍ସବ ଏବଂ ବାର୍ଷିକ ଛାତ୍ରବୃତ୍ତି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେବାଶ୍ରମର ସଭାପତି ବାସୁଦେବ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିବେକାନନ୍ଦଙ୍କ ବାଣୀ 'ବହୁମୁଖେ ସମ୍ମୁଖେ ତୁମର ଛାଡିକାହିଁ ଖୋଜୁଛ ଈଶ୍ୱର, ଜୀବେ ପ୍ରେମ କରେ ଯେଉଁ ଜନ ସେବିଛେ ଈଶ୍ୱର' ଏହାର ତାତ୍ପର୍ଯ୍ୟ ପ୍ରଖ୍ୟାପନ କରିଥିଲେ। ସ୍ୱାମୀ ଭାଗବତାନନ୍ଦ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ଡା.ନବକିଶୋର ମହାପାତ୍ର, ଶିକ୍ଷାବିତ୍ ବିଜୟ କୁମାର ମହାପାତ୍ର ଅତିଥିଭାବେ ଯୋଗଦେଇ ଜଣଙ୍କର ଭବିଷ୍ୟତ କର୍ମ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ ବୋଲି କହିଥିଲେ। ସନ୍ତୋଷ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟ ରାଜକିଶୋର ଛୁଆଳସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ୱାମୀ ଗଣେଶାନନ୍ଦ ଓ ନାରାୟଣ ସାମନ୍ତରାୟ ଭଜନ ପରିବେଷଣ କରିଥିଲେ। ଶକ୍ତିରୂପା ସାହୁ, ବିଶ୍ୱରୂପା ସାହୁ, ପ୍ରଜ୍ଞା ପାରମିତା ଓ ଲକ୍ଷ୍ମୀପ୍ରିୟା ପ୍ରମୁଖ ରାମକୃଷ୍ଣ ବିବେକାନନ୍ଦଙ୍କ ଜୀବନୀ ଓ ବାଣୀ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ସତ୍ୟ ନାରାୟଣ ବାରିକ, ନିରାକାର ବଳିୟାରସିଂହ, ରୁଦ୍ରନାରାୟଣ ଚୌଧୁରୀ, ବୀରେନ୍ ମଙ୍ଗରାଜ, ପ୍ରଜ୍ଞା ପ୍ରିୟଦର୍ଶିନୀ ସେନାପତି, ଲକ୍ଷ୍ମୀପ୍ରିୟା ଦାସ, ବିଶ୍ୱରୂପା ସାହୁ, ରାହୁଲ ପରିଡା, ରୀତାଞ୍ଜଳି ପରିଡା ପ୍ରମୁଖ ୧୦ଜଣଙ୍କୁ ୧,୦୦୦ ଟଙ୍କା ଲେଖାଏ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ରବୀନ୍ଦ୍ର ଜେନା ଓ ମନୋଜ ଗୁମାନସିଂହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସର୍ବେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ।

# ମେଣ୍ଟାଶାଳ, ପାନବରଜ ଟିମ୍ ବିଜୟୀ

**କାଇପଦର କ୍ରିକେଟ ଟୁର୍ଣ୍ଣାମେଣ୍ଟ**
**■ ସୌମେନ୍ଦ୍ର, ପଙ୍କଜ ମ୍ୟାନ୍ ଅଫ୍ ଦି ମ୍ୟାଚ**

ଖୋର୍ଦ୍ଧା ଅଫିସ,୮।୧୧

କାଇପଦର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ପଡିଆରେ ଚାଲିଥିବା କାଇପଦର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ମେଣ୍ଟାଶାଳ ଇଗଲ ସ୍ପୋର୍ଟିଂ ଓ ମୁକୁନ୍ଦପ୍ରସାଦ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ମେଣ୍ଟାଶାଳ ଟିମ୍ ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୬୦ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପଙ୍କଜ ଜେନା ୨୬ବଲରେ ୫୬ରନ କରିଥିଲେ। ମୁକୁନ୍ଦପ୍ରସାଦ ପକ୍ଷରୁ ସନ୍ତୋଷ ଜେନା ୩ ଓଭରରେ ୧୦ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ଏହାର ଜବାବରେ ମୁକୁନ୍ଦପ୍ରସାଦ ଟିମ୍ ୯ ଉଇକେଟ ବିନିମୟରେ ୧୩୯ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ନିଖିଳ ନାୟକ ୨୧ବଲରେ ୩୦ ରନ କରିଥିଲେ। ମେଣ୍ଟାଶାଳ ଟିମ୍‌ର ଅମିୟ ରଞ୍ଜନ ରାଉତରାୟ ୩ ଓଭରରେ ୨୫ରନ ଦେଇ ୩ଟି ଉଇକେଟ ନେଇଥିଲେ। ପଙ୍କଜ ଜେନା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପ୍ରକାଶ ସିଂ ଓ ଛବି ନାରାୟଣ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଭୁବନେଶ୍ୱର ଯଦୁପୁର ଓ ପାନବରଜ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପାନବରଜ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୧୩୪ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆଦିତ୍ୟ ବେହେରା ୩୯, ସୌମେନ୍ଦ୍ର ମହାନ୍ତ ୩୬ରନ କରିଥିଲେ। ଏହାର ଜବାବରେ ଯଦୁପୁର ଟିମ୍ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୫ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ମୀର ଅସିଫ ୨୯ବଲରେ ୩୫ ରନ କରିଥିଲେ। ସୌମେନ୍ଦ୍ର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଝଜ ସାମନ୍ତରାୟ ଓ ସୁରେନ୍ଦ୍ର ଚମ୍ପତିସିଂ ମ୍ୟାଚ ପରିଚାଳନା କରିଥିଲେ। ଉଭୟ ମ୍ୟାଚରେ ଅତିଥିଭାବେ ଭିକାରୀ ବଳିୟାରସିଂ ଓ ଟିଟନ ରାଉତରାୟ ଯୋଗ ଦେଇ ପୁରସ୍କୃତ କରିଥିଲେ।





ଅତିଥିଙ୍କଠାର ଦୁଇ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

# ମୂଲ୍ୟବୋଧଭିତ୍ତିକ ଖବର ପରିବର୍ତ୍ତନ ଆଣିବ

ଖୋର୍ଦ୍ଧା ଅଫିସ,୮।୧୧

ଖୋର୍ଦ୍ଧା ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ଆନୁକୂଲ୍ୟରେ ପ୍ରଦ୍ୟୁମ୍ନ ବଳଙ୍କ ୯୦ତମ ଜୟନ୍ତୀ ଅବସରରେ ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତା ଶୀର୍ଷକ ଏକ ଆଲୋଚନାଚକ୍ର ପ୍ରାଣନାଥ କଲେଜ ରୋଡ୍ ସ୍ଥିତ ବିଶ୍ୱାମିତ୍ର କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ରାମଶଙ୍କରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡ.ପ୍ରମୋଦ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗଠନମୂଳକ ଖବର ପରିବେଷଣ ଉପରେ ଗୁରୁତ୍ୱ ଦେଇଥିଲେ। ଓଡ଼ିଶା ଜର୍ନାଲିଷ୍ଟ ୟୁନିୟନ ଖୋର୍ଦ୍ଧା ଜିଲା ସଭାପତି ସନତ୍ ପଟ୍ଟନାୟକ କହିଥିଲେ, ସୋସିଆଲ ମିଡିଆର ବହୁଳ ପ୍ରସାର ଯୋଗୁ ଛାପା ଗଣମାଧ୍ୟମର ପ୍ରଭାବ ହ୍ରାସ ପାଉଛି। ତଥ୍ୟ ଏବଂ ମୂଲ୍ୟବୋଧଭିତ୍ତିକ ଖବର ସମାଜରେ ପରିବର୍ତ୍ତନ ଆଣେ। ଏଥିଲାଗି ସମସ୍ତେ ଯତ୍ନବାନ ହେବା ଆବଶ୍ୟକ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ଜିତେନ୍ଦ୍ର ଭଞ୍ଜ, ପ୍ରକାଶ ହାତୀ, ନିରଞ୍ଜନ ଦୋରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

# ଘରକୁ ଫେରିଲେ ହବିଷିଆଳି

ପୁରୀ ଅଫିସ, ୮।୧୧

ଗୋଟିଏ ମାସ କାର୍ତ୍ତିକ ବ୍ରତର ହବିଷ ସାରିବା ପରେ ସୋମବାର ନିଜ ନିଜ ଘରକୁ ଫେରିଛନ୍ତି ହବିଷିଆଳିମାନେ। ପୂର୍ବାହ୍ନରେ ଜିଲାପାଳ ସମର୍ଥ ବର୍ମା ଓ ଏସ୍‌ପି ଡ. କନୱର ବିଶାଲ ସିଂ ବୃନ୍ଦାବତୀ ନିବାସରେ ପହଞ୍ଚି ଏକ ଭାବପୂର୍ଣ୍ଣ ପରିବେଶ ମଧ୍ୟରେ ହବିଷିଆଳିମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ମାସ ସାରା ନିଜ ପରିବାର ଛାଡ଼ି ହବିଷିଆଳିମାନେ ଏହି ନିବାସରେ ରହିଥିଲେ। ସେମାନଙ୍କ ସେବା ଓ ସ୍ୱଚ୍ଛନ୍ଦ ପାଇଁ ସରକାର ଓ ପ୍ରଶାସନ ସମସ୍ତ ବ୍ୟବସ୍ଥା କରିଥିଲେ। ଏହି ମାସର ଅଭିଜ୍ଞତା ଆଗାମୀ ଦିନରେ ପ୍ରଶାସନକୁ ଅଧିକ ଋଦ୍ଧିମନ୍ତ ଓ କ୍ରିୟାଶୀଳ କରିବ ବୋଲି କହିବା ସହ ପ୍ରତ୍ୟେକ ହବିଷିଆଳିଙ୍କୁ ଜିଲାପାଳ ମହାପ୍ରଭୁଙ୍କ ଶୁଖିଲା ଭୋଗ ଓ ଫଳ ପ୍ରଦାନ କରିଥିଲେ। ସେମାନେ ନିଜ ଅଭିଜ୍ଞତା ବର୍ଣ୍ଣନା କରି ବିଗତବର୍ଷଠାରୁ ଚଳିତବର୍ଷର ରାଇଦାମୋଦର ବା ହବିଷ ଅତ୍ୟନ୍ତ ସୁଖଦ ଓ ଶୃଙ୍ଖଳିତ ଥିଲା ବୋଲି କହିଥିଲେ। ସରକାର ଓ ପ୍ରଶାସନ ଖୁବ ଭଲ ଭାବେ ଆମ ଦାୟିତ୍ୱ ନେବା ସହ ବୃନ୍ଦାବତୀ ପୂଜା, ସ୍ୱେଚ୍ଛାସେବୀଙ୍କ ସହଯୋଗ ଓ ସେବା, ମନ୍ଦିର ଓ ଠାକୁର ଦର୍ଶନ, ମହାପ୍ରସାଦ ସେବନ, ଭଜନ ପ୍ରବଚନ ଶ୍ରବଣ ଇତ୍ୟାଦି ଖୁବ୍ ଭଲ ଥିଲା। ଘରୁ ଆସିଥିଲା ବେଳେ କେମିତି କ'ଣ ହେବ ବୋଲି ଆଶଙ୍କାରେ ଥିଲୁ। ଏବେ ଏଠି ଛାଡି ଯିବାବେଳେ ମାସକର ସ୍ନେହ ମମତାକୁ ଭାବି ଦୁଃଖ ଲାଗୁଛି। ଈଶ୍ୱରଙ୍କ ଆଶୀର୍ବାଦ ଥିଲେ ପୁଣି ଆରବର୍ଷକୁ ଆସିବୁ ବୋଲି କୋହଭରା କଣ୍ଠରେ ହବିଷିଆଳିମାନେ କହୁଥିଲେ। ଏପରିକି ମାସେ ରହଣି ଭିତରେ ପରସ୍ପର ମଧ୍ୟରେ ଗଢି ଉଠିଥିବା ସମ୍ପର୍କ ଦୃଷ୍ଟିରୁ ଆଜି ଘରକୁ ଫେରିବାବେଳେ ହବିଷିଆଳିମାନେ କାନ୍ଦି ପକାଉଥିବା ଦେଖିବାକୁ ମିଳିଥିଲା। ସମସ୍ତ ହବିଷିଆଳି କେନ୍ଦ୍ରରେ ମଧ୍ୟ ଅନୁରୂପ ଭାବେ ଭୋଗ ଓ ଫଳ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ



ଜିଲାପାଳ ସମର୍ଥ ବର୍ମା ହବିଷିଆଳିଙ୍କୁ ଭୋଗ ପ୍ରଦାନ କରୁଛନ୍ତି।

**ଭୋଗ ଦେଇ ବିଦାୟ ଦେଲେ ଜିଲାପାଳ**

ପ୍ରଶାସନ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ୍‌ପି ମିହିର ପ୍ରସାଦ ପଣ୍ଡା, ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅଜିତ ମହାପାତ୍ର, ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର, ରଞ୍ଜନ ବେହେରା, ରାକେଶ ପଣ୍ଡା, ଆଶୁତୋଷ ଦେବ, ପୁରୀ ତହସିଲଦାର କ୍ଷୀରୋଦ ବେହେରା, ପୁରୀ ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ମନୋଜ ବେହେରା, ସହକାରୀ ଜିଲାପାଳ ରାଜ ବଲ୍ଲଭ ନାୟକ, ଆରଟିଓ ରବୀନ୍ଦ୍ର ପଟ୍ଟନାୟକ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜ ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍କଳୀୟ ସଂସ୍କୃତିର ବାର୍ତ୍ତାବାହକ





ଭୁବନେଶ୍ୱରସ୍ଥିତ କୁଆଖାଇ ନଦୀପଠାରେ ଆୟୋଜିତ ବାଲିଯାତ୍ରା ମହୋତ୍ସବରେ ନିର୍ମିତ ଆକର୍ଷଣ ତୋରଣ, ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ ଓ ଅନ୍ୟମାନେ ।

## କୁଆଖାଇ ପଠାରେ ବାଲିଯାତ୍ରା ଆରମ୍ଭ

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମଙ୍ଗଳବାରଠାରୁ ସ୍ଥାନୀୟ କୁଆଖାଇ ନଦୀପଠାରେ ଭୁବନେଶ୍ୱର ବାଲିଯାତ୍ରା ଆରମ୍ଭ ହୋଇଛି। ଏହା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଭୁବନେଶ୍ୱର ବାଲିଯାତ୍ରା ସମିତି ପକ୍ଷରୁ ଆୟୋଜିତ ଏହି ବାଲିଯାତ୍ରାରେ ଅତିଥି ଭାବେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ଓଡ଼ିଶା ମୋ ପରିବାର ଆବାହକ ଅରୂପ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଆମ ରାଜ୍ୟର ଉତ୍କଳୀୟ ସଂସ୍କୃତି, ପରମ୍ପରା ସହ ଜଡ଼ିତ ଥିବା ଏହି ବାଲିଯାତ୍ରା ଓଡ଼ିଶାର ଗୌରବର ବାର୍ତ୍ତା ବହନକରେ ବୋଲି ଅତିଥିମାନେ କହିଥିଲେ। ୨୦୧୭ରେ ଏହି ବାଲିଯାତ୍ରା ଆରମ୍ଭ ହୋଇଥିଲା। ତେବେ କୋଭିଡ୍ କାରଣରୁ ଗତ ୨ବର୍ଷ ଧରି ଏହା ବନ୍ଦ ରହିଥିଲା। କୋଭିଡ୍ କଟକଣା ହଟିବା ପରେ ଚଳିତବର୍ଷ ପୁଣି ଆୟୋଜନ କରାଯାଇଛି। ମଙ୍ଗଳବାର ପ୍ରଥମ ଦିନରେ ବାଲିଯାତ୍ରାରେ ଭିଡ଼ ଦେଖିବାକୁ ମିଳିଛି। ସମିତି ପକ୍ଷରୁ ଲୋକଙ୍କ ମନୋରଞ୍ଜନ ପାଇଁ ବ୍ୟାପକ ଆୟୋଜନ କରାଯାଇଛି। ପ୍ରତ୍ୟେକ ଦିନ ପାରମ୍ପରିକ ବାଦ୍ୟ, ନୃତ୍ୟ ସହ କଣ୍ଠଶିଳ୍ପୀମାନଙ୍କ ସଙ୍ଗୀତରେ ଦର୍ଶକ ଝୁମିବେ। ବଲିଉଡ୍‌ର କଣ୍ଠଶିଳ୍ପୀ ଅଭିଜିତ୍ ଭଟ୍ଟାଚାର୍ଯ୍ୟଙ୍କ ସହ ଓଲିଉଡ୍‌ର ମନ୍ମଥ ମିଶ୍ର, ସ୍ୱୟଂ ପ୍ରକାଶ ପାଢ଼ୀ, ଦୀପ୍ତିରେଖା ପାଢ଼ୀ, ମଣ୍ଟୁ ଛୁରିଆ, ଅନ୍ତରା ଚକ୍ରବର୍ତ୍ତୀ ପ୍ରମୁଖ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବେ। ମିନାବଜାରରେ ୬ପ୍ରକାର ଦୋଳି ଯଥା ରାମଦୋଳି, ବ୍ରେକ ଡ୍ୟାନ୍ସ, ଭୂତବଙ୍ଗଳା, ଟୋରଟୋରା, ଡ୍ରାଗନ ଡ୍ୟାନ ପଡ଼ିଛି। ପିଲାଙ୍କ ପାଇଁ ମିକିମାଉସ୍, ମିନି ଟ୍ରେନ ମଧ୍ୟ ରହିଛି। ଏଥର ୮୦୦ ପାଖାପାଖି ଷ୍ଟଲ ପଡ଼ିଛି। ପ୍ରଥମ ଦିନରେ ପ୍ରାୟ ୪୦୦ ଷ୍ଟଲରେ ବିକ୍ରି ଆରମ୍ଭ ହୋଇଛି। ୧୨୦ ଖାଦ୍ୟ ଷ୍ଟଲ ଖୋଲିଥିବାବେଳେ ସେଥିରୁ ପ୍ରାୟ ଷ୍ଟଲରେ ପ୍ରଥମ ଦିନରୁ ସୁସ୍ୱାଦୁ ଖାଦ୍ୟ ପରଷିବା ଆରମ୍ଭ ହୋଇଗଲାଣି।

**୧୮ ଯାଏ ଚାଲିବ**
- ମନ ମୋହିବ ନୃତ୍ୟ, ସଙ୍ଗୀତ
- ଦୋଳିର ମଜା ନେବେ ପିଲା
- ଖୋଲିଛି ୮୦୦ ଷ୍ଟଲ

ବାରିପଦାର ମୁଢ଼ିମାଂସ, ବିରିୟାନି, ଚକୁଳି ପିଠା ଓ ମାଂସ, ଦହିବରା, ଲଙ୍କାଚପ୍, ମଥୁରା କେକ୍, ଠୁଙ୍କାପୁରି, ଚିକେନ୍‌ର ବିଭିନ୍ନ ପ୍ରକାର ଖାଦ୍ୟର ପସରା ମେଲିଛି। ଅନୁଷ୍ଠାନ, ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୪ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା ହୋଇଛି। ମଞ୍ଚେଶ୍ୱର ଖେଳପଡ଼ିଆ, ଏସ୍‌କେପ୍ ପାଖରେ ୨ଟି ଏବଂ ଇଞ୍ଜଣା ପାଖରେ ବଡ଼ ପାର୍କିଂ ବ୍ୟବସ୍ଥା ହୋଇଛି। ନରିପାଟଣା ଖେଳପଡ଼ିଆରେ ସ୍ୱତନ୍ତ୍ର ଅତିଥି ଓ ସମିତି ସଦସ୍ୟଙ୍କ ପାଇଁ ଏବଂ ଗଣ୍ଡରପୁର ପଟୁ ଆସୁଥିବା ଲୋକଙ୍କ ଲାଗି ବରିମୁଣ୍ଡ ଖେଳ ପଡ଼ିଆରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ଟ୍ରାଫିକ ପରିଚାଳନା ପାଇଁ ୩ଜଣ ବରିଷ୍ଠ ପୋଲିସ ଅଧିକାରୀ ଓ ୨୫ ଗୃହରକ୍ଷୀ ନିୟୋଜିତ ହୋଇଛନ୍ତି। ଏହି ବାଲିଯାତ୍ରାରେ ଆଗକୁ ଅଧିକ ଭିଡ଼ ହେବା ସମ୍ଭାବନା ରହିଛି।

ଦୟାନଦୀରେ ବୋଇତ ବନ୍ଦାଣ ଉତ୍ସବ

## ଅରୁନ୍ଧତୀ ଦେବୀଙ୍କୁ ଦୟାନଦୀ ସମ୍ମାନ

**ପୁରୁଣା ଭୁବନେଶ୍ୱର,୮।୧୧(ଡି.ଏନ୍.ଏ.):** ଭୁବନେଶ୍ୱର ଉପକଣ୍ଠ ଦୟାନଦୀର ଲିଙ୍ଗିପୁର-ନାଥପୁର ଘାଟ ଦୟାବ୍ରିଜଠାରେ ୧୧ତମ ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ(କାପୋକ) ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଓଡ଼ିଶା ମୋ' ପରିବାରର ଅଧ୍ୟକ୍ଷ ଅରୂପ ପଟ୍ଟନାୟକ ଯୋଗଦେଇ ନୌବାଣିଜ୍ୟ ଓ ଉତ୍କଳ ପରମ୍ପରା ଉପରେ ମତ ରଖିଥିଲେ। ଏହି ଅବସରରେ ବରିଷ୍ଠ ସମାଜସେବୀ ଡ. ଅରୁନ୍ଧତୀ ଦେବୀଙ୍କୁ ଦୟାନଦୀ ସମ୍ମାନ-୨୦୨୨ରେ ସମ୍ମାନିତ କରାଯାଇଥିଲା। ହାସ୍ୟ କଳାକାର ପ୍ରଜ୍ଞା ଏବଂ ଶଙ୍କରଙ୍କ କମେଡି କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୋହିଥିଲା। ପରେ ଦୟାନଦୀର କୂଳ ଜଳସ୍ରୋତରେ ଆ-କା-ମା-ବୈ ଗୁଞ୍ଜରଣ ଏକ ନିଆରା ପରିବେଶ ସୃଷ୍ଟି କରିଥିଲା। ଉତ୍ସବରେ କଣ୍ଠଶିଳ୍ପୀ ସାରିକା ସିଂ, ଯୁଧିଷ୍ଠିର, ରିଙ୍କି ଭଜନ ପରିବେଷଣ କରିଥିଲେ। କାପୋକ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି, ଉପସଭାପତି ରବୀନ୍ଦ୍ର ପାତ୍ର, ସଭ୍ୟ ସଦାଶିବ ଜେନା, ମିଥୁନ ନାୟକ, ମାନସ ରଥ, ଲଲାଟ ସାହୁ, ଦୀନବନ୍ଧୁ ସ୍ୱାଇଁ, ସନ୍ତୋଷ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିକ୍ରମ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବୋଇତ ବନ୍ଦାଣ କମିଟିର ଆବାହକ ଭକ୍ତ ଭୂଷଣ ବାରିକ ଧନ୍ୟବାଦ ଦେଇଥିଲେ।



ଭୁବନେଶ୍ୱର ଉପକଣ୍ଠ ଦୟାନଦୀ ପଠାରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବରେ ସାଧବ ବୋହୂମାନେ ସାଧବ ପୁଅମାନଙ୍କୁ ବନ୍ଦାପନା କରୁଛନ୍ତି ।

## ନୟାପଲ୍ଲୀରେ ବୋଇତ ବନ୍ଦାଣ ଉତ୍ସବ

**ଭୁବନେଶ୍ୱର,୮।୧୧(ବ୍ୟୁରୋ):**

ନୟାପଲ୍ଲୀ ଗ୍ରାମର ଆରାଧ୍ୟ ଦେବତା ବାଲୁଙ୍କେଶ୍ୱର ମହାଦେବଙ୍କ ପୁଷ୍କରିଣୀରେ ବଡଓଷା ଓ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲଙ୍କ ଉଦ୍ୟମରେ ନୂଆପଲ୍ଲୀ ପୁଷ୍କରିଣୀରେ ପ୍ରଥମଥର ପାଇଁ ବୋଇତ ବନ୍ଦାଣ ଉତ୍ସବ ଗ୍ରାମ୍ୟ ଉନ୍ନୟନ କମିଟି ସହଯୋଗରେ ଆୟୋଜନ କରାଯାଇଥିଲା। ବିଳମ୍ବିତ ରାତିରେ କମିଟିର ସଭାପତି ନଟବର ସାମନ୍ତରାୟ, ଉପସଭାପତି ମହେନ୍ଦ୍ର ବଳବନ୍ତରାୟ, ଦେବେନ୍ଦ୍ର ମହାକୁଡ଼, ୱାର୍ଡ କର୍ପୋରେଟର ବନ୍ଦିତା ପାଲ ସୁସଜ୍ଜିତ ବୋଇତକୁ ପୂଜାର୍ଚ୍ଚନା କରି ଭସାଇଥିଲେ। ବାଲୁଙ୍କେଶ୍ୱର ମନ୍ଦିର ପାଖରେ ଥିବା ଗ୍ରାମଦେବତୀ ବରଡ଼େଇଙ୍କ ପୀଠରେ ଅଷ୍ଟମପ୍ରହର ନାମସଂକୀର୍ତ୍ତନ ବୋଇତ ବନ୍ଦାଣ ଉତ୍ସବରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ବଡ଼ଓଷା ପାଇଁ ଅନେକ ଶ୍ରଦ୍ଧାଳୁ ଡ଼ଙ୍ଗା ଭସାଇବାକୁ ଆସି ବୋଇତରେ ବୁଲି ମଜା ନେଇଥିଲେ। ଏହି ବୋଇତ ବନ୍ଦାଣ ଉତ୍ସବ ପ୍ରତିବର୍ଷ ଆୟୋଜନ କରାଯିବ ଏବଂ ଆସନ୍ତା ବର୍ଷ ଏହାକୁ ବଡ଼ ଆକାରରେ ପାଳନ କରାଯିବ ବୋଲି ସମାଜସେବୀ ଅର୍ଜୁନ ବେହେରା କହିଛନ୍ତି।

## ୩ ସ୍ଥାନରେ ମୁରୁଜ ପ୍ରତିଯୋଗିତା

**କଟକ ଅଫିସ/ଚୌଦ୍ୱାର/ମାହାଙ୍ଗା, ୮।୧୧(ଡି.ଏନ୍.ଏ.)**

କାର୍ତ୍ତିକ ପୂର୍ଣ୍ଣମୀ ଓ ବୋଇତ ବନ୍ଦାଣ ଅବସରରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ଆନ୍ତଃ ଉଇଙ୍ଗ ପକ୍ଷରୁ ମୁରୁଜ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ପରିସରସ୍ଥିତ ବରୁଣ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉଦ୍‌ଘାଟନ କରିଥିଲେ। ଏଥିରେ ପଲିଟେକ୍‌ନିକ୍ ବିଭାଗ ପ୍ରଥମ, ନର୍ସିଂ ଦ୍ୱିତୀୟ, ଫିଜିଓଥେରାପି ତୃତୀୟ ଓ ବିଟେକ୍ ଉଇଙ୍ଗର ଛାତ୍ରୀଛାତ୍ର ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ବିଶିଷ୍ଟ ଶିଳ୍ପୀ ନାରାୟଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ ଡା. ଶିଶୁ ଶଙ୍କର ମିଶ୍ର, ପଦ୍ମିନୀ କେୟାର ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତିପ୍ରକାଶ ପରିଜା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା, ରେଜିଷ୍ଟ୍ରାର ଡ. କଲ୍ୟାଣ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କପାଳେଶ୍ୱର ନୂଆସାହିରେ ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳା ଓ ଝିଅମାନେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ କାଉନ୍‌ସିଲର ଆଶୁତୋଷ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହିନ୍ଦ୍ ସେବକ ସଂଘର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ, ଅଧ୍ୟାପକ ସୌରେନ୍ଦ୍ର ପଣ୍ଡା, ନାରୀନେତ୍ରୀ କବିତାରାଣୀ ଲେଙ୍କା ଅତିଥି ଭାବେ ଯୋଗଦେଇଥିଲେ। ଖବରଦାତା ପ୍ରକାଶ ନାୟକ, ଅଜିତ୍ ସ୍ୱାଇଁ, ଅଶୋକ ଦାସ, ରଘୁନାଥ ସ୍ୱାଇଁ, ଧନେଶ୍ୱର ବିଶ୍ୱାଳ, ଲୋପାମୁଦ୍ରା ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଜଳେଶ୍ୱରପୁର ଅନନ୍ତେଶ୍ୱର ମହାଦେବ ପୀଠ ପରିସରରେ ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ସୁରେଶ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ଆୟୋଜକ ସ୍ନେହଲତା ଦାଶ, ମୁଖ୍ୟବକ୍ତା ଜିତେନ୍ଦ୍ର ପ୍ରସାଦ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଅଭୟ ଚରଣ ପଣ୍ଡା, ଉପଦେଷ୍ଟା ଜୟଦେବ ଦାଶ, ରମେଶ ଚନ୍ଦ୍ର ପ୍ରଧାନ, ଧନେନ୍ଦ୍ର ତ୍ରିପାଠୀ, ସୁନାକର ମିଶ୍ର ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।

## ୬ଜଣଙ୍କୁ ଏକାମ୍ର ସଂସ୍କୃତି ସମ୍ମାନ

**ପୁରୁଣା ଭୁବନେଶ୍ୱର, ୮।୧୧(ଡି.ଏନ୍.ଏ.):**

ଉତ୍କଳର ନୌବାଣିଜ୍ୟ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ପ୍ରତିବର୍ଷଭଳି ଚଳିତବର୍ଷ ଭୁବନେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ ବିନ୍ଦୁସାଗର ଉତ୍ତରେଶ୍ୱର ଘାଟରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଭୋରରୁ ଆୟୋଜିତ ଷୋଡ଼ଶତମ ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇଥିଲେ। ଅତିଥିଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଓଡ଼ିଶା ମୋ'ପରିବାରର ଅଧ୍ୟକ୍ଷ ଅରୂପ ପଟ୍ଟନାୟକ, ଆଗ୍ରୋ ଇଣ୍ଡଷ୍ଟ୍ରିଜର ସନ୍ତୋଷ ବେଜ୍, କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ଚନ୍ଦ୍ରଶେଖର ମଲିଆ, ଶିବ ପ୍ରସାଦ ବେହେରା ଯୋଗଦେଇ କାର୍ତ୍ତିକ ପୂର୍ଣ୍ଣିମା ଏବଂ ସାଧବ ପୁଅଙ୍କ ନୌବାଣିଜ୍ୟ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ବେଶଭୂଷାରେ ଥିବା ସାଧବଙ୍କୁ ସାଧବାଣୀଙ୍କ ପୂଜାର୍ଚ୍ଚନା ଏବଂ ବନ୍ଦାପନା କରିବା ପରେ ବିନ୍ଦୁ ସାଗରରେ ୧୪ଫୁଟର ସ୍ୱତନ୍ତ୍ର ବୋଇତ ଛଡ଼ାଯାଇଥିଲା। ସିନେ କଳାକାର ତଥା ଓଡ଼ିଶା ଫିଲ୍ମ ଡେଭଲପମେଣ୍ଟର ଚେୟାରମ୍ୟାନ ସତ୍ୟବ୍ରତ ତ୍ରିପାଠୀ, ସାମାଜିକ କର୍ମୀ ମଧୁସ୍ମିତା ପୃଷ୍ଟି, ସତ୍ୟଜିତ୍ ସେନାପତି, ପଟ୍ଟଚିତ୍ରଶିଳ୍ପୀ ଲିଙ୍ଗରାଜ ମହାସୁଆର, ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଡ.ଶୁଭଙ୍କରୀ ସୁଦେଷ୍ଣା ଦାସ ଏବଂ କ୍ରୀଡାବିତ୍ ଦେବଶ୍ରୀ ଦେବସ୍ମିତା ପ୍ରମୁଖଙ୍କୁ ଏକାମ୍ର ସଂସ୍କୃତି ସମ୍ମାନ-୨୦୨୨ରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଭଜନ ସନ୍ଧ୍ୟା ପରିବେଷିତ ହୋଇଥିଲା। ପରିଷଦର ଅଧ୍ୟକ୍ଷ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ଉପସଭାପତି ସୌମେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ମନୋଜ କୁମାର ବେହେରା, ସଞ୍ଜୟ ସାହୁ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

**ବିନ୍ଦୁସାଗର ବୋଇତ ବନ୍ଦାଣ ଉତ୍ସବ**

## ନୀଳଚକ୍ର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ

**ଭୁବନେଶ୍ୱର, ୮।୧୧(ବ୍ୟୁରୋ):**

ଭୁବନେଶ୍ୱର ଉପକଣ୍ଠରେ ଅବସ୍ଥିତ ଉତ୍କଳ ହାଇଟ୍ସ ପରିସରରେ ମଙ୍ଗଳବାର 'ନୀଳଚକ୍ର ସାଂସ୍କୃତିକ ଅନୁଷ୍ଠାନ' ତରଫରୁ ପାରମ୍ପରିକ ରୀତିରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ଉତ୍କଳ ହାଇଟ୍ସରେ ରହୁଥିବା ମହିଳାମାନେ ସକାଳେ ତୁଳସୀ ପୂଜା କରିବା ସହ ମୁରୁଜରେ ବିଭିନ୍ନ ଆକର୍ଷଣୀୟ ଚିତା ଆଙ୍କିଥିଲେ। ଉତ୍କଳୀୟ ପରମ୍ପରା ଅନୁସାରେ ସାମୂହିକ ବୋଇତ ଭସାଣ ଅନୁଷ୍ଠିତ ହୋଇଥିଲା। ଉତ୍କଳର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ଓ ପରବର୍ତ୍ତୀ ପିଢ଼ିଙ୍କୁ ଏକ ସକାରାତ୍ମକ ବାର୍ତ୍ତା ଦେବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ବରିଷ୍ଠ ନାଗରିକଙ୍କ ଦ୍ୱାରା 'ଆମ ସଂସ୍କୃତି ଆମ ପରମ୍ପରା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।





କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ମଙ୍ଗଳବାର ବିନ୍ଦୁସାଗର ଓ କୁଆଖାଇ ନଦୀରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଉଛନ୍ତି ।